R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୧୭୫
ତିଥି : ଷଷ୍ଠୀ
୩୧ ମାର୍ଚ୍ଚ ୨୦୨୪, ରବିବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
(ରଙ୍ଗିନ୍ ତରଙ୍ଗ ଟାବ୍‌ଲଏଡ୍ ସହ)

ସମୟ SAMAYA

ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 175
31 March 2024, Sunday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

ତାତିରୁ ୫ ଦିନ ଯାଏ ନିସ୍ତାର ନାହିଁ

ଭୁବନେଶ୍ୱର, ୩୦।୩ (ସବ୍ୟୁ) : ରାଜ୍ୟରେ ୪୧° ତାପମାତ୍ରା ଛୁଇଁଛି । ମାଲକାନଗିରି ଶନିବାର ସବୁଠୁ ଉତ୍ତପ୍ତ ସହର ପାଲଟିଛି । ଏଠାରେ ଆଜି ୪୧° ତାପମାତ୍ରା ରେକର୍ଡ଼ କରାଯାଇଛି । ଭୁବନେଶ୍ୱରରେ ତାପମାତ୍ରା ୩୭° ରେକର୍ଡ଼ ହୋଇଥିବାବେଳେ ଆର୍ଦ୍ରତା ଯୋଗୁ ତାତି ୪୦° ଉପରେ ଜଣାପଡୁଥିଲା । ଦିନ ୧୧ଟା ପରେ ଘରୁ ବାହାରିବା ଏକପ୍ରକାର ମୁସ୍କିଲ ହୋଇଯାଉଥିଲା । ଆସନ୍ତା ୪ରୁ ୫ ଦିନ ପର୍ଯ୍ୟନ୍ତ ତାତି

ସହିତ ଗୁଳୁଗୁଳି କଲବଲ କରିବ । ଏଭଳି ଆକଳନ କରିଛି ପାଣିପାଗ ବିଭାଗ ।

ପାଣିପାଗ କେନ୍ଦ୍ର କହିବା ଅନୁସାରେ, ଆଭ୍ୟନ୍ତର ଓଡ଼ିଶାରେ ବହୁ ସ୍ଥାନରେ ୩୮°ରୁ ୪୦° ସେଲ୍‌ସିଅସ ପର୍ଯ୍ୟନ୍ତ ତାପମାତ୍ରା ରେକର୍ଡ଼ ହୋଇପାରେ । କେତେକ ସ୍ଥାନରେ ଦିନ ତାପମାତ୍ରା ୪୦° ଟପିଯାଇପାରେ । ସେହିପରି ଉପକୂଳ ଓଡ଼ିଶାରେ ସର୍ବୋଚ୍ଚ ତାପମାତ୍ରା ୩୬°ରୁ ୩୮° ଯାଏ ରହିପାରେ । ଆଗାମୀ ୪-୫ ଦିନ ତାତି ସାଙ୍ଗକୁ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରିବ । ରାତ୍ରିର ତାପମାତ୍ରା ମଧ୍ୟ ସ୍ୱାଭାବିକ ଠାରୁ ୨ରୁ ୩° ପର୍ଯ୍ୟନ୍ତ ବଢ଼ିପାରେ । ବହୁସ୍ଥାନରେ ସର୍ବନିମ୍ନ ତାପମାତ୍ରା ୨୪ରୁ ୨୬° ଯାଏଁ ରେକର୍ଡ଼ ହୋଇପାରେ । ଉପକୂଳ ଓଡ଼ିଶାରେ ମଧ୍ୟ ଆର୍ଦ୍ରତା ବୃଦ୍ଧି ଯୋଗୁ ରାତି ସମୟରେ ତାତି ଅନୁଭୂତ ହେବ । ଆଭ୍ୟନ୍ତର ଓଡ଼ିଶାରେ ୨୨°ରୁ ୨୪° ତାପମାତ୍ରା ରେକର୍ଡ଼ ହୋଇପାରେ । ଶନିବାର ମାଲକାନଗିରିରେ ସର୍ବାଧିକ ତାପମାତ୍ରା ୪୧ଡ଼ିଗ୍ରୀ ଛୁଇଁଲା । ବୌଦ୍ଧ ଓ ଟିଟିଲାଗଡରେ ୪୦.୫ ଡ଼ିଗ୍ରୀ , ବଲାଙ୍ଗୀରରେ ୪୦.୨ ଡ଼ିଗ୍ରୀ ଏବଂ ନୟାଗଡରେ ୪୦ ଡ଼ିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି । ଭବାନୀପାଟଣାରେ ସର୍ବୋଚ୍ଚ ତାପମାତ୍ରା ୩୯.୮ ଡିଗ୍ରୀ, ଝାରସୁଗୁଡ଼ାରେ ୩୯.୩ ଡିଗ୍ରୀ, ସୋନପୁରରେ ୩୯.୪ ଡିଗ୍ରୀ, ନୂଆପଡ଼ାରେ ୩୯.୪ ଡିଗ୍ରୀ, ପାରଳାଖେମୁଣ୍ଡିରେ ୩୯.୨ ଡିଗ୍ରୀ ରେକର୍ଡ ହୋଇଛି ।

କଲବଲ କରିବ ତାତି ସାଙ୍ଗକୁ ଗୁଳୁଗୁଳି

ମାଲକାନଗିରିରେ ୪୧° ଟପିଲା ପାରଦ

ଏପ୍ରିଲ ୨ରୁ ସକାଳୁଆ ସ୍କୁଲ

ଭୁବନେଶ୍ୱର, ୩୦।୩ (ସବ୍ୟୁ) : ରାଜ୍ୟରେ ବଢ଼ୁଛି ତାତି । ସକାଳ ୯ ହେଲେ ଟାଇଁଟାଇଁ ଖରା । ତାଳୁ ତଳିପା ପର୍ଯ୍ୟନ୍ତ ତତେଇ ଦେଉଛି । ଗ୍ରୀଷ୍ମକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସକାଳୁଆ ସ୍କୁଲ ଖୋଲିବାକୁ ନିଷ୍ପତ୍ତି ନେଇଛନ୍ତି । ଆସନ୍ତା ଏପ୍ରିଲ ୨ ତାରିଖରୁ ଘରୋଇ ଓ ସରକାରୀ ସ୍କୁଲ ଏହି ନିୟମ ମାନିବାକୁ ନିର୍ଦ୍ଦେଶନାମା ଜାରି କରିଛି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ବିଜ୍ଞପ୍ତି ଅନୁସାରେ ଆସନ୍ତା ୨ ତାରିଖରୁ ସାରା ରାଜ୍ୟରେ ସକାଳୁଆ ସ୍କୁଲ ଖୋଲିବ । ରାଜ୍ୟରେ ଉପକୂଳଠୁ ଆରମ୍ଭ କରି ଆଭ୍ୟନ୍ତରୀଣ ତାପମାତ୍ରା ବୃଦ୍ଧି ପାଇଛି । ଏପରିକି କେତେକ ସ୍ଥାନରେ ପାରଦ ୪୦° ଟପିଛି । ପିଲାମାନଙ୍କ ସୁରକ୍ଷା ଦୃଷ୍ଟିକୁ ରଖି ସକାଳୁଆ ସ୍କୁଲ (୯ ପୃଷ୍ଠାରେ)

୪ ଜଣଙ୍କୁ ମରଣୋତ୍ତର ଭାରତ ରତ୍ନ

ନୂଆଦିଲ୍ଲୀ, ୩୦।୩ : ରାଷ୍ଟ୍ରପତି ଭବନରେ ଆଜି ଆୟୋଜିତ ଏକ ପାରମ୍ପରିକ ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଭାରତ ରତ୍ନ ସମ୍ମାନ ପ୍ରଦାନ କରିଛନ୍ତି । ସେ ନିମ୍ନ ବ୍ୟକ୍ତିବିଶେଷମାନଙ୍କୁ ଭାରତ ରତ୍ନରେ ସମ୍ମାନିତ କରି ଅଛନ୍ତି ।

ପୂର୍ବତନ ପ୍ରଧାନମନ୍ତ୍ରୀ ପି.ଭି. ନରସିଂହ ରାଓଙ୍କୁ ମରଣୋତ୍ତର ଭାବେ ଭାରତ ରତ୍ନ ପୁରସ୍କାର ପ୍ରଦାନ କରାଯାଇଛି । ସ୍ୱର୍ଗତ ପି.ଭି. ନରସିଂହ ରାଓଙ୍କ ପକ୍ଷରୁ ତାଙ୍କ ପୁଅ ପି.ଭି. ପ୍ରଭାକର ରାଓ ଭାରତ ରତ୍ନ ଗ୍ରହଣ କରିଥିଲେ ।

ପୂର୍ବତନ ପ୍ରଧାନମନ୍ତ୍ରୀ ଚୌଧୁରୀ ଚରଣ ସିଂଙ୍କୁ ମରଣୋତ୍ତର ଭାବେ ଭାରତ ରତ୍ନ ପୁରସ୍କାର ପ୍ରଦାନ କରାଯାଇଛି । ସ୍ୱର୍ଗତ ଚୌଧୁରୀ ଚରଣ ସିଂଙ୍କ ପକ୍ଷରୁ ତାଙ୍କ ନାତି ଜୟନ୍ତ ସିଂ ଭାରତ ରତ୍ନ ଗ୍ରହଣ କରିଥିଲେ ।

ବିଶିଷ୍ଟ କୃଷିବୈଜ୍ଞାନିକ ଡକ୍ଟର ଏମ.ଏସ୍. ସ୍ୱାମୀନାଥନଙ୍କୁ ମଧ୍ୟ ମରଣୋତ୍ତର ଭାବେ ଭାରତ ରତ୍ନ

ପୁରସ୍କାରରେ ସମ୍ମାନିତ କରାଯାଇଛି । ସ୍ୱର୍ଗତ ଡକ୍ଟର ଏମ.ଏସ୍. ସ୍ୱାମୀନାଥନଙ୍କ ପକ୍ଷରୁ ତାଙ୍କ ସୁପୁତ୍ରୀ ଡକ୍ଟର ନିତ୍ୟା ରାଓ ଭାରତ ରତ୍ନ ଗ୍ରହଣ କରିଥିଲେ ।

କର୍ପୂରୀ ଠାକୁରଙ୍କୁ ମଧ୍ୟ ମରଣୋତ୍ତର ଭାବେ ଭାରତ ରତ୍ନ ପ୍ରଦାନ କରାଯାଇଛି । ସ୍ୱର୍ଗତ କର୍ପୂରୀ ଠାକୁରଙ୍କ ପକ୍ଷରୁ ତାଙ୍କ ପୁଅ ରାମନାଥ ଠାକୁର ଭାରତ ରତ୍ନ ସମ୍ମାନ ଗ୍ରହଣ କରିଥିଲେ ।

କଂଗ୍ରେସରୁ ଚିରଞ୍ଜୀବଙ୍କ ଇସ୍ତଫା

ଭୁବନେଶ୍ୱର, ୩୦।୩ (ସବ୍ୟୁ) : ପୂର୍ବତନ ବିଧାୟକ ତଥା ପିସିସିର ପୂର୍ବତନ କାର୍ଯ୍ୟକାରୀ ସଭାପତି ଚିରଞ୍ଜୀବ ବିଶ୍ୱାଳ କଂଗ୍ରେସରୁ ଇସ୍ତଫା ଦେଇଛନ୍ତି । ସେ ଦଳର ପ୍ରାଥମିକ ସଦସ୍ୟ ପଦରୁ ଦେଇଥିବା ଇସ୍ତଫାପତ୍ର ପିସିସି ସଭାପତି ଶରତ ପଟ୍ଟନାୟକଙ୍କୁ ପ୍ରଦାନ କରିଛନ୍ତି । ଚିରଞ୍ଜୀବଙ୍କ ଇସ୍ତଫା କଂଗ୍ରେସ ପାଇଁ ଏକ ବଡ ଧକ୍କା ।

ଚିରଞ୍ଜୀବ ୨୦୦୪ରୁ ୨୦୦୯ ପର୍ଯ୍ୟନ୍ତ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀର ବିଧାୟକ ଥିଲେ । ସୀମା ପୁନଃ ନିର୍ଦ୍ଧାରଣ ପରେ ତିର୍ତ୍ତୋଲ ବିଧାନସଭା ନିର୍ବାଚନମଣ୍ଡଳୀ ସଂରକ୍ଷିତ ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ହୋଇଥିଲା । ଏହାପରେ ସେ ଜଗତସିଂହପୁର ନିର୍ବାଚନମଣ୍ଡଳିକୁ ନିଜ କର୍ମକ୍ଷେତ୍ର ଭାବେ ଗ୍ରହଣ କରିଥିଲେ । ୨୦୧୪ ରୁ ୨୦୧୯ ପର୍ଯ୍ୟନ୍ତ ସେ ଜଗତସିଂହପୁର ବିଧାନସଭା ଆସନରୁ ନିର୍ବାଚିତ ହୋଇ ବିଧାୟକ ଥିଲେ । କେବଳ ବିଧାୟକ ନୁହଁନ୍ତି ଦଳର ସଂଗଠନରେ ମଧ୍ୟ ତାଙ୍କର ବେଶ୍ ଦବ୍‌ଦବା ରହିଥିଲା । ଜଗତସିଂହପୁର ଜିଲ୍ଲା ସମେତ ରାଜ୍ୟର ବହୁ ସ୍ଥାନରେ କଂଗ୍ରେସ ସଂଗଠନ ଉପରେ ତାଙ୍କ ପତିଆରା ଥିବା ଦେଖିବାକୁ ମିଳିଥିଲା । ତେବେ ପିସିସି ସଭାପତି ଭାବେ ଶରତ ପଟ୍ଟନାୟକ (୯ ପୃଷ୍ଠାରେ)

ଗ୍ରୀଷ୍ମ ପ୍ରବାହ ଲାଗି ପ୍ରସ୍ତୁତ ରୁହ : ଏସ୍‌ଆର୍‌ସି

ଭୁବନେଶ୍ୱର, ୩୦।୩ (ସବ୍ୟୁ) : ଚଳିତ ବର୍ଷ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷାପୂର୍ବକ କିପରି ଏହାର ପ୍ରତିକାର ଓ ମୁକାବିଲା କରାଯାଇ ପାରିବ ସେଦିଗରେ ସ୍ୱତନ୍ତ୍ର ରିଲିଫ୍ କମିଶନର ସତ୍ୟବ୍ରତ ସାହୁ ସମସ୍ତ ବିଭାଗକୁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ, ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଭିନ୍ନ ଗ୍ରାମ, ପଡ଼ା ଓ ୱାର୍ଡରେ ଜଳସଂକଟ ଥିବା ଅଞ୍ଚଳକୁ ଚିହ୍ନଟ କରିବା ସହ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରିବାକୁ କୁହାଯାଇଛି । ଅନ୍ୟାନ୍ୟ ବ୍ୟବହାର ପାଇଁ ପାଣି ଟ୍ୟାଙ୍କର ମାଧ୍ୟମରେ ଜଳ ଯୋଗାଇଦେବା ସହ ବଜାରଘାଟ, ବସ୍‌ଷ୍ଟାଣ୍ଡ ଓ ଅନ୍ୟ ଜନଗହଳିପୂର୍ଣ୍ଣ ସ୍ଥାନଗୁଡ଼ିକରେ ପାନୀୟ ଜଳ ସେବା କେନ୍ଦ୍ର ଓ ଜଳଛତ୍ର ଖୋଲିବା ସହ ଆଗୁଆ ଅଚଳ ନଳକୂପଗୁଡ଼ିକର ମରାମତି, ପାଇପ ଜଳଯୋଗାଣ ବ୍ୟବସ୍ଥା ତ୍ୱରାନ୍ୱିତ କରିବା, ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଥିବା ଆଶ୍ରୟସ୍ଥଳୀ, ଗୋଷ୍ଠୀ କେନ୍ଦ୍ର ଗୃହଗୁଡ଼ିକୁ ବାସହୀନ ଓ ଆଶ୍ରୟସ୍ଥଳ ଆବଶ୍ୟକ ଥିବା ଜନସାଧାରଣଙ୍କୁ ଦିନବେଳା ଆଶ୍ରୟ ଯୋଗାଇ ଦେବାର ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

ଜଳସଂପଦ ବିଭାଗ ପକ୍ଷରୁ ଜଳଭଣ୍ଡାରଗୁଡ଼ିକରୁ କେନାଲକୁ ଆବଶ୍ୟକ ଜଳ ଯୋଗାଇ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ମତ୍ସ୍ୟପାଳନ ଓ ପଶୁସଂପଦ ବିକାଶ ବିଭାଗ ପକ୍ଷରୁ ବୁଲା ପଶୁ/ ଗୋରୁଗାଈମାନଙ୍କ ପାଇଁ ପିଇବା ପାଇଁ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ବିଦ୍ୟାଳୟ, ମହାବିଦ୍ୟାଳୟ, ବୈଷୟିକ ଶିକ୍ଷାନୁଷ୍ଠାନଗୁଡ଼ିକ ପରିସରରେ ଥିବା ଅଚଳ ନଳକୂପଗୁଡ଼ିକ ସଜାଡ଼ିବା ସହ ପ୍ରଚୁର ପରିମାଣର ଓଆର୍‌ଏସ୍ ମହଜୁଦ ରଖିବା ସହ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଖରା ସମୟରେ

ଅଚଳ ନଳକୂପ ମରାମତି, ଜଳଯୋଗାଣ ତ୍ୱରାନ୍ୱିତ କର

ଅଙ୍ଗନବାଡ଼ି କେନ୍ଦ୍ର ସକାଳୁଆ ଖୋଲିବାକୁ ନିର୍ଦ୍ଦେଶ

ବୁଲା ପଶୁ/ଗୋରୁଗାଈଙ୍କ ପାଇଁ ପିଇବା ବ୍ୟବସ୍ଥା କର

ବସ ଚଳାଚଳ, ଶ୍ରମିକ କାର୍ଯ୍ୟ ସମୟ ବଦଳିବ

ବାହ୍ୟ କାର୍ଯ୍ୟକଳାପକୁ ନିଷିଦ୍ଧ କରାଯାଇଛି । ବିଦ୍ୟାଳୟର ସମୟ, ଗ୍ରୀଷ୍ମ ପ୍ରବାହର ଆଗୁଆ ସୂଚନା ଅନୁସାରେ ପରିବର୍ତ୍ତନ କରିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଉଚ୍ଚଶିକ୍ଷା ବିଭାଗ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକ କେବଳ ସକାଳବେଳା ଖୋଲା ରଖିବା ସହ ପାନୀୟ ଜଳ ବ୍ୟବସ୍ଥା ଓ ଆବଶ୍ୟକ ପରିମାଣର ଓଆର୍‌ଏସ୍ ପ୍ୟାକେଟ୍ ଆଶା ଓ ଅଙ୍ଗନବାଡ଼ି କର୍ମୀମାନଙ୍କୁ ଯୋଗାଇଦେବା ପାଇଁ ମହିଳା ଓ ଶିଶୁ ବିକାଶ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି ।

ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଜିଲ୍ଲା ସଦର ମହକୁମା ଚିକିତ୍ସାଳୟଗୁଡ଼ିକରେ ଅଂଶୁଘାତ ରୋଗୀମାନଙ୍କର ଚିକିତ୍ସାର ବ୍ୟବସ୍ଥା କରିବା ସହ ଜୀବନ ରକ୍ଷାକାରୀ ଔଷଧ, ସାଲାଇନ୍ ଓ ଓଆର୍‌ଏସ୍ ମହଜୁଦ୍ ରଖିବା ଓ ଜନସାଧାରଣଙ୍କ ମଧ୍ୟରେ ଅଂଶୁଘାତଜନିତ ସଚେତନତା ପାଇଁ ପ୍ରଚାର ବ୍ୟବସ୍ଥା କରିବା ଓ ଜିଲ୍ଲାସ୍ତରୀୟ ମେଡ଼ିକାଲ ଅଫିସର ଓ ଅନ୍ୟ ସମସ୍ତ ମେଡ଼ିକାଲ ଅଫିସରମାନଙ୍କୁ ରାଜ୍ୟର ୩୭୭ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଅଂଶୁଘାତ ଓ ଗ୍ରୀଷ୍ମପ୍ରବାହଜନିତ ସ୍ୱାସ୍ଥ୍ୟ ପରିଚାଳନା କ୍ଷେତ୍ରରେ ତାଲିମ ଦିଆଯିବ । ଏଥି ପାଇଁ ଓସ୍‌ଡମା ପକ୍ଷରୁ ପାଣ୍ଠି ଯୋଗାଇ ଦିଆଯିବ । ଏ ସଂପର୍କରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଓ ଓସ୍‌ଡମାକୁ ନିର୍ଦ୍ଦେଶ ଦିଆଯାଇଛି । (୯ ପୃଷ୍ଠାରେ)

ବିଜେପିରୁ କଟକରେ ଲଢ଼ିବେ ଭର୍ତ୍ତୃହରି

ଭୁବନେଶ୍ୱର, ୩୦।୩ (ସବ୍ୟୁ) : ବିଜେପି ୩ ଲୋକସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିଛି । କଟକ ଲୋକସଭା ଆସନ ପାଇଁ ଦଳ ଭର୍ତ୍ତୃହରି ମହାପାତ୍ରଙ୍କୁ ପ୍ରାର୍ଥୀ କରିଛି । ଭର୍ତ୍ତୃହରି ନିକଟରେ ବିଜେଡି ଛାଡି ବିଜେପିରେ ଯୋଗ ଦେଇଥିଲେ । ଭର୍ତ୍ତୃହରି କଟକ ଲୋକସଭା ଆସନରୁ ବିଜେଡି ପ୍ରାର୍ଥୀ ଭାବେ ୬ ଥର ଜିତିଥିଲେ । ୨୦୧୪ ନିର୍ବାଚନ ପୂର୍ବରୁ ସେ ବିଜେପିରେ ଯୋଗ ଦେଇଥିଲେ । ତାଙ୍କୁ ଦଳ ସେହି କଟକ ଆସନ ପାଇଁ ପ୍ରାର୍ଥୀ କରିଛି । ଏହାଛଡା ଯାଜପୁର ଲୋକସଭା ଆସନ ଲାଗି ରବିନ୍ଦ୍ର ନାରାୟଣ ବେହେରା ଓ କନ୍ଧମାଳ ପାଇଁ ସୁକାନ୍ତ ପାଣିଗ୍ରାହୀଙ୍କୁ ପ୍ରାର୍ଥୀ କରାଯାଇଛି । ପୂର୍ବରୁ ୧୮ ଲୋକସଭା ଆସନରେ ବିଜେପି ତାର ପ୍ରାର୍ଥୀ ଘୋଷଣା କରିସାରିଥିଲା ।

ଶିମିଳିପାଳରୁ ୯ ଶିକାରୀ ଗିରଫ

ବାରିପଦା, ୩୦।୩ (ସବ୍ୟୁ) : ଶିମିଳିପାଳ ଅଭୟାରଣ୍ୟର ଡୁକୁରା ରେଞ୍ଜରୁ ୯ଜଣ ଶିକାରୀଙ୍କୁ ଗିରଫ କରିଛି ବନ ବିଭାଗ। ଶିକାରୀଙ୍କ ଠାରୁ ୩୦କେଜି ସମ୍ବର ମାଂସ ଓ ୯ଟି ବନ୍ଧୁକ ବନ ବିଭାଗ ଜବତ କରିଛି। ତେବେ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ବନ ବିଭାଗ ଉଦ୍ୟମ ଚଳାଇଛି ।

ସୂଚନାରୁ ପ୍ରକାଶ ଯେ, ଶୁକ୍ରବାର ରାତିରେ ଶିମିଳିପାଳର ଜେନାବିଲ ରେଞ୍ଜ ଅଞ୍ଚଳରେ ଉଦଳା ଥାନାର ପାଟଶାଣୀପୁର ଓ କୁଣ୍ଡାବାଇ ପଞ୍ଚାୟତର ଉପରତଳଡିହା, ଜାମଡିହା, ଖାଳିଡିହି ଆଦି ଶିମିଳିପାଳ ସଂଲଗ୍ନ ଗ୍ରାମର ୪୦ରୁ ଊର୍ଦ୍ଧ୍ୱ ଶିକାରୀ ବହୁ ସଂଖ୍ୟକ ବନ୍ଧୁକ ସହିତ ଏକସଙ୍ଗେ ଶିମିଳିପାଳ ଅଭୟାରଣ୍ୟ ଭିତରକୁ ଅଖଣ୍ଡ ଶିକାର ଉଦ୍ଦେଶ୍ୟରେ ପଶିଥିଲେ। ତେବେ ଖବର ପାଇ ଡୁକୁରା ଓ ପୋଡାଡିହା ରେଞ୍ଜର କର୍ମଚାରୀ ସ୍ୱତନ୍ତ୍ର ବ୍ୟାଘ୍ର ସୁରକ୍ଷା ବଳ ସହିତ ମିଳିତ ଭାବେ ଚଢାଉ କରିଥିଲେ। ୯ଜଣ ଶିକାରୀଙ୍କୁ ଗିରଫ କରିବା ସହିତ ସେମାନଙ୍କ ନିକଟରୁ ୯ଟି ଦେଶୀବନ୍ଧୁକ ଓ ଅନ୍ୟାନ୍ୟ ଶିକାର ସାମଗ୍ରୀ ଜବତ କରି ବନବିଭାଗ କାର୍ଯ୍ୟାଳୟକୁ ଆଣି ଅଧିକ ତଦନ୍ତ ପାଇଁ ପଚରାଉଚରା ଜାରି ରଖିଛନ୍ତି। ଖସିପଳାଇଥିବା ଅନ୍ୟ ଶିକାରୀମାନଙ୍କୁ ଗିରଫ ପାଇଁ ତନାଘନା ଜାରିରହିଥିବାବେଳେ ଖୁବ୍‌ଶୀଘ୍ର ଶିକାରୀମାନଙ୍କୁ ଗିରଫ କରାଯିବ ବୋଲି ବନବିଭାଗ ପକ୍ଷରୁ ପ୍ରକାଶ କରାଯାଇଛି ।

ବିଜେଡି ଛାଡିଲେ ଅନୁଭବ, ଆକାଶ

ଭୁବନେଶ୍ୱର, ୩୦।୩ (ସବ୍ୟୁ) : ସିନେ ଅଭିନେତାରୁ ନେତା ବନିଥିବା କେନ୍ଦ୍ରାପଡା ସାଂସଦ ଅନୁଭବ ମହାନ୍ତି ଓ କୋରେଇର ପୂର୍ବତନ ବିଧାୟକ ଆକାଶ ଦାସ ନାୟକ ଆଜି ବିଜେଡିରୁ ଇସ୍ତଫା ଦେଇଛନ୍ତି । ୨୦୧୯ରେ ଅନୁଭବ ବିଜେଡି ଟିକେଟରେ ଲୋକସଭାକୁ ନିର୍ବାଚିତ ହୋଇଥିଲେ । ପୂର୍ବରୁ ବିଜେଡି ତାଙ୍କୁ ମଧ୍ୟ ରାଜ୍ୟସଭାକୁ ପଠାଇଥିଲା । ହେଲେ ଆଜି ସେ ଇସ୍ତଫା ଦେଇଛନ୍ତି । ଅନୁଭବ ବିଜେପିରେ

ସାମିଲ ହୋଇପାରନ୍ତି ବୋଲି ଚର୍ଚ୍ଚା ହୋଇଛି । ସେହିଭଳି କୋରେଇର ପୂର୍ବତନ ବିଧାୟକ ଆକାଶ ଦାସ ନାୟକ ଆଜି ବିଜେଡିରୁ ଇସ୍ତଫା ଦେଇଛନ୍ତି ।

କଂଗ୍ରେସକୁ ଆର୍ଥିକ ପଙ୍ଗୁ କରିବାକୁ ଚକ୍ରାନ୍ତ

ନୂଆଦିଲ୍ଲୀ, ୩୦।୩ : ଆୟକର ବିଭାଗ ଏବେ କଂଗ୍ରେସ ଦଳ ପଛରେ ପଡିଯାଇଛି । ୧୮୦୦ କୋଟି ଟଙ୍କାର ଟିକସ ନୋଟିସ୍ ପରେ ଗତକାଲି ରାତିରେ ଦଳକୁ ଆଇଟି ବିଭାଗ ଆଉ ଦୁଇଟି ନୋଟିସ୍ ଦେଇଛି । କଂଗ୍ରେସ ଦଳ ପକ୍ଷରୁ ଅଭିଯୋଗ କରାଯାଇଛି । ଆଗକୁ ନିର୍ବାଚନ ଥିବାରୁ କଂଗ୍ରେସ ଯେଭଳି ପ୍ରଚାର କରିନପାରେ ସେଥିପାଇଁ ବିଧିବଦ୍ଧ ଯୋଜନା ହୋଇଛି ବୋଲି କୁହାଯାଉଛି ।

ପୁଣି ଆଇଟି ବିଭାଗ ଦେଲା ୨ ନୋଟିସ୍

ଶୁକ୍ରବାର ଆସିଥିଲା ୧୮୦୦ କୋଟିର ନୋଟିସ୍

କଂଗ୍ରେସ ବିରୋଧରେ ଟିକସ ଆତଙ୍କରାଜ

ପକ୍ଷରୁ କୁହାଯାଇଛି ଯେ ୧୮୦୦ କୋଟି ନୋଟିସ୍ ପରେ ପୁଣି ଆହୁରି ୨ ନୋଟିସ୍ ଆସିଛି । ଆର୍ଥିକ ସ୍ତରରେ କଂଗ୍ରେସକୁ ରୁଗ୍ଣ କରିଦେବାପାଇଁ ଷଡଯନ୍ତ୍ର ଆରମ୍ଭ ହୋଇଛି ବୋଲି

ଏକ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ନେତା ଜୟରାମ ରମେଶ କହିଥିଲେ ଯେ ଟିକସ ଆତଙ୍କବାଦ ଜରିଆରେ କଂଗ୍ରେସକୁ ଟାର୍ଗେଟ କରାଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର

ମୋଦି ଚାହୁଁଛନ୍ତି ଯେ ବିରୋଧୀ ଦଳଗୁଡିକ ପଙ୍ଗୁ ହୋଇଯାଆନ୍ତୁ । କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ମଧ୍ୟ ଆୟକର ବିଭାଗ ପକ୍ଷରୁ ଆଉ ଏକ ନୋଟିସ ପାଇଛନ୍ତି । ତାଙ୍କୁ ଗତ ରାତିରେ ଏହି ନୋଟିସ୍ ମିଳିଛି ।ଯାହା ଆମକୁ ଆଶ୍ଚର୍ଯ୍ୟ ଚକିତ କରିଛି । ଯେଉଁ ମାମଲାରେ ନୋଟିସ ଦିଆଯାଇଛି ତାହା ବନ୍ଦ ହୋଇଯାଇଥିଲା । ବିଜେପି ଏବେ କଂଗ୍ରେସ ବିରୋଧୀ ମେଣ୍ଟ ଇଣ୍ଡିଆ ଲାଗି ଭୟଭୀତ ହୋଇପଡିଛି । କଂଗ୍ରେସକୁ ଶୁକ୍ରବାର ୧୮୨୩ କୋଟି ଟଙ୍କାର ନୋଟିସ୍ ମିଳିଥିଲା । ଦିଲ୍ଲୀ ହାଇକୋର୍ଟ ଦଳର ଆବେଦନକୁ ଖାରଜ କରିବା ପରେ ଏହି ନୋଟିସ ଆସିଥିଲା । ୨୦୧୭-୧୮ ଓ ୨୦୨୦-୨୧ର ଏକ ଆକଳନକୁ ଆଧାର କରି ସୁଧ ଓ ଜରିମାନା ମିଶାଇ ଏହି ନୋଟିସ୍ ଦିଆଯାଇଛି । କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି ଯେ ଲୋକସଭା ନିର୍ବାଚନ ପୂର୍ବରୁ ଟିକସ ଆତଙ୍କବାଦ ଜରିଆରେ ଦଳକୁ ପଙ୍ଗୁ କରିଦେବାପାଇଁ ଉଦ୍ୟମ ହେଉଛି । କଂଗ୍ରେସ ପକ୍ଷରୁ ମଧ୍ୟ ୪ ବର୍ଷ ତଳେ ଏହି ଟିକସ ଆକଳନକୁ ନେଇ ଟ୍ରିବ୍ୟୁନାଲରେ ଚ୍ୟାଲେଞ୍ଜ କରାଯାଇଥିଲା ।

ପରସ୍ପରକୁ ଭେଟିଲେ କଳ୍ପନା, ସୁନିତା

ଇଡିର ବେଆଇନ୍ ଗିରଫଦାରୀ ବିରୋଧରେ ଲଢ଼ିବେ

ନୂଆଦିଲ୍ଲୀ, ୩୦।୩ : ଜେଲ୍‌ରେ ଥିବା ଝାଡଖଣ୍ଡ ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କ ପତ୍ନୀ କଳ୍ପନା ସୋରେନ୍ ଆଜି ନୂଆଦିଲ୍ଲୀରେ ଇଡି ହେପାଜତରେ ଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ପତ୍ନୀ ସୁନିତା କେଜରିୱାଲଙ୍କ ପତ୍ନୀଙ୍କୁ ଭେଟିଛନ୍ତି । ଉଭୟ ହେମନ୍ତ ଓ ଅରବିନ୍ଦ ଇଡି ଦ୍ୱାରା ଗିରଫ ହୋଇଛନ୍ତି । କଳ୍ପନା ସୋରେନ୍ ଆଜି ଦିଲ୍ଲୀରେ ସୁନିତା କେଜରିୱାଲଙ୍କୁ ତାଙ୍କ ବାସଭବନରେ ଭେଟିଛନ୍ତି । ଉଭୟେ ଲଢ଼େଇ କରିବେ ବୋଲି

ନିଷ୍ପତ୍ତି ନେଇଛନ୍ତି ।

କଳ୍ପନା ସୋରେନ୍ ଆଜି ଦିଲ୍ଲୀ ଆସିଥିଲେ ଓ ସୁନିତା କେଜରିୱାଲଙ୍କୁ ଭେଟିଥିଲେ । ତାଙ୍କ ଭେଟିବାର ଭିଡିଓକୁ ଦିଲ୍ଲୀ ମନ୍ତ୍ରୀ ଅତିଶ୍ ଟ୍ୱିଟରରେ ପୋଷ୍ଟ କରିଥିଲେ । (୯ ପୃଷ୍ଠାରେ)

ସୌରଭ

ଆଜିକାଲିର ବ୍ୟସ୍ତବହୁଳ ଜୀବନରେ ବ୍ୟାକ୍‌ପେନ୍ ସବୁଠାରୁ ସାଧାରଣ ରୋଗ ଭାବେ ଉଭା ହୋଇଛି । ବିଭିନ୍ନ ବୟସର ଲୋକଙ୍କ ପାଖରେ ଏହି ସମସ୍ୟା ଦେଖିବାକୁ ମିଳୁଛି । ସ୍କୁଲ କଲେଜ ହେଉ କିମ୍ବା ଅଫିସ୍ ସବୁ ସ୍ଥାନରେ ଆମମାନଙ୍କୁ ଅନେକ ସମୟ ସ୍ଥିର ହୋଇ ଗୋଟିଏ ସ୍ଥାନରେ ବସିବାକୁ ପଡୁଛି । ଯାହା ଏହି ବ୍ୟାକ୍ ପେନ୍‌ର ପ୍ରମୁଖ କାରଣ ହୋଇଥାଏ ବୋଲି ଡାକ୍ତର ମାନେ ମତ ଦେଇଛନ୍ତି । ତେବେ ଏହାର କାରଣ ବିଷୟରେ ଜାଣିପାରିଲେ ଏହାକୁ ଚିକିତ୍ସା କରିବାରେ ମଧ୍ୟ ସୁବିଧା ହୋଇଥାଏ । ଆମର ଭର୍ଟିବ୍ରେ, ସ୍ପାଇନାଲ କର୍ଡ, ଲିଗାମେଣ୍ଟ କିମ୍ବା ମସଲ୍‌ରେ ସମସ୍ୟା ହେଲେ ଆମର ପିଠିରେ ଯନ୍ତ୍ରଣା ହୋଇଥାଏ । ତେବେ ଏତିକି ନୁହେଁ ଅନ୍ୟ ଅଙ୍ଗରେ ସମସ୍ୟା ହେଲେ ମଧ୍ୟ ପିଠି ଯନ୍ତ୍ରଣା ହେବାର ଆଶଙ୍କା ରହିଛି । ଏହି ସମସ୍ୟାର ପ୍ରଥମ ଲକ୍ଷଣ ଭାବେ ଗୋଡ ଓ ଅଣ୍ଡାରେ ଯନ୍ତ୍ରଣା ଅନୁଭବ ହୋଇଥାଏ । ଯେତେବେଳେ ଆପଣ କୌଣସି ଓଜନିଆ ସାମଗ୍ରୀ ଉଠାନ୍ତି କିମ୍ବା ତଳକୁ ନଇଁଥାଆନ୍ତି ସେହି ସମୟରେ କଷ୍ଟ ହୋଇଥାଏ । ଦେଖିବାକୁ ମିଳେ ଏହି ସମୟରେ ପିଠିରେ ଯନ୍ତ୍ରଣା ଅନୁଭବ ହୋଇଥାଏ । ସେହିଭଳି ଏହି ଯନ୍ତ୍ରଣା ଶୋଇବା ବେଳେ କିମ୍ବା ବସିବା ବେଳେ ମଧ୍ୟ ହୋଇଥାଏ । ତେବେ ପିଠିର ଏହି ଯନ୍ତ୍ରଣା ସବୁସମୟରେ ହୋଇନଥାଏ । ବେଳେବେଳେ ଯନ୍ତ୍ରଣା ଅନୁଭୂତ ହେଉଥିବା ବେଳେ ବେଳେବେଳେ କିଛି ଜଣା ପଡିନଥାଏ । ତେଣୁ ଯଦି ଏଭଳି ଲକ୍ଷଣ ଦେଖୁଛନ୍ତି ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।

ଚନ୍ଦ୍ରରେ ବିଜ୍ଞାପନ

କାଲିଫର୍ଣ୍ଣିଆର ଏକ ଷ୍ଟାର୍ଟଅପ୍ ଆଷ୍ଟ୍ରୋଲାବ୍ ବର୍ତ୍ତମାନ ଚର୍ଚ୍ଚାକୁ ଆସିଛି । ଏହି ଷ୍ଟାର୍ଟଅପ୍ ୨୦୨୬ରେ ନିଜର ବିଜ୍ଞାପନ ଚନ୍ଦ୍ରରେ କରିବ ବୋଲି ସୂଚନା ଦେଇଛି । ଯାହାପରେ ଏହା ଭାଇରାଲ ହେବାରେ ଲାଗିଛି । ୨୦୨୬ରେ ଆଷ୍ଟ୍ରୋଲାବ୍ ନିଜର ଫ୍ଲେକ୍ସ ଥିବା ରୋଭରକୁ ଚନ୍ଦ୍ରକୁ ପଠାଇବାକୁ ଯୋଜନା କରୁଛି । ସାଧାରଣତଃ ରୋଭରରେ ଚନ୍ଦ୍ରକୁ ବିଭିନ୍ନ ସାମଗ୍ରୀ କିମ୍ବା ମଣିଷଙ୍କୁ ପଠାଯାଇଥାଏ । ତେଣୁ ଏହି ବିଜ୍ଞାପନକୁ ରୋଭରର ଗୋଟିଏ ପଟରେ ଲଗାଯାଇପାରିବ ବୋଲି ଚର୍ଚ୍ଚା ହେଉଛି । ତେବେ ବିଭିନ୍ନ ବୁଦ୍ଧିଜୀବୀଙ୍କ ଅନୁସାରେ ଚନ୍ଦ୍ରରେ ବିଜ୍ଞାପନ ଫଳରେ ଅନେକ ବ୍ରାଣ୍ଡକୁ ବିଭିନ୍ନ ସୁବିଧା ମିଳିବ । ଏଥିରେ ସେମାନେ କନଷ୍ଟ୍ରକସନ୍ ଓ ଟେଲିକମ୍ୟୁନିକେସନକୁ ଅନ୍ତର୍ଭୁକ୍ତ କରିଛନ୍ତି, ସେମାନଙ୍କୁ ଲୁନାର ଆଡ୍‌ରୁ ଅନେକ ଫାଇଦା ହେବ ବୋଲି ମତ ପ୍ରକାଶ ପାଇଛି । ଏନେଇ ବର୍ତ୍ତମାନ କାର୍ଯ୍ୟ ଚାଲୁ ରହିଛି, ଆଗକୁ ଏହାକୁ ପରୀକ୍ଷଣ କରାଯିବାନେଇ କମ୍ପାନୀ ପକ୍ଷରୁ ସୂଚନା ମିଳିଛି । ଯଦି ଏହା ସଫଳ ହୁଏ ତେବେ ଏହା ଏକ ବିରଳ ପଦକ୍ଷେପ ହେବ ବୋଲି ମତ ପ୍ରକାଶ ପାଇଛି ।



୧୧ ମାସର ଝିଅକୁ ଛାଡ଼ି ଆସିଥିଲେ ମୁମ୍ବାଇ

ମନେପଡ଼େ

ଲୋକପ୍ରିୟ ଧାରାବାହିକ ଭାବିଜୀ ଘର ପର ହୈ'ରୁ ଘରେ ଘରେ ଅଙ୍ଗୁରୀ ଭାବି ନାଁରେ ପରିଚୟ ହାସଲ କରିଥିଲେ ଟେଲି ଆକ୍ଟ୍ରେସ୍ ଶୁଭାଙ୍ଗୀ ଅତ୍ରେ । ୧୯୮୧ ମସିହା ଏପ୍ରିଲ ୧୧ରେ ମଧ୍ୟପ୍ରଦେଶରେ ଜନ୍ମିତ ଶୁଭାଙ୍ଗୀ ପିଲାଦିନେ ଆକ୍ଟର ହେବା ଲାଗି ସ୍ୱପ୍ନ ଦେଖିଥିଲେ । ମାତ୍ର ଡାକ୍ତର ଓ ଇଞ୍ଜିନିଅରରେ ପରିପୂର୍ଣ୍ଣ ପରିବାରରେ ଆକ୍ଟିଂକୁ ସବୁଠୁ ଖରାପ ପ୍ରଫେସନ ବୋଲି ମନେ କରାଯାଉଥିଲା । ତେଣୁ ଶୁଭାଙ୍ଗୀଙ୍କ ଆକ୍ଟର ହେବା ଆଶା ଆଶାରେ ହିଁ ରହିଗଲା । ଗ୍ରାଜୁଏସନ୍ କରିବା ସମୟରେ ମାତ୍ର ୨୧ ବର୍ଷ ବୟସରେ ପୀୟୁଶ ପୁରେ ନାମ୍ନୀ ଜଣେ ବ୍ୟକ୍ତିଙ୍କ ସହିତ ତାଙ୍କର ବିବାହ କରାଗଲା । ବିବାହ ପରେ ସେ ପୁନେ ଚାଲିଆସିଲେ, ହେଲେ କୁହନ୍ତି ସ୍ୱପ୍ନକୁ କୌଣସି ବି ପରିସ୍ଥିତି କିମ୍ବା କୌଣସି ବି ସମୟରେ ପୂରା କରାଯାଇପାରେ । ଠିକ୍ ଏହା ହିଁ ଘଟିଥିଲା ଶୁଭାଙ୍ଗୀଙ୍କ ସହିତ । ପ୍ରଥମ କନ୍ୟାସନ୍ତାନ ରୂପେ ଆଶୀ ଜନ୍ମହେବା ପରେ ୧୧ ମାସର ଝିଅକୁ ଛାଡ଼ି ମୁମ୍ବାଇ ଚାଲିଆସିଥିଲେ ଆଖିରେ ଆଖିଏ ସ୍ୱପ୍ନ ନେଇ । ତାଙ୍କ ସ୍ୱପ୍ନକୁ ପୂରା କରିବାର ସମୟ ଆସିଥିଲା ଯେତେବେଳେ ତାଙ୍କୁ ଧାରାବାହିକ କସୋଟି ଜିନ୍ଦେଗୀ କିରେ ଆକ୍ଟିଂ କରିବା ଲାଗି ସୁଯୋଗ ମିଳିଲା । ଏହାପରେ ସେ ଆଉ କଦାପି ପଛକୁ ଫେରିଲେ ନାହିଁ । କସୁରୀ, ଦୋ ହଂସୋ କା ଯୋଡ଼ା, ଚିଡ଼ିଆ ଘର୍, ଅଧୁରୀ କାହାନୀ ହମାରୀ ଇତ୍ୟାଦି ସିରିଏଲ୍ ତାଙ୍କୁ ଅନେକ ସଫଳତା ଆଣିଦେଲା । ହେଲେ ୨୦୧୬ରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରସାରିତ ହେଉଥିବା

ଭାବିଜୀ ଘର୍ ପର୍ ହେ ଧାରାବାହିକ ତାଙ୍କୁ ଘରେ ଘରେ ପରିଚିତ କଲା । ଗୋଟିଏ ପଟେ ଝିଅର ସମସ୍ତ ଦାୟିତ୍ୱ ନେବା ସାଙ୍ଗକୁ ସୁଟିଂକୁ ନିଜର ସମସ୍ତ ସମୟ ଦେଇଛନ୍ତି ଏହି ଅଭିନେତ୍ରୀ । ତାଙ୍କ ନାଁରେ ୭୨ ଘଣ୍ଟା ଲଗାତାର ସୁଟ୍ କରିବାର ରେକର୍ଡ ମଧ୍ୟ ରହିଛି । ତେବେ ଦୀର୍ଘ ୧୯ ବର୍ଷର ସମ୍ପର୍କ ପରେ ସେ ତାଙ୍କ ସ୍ୱାମୀ ପୀୟୁଶଙ୍କ ସହିତ ବିବାହ ବିଚ୍ଛେଦ କରି ବର୍ତ୍ତମାନ ଝିଅ ଆଶୀଙ୍କ ସହିତ ବେଶ୍ ହସଖୁସୀରେ ସମୟ ବିତାଉଛନ୍ତି ଶୁଭାଙ୍ଗୀ ।

ସାମଗ୍ରୀ– ଚିକେନ୍ ବ୍ରେଷ୍ଟ, ତନ୍ଦୁରୀ ମସଲା, ଟର୍ଟିଲା ୱାର୍ପ, ଅଧା ସୋର୍ କ୍ରିମ୍, ପିଆଜ, ଗୋଟିଏ କପ ଲେଖାଏଁ ବ୍ଲାକ୍ ଓ ରେଡ୍ ବିନ୍, ଗୋଟିଏ କଟା ଟମାଟୋ, ଶୁଖିଲା ଲଙ୍କା, ଲେମ୍ବୁ ରସ, ଚିନି, ଗୋଲମରିଚ ଗୁଣ୍ଡ ।

ପ୍ରଣାଳୀ– ପ୍ରଥମେ ସାଲସା ସସ୍ ପ୍ରସ୍ତୁତ କରିବା ପାଇଁ ପ୍ରଥମେ ବିନ୍ ଗୁଡିକୁ ସିଝାଇ ଗୁଣ୍ଡ କରି ନିଅନ୍ତୁ । ଏଥିରେ କଟା ଟମାଟୋ, କଞ୍ଚା ଲଙ୍କା, ଅଲିଭ୍ ଅଏଲ୍, ଚିନି, ଗୋଲ ମରିଚ ଗୁଣ୍ଡ ଓ ଲେମ୍ବୁ ରସ ପକାଇ ଗୋଳାଇ ନିଅନ୍ତୁ । ଏହାପରେ ଚିକେନ୍ ବ୍ରେଷ୍ଟକୁ ତନ୍ଦୁରୀ ମସଲା ପକାଇ ଓଭାନ୍‌ରେ ୧୦ରୁ ୧୫ ମିନିଟ୍ ଯାଏଁ ଗ୍ରିଲ୍ କରି ନିଅନ୍ତୁ । ବର୍ତ୍ତମାନ ଟର୍ଟିଲା ୱାର୍ପରେ ଚିକେନ୍ ବ୍ରେଷ୍ଟ ଓ ସାଲସା ରଖନ୍ତୁ । ଏହାପରେ ଶେଷରେ ଏଥିରେ ସୋର୍ କ୍ରିମ୍ ପକାଇ ପରଷନ୍ତୁ ତନ୍ଦୁରୀ ଚିକେନ୍ ଟାକୋସ୍ ।

ତନ୍ଦୁରୀ ଚିକେନ୍ ଟାକୋସ୍



ଇତିହାସ

୧୭୨୭– ମହାନ ଭୌତିକଶାସ୍ତ୍ରୀ ଆଇଜାକ୍ ନ୍ୟୁଟନଙ୍କ ଦେହାନ୍ତ ।

୧୭୭୪– ଭାରତରେ ଡାକସେବାର ପ୍ରଥମ କାର୍ଯ୍ୟାଳୟ ଉନ୍ମୋଚନ କରାଗଲା ।

୧୮୬୭– ମୁମ୍ବାଇରେ ପ୍ରାର୍ଥନା ସମାଜର ସ୍ଥାପନା କରାଗଲା ।

୧୮୭୦– ଆମେରିକାରେ ପ୍ରଥମକରି କୌଣସି ଅଶ୍ୱେତ ନାଗରିକ ଭୋଟଦେଲେ ।

୧୮୮୯– ଫ୍ରାନ୍ସରେ ଏଫିଲ୍ ଟାୱାରକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରାଗଲା ।

୧୯୨୧– ରୟାଲ୍ ଅଷ୍ଟ୍ରେଲିଆ ଏୟାର୍‌ଫୋର୍ସର ସ୍ଥାପନା କରାଗଲା ।

୧୯୫୯– ବୌଦ୍ଧ ଧର୍ମଗୁରୁ ଦଲାଇଲାମାଙ୍କୁ ଭାରତରେ ଶରଣ ଦିଆଗଲା ।

ସୋସିଆଲ କୋଟ୍ସ

ଶାହରୁଖ ଖାନଙ୍କ ସହିତ କାମ କରିବା ଶୁଣିବା ପରେ ପ୍ରଥମେ ଏହା ମଜାକ ଲାଗିଥିଲା । ସେହିଭଳି ମୁଁ ରୋହିତ ସେଟ୍ଟୀଙ୍କୁ ଅନୁରୋଧ କରିଥିଲି କି ମୋତେ ବ୍ୟାକ୍‌ଗ୍ରାଉଣ୍ଡ ଡ୍ୟାନ୍ସର ନକରିବାକୁ ।

ପ୍ରିୟାମଣି, ଅଭିନେତ୍ରୀ

ସାବରକର କ୍ୟାରକ୍ଟେର ପାଇଁ ମୁଁ ଅନେକ ପରିଶ୍ରମ କରିଛି । ଚରିତ୍ରକୁ ଜୀବନ୍ତ କରିବା ପାଇଁ ଜେଲ୍‌ରେ ମଧ୍ୟ ସମୟ କାଟିଛି । ଯାହା ବହୁତ କଷ୍ଟ ଅନୁଭବ ଥିଲା ।

ରଣଦୀପ ହୁଡ୍ଡା, ଅଭିନେତା

ସଲମାନଙ୍କ କାରଣରୁ କ୍ୟାଟ୍ରିନା ନ୍ୟୁୟର୍କ ଫିଲ୍ମ ସାଇନ୍ କରିଥିଲେ । ସେତେବେଳେ ସେ ଭାଇଜାନଙ୍କୁ ଡେଟ୍ କରୁଥିଲେ ।

କବୀର ଖାନ, ଫିଲ୍ମ ମେକର

ଡ୍ରିମ୍‌ରେ ଦେଖନ୍ତି ସଲମାନଙ୍କୁ



ନିକଟରେ ରିଲିଜ୍ ହୋଇଥିବା ଫିଲ୍ମ କୁକୁ ନେଇ କ୍ରିତି ସନନ୍ ବର୍ତ୍ତମାନ ଲାଇମ୍ ଲାଇଟ୍‌ରେ ଅଛନ୍ତି । ଏହା ପୂର୍ବରୁ ତାଙ୍କ ଫିଲ୍ମ ତେରି ବାତୋଁ ମେଁ ଏଶା ଉଲଝା ଜିୟା ରିଲିଜ୍ ହୋଇଥିଲା, ଯେଉଁଥିରେ ତାଙ୍କ ଅଭିନୟ ପାଇଁ ତାଙ୍କୁ ଖୁବ ପ୍ରଶଂସା ମିଳିଥିଲା । ଏହାପରେ କ୍ରିତିଙ୍କର ବିଭିନ୍ନ ଗଣମାଧ୍ୟମରେ ସାକ୍ଷାତକାର ପ୍ରକାଶ ପାଇବାରେ ଲାଗିଛି । ସେହିଭଳି ଏକ ସାକ୍ଷାତକାର ବର୍ତ୍ତମାନ ଭାଇରାଲ ହେବାରେ ଲାଗିଛି । ଏଥିରେ କ୍ରିତି ସଲମାନଙ୍କୁ ସ୍ୱପ୍ନରେ ଦେଖନ୍ତି ବୋଲି ପ୍ରକାଶ କରିଛନ୍ତି । କ୍ରିତିଙ୍କର ଏହି ଷ୍ଟେଟମେଣ୍ଟ୍ ଭାଇରାଲ ହେବାରେ ଲାଗିଛି । ସେହିଭଳି ସବୁବେଳେ ସଲମାନଙ୍କ ସହିତ ଡେବ୍ୟୁ କରିବାକୁ ଚାହୁଁଥିଲେ ବୋଲି ପ୍ରକାଶ କରିଛନ୍ତି । ସେ ସଲମାନଙ୍କୁ ଖୁବ ସମ୍ମାନ କରିବା ସହିତ ତାଙ୍କର ଜଣେ ବଡ ଫ୍ୟାନ୍ ବୋଲି ପ୍ରକାଶ କରିଛନ୍ତି । ସେ ସବୁବେଳେ ସଲମାନଙ୍କ ପାଖରୁ ଅନେକ କିଛି ଶିଖିଥାଆନ୍ତି ବୋଲି କ୍ରିତି ମତ ଦେଇଛନ୍ତି ।

ହସ୍ତପଦ୍ମାସନ

ଏହି ଯୋଗଟିକୁ କରିବା ପାଇଁ ସର୍ବପ୍ରଥମେ ଯୋଗମ୍ୟାଟ୍ ଉପରେ ସିଧା ଛିଡ଼ାହୁଅନ୍ତୁ । ଏହାପରେ ଧୀରେ ଧୀରେ ହାତ ଉପରକୁ ଟେକି ତଳକୁ ନଇଁଯାଆନ୍ତୁ ଏବଂ ପାରୁ ପର୍ଯ୍ୟନ୍ତ ହାତକୁ ଭୂମିରେ ଲଗାଇବା ପାଇଁ ଚେଷ୍ଟା କରନ୍ତୁ । ଫଟୋ ଭଳି ଆପଣ ହାତକୁ ଗୋଡ଼ରେ ମଧ୍ୟ ଲଗାଇପାରିବେ । ହେଲେ ଏହି ସମୟରେ ଆପଣଙ୍କ ଗୋଡ଼ ଦୁଇଟି ଯେଭଳି ସିଧା ରହିଥିବ ।

ଉପକାର

- ବେଲି ଫ୍ୟାଟ୍ ହ୍ରାସ କରିବ ।
- ଶରୀରକୁ ସନ୍ତୁଳିତ ରଖିବା ସହିତ ଫ୍ଲେକ୍ସିବଲ୍ କରିବ ।
- ଅବସାଦ, ଆଙ୍ଗ୍‌ଜାଇଟି ଆଦିକୁ ଦୂରେଇବ ।
- ରକ୍ତ ସଞ୍ଚାଳନକୁ ଉନ୍ନତ କରିବ ।
- ମେରୁଦଣ୍ଡ ହାଡ଼କୁ ଶକ୍ତ ରଖିବା ସହିତ ପିଠି ଓ ଗୋଡ଼ ମାଂସପେଶୀକୁ ମଜଭୁତ କରିବ ।



ଭୟଙ୍କର ରୋପ୍ ବ୍ରିଜ୍

ବିଶ୍ୱରେ ବିଭିନ୍ନ ବ୍ରିଜ୍ ନିର୍ମାଣ କରିବା ସମୟରେ ଯାତ୍ରୀମାନେ ଏହା ଉପର ଦେଇ ଯାତ୍ରା କରିବା ବେଳେ ଯେଭଳି କୌଣସି ପ୍ରକାରର ଅସୁରକ୍ଷିତ ଅନୁଭବ କରିବେ ନାହିଁ, ସେଥିପ୍ରତି ବିଶେଷ ଧ୍ୟାନ ଦେବାକୁ ହୋଇଥାଏ । ତଥାପି ଦୁନିଆରେ ଏଭଳି ଅନେକ ବ୍ରିଜ୍ ରହିଛି, ଯାହାକୁ ଦେଖିବା ମାତ୍ରେ ସେଥିରେ ଯିବା ପାଇଁ ଭୟ ସୃଷ୍ଟି ହୋଇଥାଏ । ଏଭଳି ବ୍ରିଜ୍ ପାହାଡ଼ରେ ଅଧିକାଂଶ ଦେଖିବାକୁ ମିଳିଥାଏ, ଯାହାକୁ କେବଳ ପଦଚାରୀଙ୍କ ପାଇଁ ନିର୍ମାଣ କରାଯାଇଥାଏ । ତେବେ ବର୍ତ୍ତମାନ ଏଭଳି ଏକ ବ୍ରିଜ୍ ବିଷୟରେ ଜଣାପଡ଼ିଛି, ଯାହା ବିଶ୍ୱର ସବୁଠୁ ଭୟଙ୍କର ବ୍ରିଜ୍ ମଧ୍ୟରେ ସାମିଲ ରହିଛି । ଏହି ବ୍ରିଜ୍ ଉତ୍ତର ଆୟର୍ଲାଣ୍ଡର ଦୁଇଟି ପାହାଡ଼କୁ ସଂଯୋଗ କରିଥିବାବେଳେ ଏହାର ନାଁ ହେଉଛି କ୍ୟାରିକ୍ ଏ ରେଡେ ରୋପ୍ ବ୍ରିଜ୍ । ଏହି ବ୍ରିଜ୍ ଏତେ ଭୟାନକ ଯେ ଅନେକ ଲୋକ ଏହାକୁ ଛୁଇଁବା ବିନା ହିଁ ଫେରିଯାଆନ୍ତି । ଏହି ବ୍ରିଜ୍‌କୁ ରସିରେ ନିର୍ମାଣ କରାଯାଇଛି, ଯାହା ଆଟଲାଣ୍ଟିକ ମହାସାଗରରେ ଥିବା ଦୁଇଟି ପାହାଡ଼କୁ ସଂଯୋଗ କରିଛି । ସମୁଦ୍ରତଳରୁ ୩୦ ମିଟର ଉଚ୍ଚରେ ଅବସ୍ଥିତ ଏହି ବ୍ରିଜ୍‌କୁ ପ୍ରାୟ ୨୫୦ ବର୍ଷ ପୂର୍ବେ ଜଣେ ମତ୍ସ୍ୟଜୀବୀ ନିର୍ମାଣ କରିଥିଲେ । ପୂର୍ବରୁ ଏହି ବ୍ରିଜ୍‌ର ଗୋଟିଏ ହ୍ୟାଣ୍ଡେଲ୍ ରହିଥିବାବେଳେ ନାସନାଲ୍ ଟ୍ରଷ୍ଟ ଅଧୀନକୁ ଆସିବା ପରେ ବ୍ରିଜ୍‌ଟିର ଦୁଇଟି ହ୍ୟାଣ୍ଡେଲ୍ ନିର୍ମାଣ କରାଯାଇଛି । ମାତ୍ର ଏହାରି ଉପରେ ଅତିକ୍ରମ କରିବା ସମୟରେ ବ୍ରିଜ୍‌ଟି ଖୁବ୍ ଜୋରରେ ଦୋହଲେ, ଯାହାଫଳରେ ପର୍ଯ୍ୟଟକମାନେ ଏହା ଉପର ଦେଇ ଯିବା ସମୟରେ ଖୁବ୍ ଯୋରରେ ଭୟଭୀତ ହୋଇଯାଆନ୍ତି ।

ନବୀନ ନିବାସରେ ଦଳୀୟ କର୍ମକର୍ତ୍ତାମାନେ ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି, ଓ ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ ପାଣ୍ଡିଆନ୍‌ଙ୍କୁ ସାକ୍ଷାତ କରୁଛନ୍ତି ।

ଖୋର୍ଦ୍ଧା ଓକିଲ ସଂଘ ନିର୍ବାଚନ

ଅତୀତ ରେକର୍ଡ କାଟିଲେ ଜୀବନଜ୍ୟୋତି ଓ ପ୍ରଭଞ୍ଜନ

ଖୋର୍ଦ୍ଧା (ସବ୍ୟୁ): ସମଗ୍ର ରାଜ୍ୟର ସମସ୍ତ ଓକିଲ ସଂଘର କର୍ମକର୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା ଜିଲା ଓକିଲ ସଂଘ ନିର୍ବାଚନ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି । ଏଥିରେ ସଭାପତି ଭାବେ ଜୀବନ ଜ୍ୟୋତି ମିଶ୍ର ୨୧୦ଖଣ୍ଡ ଭୋଟ ପାଇ ନିର୍ବାଚିତ ହୋଇଛନ୍ତି । ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ରମେଶ ମହାନ୍ତି ୭୦ ଓ ଅଶୋକ କୁମାର ମହାପାତ୍ର ୪୦ଖଣ୍ଡ ଭୋଟ ପାଇଥିଲେ । ସେହିପରି ଉପସଭାପତି ଭାବେ ମନୋଜ କୁମାର ପଟ୍ଟନାୟକ ୧୮୫ଖଣ୍ଡ ଭୋଟ ରେ ବିଜୟୀ ହୋଇଛନ୍ତି । ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ପ୍ରଦୀପ୍ତ ପ୍ରସାଦ ରାମ ୧୪୧ ଭୋଟ ପାଇଥିଲେ । ସମ୍ପାଦକ ଭାବେ ପ୍ରଭଞ୍ଜନ ଜେନା ୧୭୮ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି । ଯୁଗ୍ମ ସମ୍ପାଦକ ଜମିରୁଦ୍ଦିନ ଖାନ ୧୬୭ଭୋଟ ପାଇ ବିଜୟୀ ହୋଇଛନ୍ତି । କୋଷାଧକ୍ଷ ଭାବେ ପ୍ରଣୟ ରଞ୍ଜନ ଦାସ ମଧ୍ୟ ୧୭୩ ଭୋଟରେ ବିଜୟ ଲାଭ କରିଛନ୍ତି ।

ବରିଷ୍ଠ କାର୍ଯ୍ୟକାରୀ ସଦସ୍ୟ ଭାବେ ରିତେଶ ସାହୁ, ଅକ୍ଷୟ ମଙ୍ଗରାଜ, ନିରଞ୍ଜନ ବେହେରା, ଦେବଦତ ବିଶ୍ୱାଳ, ଉମେଷ ଚନ୍ଦ୍ର ହୋତା, ବାସନ୍ତୀ ମାଝି ଏବଂ କନିଷ୍ଠ ସଦସ୍ୟାଭାବେ ଆରା ବେଗମ ମନୋନୀତ ହୋଇଛନ୍ତି । ନିର୍ବାଚନ ଶନିବାର ସକାଳ ୮ ଘଟିକାରେ ଆରମ୍ଭ ହୋଇ ଅପରାହ୍ନ ୩ଟାରେ ଶେଷ ହୋଇଥିଲା । ଭୋଟ ଗଣତି ଅପରାହ୍ନ ୪ଟାରେ ଆରମ୍ଭ ହୋଇଥିଲା । ସର୍ବମୋଟ ୩୬୩ଭୋଟରଙ୍କ ମଧ୍ୟରୁ ୩୨୮ଜଣ ସେମାନଙ୍କ ମତଦାନ କରିଛନ୍ତି । ଅବଶିଷ୍ଟ ୩୨ଜଣ ମତଦାନ କରିନଥିବାବେଳେ ୩ଜଣଙ୍କର ଇତିମଧ୍ୟରେ ମୃତ୍ୟୁ ଘଟିଥିବା ଜଣାଯାଇଛି । ଆଜିର ନିର୍ବାଚନକୁ ନିର୍ବାଚନ ଅଧିକାରୀ ଭାବେ ବରିଷ୍ଠ ଆଇନିଜିବୀ ଲକ୍ଷ୍ମଣ ପରିଡ଼ା ପରିଚାଳନା କରିଥିଲେ । ଗତ ନିର୍ବାଚନରେ ସର୍ବେଶ୍ୱର ସାହୁ ସଭାପତି ଭାବେ ୧୪୭ଖଣ୍ଡ ଏବଂ ସମ୍ପାଦକ ୧୩୬ଖଣ୍ଡ ଭୋଟ ପାଇଥିବାବେଳେ ଚଳିତ ନିର୍ବାଚନରେ କିନ୍ତୁ ସଭାପତି ଜୀବନଜ୍ୟୋତି ୨୧୦ ଓ ସମ୍ପାଦକ ପ୍ରଭଞ୍ଜନ ୧୭୮ଖଣ୍ଡ ଭୋଟ ପାଇ ଅତୀତ ରେକର୍ଡ ଅତିକ୍ରମ କରିଛନ୍ତି ।

ଅପହୃତା ମହିଳା ଓ ନାବାଳିକା ଉଦ୍ଧାର

ଆଠଗଡ଼, (ସବ୍ୟୁ): ଗତ ଫେବୃଆରୀ ମାସ ୧୨ ତାରିଖ ରେ ଜଣେ ବିବାହିତା ମହିଳା ନିଖୋଜ ଥିବା ଆଠଗଡ଼ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ପୋଲିସ ତଦନ୍ତ କରି କଟକ ସଦର ଥାନା ଅଞ୍ଚଳରୁ ଅପହୃତା ବିବାହିତା ମହିଳାଙ୍କ ସହିତ ଜଣେ ଯୁବକଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ଗତ ଫେବୃଆରୀ ୧୨ ତାରିଖ ରେ ଆଠଗଡ଼ ଥାନା ଅନ୍ତର୍ଗତ ନୂଆ ବନ୍ଧ ଗ୍ରାମ ର ଜଣେ ବିବାହିତା ମହିଳା ଙ୍କୁ ସେହି ଗ୍ରାମର ଗନ୍ଧର୍ବ ସ୍ୱାଇଁଙ୍କ ପୁଅ ସୁବ୍ରତ ସ୍ୱାଇଁ ଅପହରଣ କରିନେଇ ସଦର ଥାନା ଅନ୍ତର୍ଗତ ସୁଭଦ୍ରାପୁର ଅଞ୍ଚଳର ଏକ ଭଡ଼ା ଘରେ ରଖିଥିଲେ। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଆଠଗଡ଼ ପୋଲିସ ପକ୍ଷରୁ ସୁଭଦ୍ରା ପୁର ଅଞ୍ଚଳରେ ଚଢ଼ାଉ କରି ମହିଳାଙ୍କ ସହିତ ଯୁବକଙ୍କୁ ଉଦ୍ଧାର କରି ଯୁବକଙ୍କୁ କୋର୍ଟ ଚାଲାଣ କରିଥିବା ଜଣାପଡିଛି। ଅପହୃତା ମହିଳା ଙ୍କୁ ତାଙ୍କ ସ୍ୱାମୀଙ୍କ ସହିତ ଛଡ଼ା ଯାଇଥିବା ଆଠଗଡ଼ ଥାନା ଅଧିକାରୀ ଅନିରୁଦ୍ଧ ମୁଦୁଲି ସୂଚନା ଦେଇଛନ୍ତିଛ ସେହିପରି ଗତ ତିନି ଦିନ ତଳେ ଆଠଗଡ଼ ଥାନା ଅନ୍ତର୍ଗତ ରାଧା ପ୍ରସନ୍ନ ପୁର ଗ୍ରାମର ହରିହର ବେହେରାଙ୍କ ନାବାଳିକା ଝିଅ ଚିକି ବେହେରା (୧୫) ଘରୁ ରାଗି ସଉଦା ଆଣିବା ବାହାନାରେ ନିଖୋଜ ହୋଇ ଯାଇଥିବା ଆଠଗଡ଼ ଥାନା ରେ ଅଭିଯୋଗ ହୋଇଥିଲା। ଆଠଗଡ଼ ପୋଲିସ ପକ୍ଷରୁ ତାଙ୍କୁ ଢେଙ୍କାନାଳ ଜିଲ୍ଲା ସଦର ଥାନା ଅନ୍ତର୍ଗତ ସପ୍ତଶଯ୍ୟା ଅଞ୍ଚଳରୁ ଉଦ୍ଧାର କରି ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପରିବାରକୁ ହସ୍ତାନ୍ତର କରା ଯାଇଥିବା ଜଣାପଡିଛି ।

ବିଜେଡ଼ିରେ ଯୋଗଦେଲେ ଦଶପଲ୍ଲା ଏନଏସିର ୨ କାଉନସିଲର

ଭୁବନେଶ୍ୱର (ସବ୍ୟୁ): ଦଶପଲ୍ଲା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଦଶପଲ୍ଲା ଏନଏସିର ୨ ବିଜେପି କାଉନସିଲରଙ୍କ ସହ ଜଣେ ବିଜେପି ଜିଲ୍ଲାପରିଷଦ ପ୍ରାର୍ଥୀ ଶନିବାର ଶଙ୍ଖଭବନ ଠାରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ଓ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି । ଦଳରେ ସାମିଲ ହୋଇଥିବା ୨ କାଉନସିଲର ଓ ଜିଲ୍ଲାପରିଷଦ ପ୍ରାର୍ଥୀଙ୍କୁ ଶ୍ରୀ ବେହେରା ଓ ଡକ୍ଟର ପାତ୍ର ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ । ବିଜେପି କର୍ମୀଙ୍କ ଯୋଗଦାନ ଫଳରେ ବିଶେଷ କରି ଦଶପଲ୍ଲା ନିର୍ବାଚନ ମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୁତ ହେବବୋଲି ଶ୍ରୀ ବେହେରା ଓ ଡକ୍ଟର ପାତ୍ର କହିଥିଲେ।

ଏହି ଅବସରରେ ବିଜେଡ଼ିରେ ସାମିଲ୍ ହୋଇଥିବା ବିଜେପି ନେତାମାନେ ନିଜ ପ୍ରତିକ୍ରିୟାରେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛଶାସନ, ନିର୍ମଳଭାବ ମୂର୍ତ୍ତ ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ବିଧିବଦ୍ଧ ଭାବେ ବିଜେଡିରେ ଯୋଗଦେଲୁ । ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ମୋତେ ଯାହା ଦାୟିତ୍ୱ ଦେବେ ତାକୁ ସୁଚାରୁରୂପେ ତୁଲାଇବୁ । ଦଳରେ ଆମକୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ । ଏହି ମିଶ୍ରଣ ପର୍ବରେ ଦଶପଲ୍ଲା ଏନଏସି ୱାର୍ଡ଼ ନଂ ୧୧ର ବିଜେପି କାଉନସିଲର କିରଣ କୁମାର ସାହୁ, ୱାର୍ଡ଼ ନଂ ୫ର ବିଜେପି କାଉନସିଲର ମାନିନୀ ସେଠୀ ଓ ଗରିଆ ବ୍ଲକ ଜୋନ ୮ର ବିଜେପି ଜିଲ୍ଲାପରିଷଦ ପ୍ରାର୍ଥୀ ମନୋରଞ୍ଜନ ମହାପାତ୍ର ବିଜେଡ଼ିରେ ସାମିଲ ହୋଇଥିଲେ । ଏହି ମିଶ୍ରଣ ପର୍ବରେ ଅନ୍ୟମାନଙ୍କ ମଧ୍ୟରେ ଦଶପଲ୍ଲା ଏନଏସିର ବିଜେଡ଼ି କାଉନସିଲର ମାନେ ମଧ୍ୟ ଉପସ୍ଥିତ ଥିଲେ । ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

ସୋଆ ଏସ୍‌ପିଏସ୍ ପକ୍ଷରୁ ସାଂସ୍କୃତିକ ଉତ୍ସବ 'ଆମିଟି-୨୦୨୪'

ଭୁବନେଶ୍ୱର (ସବ୍ୟୁ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସ୍କୁଲ୍ ଅଫ୍ ଫାର୍ମାସ୍ୟୁଟିକାଲ୍ ସାଇନ୍‌ସେସ୍ (ଏସ୍‌ପିଏସ୍) ପକ୍ଷରୁ ଦୁଇ ଦିନିଆ ସାଂସ୍କୃତିକ ଉତ୍ସବ 'ଆମିଟି-୨୦୨୪' ଶନିବାର ଉଦ୍‌ଯାପିତ ହୋଇଯାଇଛି। ଶୁକ୍ରବାର କାର୍ଯ୍ୟକ୍ରମର ଉଦ୍ଘାଟନୀ ଉତ୍ସବରେ ପୂର୍ବତନ ରାଜ୍ୟ ଔଷଧ ନୀରିକ୍ଷକ ଡାକ୍ତର ନୀଳମାଧବ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମେଡିକାଲ୍ ଡିଭାଇସ୍ ମନିଟରିଂ ଓ ଫାର୍ମାକୋ ଭିଜିଲାନ୍ସ କ୍ଷେତ୍ରରେ ଫାର୍ମାସିଷ୍ଟଙ୍କ ନିମନ୍ତେ ସୃଷ୍ଟି ହେଉଥିବା ସୁଯୋଗ ଉପରେ ଛାତ୍ରଛାତ୍ରୀମାନେ ଦୃଷ୍ଟି ରଖନ୍ତୁ ବୋଲି କହିଥିଲେ। ସମାଜର ହିତ ପାଇଁ ସେମାନେ କାର୍ଯ୍ୟ କରନ୍ତୁ ସେ ଛାତ୍ରଛାତ୍ରୀଙ୍କୁ ଉପଦେଶ ଦେଇଥିଲେ। କାର୍ଯ୍ୟକ୍ରମରେ ଏସ୍‌ପିଏସ୍‌ର ଡିନ୍ ପ୍ରଫେସର ସୁଦାମ ଚନ୍ଦ୍ର ସି ସ୍ୱାଗତ ଭାଷଣ ଦେଇଥିବା ବେଳେ ସାହିତ୍ୟିକା ଶ୍ରୀମତି ମମତା ଦାସ ମୁଖ୍ୟ ବକ୍ତା ଓ ସୋଆ ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତିରନ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଅନୁଷ୍ଠାନର ବାର୍ଷିକ ପତ୍ରିକା 'ଆରୋନ - ୨୦୨୪' ଉନ୍ମୋଚିତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାର ବିଜେତା ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମକୁ ଏସ୍‌ପିଏସ୍‌ର ପ୍ରଫେସର (ଡକ୍ଟର) ଲକ୍ଷ୍ମୀଧର ମହାରଣା ପରିଚାଳନା କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଷ୍ଟାର ନାଇଟ୍ ମୁଖ୍ୟ ଆକର୍ଷଣ ଥିଲା।

ମୋ ବସ ଧକ୍କାରେ ପର୍ଯ୍ୟଟକ ଆହତ

ବାରଙ୍ଗ, (ସବ୍ୟୁ): ମୋ ବସ ଚାଳକଙ୍କ ବେପୁରିଆ ଗାଡ଼ି ଚାଳନା ଯୋଗୁଁ ନନ୍ଦନକାନନ ପ୍ରାଣୀ ଉଦ୍ୟାନକୁ ବୁଲିବାକୁ ଆସିଥିବା ପର୍ଯ୍ୟଟକ ଦୁର୍ଘଟଣାର ଶିକାର ହୋଇଛନ୍ତି । ପର୍ଯ୍ୟଟକ ଜଣକ କୋଲକାତା ର ମନୀଷ ଚହ୍ୱାନ ବୋଲି ଜଣାପଡିଛି । ପ୍ରକାଶ ଯେ, ଶନିବାର ଦିନ ମନିସ ଓଡ଼ି ୧୩ କ୍ୟୁ ୪୩୯୭ ନମ୍ବର ଏକ ସ୍କୁଟି ଯୋଗେ ତାଙ୍କ ସାଙ୍ଗ ସହିତ ନନ୍ଦନକାନନ ବୁଲିବାକୁ ଆସିଥିଲେ। ଗାଡ଼ି ପାର୍କିଂ ରେ ରଖିବାକୁ ଟିକେଟ କଥା ବୁଝିବାକୁ ତାଙ୍କ ସାଙ୍ଗ ଗାଡ଼ି ପାର୍କିଂ କୁ ଯାଇଥିବା ବେଳେ ମନିସ ପାର୍କିଂ ସାମ୍ନାରେ ଗାଡ଼ି ଉପରେ ବସିଥିଲେ । ଭୁବନେଶ୍ୱର ରୁ ନନ୍ଦନକାନନ ଅଭିମୁଖେ ଓଡି ୩୩ ୟୁ ୯୩୨୫ ନମ୍ବର ମୋ ବସ ଦ୍ରୁତ ଗତିରେ ଆସି ମନିସ୍ ଗାଡ଼ିକୁ ଧକ୍କା ଦେଇଥିଲା । ପାଖରେ ଥିବା କିଛି ଲୋକ ପାଟି କରିବାରୁ ମୋ ବସ ଚାଳକ ଗାଡ଼ିକୁ ରୋକିଥିଲେ। ବସ ଧକ୍କାରେ ମନୀଷ ସାମାନ୍ୟ ଆହତ ହୋଇଛନ୍ତି। ଏନେଇ ମଣିଷ କୁହନ୍ତି ଯଦି ଲୋକେ ନପାଟି କରିଥାନ୍ତେ ମନୀଷ ଗାଡ଼ି ସହ ବସ ତଳେ ଗପି ହୋଇଥାନ୍ତେ ଏବଂ ମୃତ୍ୟୁ ମୁଖରୁ ଅଳ୍ପକେ ବର୍ତ୍ତିଲେ ବୋଲି କହିଛନ୍ତି।

ବୈଶାଖୀ ବାଣିଜ୍ୟ ମେଳାରେ ରୁଚି ଗ୍ରାହକଙ୍କୁ ଅଫର ବର୍ଷା

ସାମଗ୍ରୀ କିଣି ଜିତିଲେ ଇ-ସ୍କୁଟର, ରାଇସ୍ କୁକର୍ ଓ ଅନେକ ପୁରସ୍କାର

କଟକ, (ସ୍ୱପ୍ର) : କଟକ ବୈଶାଖୀ ବାଣିଜ୍ୟମେଳାର ମୁଖ୍ୟ ପ୍ରାୟୋଜକ ରୁଚି ଫୁଡ୍‌ଲାଇନ ଷ୍ଟଲରୁ ସାମଗ୍ରୀ କିଣି ଦୁଇଜଣ ଗ୍ରାହକ ଜିତିଛନ୍ତି ଆକର୍ଷଣୀୟ ଦୁଇଟି ଇ-ସ୍କୁଟର । ବାଲିଯାତ୍ରା ପଡ଼ିଆରେ ଖୋଲିଥିବା ବାଣିଜ୍ୟମେଳାରେ ରୁଚି ପକ୍ଷରୁ ଗ୍ରାହକମାନଙ୍କ ପାଇଁ ଫେଷ୍ଟିଭାଲ ବୋନାଞ୍ଜା ଅଫରରେ ୫ହଜାରରୁ ଅଧିକ ଗ୍ରାହକ ଷ୍ଟଲରୁ ସାମଗ୍ରୀ କିଣି ଉଇନିଂ କୋଡ୍ ମେସେଜ୍ ପଠାଇ ବିଜେତା ଘୋଷିତ ହୋଇଥିଲେ । ଏହି ଯୋଜନାରେ କଟକ ମଙ୍ଗଳାବାଗର ସାଗର କୁମାର ଦାଶ ଓ ଫ୍ରେଣ୍ଡସ୍ କଲୋନିର ଜଟାଧାରୀ ପ୍ରଧାନ ଦୁଇଟି ଇ-ସ୍କୁଟର ବିଜେତା ହୋଇଥିଲା ବେଳେ ରାଜେନ୍ଦ୍ରନଗରର ଶୁଭଲକ୍ଷ୍ମୀ ଲେଙ୍କା, ସେଲ୍‌ଟର ଛକର ମୋନାଲିସା ନାୟକ ଓ ଏସ୍‌ସିବି ମେଡ଼ିକାଲ କଲେଜର ବିଚିତ୍ର କୁମାର ନାୟକ ରାଇସ୍ କୁକର ଜିତିଥିଲେ । ଉଦ୍‌ଯାପନୀ ସନ୍ଧ୍ୟାରେ ବିଶିଷ୍ଟ ଉଦ୍ୟୋଗୀ କେ.ରାଧାକ୍ରିଷ୍ଣନ ଓ ଓଡ଼ିଆ ଚଳଚ୍ଚିତ୍ର ତାରକା ଶୁଭାଶିଷ ମୁଖ୍ୟଅତିଥି ଭାବେ ଯୋଗଦେଇ ଭାଗ୍ୟଶାଳୀ ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ସେହିଭଳି ୧୧ ଦିନ ଧରି ବୈଶାଖୀ ମେଳାରେ ରୁଚି ପକ୍ଷରୁ ପ୍ରତିଦିନ ବିଭିନ୍ନ ମନୋରଂଜନଧର୍ମୀ କାର୍ଯ୍ୟକ୍ରମ, ପ୍ରଶ୍ନୋତ୍ତରୀ, କୁଇଜ୍, ବିଭିନ୍ନ ପ୍ରକାରର ଖେଳ ରଖାଯାଇ ଗୃହିଣୀ, ଛୋଟ ଛୋଟ ପିଲା, ଛାତ୍ରଛାତ୍ରୀ ଓ ଯୁବବର୍ଗଙ୍କୁ ମଧ୍ୟ ଡିନରସେଟ୍, ଟି-ସାର୍ଟ, ସ୍କୁଲ ବ୍ୟାଗ୍, ଟ୍ରେ ଓ ଟାୱେଲ ପୁରସ୍କାର ସ୍ୱରୂପ ପ୍ରଦାନ କରାଯାଇଥିଲା । ମେଳାରେ ରୁଚିର ବିଭିନ୍ନ ସାମଗ୍ରୀ ଉପରେ ମଧ୍ୟ ଅନେକ ଉପହାର ରଖାଯାଇଥିଲା । ଚଳିତବର୍ଷର ବିଂଶତମ କଟକ ବୈଶାଖୀ ବାଣିଜ୍ୟରେ ରୁଚି ଫୁଡ୍‌ଲାଇନ୍‌ର ବିକ୍ରୟ ସଫଳତା ବେଶ୍ ଉତ୍ସାହଜନକ ଥିଲା ଏବଂ ଏହା ସବୁ ବର୍ଗର ଗ୍ରାହକମାନଙ୍କ ପାଇଁ ମୁଖ୍ୟ ଆକର୍ଷଣ ରହିଥିଲା ବୋଲି କହିଛନ୍ତି ରୁଚିର ପରିଚାଳନା ନିର୍ଦ୍ଦେଶକ ଡ. ଶରତ କୁମାର ସାହୁ । ଉଦ୍‌ଯାପନ ସନ୍ଧ୍ୟାରେ ମାର୍କେଟିଂ ବିଭାଗ ମୁଖ୍ୟ ଦେବବ୍ରତ ପଟ୍ଟନାୟକ, ପ୍ରଶାସନିକ ପ୍ରବନ୍ଧକ ମୃଣାଳିନୀ ରାଉତ, ବ୍ରାଣ୍ଡିଂ ମ୍ୟାନେଜର ନ୍ୟାୟବ୍ରତ ରାଉତ, ସହକାରୀ ପ୍ରବନ୍ଧକ ସାଗର ରଂଜନ ବାରିକ, ସିଆର୍‌ଏମ୍ ଅଧିକାରୀ ସୋନାଲି ସାହୁ ଓ ବିକ୍ରୟ ପ୍ରତିନିଧି ଶୁଭାଶିଷ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ମେଳାର ସଂଯୋଜକ ଦେବୀ ପ୍ରସାଦ ଦାଶ ଓ ହ୍ୱାଇଟ୍ କାନଭାସ୍‌ର ମୁଖ୍ୟ ଉଲ୍ଲାସ ଚନ୍ଦ୍ର ବେହୁରା ପ୍ରମୁଖ ଉପସ୍ଥିତ ଥିଲେ ।

ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ରଥଯାତ୍ରା ପ୍ରସ୍ତୁତି ବୈଠକ

ପୁରୀ (ସବ୍ୟୁ): ୨୦୨୪ ମସିହାର ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପାଇଁ ପ୍ରଥମ ପ୍ରସ୍ତୁତି ବୈଠକ ଆଜି ପୂର୍ବାହ୍ନରେ ସର୍କିଟ ହାଉସ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସମସ୍ତଙ୍କୁ ସ୍ୱାଗତ କରିବା ସହ ବିଗତ ବର୍ଷ ମାନଙ୍କ ଭଳି ଚଳିତ ବର୍ଷ ମଧ୍ୟ ସମସ୍ତଙ୍କ ସହଯୋଗରେ ମହାପ୍ରଭୁଙ୍କ ରଥଯାତ୍ରା କୁ ସୁନ୍ଦର ଓ ଶୃଙ୍ଖଳିତ ଭାବେ ପରିଚାଳନା କରିବାକୁ ଆହ୍ୱାନ ଦେଇଥିଲେ । ବିଭିନ୍ନ ବିଭାଗ କୁ ଯେଉଁ ଦାୟିତ୍ୱ ଦିଆଯାଉଛି ତାହାକୁ ଅଗ୍ରାଧିକାର ଭିତ୍ତିରେ ସମ୍ପୂର୍ଣ୍ଣ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ । ଚଳିତ ବର୍ଷ ନିର୍ବାଚନ ସହ ରଥଯାତ୍ରା ର ପ୍ରସ୍ତୁତି କରିବାକୁ ହେବ । ତେଣୁ ପ୍ରତ୍ୟେକ ବିଭାଗ ତତ୍ପରତାର ସହ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେଛରଥକାଠ ସଂଗ୍ରହ, ରଥ ନିର୍ମାଣ, ରଥଖଳା ପରିଷ୍କାର, ରଥଯାତ୍ରା ନିମନ୍ତେ ବିଭିନ୍ନ ସାମଗ୍ରୀ ସଂଗ୍ରହ ଓ ଯୋଗାଣ, ରଥକପଡା ସଂଗ୍ରହ, ନୀତି ସଂପାଦନ, ରଥଟଣା, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ବିଦ୍ୟୁତ ଯୋଗାଣ, ପରିବହନ ବ୍ୟବସ୍ଥା, ରାସ୍ତା ଘାଟ ମରାମତି ଓ ଉନ୍ନତି କରଣ,ପାର୍କିଂ ସ୍ଥଳ,ଶାନ୍ତି ଶୃଙ୍ଖଳା ରକ୍ଷା, ସୂଚନା ଓ ପ୍ରସାରଣ ବ୍ୟବସ୍ଥା, ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ, ପଲ୍ଲିଶ୍ରୀ ମେଳା ଓ ପ୍ରଦର୍ଶନୀ ଆୟୋଜନ, ସ୍ୱେଚ୍ଛାସେବୀ ନିୟୋଜନ ଇତ୍ୟାଦି ସମ୍ବନ୍ଧ ରେ ବିସ୍ତୃତ ଆଲୋଚନା ହେବା ସହ ସମ୍ପୃକ୍ତ ବିଭାଗ ମାନେ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏସ ପି ପୀନାକ ମିଶ୍ର ରଥଯାତ୍ରା ପାଇଁ ଆଇନଶୃଙ୍ଖଳା ରକ୍ଷା ର ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେବା ସହ ସମସ୍ତ କାର୍ଯ୍ୟ ର ସଫଳତା ପାଇଁ ସମ୍ମିଳିତ ଭାବେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ଅସୁରକ୍ଷିତ ବିଲ୍ଡିଂ ର ଚିହ୍ନଟ ଓ କାର୍ଯ୍ୟାନୁଷ୍ଠାନ, ଅଗ୍ନି ନିର୍ବାପକ ବ୍ୟବସ୍ଥା ର ସମୀକ୍ଷା ଇତ୍ୟାଦି କୁ ଯୁଗ୍ମ ତଦନ୍ତ ମାଧ୍ୟମରେ ତ୍ୱରାନ୍ୱିତ ପାଇଁ ସେ ପରାମର୍ଶ ଦେଇଥିଲେଛପ୍ରାରମ୍ଭରେ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ପ୍ରଦୀପ କୁମାର ସାହୁ ବିଗତ ବର୍ଷ ମାନଙ୍କର ରଥଯାତ୍ରା ପରିଚାଳନା ସମ୍ପର୍କରେ ଆଲୋକପାତ କରି ଅନୁଭବ ଓ ଅଭିଜ୍ଞତା ଆଧାର ରେ ରଥଯାତ୍ରା କୁ ସଫଳ କରିବାକୁ ଅନୁରୋଧ କରିଥିଲେ । ନିତୀ ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ ରଥକାଠ ର ଆବଶ୍ୟକତା, ଉପଲବ୍ଧ କାଠର ବିବରଣୀ, ଅନ୍ୟାନ୍ୟ ସାମଗ୍ରୀ ସଂଗ୍ରହ ସମ୍ପର୍କରେ ଆଲୋଚନା କରିଥିଲେ ।

ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟ ମାନେ ରଥଯାତ୍ରା ର ସଫଳ ଆୟୋଜନ ପାଇଁ ବିବିଧ ପରାମର୍ଶ ଦେବା ସହ ପରିକ୍ରମା ପ୍ରକଳ୍ପ ପରେ ଏହା ପ୍ରଥମ ରଥଯାତ୍ରା ହୋଇ ଥିବାରୁ ବ୍ୟାପକ ଜନଗହଳି ର ଆଶା ଥିବାରୁ ସେଥିପାଇଁ ବ୍ୟବସ୍ଥା ଓ ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପରିଚାଳନା କମିଟିର ସଦସ୍ୟ ଅନନ୍ତ ତିଆଡି,ଦୁର୍ଗା ପ୍ରସାଦ ଦାସମହାପାତ୍ର, ମାଧବ ଚନ୍ଦ୍ର ପୂଜାପଣ୍ଡା, ଜଗନ୍ନାଥ ସିଂହାରୀ,ମାଧବ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରାଙ୍କ,ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନୀଳମାଧବ ଭୋଇ,ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଉପଜିଲ୍ଲାପାଳ ଗୋପୀନାଥ କୁଅଁର,, ପୌରନିର୍ବାହୀ ଅଧିକାରୀ ପ୍ରଜ୍ଞାଶ୍ରୀ ପ୍ରିୟମ୍ବଦା , ଡେପୁଟି କଲେକ୍ଟର ପ୍ରିୟଦର୍ଶନୀ ମଲ୍ଲିକ,ରାକେଶ କୁମାର ପଣ୍ଡା,ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା ସୁଜାତା ମିଶ୍ର,ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ରଶ୍ମି ରଞ୍ଜନ ସାହୁ, ବିଭିନ୍ନ ବିଭାଗର ଅଧିକାରୀ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ସୂଚନା ଯୋଗ୍ୟ ଯେ ଚଳିତ ବର୍ଷ ରଥଯାତ୍ରା ଜୁଲାଇ ୭ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଥିବା ବେଳେ ଦେବସ୍ନାନ ପୂର୍ଣ୍ଣିମା ଜୁନ ୨୨ ତାରିଖରେ ଅନୁଷ୍ଠିତ ହେବ ବୋଲି ନିତୀ ପ୍ରଶାସକ ଅବଗତ କରାଇଥିଲେ ।

ବୀରମହାରାଜପୁର ଓକିଲ ସଂଘର ନିର୍ବାଚନ

ବିରାମହାରାଜପୁର,(ସବ୍ୟୁ): ସୋନପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଓକିଲ ସଂଘର ବାର୍ଷିକ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସଭାପତି ପଦ ପାଇଁ ଗତଥରର ସଭାପତି ରାଧାକାନ୍ତ ମହାକୁର ଏବଂ ଉପ-ସଭାପତି ରାଧାକାନ୍ତ ବାଘଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ହୋଇଥିଲା । ଏଥିରେ ୨୩ ଖଣ୍ଡ ଅଧିକ ଭୋଟ ପାଇ ରାଧାକାନ୍ତ ମହାକୁର ବିଜୟୀ ହୋଇଛନ୍ତି । ସମ୍ପାଦକ ପଦ ପାଇଁ ଗତଥରର ସମ୍ପାଦକ ଉମାଶଙ୍କର ପଣ୍ଡା ଏବଂ ଭରତ ଲାଲ ଅଗ୍ରୱାଲଙ୍କ ମଧ୍ୟରେ ପ୍ରତଦ୍ୱନ୍ଦିତା ହୋଇଥିଲା । ଏଥିରେ ଭରତ ଲାଲ ଅଗ୍ରୱାଲ ୨୮ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ଉପ-ସଭାପତି ସନ୍ତୋଷ କୁମାର ଚାନ୍ଦ, ଯୁଗ୍ମ ସମ୍ପାଦକ ବିଭୁତିଭୂଷଣ ହୋତା, କାର୍ଯ୍ୟକାରୀଣୀ ସଦସ୍ୟ ଚିତ୍ତ ରଞ୍ଜନ ମିଶ୍ର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତ। ଅନ୍ୟ ପଦବୀ ଗୁଡିକ ନୂତନ ପଦାଧିକାରୀ ଦାୟିତ୍ୱ ନେବା ସମୟରେ ପୂରଣ କରାଯିବ ବୋଲି ନବ ନିର୍ବାଚିତ ସଭାପତି ଏବଂ ସମ୍ପାଦକ ପ୍ରକାଶ କରିଛନ୍ତି।

୨୦୨୪ ଏପ୍ରିଲ ନିମନ୍ତେ ଆକାଶ ସମ୍ବଲପୁରର ଶିକ୍ଷା ବୃତ୍ତି ଘୋଷଣା

ଭୁବନେଶ୍ୱର (ସବ୍ୟୁ): ଟେଷ୍ଟ ପ୍ରସ୍ତୁତି ସେବା କ୍ଷେତ୍ରରେ ଏକ ଜାତୀୟସ୍ତରରେ ଅଗ୍ରଣୀ, ଆକାଶ ଏଜୁକେସ୍‌ନାଲ ସର୍ଭିସେସ ଲିମିଟେଡ (ଏଇଏସଏଲ)ର ସମ୍ବଲପୁର ଶାଖା ପକ୍ଷରୁ ୨୦୨୪ ଏପ୍ରିଲରେ ତାହାର ନୂଆ ସେସନ ଆରମ୍ଭ ହେବା ପୂର୍ବରୁ ବିଭିନ୍ନ ବୃତି ଘୋଷଣା କରାଯାଇଛି। ପ୍ରଥମ ବୃତି ହେଉଛି ଇନଷ୍ଟାଂଟ ଆଡମିସନ କମ ସ୍କଲାରସିପ ଟେଷ୍ଟ (ଆଇଏସିଏସଟି), ଯାହା ମେଡିକାଲ, ଇଞ୍ଜିନିୟରିଂ ଏବଂ ଫାଉଣ୍ଡେସନ ପାଠ୍ୟକ୍ରମଗୁଡିକରେ ନାମଲେଖା ନିମନ୍ତେ ୯୦% ପର୍ଯ୍ୟନ୍ତ ବୃତି ପ୍ରଦାନ କରୁଛି। ଏଥିସହିତ ଆକାଶ ସହିଦ, ପ୍ରତିରକ୍ଷା କର୍ମଚାରୀ ଏବଂ ଆତଙ୍କବାଦରେ ପ୍ରଭାବିତ ବ୍ୟକ୍ତିବିଶେଷଙ୍କ ପିଲାମାନଙ୍କୁ ସ୍ୱତନ୍ତ୍ର ରିଆତି ପ୍ରଦାନ କରିବା ଅନୁପ ଅଗ୍ରୱାଲ, ଚିଫ ବିଜିନେସ ଅଫିସର, ଆକାଶ ଏଜୁକେସ୍‌ନାଲ ସର୍ଭିସେସ ଲିମିଟେଡ କହିଛନ୍ତି, 'ସମଗ୍ର ଭାରତରେ ଛାତ୍ରଛାତ୍ରୀଙ୍କ ପାଇଁ ସୁଲଭ ଏବଂ ପ୍ରଭାବୀ ଶିକ୍ଷାଗତ ସୁଯୋଗ ଯୋଗାଇଦେବାକୁ ଆମେ ଏକନିଷ୍ଠ ରହିଛୁ। ଆଇଏସିଏସଟି ଭଳି ପ୍ରୟାସ ଏବଂ ଆମର ବୃତି କାର୍ଯ୍ୟକ୍ରମଗୁଡିକ ଜରିଆରେ ଆମେ ଯୋଗ୍ୟ ଛାତ୍ରଛାତ୍ରୀଙ୍କୁ ସେମାନଙ୍କର ଶିକ୍ଷାଗତ ଏବଂ କ୍ୟାରିୟର ଆଶା ପୂରଣ କରିବା ଦିଗରେ ସଶକ୍ତ କରିବାକୁ ଲକ୍ଷ୍ୟ ରଖିଛୁ। ଆମର ସାହସୀ ସଶସ୍ତ୍ର ବାହିନୀ ଜବାନଙ୍କ ପିଲାମାନଙ୍କ ଶିକ୍ଷା ପ୍ରତି ସମର୍ଥନ ଯୋଗାଇଦେବା ପରମ୍ପରା ଜାରି ରଖିବା ନେଇ ଆମେ ଗର୍ବିତ ଏବଂ ଶିକ୍ଷା କ୍ଷେତ୍ରରେ ଉତ୍କର୍ଷ ଓ ଅଭିରୁଚିକୁ ପ୍ରୋତ୍ସାହିତ କରିବା ସକାଶେ ପ୍ରତିବଦ୍ଧ ରହିଛୁ।'

ବିଜେଡ଼ିରେ ଯୋଗଦେଲେ ପୂର୍ବତନ କଂଗ୍ରେସ ବିଧାୟକ କେ. ସୁରିଆରାଓ

ଭୁବନେଶ୍ୱର (ସବ୍ୟୁ): ଗଞ୍ଜାମ ଜିଲ୍ଲା ପାରଳାଖେମୁଣ୍ଡି ନିର୍ବାଚନମଣ୍ଡଳୀର ପୂର୍ବତନ କଂଗ୍ରେସ ବିଧାୟକ କେ. ସୁରିଆରାଓଙ୍କ ସମେତ ଶତାଧିକ କଂଗ୍ରେସ କର୍ମକର୍ତ୍ତା ଓ ନିର୍ବାଚନ ପ୍ରତିନିଧି ଶନିବାର ଶଙ୍ଖଭବନ ଠାରେ ମନ୍ତ୍ରୀ ତଥା ମହାକାଳପଡ଼ା ବିଧାୟକ ଅତନୁସବ୍ୟସାଚୀ ନାୟକ ଓ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି । ଦଳରେ ସାମିଲ୍ ହୋଇଥିବା କେ.ସୁରିଆରା ଓ ଏବଂ ଶତାଧିକ କଂଗ୍ରେସ କର୍ମକର୍ତ୍ତା ଓ ନିର୍ବାଚିତ ପ୍ରତିନିଧିଙ୍କୁ ଶ୍ରୀ ନାୟକ ଓଡକ୍ଟର ପାତ୍ର ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ । ଶନିବାର କଂଗ୍ରେସ କର୍ମୀଙ୍କ ଯୋଗଦାନ ଫଳରେ ବିଶେଷ କରି ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି ଶ୍ରୀ ନାୟକ ଓ ଡକ୍ଟର ପାତ୍ର କହିଥିଲେ ।

ଏହି ଅବସରରେ ବିଜେଡ଼ିରେ ସାମିଲ୍ ହୋଇଥିବାକେ. ସୁରିଆରା ଓ ନିଜ ପ୍ରତିକ୍ରିୟାରେ କହିଥିଲେ ଯେ, କୌଣସି ଆଶା ନେଇ ବିଜେଡ଼ିରେ ମିଶିନାହିଁ । ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀକାର୍ଯ୍ୟ, ସ୍ୱଚ୍ଛଶାସନ, ନିର୍ମଳଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ବିଧିବଦ୍ଧ ଭାବେ ବିଜେଡିରେ ଯୋଗଦେଲି । ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ମୋତେ ଯାହା ଦାୟିତ୍ୱ ଦେବେ ତାକୁ ସୁଚାରୁରୂପେ ତୁଲାଇବି । ଦଳରେ ମୋତେ ଏବଂ ମୋ ସହଯୋଗ ଦେଇଥିବା ସମସ୍ତ କଂଗ୍ରେସ କର୍ମୀଙ୍କୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ ।

ଏହି ମିଶ୍ରଣ ପର୍ବରେ ସରପଞ୍ଚ ସର୍ବଶ୍ରୀ ତିଶାନୋଭୂୟାଁ, ପିନୋଷ ରାଇତା, ପ୍ରଫୁଲ୍ଲ ଶବର, ମୀନିତାଭୂୟାଁ, ଏଡ଼ାଙ୍ଗ ଶବର, ସମିତିସଭ୍ୟ ଲତାରାଇକା, ନାଏବ ସରପଞ୍ଚ ରାଜେନ୍ଦ୍ର ରାଇକା, ୱାର୍ଡମେମ୍ବର ଆରତୀରାଇତା, ଉମାଶଙ୍କର ଶବର, ଆୟଜ ନାଏକଙ୍କ ସହ ଶତାଧିକ ନିର୍ବାଚିତ ପ୍ରତିନିଧି ଓ କଂଗ୍ରେସ କର୍ମୀ ବିଜେଡ଼ିରେ ସାମିଲ ହୋଇଥିଲେ । ଏହି ମିଶ୍ରଣ ପର୍ବରେ ଗଜପତିଜିଲ୍ଲା ପରିଷଦ ଅଧକ୍ଷ ଜି.ତିରୁପତିରାଓ ଉପସ୍ଥିତ ଥିଲେ । ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

ବନ୍ଧୁକ ଜବତ ଜଣେ ଗିରଫ

ଦଶପଲ୍ଲା, (ସବ୍ୟୁ): ନିର୍ବାଚନ ପୂର୍ବରୁ ବାଣୀଗୋଛା ଥାନା ଆଇଆଇସି ଲକ୍ଷ୍ମଣ ଦଣ୍ଡସେନା ମିଶନ ବନ୍ଧୁକ ମୁଡରେ ରହିଛନ୍ତି । ଗତ ତିନିମାସ ମଧ୍ୟରେ ବାଣୀଗୋଛା ପୋଲିସ ୮ଟି ବନ୍ଧୁକ ଜବତ କରିବା ସହ ଏଥିରେ ସମ୍ପୃକ୍ତ ୮ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗତ ଦୁଇଦିନ ମଧ୍ୟରେ ପୋଲିସ ତିନୋଟି ବନ୍ଧୁକ ଜବତ କରିବା ସହ ଏଥିରେ ସମ୍ପୃକ୍ତ ତିନିଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ୨୮ ତାରିଖ ରେ ପୋଲିସ ନେଡ଼ିପଦର ଗ୍ରାମରେ ଚଢ଼ାଉ କରି ସେହି ଗ୍ରାମର ବଶିଷ୍ଠ ବେହେରା ଓ ପ୍ରଦୀପ ବେହେରାଙ୍କ ଘରୁ ଦୁଇଟି ବନ୍ଧୁକ ଜବତ କରିଥିବା ବେଳେ ଉଭୟଙ୍କୁ ଗିରଫ କରି ୨୯ ତାରିଖ ଦିନ କୋର୍ଟ ଚାଲାଣ କରିଥିଲେ । ସେହିପରି ୨୯ ତାରିଖ ଦିନ ପକ୍ଷ ପକ୍ଷରୁ ଚଢ଼ାଉ କରାଯାଇ ବନ୍ଦରସାହିର ବୁଦ୍ଧିଆ ମଲିକଙ୍କ ଘରୁ ଏକ ବନ୍ଧୁକ ଜବତ କରିଛି। ଏହି ଘଟଣାରେ ପୋଲିସ ଏକ ମାମଲା ରୁଜୁ କରି ବୁଦ୍ଧିଆକୁ ଗିରଫ କରି ୩୦ ତାରିଖରେ କୋର୍ଟ ଚାଲାଣ କରିଛି । ପୋଲିସ ର ଏହି ଚୋରା ବନ୍ଧୁକ ଧର ପଗଡ଼ କୁ ସାଧାରଣରେ ପ୍ରଶଂସା କରାଯାଇଛି ।

ସାଂସଦଙ୍କ ବିରୋଧରେ କାଳୁଙ୍କ ରଣହୁଙ୍କାର

ଖୋର୍ଦ୍ଧା (ସବ୍ୟୁ): ସାଂସଦ ଅପରାଜିତା ଷଡଙ୍ଗୀଙ୍କୁ ବିଜେପି କର୍ମୀଙ୍କ ଘୋର ବିରୋଧ । ଅପରାଜିତାଙ୍କ ମନମୁଖୀ କାର୍ଯ୍ୟକୁ ତୀବ୍ର ସମାଲୋଚନା କରିଛନ୍ତି ବିଜେପି କର୍ମୀ । ଭୁବନେଶ୍ୱର ଓ ବେଗୁନିଆ ପରେ ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀରେ ଅପରାଜିତାଙ୍କୁ ବିରୋଧ କରାଯାଇଛି । ବିଜେପି କର୍ମୀ ଖୋର୍ଦ୍ଧାରେ ଅପରାଜିତାଙ୍କ ବିରୋଧରେ ମହାମେଳି କରିବା ସହ ଭୁବନେଶ୍ୱର ବିଜେପି ରାଜ୍ୟ କାର୍ଯ୍ୟାଳୟରେ ପହଁଚି ହଙ୍ଗାମା କରିଛନ୍ତି ।

ଖୋର୍ଦ୍ଧାରେ ସାଂସଦ ଅପରାଜିତାଙ୍କୁ ବିରୋଧ । ସବୁଠି ଏବେ ଅପରାଜିତାଙ୍କୁ ନେଇ ଦଳରେ ବଢ଼ୁଛି ଅସନ୍ତୋଷ । ଶୁକ୍ରବାର ମଲିପଡା ସ୍ଥିତ ଭାଜପା କାର୍ଯ୍ୟାଳୟରେ ଏକାଠି ହୋଇଥିଲେ କର୍ମୀ। ଟାଙ୍ଗୀ ବ୍ଲକ ଲେଣ୍ଡୋ ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମ ରେ ଖୋର୍ଦ୍ଧା ନିର୍ବାଚନମଣ୍ଡଳୀରେ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ ଙ୍କୁ ଦାୟିତ୍ୱ ଘୋଷଣା କରିଥିଲେ ଅପରାଜିତା। ସାଂସଦଙ୍କ ଏହି ମନ୍ତବ୍ୟକୁ ନେଇ କାଳୁଚରଣ ଖଣ୍ଡାୟତରାୟଙ୍କ ସମର୍ଥକ ଏହାର ତୀବ୍ର ବିରୋଧ କରିଥିଲେ । ଶନିବାର ଶତାଧିକ କର୍ମୀ ବାଟମଙ୍ଗଳା ଠାରେ ଅପରାଜିତାଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ସାଂସଦଙ୍କ ମନମୁଖୀ କାର୍ଯ୍ୟକୁ ତୀବ୍ର ସମାଲୋଚନା କରିଥିଲେ କର୍ମୀ । ଶ୍ରୀ ଖଣ୍ଡାୟତରାୟ କହିଲେ ମୋ ସହ ବେଇମାନୀ କରିଛନ୍ତି ଅପରାଜିତା । କାଳୁଙ୍କ ନେତୃତ୍ୱରେ ରାଜ୍ୟ ନେତୃତ୍ୱ ସହ ଆଲୋଚନା ପାଇଁ ୧ହଜାର ଉର୍ଦ୍ଧ୍ୱ କର୍ମୀ ଯାଇଥିଲେ । ରାଜ୍ୟ ବିଜେପି

କାର୍ଯ୍ୟାଳୟ ଆଗରେ କଡ଼ା ପ୍ରତିବାଦ କରିଛନ୍ତି । ଅପରାଜିତାଙ୍କ ମନମୁଖୀ କାର୍ଯ୍ୟକୁ ବିରୋଧ କରି ଦଳ ଛାଡ଼ିବାକୁ ଧମକ ଦେଇଛନ୍ତି ହଜାର ହଜାର ସମର୍ଥକ । କାଳୁଚରଣ ଖଣ୍ଡାୟତରାୟଙ୍କ ସମର୍ଥକ ବିଜେପି ରାଜ୍ୟ କାର୍ଯ୍ୟାଳୟ ଆଗରେ ବିହାରି ଗୋବ୍ୟାକ୍ ଭଳି ସ୍ଲୋଗାନ ଦେଇଥିଲେ । କାଳୁ ଖଣ୍ଡାୟତରାୟଙ୍କ ସମର୍ଥକଙ୍କ ଆଶଙ୍କା ଯେ, ପ୍ରଶାନ୍ତ ଜଗଦେବଙ୍କୁ ପ୍ରାର୍ଥୀ କରିବାକୁ ଅପରାଜିତ ଉଦ୍ୟମ କରୁଛନ୍ତି ।

ଏହି ବିରୋଧକୁ ଦେଖି, ପ୍ରଶାନ୍ତ ଜଗଦେବ କହିଛନ୍ତି ଯେ, ସେ ଖୋର୍ଦ୍ଧାରୁ ପ୍ରାର୍ଥୀ ହେବେ ନାହିଁ । ସେ ନିର୍ବାଚନ ଲଢ଼ିବାକୁ ଦଳକୁ ଆସି ନାହାନ୍ତି । କାଳୁ ଖଣ୍ଡାୟତରାୟ ଓ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ମଧ୍ୟରେ ଆଲୋଚନା ହୋଇଥିଲା । କାଳୁ ଖଣ୍ଡାୟତରାୟଙ୍କ ନିଷ୍ଠାପର ସେବା ଓ ଭାବାବେଗକୁ ସମ୍ମାନ ଜଣାଇ ତାଙ୍କୁ ଖୋର୍ଦ୍ଧାରୁ ବିଧାୟକ ପ୍ରାର୍ଥୀ କରିବାକୁ ରାଜ୍ୟ ସଭାପତି ମନମୋହନ ସାମଲ ତାଙ୍କୁ ପ୍ରତିଶୃତି ଦେଇଛନ୍ତି ବୋଲି ତାଙ୍କ ସମର୍ଥକ ଦାବି କରିଛନ୍ତି ।

ଅସ୍ତରଙ୍ଗ ପୋଲିସ କବ୍‌ଜାରେ ବ୍ରାଉନ ସୁଗର ବେପାରୀ

ଅସ୍ତରଙ୍ଗ, (ସବ୍ୟୁ): ଦିନକୁ ଦିନ ଅସ୍ତରଙ୍ଗ ଅଞ୍ଚଳ ରେ ବଢ଼ି ଚାଲିଛି ନିଶା କାରବାର । ଚୋରା ମଦ ବ୍ୟବସାୟ ଠାରୁ ଆରମ୍ଭ କରି ବୃଦ୍ଧି ପାଇବାରେ ଲାଗିଛ ଧଳା ଜହର ବ୍ୟବସାୟ, ସହ ବ୍ରାଉନ ସୁଗାର ମଧ । ବ୍ରାଉନସୁଗାର ବେପାରୀ ଙ୍କୁ ଧରିବା ପାଇଁ ଅସ୍ତରଙ୍ଗ ପୋଲିସ ତରଫରୁ ଦୀର୍ଘ ଦିନ ହେବ ଥାନା ଅଧିକାରୀ ରାଜେଶ ବଳିୟାରସିଂ ଙ୍କ ନେତୃତ୍ୱରେ ଏକ ସ୍ପେସିଆଲ ଟିମ୍ ଗଠନ ହୋଇଥିଲା। କିନ୍ତୁ ଶନିବାର ସକାଳ ୭:୩୦ମିନିଟ ପାଖାପାଖି ଅସ୍ତରଙ୍ଗ ଥାନା ପୋଲିସ ସବ ଇନିସପେକ୍ଟର ଅଜୟ ନାୟକ, ବିଶେଷ ସୂତ୍ରରୁ ଖବର ପାଇ ଏହି ଥାନା ଅଧୀନ ଓସିଆଁ, ରାସ୍ତାରେ ପାଞ୍ଚ ଜଣିଆ ଟିମ୍ ଙ୍କୁ ନେଇ ଏକ ଧଳା ଜହର ବ୍ୟବସାୟୀକୁ କାବୁ କରିଥିଲେ । ତାକୁ ହାଜତ କୁ ଆଣି ପଚରା ଉଚରା କରିବା ସହିତ ତା ପାଖରୁ ନଗଦ ୬ ଗ୍ରାମ ବ୍ରାଉନ ସୁଗାର ଜବତ କରିଥିଲେ । କେସ ନମ୍ବର ୬୮/୨୪ ରେ ଏକ ମାମଲା ରୁଜୁ କରି ତାହାର ଡାକ୍ତରୀ ମାଇନା କରି ତାକୁ ଆଜି ଅପରାହ୍ନରେ ରେ କୋର୍ଟ ଚାଲାଣ କରାଯାଇଛି । ସୂଚନା ମୁତାବକ ଉକ୍ତ ଯୁବକର ନାମ ସ୍ୱରାଜ ଦାସ (୨୧), ପିତା, ସୁରେଶ ଦାସ, ଘର -ବିଶିମାତ୍ରୀ, ଚାରିଛକ ବୋଲି ଜଣା ପଡିଛି । ଉକ୍ତ ଯୁବକ ଏଠି ଅନ୍ୟ ମାନଙ୍କୁ ବ୍ରାଉନସୁଗାର ବିକ୍ରି ପାଇଁ ଆସିଥିଲେ ବୋଲି ସୂଚନା ଦେଇଛନ୍ତି ଅସ୍ତରଙ୍ଗ ପୋଲିସ। ପୋଲିସ ର ଏହି କାର୍ଯ୍ୟ ପାଇଁ ବୁଦ୍ଧିଜୀବୀ ମହଲରେ ଅନେକ ପ୍ରଶଂସା କରାଯାଇଛି ।

କଦଳୀଗଡ ସ୍ନାତକ ମହାବିଦ୍ୟାଳୟରେ ଏଡସ୍ ସଚେତନତା ଶିବିର

ରେଢାଖୋଲ,(ସବ୍ୟୁ): ରେଢାଖୋଲ୍ ବ୍ଲକ୍ କଦଳୀଗଡ ଠାରେ ଥିବା ଅର୍ଜୁନ ଡିଗ୍ରୀ ମହାବିଦ୍ୟାଳୟରେ ରେଡ୍ ରିବନ୍ କ୍ଲବ୍ ପକ୍ଷରୁ ଏଚ୍ଆଇଭି ଏଡସ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ସଚେତନତା କାର୍ଯ୍ୟକ୍ରମରେ କଲେଜର ଅଧକ୍ଷ ଅଖିଳେନ୍ଦ୍ର ଶାସନୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ମୁଖ୍ୟ ଅତିଥି ଭାବରେ ଶମ୍ଭୁ ପ୍ରସାଦ ଗଡତିଆ , ସମ୍ମାନୀତ ଅତିଥି ଭାବରେ ବ୍ରୁଷକେତୁ ପ୍ରଧାନ ପ୍ରମୁଖ ଯୋଗଦେଇ ଏଡସ୍ ସଂପର୍କରେ ବକ୍ତବ୍ୟ ରଖିଥିଲେ । କଲେଜର ଛାତ୍ର ଛାତ୍ରୀମାନେ କଦଳୀଗଡ ଗ୍ରାମ ପରିକ୍ରମା କରିବା ସହ ଏଡସ୍ ସଂପର୍କରେ ସଚେତନତା ପାଇଁ ସ୍ଲୋଗାନ୍ ମାନ ଦେଇଥିଲେ । କଲେଜର ଅଧାପକ ବୈନେତେୟ ସାହୁ, ସୁଦର୍ଶନ ଷଣ୍ଢ , ଅଧାପିକା ବିସ୍ମିତା ମହାକୁଡ, ଅସୀମା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

ବିଜେପିରେ ଉତ୍ତର ଭୁବନେଶ୍ୱରର ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର

ଭୁବନେଶ୍ୱର (ସବ୍ୟୁ): ଉତ୍ତର ଭୁବନେଶ୍ୱରର ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ନିଜ ସମର୍ଥକଙ୍କ ସହ ଆଜି ବିଜୁ ଜନତା ଦଳ ପରିତ୍ୟାଗ କରି ବିଜେପିରେ ସାମିଲ ହୋଇଛନ୍ତି । ଶ୍ରୀ ମିଶ୍ର କହିଛନ୍ତି ଯେ,ମୋଦିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇଛି। ଭାରତକୁ ସାରା ବିଶ୍ୱରେ ବିକାଶଶୀଳ କରିବା ପାଇଁ ମୋଦିଜୀଙ୍କ ଦୂରଦୃଷ୍ଟି ସମସ୍ତ ଲୋକଙ୍କୁ ଉତ୍ସାହିତ କରିଛି । ବିଜେପିର ଶୃଙ୍ଖଳିତ କାର୍ଯ୍ୟକର୍ତା ଭାବେ କାର୍ଯ୍ୟ କରିବି ବୋଲି ଶ୍ରୀ ପ୍ରିୟଦର୍ଶୀ କହିଛନ୍ତି ।

ରାଜ୍ୟରେ 'ବିଜେଡି ସରକାର ଯାଉଛି, ବିଜେପି ସରକାର ଆସୁଛି'। 'ବିକଶିତ ଭାରତ, ବିକଶିତ ଓଡିଶା' ପରିପ୍ରେକ୍ଷୀରେ ଓଡିଶାବାସୀ 'ଏଥର ବିଜେପି ସରକାର' ଗଠନ ପାଇଁ ସଂକଳ୍ପ ନେଇଛନ୍ତି । ଅନ୍ୟାୟ, ଦୁର୍ନୀତି, ଭ୍ରଷ୍ଟାଚାର, ବ୍ୟଭୀଚାର ବିଜେଡି ଶାସନ ବିରୁଦ୍ଧରେ ଲଢେଇ ହେବ । ଓଡିଆ ଅସ୍ମିତାକୁ ନେଇ ଗଠନ ହେବ ନୂତନ ଓଡିଶା । ଓଡିଶାରେ ବିଜେପିର 'ଡବଲ୍ ଇଂଜିନ ସରକାର' ଗଠନ ହେବା ମୋଦିଜୀଙ୍କ ହାତମୁଠାକୁ ସୁଦୃଢ଼ କରିବା ପାଇଁ ସମସ୍ତ ବର୍ଗର ଲୋକେ ବିଜେପିକୁ ଆପଣାଉଛନ୍ତି । ଓଡିଶାର ବିକାଶ ପାଇଁ ଆମେ କାର୍ଯ୍ୟ କରିବା ବୋଲି ସଂକଳ୍ପ ନେବା। ମୋଦିଜୀଙ୍କ ହାତମୁଠାକୁ ସୁଦୃଢ଼ କରିବା ପାଇଁ ୮୯୮୦୮୦୮୦୮୦ ନମ୍ବରରେ ଡାୟାଲ କରି ବିଜେପିର ସଦସ୍ୟ ହୁଅନ୍ତୁ ବୋଲି ଆଜି ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ମିଶ୍ରଣ ପର୍ବ ଅବସରରେ ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ କହିଛନ୍ତି । ସେହିପରି ଖୋର୍ଦ୍ଧା ଜିଲ୍ଲା ବିଜେଡି ଉପସଭାପତି କୁନାଲ ରାଉତ, ୱାର୍ଡ ସଭାପତି ସ୍ୱାକ୍ଷର ରଞ୍ଜନ ମହାନ୍ତି, ଭୁବନେଶ୍ୱରର ଉପସଭାପତି ଆଲୋକ ପାଣିଗ୍ରାହୀ, ପୂର୍ବତନ ସରପଂଚ ଅଜୟ କୁମାର ବେହେରା, ସଞ୍ଜୁ ଭୋଇ, ନିର୍ମଳ ବେହେରା, ସମାଜସେବୀ ବିଦ୍ୟୁଲତା ବେହେରା, ୱାଡ ମେମ୍ବର ଦିଲୀପ ରାଉତ, ପୂର୍ବତନ ୱାଡ ମେମ୍ବର ଗୁରୁଚରଣ ରାଉତ, ଜିଲ୍ଲା ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ସେନାପତି, ଜିଲ୍ଲା ସାଧାରଣ ସମ୍ପାଦକ ଲୋକେଶ କୁମାର, ଖୋର୍ଦ୍ଧା ଜିଲ୍ଲା ସଭାପତି ଦୟାନିଧି ସ୍ୱାଇଁ, ପୂର୍ବତନ କର୍ପୋରେଟର ରଶ୍ମିରେଖା ଜେନା, ଦାସରଥି ନାୟକ ପ୍ରମୁଖ ଆନୁଷ୍ଠାନିକଭାବେ ବିଜେପିରେ ଯୋଗ ଦେଇଛନ୍ତି । ଆଜି ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ମନମୋହନ ସାମଲ, ନିର୍ବାଚନ ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂହ ତୋମାର, ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ରହି ନୂତନ ସଦସ୍ୟଙ୍କୁ ସ୍ୱାଗତ ଜଣାଇଥିଲେ ।

ଚୌଦ୍ୱାର-କଟକରୁ ବିଜେଡିର ପ୍ରାର୍ଥୀ ଘୋଷଣା

୫୩ନଂ ୱାର୍ଡବାସୀଙ୍କ ପକ୍ଷରୁ ବିଧାୟକଙ୍କୁ ସମ୍ବର୍ଦ୍ଧନା

କଟକ, (ସ୍ୱପ୍ର): ଆଗାମୀ ସାଧାରଣ ନିର୍ବାଚନରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ଚୌଦ୍ୱାର କଟକ ନିର୍ବାଚନ ମଣ୍ଡଳୀ ପାଇଁ ବିଧାୟକ ସୌଭିକ ବିଶ୍ୱାଳଙ୍କ ଉପରେ ଦ୍ୱିତୀୟ ଥର ଆସ୍ଥା ପ୍ରକଟ କରିଛନ୍ତି । ଯାହାକୁ ନେଇ ବିଧାୟକ ସୌଭିକ୍ ବିଶ୍ୱାଳଙ୍କ ଶିବିର ଚଳଚଞ୍ଚଳ ଥିବା ଦେଖିବାକୁ ମିଳିଛି । ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ୫୩ନଂ ୱାର୍ଡ କର୍ପୋରେଟର ଅରବିନ୍ଦ ଜେନାଙ୍କ ନେତୃତ୍ୱରେ ଶନିବାର ଶତାଧିକ ପୁରୁଷ ଓ ମହିଳା ବିଧାୟକଙ୍କ ମହାନଦୀବିହାର ସ୍ଥିତ ବାସଭବନକୁ ଆସି ବିଧାୟକ ସୌଭିକ୍ ବିଶ୍ୱାଳଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ସେମାନେ ଏହି ଅବସରରେ ତାଙ୍କୁ ପ୍ରାର୍ଥୀଭାବେ ମନୋନୀତ

କରିଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫ଟି ଅଧକ୍ଷ ଭି.କେ.ପାଣ୍ଡିଆନ ଓ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ୫୩ନଂ ୱାର୍ଡର ୱାର୍ଡ ସଭାପତି ସାରଙ୍ଗ ପାଣି ଷଡ଼ଙ୍ଗୀ, ରଜନୀକାନ୍ତ ପରିଜା, ଡ଼ଃ ବ୍ୟୋମକେଶ କାନୁନଗୋ, ନଗେନ ଦାସ, ବିଦୁଲତା ସ୍ୱାଇଁ, ସୁନିତା ସାହୁ, ସୁଲୋଚନା ସାହୁ, ମାନୀ ସୁପ୍ରଭା ବଳଙ୍କ ସମେତ ବହୁ ସଂଖ୍ୟାରେ ୱାର୍ଡବାସୀ ଉପସ୍ଥିତ ଥିଲେ।

ଜିଏସ୍ '୭୮ ୱିଣ୍ଟର ଫେଷ୍ଟ - ୨୦୨୪ ଅନୁଷ୍ଠିତ

କଟକ, (ସବ୍ୟୁ): କଟକ ସଦର ଅଞ୍ଚଳର ସର୍ବପୁରାତନ ଶିକ୍ଷାନୁଷ୍ଠାନ ସିଦ୍ଧେଶ୍ୱରପୁର ସ୍ଥିତ ଓଡିଆ ଭାଷାକୋଷର ପ୍ରଣେତା ସ୍ୱର୍ଗତ ଗୋପାଳ ଚନ୍ଦ୍ର ପ୍ରହରାଜଙ୍କ ନାମରେ ନାମିତ ଗୋପାଳ ସ୍ମୃତି ବିଦ୍ୟାପୀଠର ୧୯୭୮ ମସିହା ମାଟ୍ରିକ ବ୍ୟାଚର ପୁରାତନ ଛାତ୍ରଛାତ୍ରୀମାନଙ୍କର ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ବିଦ୍ୟାଳୟର ଏହି ବ୍ୟାଚର ଅନେକ ଛାତ୍ରଛାତ୍ରୀ ଓଡିଶା ତଥା ଭାରତର ବିଭିନ୍ନ ଉଚ୍ଚ ପଦପଦବୀରେ ଚାକିରି କରି ଏବେ ଅବସରପ୍ରାପ୍ତ ଛ ପ୍ରାରମ୍ଭରେ ଦିବଂଗତ ସହପାଠୀ ରଞ୍ଜିତ ରାୟ ଓ ତ୍ରିଲୋଚନ ରାଉତଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ଦୀର୍ଘ ୪୫ ବର୍ଷ ପରେ ସବୁ ସହପାଠୀ ସେମାନଙ୍କର ପରିବାର ସହିତ ଏକାଠି ହୋଇଥିବାରୁ ଏକ ଆନନ୍ଦମୟ ପରିବେଶ ସୃଷ୍ଟି ହେବା ସହିତ ସ୍କୁଲବେଳର ନିଜ ନିଜର ସ୍ମୃତି କୁ ରୋମନ୍ଥନ କରି ଉଲ୍ଲସିତ ହୋଇଥିଲେଛ ଏଥିରେ ୧୯୭୮ ବ୍ୟାଚର ଉମେଶ ଚନ୍ଦ୍ର ଜେନା, ଉମେଶ ଚନ୍ଦ୍ର ସ୍ୱାଇଁ, ପ୍ରଦୀପ କୁମାର ମିଶ୍ର, ଅକ୍ଷୟ କୁମାର ଭୂୟାଁ, ଭରତ ଚନ୍ଦ୍ର ପ୍ରଧାନ, ପ୍ରଦୀପ କୁମାର ବିଶ୍ୱାଳ, ନିରଞ୍ଜନ ପରିଡା, ଶୁଶିଲ୍ କୁମାର ପ୍ରଧାନ,ପ୍ରଶାନ୍ତ କୁମାର ଜେନା, ସନ୍ତୋଷ କୁମାର ଦାଶ, ସୁରତ ମାଝୀ, ଯତିନ୍ଦ୍ର ମହାପାତ୍ର, ଦୁଃଖୀଶ୍ୟାମ ରାଉଳ, ଧନେଶ୍ୱର ଭୋଇ, ଶ୍ରୀଧର ମଲ୍ଲିକ, ଯୋଗେନ୍ଦ୍ର ଦଳେଇ, ରବିନ୍ଦ୍ର ଦାସ, ତ୍ରିଲୋଚନ ଦାସ, ମନୋରଞ୍ଜନ ଦାଶ, ସୁରେଶ ବ୍ରହ୍ମା, ଶ୍ୱେତାମ୍ବର ରାଉତ, ଦୁଷ୍ମନ୍ତ ବେହେରା, ଲୋକନାଥ ଦାସ, ଗୋପାଳ ବେହେରା, ପ୍ରସନ୍ନ ସାହୁ, ନିର୍ମଳ ସାହୁ, ବିଜୟ ଆଚାର୍ଯ୍ୟ, ବେଣୁଧର ଶତପଥୀ, ନମିତା ନନ୍ଦ, କଳ୍ପନା ନନ୍ଦ, ବନଶ୍ରୀ ଜେନା, ପ୍ରତିମା ତରାଇ, ବଉଳ ଜେନା, ପ୍ରଭାତନଳିନୀ ଜେନା, ମାଧବ ବେହେରା,ନିରଞ୍ଜନ ପ୍ରଧାନ, ରମେଶ କର ଓ ନାରାୟଣ ଦଳେଇ ପ୍ରଭୃତି ସପରିବାର ଯୋଗ ଦେଇଥିଲେ ।

ସମ୍ ହସ୍ପିଟାଲ୍ ଫୁଲନଖରା କ୍ୟାମ୍ପସ୍‌ରେ ଜଟିଳ ଅସ୍ତ୍ରୋପଚାର

ପ୍ରସୂତିଙ୍କ ଗର୍ଭରୁ ବାହାରିଲା ଦେଢ଼ କିଲୋ ଓଜନର ଟ୍ୟୁମର

ଭୁବନେଶ୍ୱର (ସବ୍ୟୁ): ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଫୁଲନଖରା ସ୍ଥିତ କ୍ୟାମ୍ପସ୍‌ରେ ଜଟିଳ ଅସ୍ତ୍ରୋପଚାର ଜରିଆରେ ଡାକ୍ତରୀ ଟିମ୍ ଜଣେ ଗର୍ଭବତୀଙ୍କ ପେଟରୁ ଦେଢ଼ କିଲୋ ଓଜନର ଟ୍ୟୁମର ବାହାର କରିବାରେ ସଫଳ ହୋଇଛନ୍ତି । ଏହି ବିଶାଳ ଟ୍ୟୁମର ବାହାର କରିବା ସହ ସଫଳ ପ୍ରସବ ଦ୍ୱାରା ଉଭୟ ମା ଏବଂ ଶିଶୁ ପୁତ୍ରର ଜୀବନ ରକ୍ଷା ହୋଇପାରିଛି । ଗଙ୍ଗପଡ଼ା ଅଂଚଳର ରୁପାଲୀ ମାର୍ଥା ନାମକ ଜନୈକା ଗର୍ଭବତୀ ତାଙ୍କ ପେଟରେ ଟ୍ୟୁମର ମଧ ରହିଥିବା ଜାଣି ପ୍ରସବ ନିମନ୍ତେ ଆଇଏମ୍ଏସ୍ ଫୁଲନଖରା କ୍ୟାମ୍ପସ ସ୍ଥିତ ହସ୍ପିଟାଲ୍‌ରେ ଭର୍ତି ହୋଇଥିଲେ। ପ୍ରସୂତୀ ଓ ଶିଶୁର

ଜୀବନ ରକ୍ଷା କରିବା ନିମନ୍ତେ ସ୍ତ୍ରୀ ଓ ପ୍ରସୂତୀ ବିଭାଗର ସର୍ଜନ ଡାକ୍ତର ସ୍ମୃତିଶ୍ରୀ ସାହୁଙ୍କ ନେତୃତ୍ୱରେ ଏହି ଅସ୍ତ୍ରୋପଚାର କରାଯାଇଥିଲା । ଉଭୟ ସିଜରିଆନ୍ ସେକ୍ସନ୍ ଓ ମାୟୋମେକ୍ଟୋମି ଅସ୍ତ୍ରୋପଚାର ଜରିଆରେ ମହିଳାଙ୍କ ଶରୀରରୁ ଫାଇବ୍ରେଡ ୟୁଟ୍ରସ୍‌କୁ ବାହାର କରାଯାଇଥିଲା । ମା ଓ ଶିଶୁର ଜୀବନ ରକ୍ଷା କରିଥିବା ହସ୍ପିଟାଲ୍‌ର ଡାକ୍ତର ଓ ଟିମ୍ ସଦସ୍ୟଙ୍କୁ କୃତଜ୍ଞତା ଜଣାଇଛନ୍ତି ମହିଳାଙ୍କ ପରିବାର।

ମହିଳା ସଶକ୍ତି କରଣ ବୃଦ୍ଧି କରିବା ପାଇଁ କର୍ମଶାଳା

ଭୁବନେଶ୍ୱର (ସବ୍ୟୁ): ଜାଭିୟର ଇନଷ୍ଟିଚ୍ୟୁଟ ଅଫ୍ ମ୍ୟାନେଜମେଣ୍ଟ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ସ୍କୁଲ ଅଫ୍ କମ୍ୟୁନିକେସନ ଚଳିତ ମାସ ୨୩ ତାରିଖରେ ଏକ କର୍ମଶାଳା ଆୟୋଜନ କରିଥିଲେ । କର୍ମଶାଳାର ବିଷୟବସ୍ତୁ ଥିଲା ସଖୀ: ମହିଳା ସଶକ୍ତିକରଣ ଓ ସାମର୍ଥ୍ୟ ବୃଦ୍ଧି । ମହିଳା ସଶକ୍ତିକରଣ ତଥା ସେମାନଙ୍କ ସାମର୍ଥ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ପରିକଳ୍ପିତ ଏହି କର୍ମଶାଳାରେ ଛାତ୍ରଛାତ୍ରୀ, ଭୁବନେଶ୍ୱରର ପୋଖରୀପୁଟ ନିକଟସ୍ଥ ତାରିଣୀ ବସ୍ତିର ମହିଳା, ବିଭିନ୍ନ ସମ୍ପ୍ରଦାୟର ନେତୃସ୍ଥାନୀୟ ବ୍ୟକ୍ତି ଏବଂ ଲିଙ୍ଗଗତ ସମାନତା ପାଇଁ ସଚେତନତା ସୃଷ୍ଟି କରୁଥିବା ସଂଗଠନ ସଦସ୍ୟମାନେ ଏଥିରେ ଅଂଶଗ୍ରହଣ କରିଥିଲେ । ସଖୀ ଏଭଳି ଏକ ପରିବେଶ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛି, ଯେଉଁଠାରେ ମହିଳାମାନେ ସେମାନଙ୍କର ଅଭିଜ୍ଞତା, ଆହ୍ୱାନ ତଥା ସଫଳତାର କଥା ଅନ୍ୟମାନଙ୍କୁ କହିପାରିବେ ଓ ସମସ୍ତ ବାଧାବିଘ୍ନକୁ ଦୂର କରିବା, ବ୍ୟକ୍ତିଗତ

ଏବଂ ବୃତ୍ତିଗତ ଜୀବନରେ ବିକାଶ ପାଇଁ କୌଶଳ ଶିକ୍ଷା କରନ୍ତି । ଗୋଟିଏ ସ୍ଥାନରେ ବସି ପାରସ୍ପରିକ ଆଲୋଚନା ମାଧ୍ୟମରେ ନିଜର ଦୁଃଖ ଓ ଦୈନ୍ୟକୁ ସେମାନେ କିପରି ଭାବେ ଅତିକ୍ରମ କରି ସଶକ୍ତ ଏବଂ ସଫଳ ହୋଇଛନ୍ତ ତାହା ଜାଣନ୍ତି । ଅଂଶ ଗ୍ରହଣକାରୀମାନେ କିଭଳି ନିଜର ଯତ୍ନ ନେବେ, ନେତୃତ୍ୱ ବିକାଶ କରିବେ ଏବଂ ଘରୋଇ ହିଂସା ପରି ସାମାଜିକ ପ୍ରତିବନ୍ଧକର ମୁକାବିଲା କରି ସଫଳତା ପାଇବେ, ତାହା ବୁଝନ୍ତି ଓ ଜାଣିବାର ଅପୂର୍ବ ସୁଯୋଗ ଦିଏ ସଖୀ ।

ତାରିଣୀ ବସ୍ତିରେ ଅନୁଷ୍ଠିତ ଏହି କର୍ମଶାଳାରେ ବିଶିଷ୍ଟ ବକ୍ତା ତଥା ସୁଯୋଗ ପ୍ରଦାନ କରି ଆସୁଥିବା ବ୍ୟକ୍ତି ଯୋଗ ଦେଇଥିଲେ । ସୁଶ୍ରୀ ଶ୍ରେୟାଶୀ ଶର୍ମିଷ୍ଠା ମହାନ୍ତି ଯୋଗଦେଇ, ସଫଳ ଯୋଗାଯୋଗ, ନିଜ ଭାବନାର ଯୁକ୍ତିଗତ ପରିପ୍ରକାଶ, ମାନସିକ ସ୍ୱାସ୍ଥ୍ୟସଚେତନତା ଭଳି ବିଷୟ ଉପରେ ଅଭିଜ୍ଞତା ବର୍ଣ୍ଣନା କରିଥିଲେ । କର୍ମଶାଳାରେ ଉପସ୍ଥିତ ଥିବା ସମସ୍ତ ବ୍ୟକ୍ତି ନିଜନିଜର କୌଶଳ, ଆତ୍ମବିଶ୍ୱାସ ତଥା ସାମର୍ଥ୍ୟ ବୃଦ୍ଧି ପାଇଁ ଲକ୍ଷ୍ୟ ବିଷୟରେ କହିଥିଲେ ଓ ପ୍ରଶ୍ନଗୁଡିକର ଉତ୍ତର ରଖିଥିଲେ । ଆମେ ଏକାଠି ହେଲେ, ଆମ ନିଜ ପାଇଁ ଏଭଳି ପରିବେଶ ସୃଷ୍ଟି କରିପାରିବା ଯେଉଁଠାରେ ପ୍ରତ୍ୟେକ ମହିଳା ନିଜସ୍ୱ ସ୍ୱପ୍ନକୁ ସାକାର କରିବାକୁ ସକ୍ଷମ ବୋଲି ଅନୁଭବ କରିବେ ଓ ଏହାହେଲା ସଖୀ । ସାମାଜିକ ଦାୟିତ୍ୱ ଏବଂ ଉତ୍କର୍ଷତା ପ୍ରତିପାଦନ କରିବାକୁ ଏକ ଅନୁଷ୍ଠାନ ଭାବରେ, ବିଶ୍ୱବିଦ୍ୟାଳୟର ଯୋଗାଯୋଗ ସ୍କୁଲ ଉତ୍ସର୍ଗୀକୃତ । 'ସଖୀ' ମାଧ୍ୟମରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଲିଙ୍ଗନିର ପେକ୍ଷସମାଜଗଠନ ପାଇଁ ଉଦ୍ୟମ ପ୍ରଶଂସନୀୟ ।

ଭୁବନେଶ୍ୱରରେ ରାସ୍ତା ଓ ୟେତିର ନୂଆ ଆଉଟଲେଟର ଶୁଭାରମ୍ଭ

ଭୁବନେଶ୍ୱର (ସବ୍ୟୁ) : ଲୋକପ୍ରିୟ ରାସ୍ତା ଓ ହିମାଳୟାନ୍ କିଚେନ ୟେତି ଭୁବନେଶ୍ୱରରେ ନିଜର ଗ୍ରାଣ୍ଡ ଓପନିଙ୍ଗ ସମ୍ପର୍କରେ ଘୋଷଣା କରିଛି । 'ରାସ୍ତା'ର ଏହି ୯ମ ଆଉଟଲେଟର ଶୁଭାରମ୍ଭ ଏହାର ବଢୁଥିବା ଲୋକପ୍ରିୟତାକୁ ଦର୍ଶାଉଛି। ଭୁବନେଶ୍ୱରର ପଣ୍ଡା ଆଣ୍ଡ କୋ, ୫ମ ମହଲା, ପ୍ଲଟ୍-୭ ଓ ୮, ଝାରପଡା, ୨, ପୁରୀ-କଟକ ରୋଡ, ଲକ୍ଷ୍ମୀସାଗର, ବ୍ରାଇଟ୍ ଷ୍ଟିଲ୍ ନିକଟରେ ଅବସ୍ଥାପିତ ରାସ୍ତା ୧୦୮୦୦ ବର୍ଗଫୁଟ୍ ଅଂଚଳରେ ପରିବ୍ୟାପ୍ତ ରହିଛି ଯେଉଁଥିରେ ଏକ ଟେରସ୍ ଓ ତଳ ଫ୍ଲୋର୍ ରହିଛି ଯାହ ଏକ ଅତୁଳନୀୟ ଲାଇଫ୍‌ଷ୍ଟାଇଲ ଅନୁଭୂତି ପାଇଁ ଚମତ୍କାର ପରିବେଶ ପ୍ରଦାନ କରୁଛି । ଭୁବନେଶ୍ୱର ଆଉଟଲେଟ୍ ଉତ୍କର୍ଷତା ପ୍ରତି ରାସ୍ତାର ପ୍ରତିବଦ୍ଧତା ପ୍ରତି ଏକ ପ୍ରମାଣ ଅଟେ ।

ବରିଷ୍ଠ କଂଗ୍ରେସ ନେତ୍ରୀ ଶ୍ରୀମତୀ ରଶ୍ମି ମହାପାତ୍ର ସମର୍ଥକଙ୍କ ଗହଣରେ ବିଜେପିରେ ସାମିଲ

ଭୁବନେଶ୍ୱର (ସବ୍ୟୁ): ବରିଷ୍ଠ କଂଗ୍ରେସ ନେତ୍ରୀ ଶ୍ରୀମତୀ ରଶ୍ମି ମହାପାତ୍ର, ଜିଲ୍ଲା କିଷାନ କଂଗ୍ରେସ ସଭାପତି କ୍ଷୀରୋଦ ବେହେରା, ମହିଳା ନେତ୍ରୀ ସ୍ୱର୍ଣ୍ଣଲତା ସାହୁ, ରୀନା ସାହୁ, ପୂର୍ବତନ ସଭାପତି ଚନ୍ଦ୍ରଧର ସାହୁ, ରମାକାନ୍ତ ସାହୁ, ନିରଞ୍ଜନ ମିଶ୍ର, ପ୍ରଦୀପ କୁମାର ପଟ୍ଟନାୟକ ପ୍ରମୁଖ ଆନୁଷ୍ଠାନିକଭାବେ ବିଜେପିରେ ସାମିଲ ହୋଇଛନ୍ତି । ଚିତ୍ରକୋଣ୍ଡାର ପୂର୍ବତନ ବିଧାୟକ ଡମ୍ବରୁଧର ସିସା ବିଜୁ ଜନତା ଦଳ ପରିତ୍ୟାଗ କରି ବିଜେପିରେ ଯୋଗ ଦେଇଛନ୍ତି । ଖୋର୍ଦ୍ଧ ଜିଲ୍ଲା ଜଟଣୀ ନିର୍ବାଚନମଣ୍ଡଳୀର ବରିଷ୍ଠ ବିଜେଡି ନେତା ସନ୍ତୋଷ ଜେନା ତାଙ୍କ ସମର୍ଥକଙ୍କ ସହ ବିଜେପିରେ ଯୋଗ ଦେଇଛନ୍ତି । ଭଦ୍ରକ ଜିଲ୍ଲା ଧାମନଗରର ବରିଷ୍ଠ ବିଜେଡି ନେତା ତଥା ପ୍ରତିଷ୍ଠିତ ବ୍ୟବସାୟୀ ତୁଷାର ମିଶ୍ର, ଧାମନଗର ବ୍ଲକ ବିଜେଡି ଉପସଭାନେତ୍ରୀ ସିତା ମିଶ୍ର, ବିଜେଡି ନେତା ଗଙ୍ଗାଧର ପାଣିଗ୍ରାହୀ, କାର୍ତ୍ତିକ ପଣ୍ଡା, ଆଲୋକ କୁମାର ମହାନ୍ତିପ୍ରମୁଖଙ୍କ ସମେତ ଶତାଧିକ ବିଜେଡି ନେତା ଓ କର୍ମୀ ମଧ ଆନୁଷ୍ଠାନିକ ବିଜେପିରେ ସାମିଲ ହୋଇଛନ୍ତି । ବିଶିଷ୍ଟ ଶିକ୍ଷାବିତ୍ ଡ.ସସ୍ମିତା ସାମନ୍ତ ବିଜେପିରେ ଯୋଗଦାନ କରିଛନ୍ତି । ସେହିପରି ସମାଜସେବୀ ସଂଯୁକ୍ତା ମହଲା, ନିର୍ବେଦିତା ମହାନ୍ତି, ସବିତା ଟମ୍ପେଡି, ସନ୍ଧ୍ୟାରାଣୀ ବରାଳ, ସସ୍ମିତା ମହାନ୍ତି, ମୌସୁମୀ ଦାସ, ଆରତୀ ସେନାପତି, ପୁଷ୍ପା ସାମନ୍ତରାୟ ପ୍ରମୁଖ ଆନୁଷ୍ଠାନିକଭାବେ ବିଜେପିରେ ସାମିଲ ହୋଇଛନ୍ତି । ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ରାଜ୍ୟ ସଭାପତିମନମୋହନସାମଲ, ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ, ବିଧାୟକ ସୂର୍ଯ୍ୟବଂଶୀ ସୁରଜ ପ୍ରମୁଖ ଉପସ୍ଥିତ ରହି ନୂତନ ସଦସ୍ୟଙ୍କୁ ସ୍ୱାଗତ ଜଣାଇଥିଲେ।

ବାର୍ଷିକ ତେର ଦଣ୍ଡ ମିଳନ ସମାରୋହ ପାଇଁ ପ୍ରସ୍ତୁତି
୧୪ଦିନ ପାଇଁ ଆମିଷ ଦ୍ରବ୍ୟ ବିକ୍ରି ଓ ସେବନ ବନ୍ଦ ନିଷ୍ପତ୍ତି

ବାଲିଗୁଡା, (ସବ୍ୟୁ): କନ୍ଧମାଳ ଜିଲ୍ଲା ବାଲିଗୁଡାରେ ଏପ୍ରିଲ ୦୧ ତାରିଖ ଠାରୁ୧୩ ତାରିଖ ପର୍ଯ୍ୟନ୍ତ ମା' କାଳୀଙ୍କ ଦଣ୍ଡଯାତ୍ରା ଅନୁଷ୍ଠିତ ହେଉଛି। ଏହି ପରିପ୍ରେକ୍ଷୀରେ ପୂର୍ବବର୍ଷ ଭଳି ଚଳିତ ବର୍ଷ ମଧ ବାଲିଗୁଡା ସହରରେ ସ୍ଥାନୀୟ ପଞ୍ଚୁଦଣ୍ଡ ପରିଚାଳନା ସମିତି ଆନୁକୂଲ୍ୟରେ ୩୫ ତମ ବାର୍ଷିକ ତେର ଦଣ୍ଡ ମିଳନ ସମାରୋହ ଏପ୍ରିଲ ୭ ତାରିଖ ରବିବାର ଦିନ ଅନୁଷ୍ଠିତ ହେବ ।

ଏନେଇ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟ ରେ ପହଁଚି ଯାଇଛି। ଏଣୁ ସମଗ୍ର ବାଲିଗୁଡା ଅଞ୍ଚଳ ବାସୀଙ୍କୁ ସମିତି ତରଫରୁ ବିନମ୍ର ଅନୁରୋଧ ଯେ, ଏପ୍ରିଲ ୦୧ତାରିଖ ଠାରୁ ୧୪ ତାରିଖ ପର୍ଯ୍ୟନ୍ତ ସମଗ୍ର ସହରରେ ଅଣ୍ଡା, ମାଛ, ମାଂସ, ଶୁଖୁଆ ପ୍ରଭୃତି ଆମିଷ ଦ୍ରବ୍ୟ ଅନୁଷ୍ଠାନ ରେ ବିକ୍ରି ଓ ସେବନ ବନ୍ଦ କରି ସହଯୋଗ କରିବା ସହିତ ମା' କାଳୀଙ୍କ ଆଶୀର୍ବାଦ ଲାଭ କରିବା ପାଇଁ ସମିତି ତରଫରୁ ଅନୁରୋଧ କରାଯାଇଛି । ତେର ଦଣ୍ଡ ମିଳନର କାର୍ଯ୍ୟସୂଚୀ ପ୍ରକାରେ ୭ ତାରିଖ ରବିବାର ସକାଳ ୮ ଘଣ୍ଟା ସମୟରେ ମା' ପାଟଖଣ୍ଡା ମନ୍ଦିରରେ ୧୩ ଦଣ୍ଡ ଥଳଙ୍କୁ ବରଣ କରାଯିବ ।

ଦିବା ଘ.୧୧.୩୦ମି ସମୟରେ ଟାଉନର ମୁଖ୍ୟ ରାସ୍ତା ରେ ଧୂଳିଦଣ୍ଡ , ଅପରାହ୍ନ ଘ.୪.୩୦ମି. ରେ ଆଦର୍ଶ ପୁଷ୍କରିଣୀରେ ପାଣିଦଣ୍ଡ, ସନ୍ଧ୍ୟା ୦୫ ଘଟିକାରେ ସବୁଠାରୁ ବିଶେଷ ଆକର୍ଷଣ ବଜାର ଛକରେ ତେର ଦଣ୍ଡର ଏକ ମହା ମିଳନ ଆୟୋଜନ କରାଯିବ । ରାତ୍ର ୮ଘଣ୍ଟ ରୁ ୧୨ଘଣ୍ଟା ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ ଏବଂ ରାତ୍ର ୧୧ ଘଟିକାରେ ଝୁଣା ଦଣ୍ଡ ପଟୁଆର ସହ ୮ ତାରିଖ ସୋମବାର ଦିନ ସକାଳ ୮ ଘଟିକାରେ ଯାତ୍ରା ସମାପନ ହେବ, ଏଣୁ ସମସ୍ତ ଅଞ୍ଚଳ ବାସୀ ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଯୋଗ ଦେବା ପାଇଁ ସମିତି ତରଫରୁ ଅନୁରୋଧ କରାଯାଇଛି।

ନିର୍ବାଚନ ଦୃଷ୍ଟିରୁ ସିଆଇଏସଏଫ ଓ ପୋଲିସ ପକ୍ଷରୁ ମିଳିତ ଫ୍ଲାଗ୍ ମାର୍ଚ୍ଚ

ଛତ୍ରପୁର, (ସବ୍ୟୁ): ସାଧାରଣ ନିର୍ବାଚନ ଲାଗି ବିଗୁଲ ବାଜିଛି । ଗଞ୍ଜାମ ଜିଲାରେ ଦୁଇଟି ପର୍ଯ୍ୟାୟରେ ନିର୍ବାଚନ ହେବ । ମେ ୧୩ ରେ ଛତ୍ରପୁର, ଗୋପାଳପୁର, ବ୍ରହ୍ମପୁର, ଦିଗପହଣ୍ଡି ଓ ଚିକିଟି ଏବଂ ମେ ୨୦ରେ ହିଞ୍ଜିଳି, ଆସିକା, ପୋଲସରା, ଖଲ୍ଲିକୋଟ, ସୋରଡା, କବିସୂର୍ଯ୍ୟନଗର, ସାନଖେମୁଣ୍ଡି ଓ ଭଞ୍ଜନଗର। ଏହି ପରିପେକ୍ଷିରେ ଗଞ୍ଜାମ ପୁଲିସ ଜିଲା ନିର୍ବାଚନକୁ ଦୃଷ୍ଟିରେ ରଖି ତାର ପ୍ରସ୍ତୁତି ଆରମ୍ଭ କରିଦେଇଛି । ଗଞ୍ଜାମ ପୁଲିସ ଜିଲାରେ ୯ଟି ନିର୍ବାଚନ ମଣ୍ଡଳୀ ରହିଛି । ଏହି ସବୁରେ କିପରି ଶାନ୍ତି ଶୃଙ୍ଖଳାରେ ଶେଷ ହେବ ସେନେଇ ପୁଲିସ ସଜାଗ ରହିଛି ।

ଏନେଇ ଗଞ୍ଜାମ ଏସପି ଜଗମୋହନ ମୀନାଙ୍କ ନିର୍ଦ୍ଦେଶ କ୍ରମେ ଶନିବାର ଛତ୍ରପୁର ଏସଡିପିଓ ଗୌରହରି ସାହୁ ଓ ଥାନା ଅଧିକାରୀ ନିରୋଦ କୁମାର ଦାସଙ୍କ ନେତୃତ୍ୱରେ ଛତ୍ରପୁର ସହରର ବିଭିନ୍ନ ଛକ, ସାହି, ଗଳିରେ ସିଆଇଏସଏଫ ଓ ପୁଲିସ ପକ୍ଷରୁ ମିଳିତ ଫ୍ଲାଗ ମାର୍ଚ୍ଚ କରାଯାଇଛି। ନିର୍ବାଚନଟି କିପରି ଶାନ୍ତିପୂର୍ଣ୍ଣ ଓ ଅବାଧ ହେବ ସେନେଇ ପୁଲିସ ପକ୍ଷରୁ ତାର ଉଦ୍ୟମ ଓ ରଣନୀତି କରିଛି।

ଏହି ଫ୍ଲାର୍ଗମାର୍ଚ୍ଚର ମୁଖ୍ୟ ଉଦେଶ୍ୟ ହେଲା ଲୋକମାନେ ଭୟଭୀତ ନହୋଇ ଅଚଂଳରେ ଶାନ୍ତି ଶୃଙ୍ଖଳାରେ ମତଦାନ କରିବାକୁ ଲୋକଙ୍କୁ ଏହି ଫ୍ଲାର୍ଗମାର୍ଚ୍ଚ ଜରିଆରେ ବାର୍ତା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଛତ୍ରପୁର ଥାନାର ସମସ୍ତ କର୍ମଚାରୀ ମାନେ ସାମିଲ ହୋଇଥିଲେ ।

ଓକିଲ ସଂଘ : ବନବାସୀ ସଭାପତି, ଦୁର୍ଗା ମାଧବ ସମ୍ପାଦକ

ବୁଗୁଡ଼ା, (ସବ୍ୟୁ): ବୁଗୁଡ଼ା ଓକିଲ ସଙ୍ଘ ନିର୍ବାଚନ ଅନୁଷ୍ଠିତ ହୋଇ ଫଳାଫଳ ଘୋଷଣା ହୋଇଛି । ଏଥିରେ ସଭାପତି ଭାବେ ବନବାସୀ ମହାରଣା ନିର୍ବାଚିତ ହୋଇଥିବା ବେଳେ ଉପସଭାପତି ଭାବେ ସରୋଜ କୁମାର ଦାଶ, ସମ୍ପାଦକ ଭାବେ ଦୁର୍ଗା ମାଧବ ପଣ୍ଡା ଧର୍ମଗୁଳାରେ ବିଜୟୀ ଘୋଷିତ ହୋଇଛନ୍ତି।

ଇସି ମେମ୍ବର ଭାବେ ସୁଶାନ୍ତ ଡାକୁଆ, ଆଶିଷ ରାଉତ ଏବଂ ରବୀନ୍ଦ୍ର ବେହେରା ନିର୍ବାଚିତ ହୋଇଥିବା ବେଳେ ପୂର୍ବରୁ ସହସମ୍ପାଦକ ଭାବେ ସିମାଞ୍ଚଳ ନନ୍ଦ ଓ କୋଷାଧକ୍ଷ ଭାବେ କାହ୍ନୁ ଚରଣ ସାହୁ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିଲେ। ନିର୍ବାଚନ ଅଧିକାରୀ ଭାବେ ସତ୍ୟନାରାୟଣ ମିଶ୍ର ଓ ସହ ନିର୍ବାଚନ ଅଧିକାରୀ ଶ୍ରୀକାନ୍ତ ଶତପଥୀ ଦାୟିତ୍ୱ ନିର୍ବାହ କରିଥିଲେ ।

ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର
ସଂଗ୍ରାମୀ ସ୍ମାରକୀ ପୀଠ ପ୍ରାକ ପ୍ରସ୍ତୁତି ବୈଠକ

ରମ୍ଭା, (ସବ୍ୟୁ): ଶନିବାର ଦିନ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସଭାଗୃହ ପରିସରରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ସଂଗ୍ରାମୀ ସ୍ମାରକୀ ପୀଠ ପ୍ରାକ ପ୍ରସ୍ତୁତି ବୈଠକ ସମାଜସେବୀ ସୁବାସ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ଉତ୍କଳ ସ୍ୱାଭିମାନ ମଞ୍ଚ ପୁରୀର ସଭାପତି /ସମ୍ପାଦକ ଓ ସ୍ଥାନୀୟ ଅଞ୍ଚଳର ଶିକ୍ଷାବିତ, ବୁଦ୍ଧିଜୀବୀ, ରାଜନୈତିକ ବ୍ୟକ୍ତି ଓ କର୍ମକତା ଓ ଗଣମାଧମ ପ୍ରତିନିଧି ମାନେ ସାମିଲ ହୋଇଥିଲେ । ବୈଠକରେ ମହାମହିମ ରାଷ୍ଟ୍ରପତି, ରାଜ୍ୟପାଳ, ହାଇକୋର୍ଟ ମୁଖ୍ୟ ବିଚାରପତି କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ସ୍ଥିରୀକୃତ ହୋଇଥିବା ବୈଠକରୁ ଜଣାପଡିଛି । ତତ ସହିତ ରମ୍ଭାରେ ଏକ ଉତ୍କଳର ଐତିହ ଓ ସାଂସ୍କୃତିକ ସଂଗ୍ରାହଳୟ ସ୍ଥାପନ ପାଇଁ ପ୍ରସ୍ତାବ ଗୃହୀତ ସହ ୪୧ଗୋଟି ମହାପୁରୁଷଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ପ୍ରସ୍ତାବ ଗୃହୀତ ହୋଇଛି । ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଧାକାନ୍ତ ଦାସ, ପ୍ରଭାକର ତ୍ରିପାଠୀ, ହରେକୃଷ୍ଣ ପଣ୍ଡ, ସୁଦର୍ଶନ ତ୍ରିପାଠୀ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସାମିଲ ହୋଇଥିଲେ । ଶେଷରେ ଶିଶୁ ମନ୍ଦିର ସଭାପତି ଏମ. ନୃସିଂହ ସୁବୁଦ୍ଧି ଧନ୍ୟବାଦ ଦେଇଥିଲେ ।

ଭିଜିଲାନ୍ସ ମାମଲା : ବାରିପଦା ଟାଉନ ପ୍ଲାନିଂର
ଅବସରପ୍ରାପ୍ତ କନିଷ୍ଠ କିରାଣୀ ପ୍ରତାପ କେସିଙ୍କୁ ୫ବର୍ଷ ଜେଲ୍

ବାରିପଦା, (ସବ୍ୟୁ) : ଏକ ଭିଜିଲାନ୍ସ ମାମଲାର ବିଚାର କରି ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ପ୍ରସନ୍ନ କୁମାର ମିଶ୍ର ବାରିପଦା ଟାଉନ ପ୍ଲାନିଂର ଅସରପ୍ରାପ୍ତ କନିଷ୍ଠ କିରାଣୀ ପ୍ରତାପ ଚନ୍ଦ୍ର କେସିଙ୍କୁ ୫ବର୍ଷ ସଶ୍ରମ କାରାଦଣ୍ଡ ସହ ୨୫ହଜାର ଟଙ୍କା ଜୋରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି । ଜୋରିମାନା ଅନାଦେୟ ଅଧିକ ୫ମାସ କାରାଦଣ୍ଡ ଆଦେଶ ଶୁଣାଇଛନ୍ତି । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପି.ପି ଶାନ୍ତନୁ କୁମାର ଦାସ ମମାଲା ପରିଚାଳନା କରିଥିଲେ । ଘଟଣାରୁ ପ୍ରକାଶ ଯେ, ୨୦୧୬ ମସିହାରେ ବାରିପଦା ଟାଉନ ପ୍ଲାନିଂର ତତ୍କାଳିନ କନିଷ୍ଠ କିରାଣୀ ପ୍ରତାପ ଚନ୍ଦ୍ର କେସିଙ୍କ ନିକଟରେ ବେନିୟମ ଆୟବର୍ହିଭୂତ ସମ୍ପତ୍ତି ଠୁଳ ହୋଇଥିବା ଅଭିଯୋଗରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢଉ କରାଯାଇ ୧୯ଲକ୍ଷ ୩ହଜାର ୯ଶହ ୯ଟଙ୍କା ଆୟବର୍ହିଭୂତି ସମ୍ପତ୍ତି ଠାବ କରାଯାଇଥିଲା । ଏନେଇ ଭିଜିଲାନ୍ସ ବିଭାଗରେ ୧୫/୧୬ ମାମଲା ରୁଜୁ ହୋଇ ଅଭିଯୁକଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା । ଶନିବାର ଉକ୍ତ ମାମଲାର ବିଚାରକରି ଅଦାଲତ ଉପରୋକ୍ତ ରାୟ ପ୍ରଦାନ କରିଛନ୍ତି ।

ବିଶ୍ୱନାଥ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ

ବାଲିଗୁଡା, (ସବ୍ୟୁ): ବିଶିଷ୍ଟ ସ୍ୱାଧିନତା ସଂଗ୍ରାମୀ, ବନବାସୀ ସେବା ସମିତିର ପ୍ରାଣ ପ୍ରତିଷ୍ଠାତା ସ୍ୱର୍ଗତ ବିଶ୍ୱନାଥ ପଟ୍ଟନାୟକଙ୍କ (ଆଜ୍ଞା)ଙ୍କ୧୪ତମ ଶ୍ରାଦ୍ଧ ବାର୍ଷିକ ପାଳନ ହୋଇଯାଇଛି । ଅନୁଷ୍ଠାନର ସଭାଗୃହ ଠାରେ ଏକ ସବା ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥୀ ଭାବେ ସରୋଜବାଳା ଆଚାର୍ଯ୍ୟ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଡଃ ବିଭୁତି ଭୁଷଣ ଆଚାର୍ଯ୍ୟ, ସମ୍ମାନିତ ଅତିଥୀ ଭାବେ ଡଃ ମଧୁସୁଦନ ମହାପାତ୍ର ପ୍ରାକ୍ତନ ପ୍ରାଧ୍ୟାପକ ଆଇନଜୀବୀ ସୁଧାଂଶୁ ମୋହନ ପତି, ନିର୍ମଳ ବାରିକ ଭାରପ୍ରାପ୍ତ ଅଧକ୍ଷ ଓଡିଶା ଆଦର୍ଶ ବିଦ୍ୟାଳୟ, ବାଲିଗୁଡା, ସରିତା ପଟ୍ଟନାୟକ, ପ୍ରିନସିପାଲ କାଉଁସିଲର କନ୍ଧମାଳ ଜିଲ୍ଲା ପରିବାର ଅଦାଲତ ଓ ସମିତିର ସମ୍ପାଦକ ଉତ୍ସବ ଚନ୍ଦ୍ର ଜେନା ପ୍ରମୁଖ ମଂଚାସୀନ ଥିଲେ ଓ ଆଜ୍ଞାଙ୍କ ସ୍ମୃତି କରିବା ସହ ଆଜ୍ଞାଙ୍କ ଜୀବନି ଉପରେ ଆଲୋଚନା କରିଥିଲେ । ସ୍ୱାଗତ ଭାଷଣ ସମିତିର ସହସମ୍ପାଦକ ରବୀନ୍ଦ୍ର କୁମାର ପଣ୍ଡା ଦେଇଥିଲେ। ଶେଷରେ ବିଶ୍ୱଜିତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

ଜିଲ୍ଲାରେ ନିର୍ବାଚନୀ ପ୍ରଚାର ନେଇ ବିଭିନ୍ନ ପ୍ରିଣ୍ଟିଂ ପ୍ରେସ ପରିଦର୍ଶନ କଲା ଫ୍ଲାଇଙ୍ଗ ସ୍କ୍ୱାର୍ଡ ଦଳ



ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ସ୍ତରରେ ଗଠିତ ହୋଇଥିବା ଫ୍ଲାଇଙ୍ଗ ସ୍କ୍ୱାର୍ଡ ଆଜି ଜିଲ୍ଲାର ବିଭିନ୍ନ ସ୍ଥାନ ଗସ୍ତ କରି ବିଭିନ୍ନ ପ୍ରିଣ୍ଟିଂ ପ୍ରେସ ଠାରେ ନିର୍ବାଚନୀ ପ୍ରଚାର ପାଇଁ ହେଉଥିବା କାର୍ଯ୍ୟ ବିଷୟରେ ତଦାରଖ କରିଛନ୍ତି ।

ନିର୍ବାଚନ କମିଶନଙ୍କ ଆଦେଶ ଅନୁସାରେ ଜିଲ୍ଲାସ୍ତରରେ ବିଭିନ୍ନ ସରକାରୀ ଅଧିକାରୀ ଏବଂ କର୍ମଚାରୀଙ୍କୁ ନେଇ ଗଠିତ ଏହି ଫ୍ଲାଇଙ୍ଗ ସ୍କ୍ୱାର୍ଡ ଆଜି ବିଭିନ୍ନ ନିର୍ବାଚନ କ୍ଷେତ୍ର ପରିଦର୍ଶନ କରି ବଜାରରେ ଥିବା ମୁଖ୍ୟ ପ୍ରିଣ୍ଟିଂ ପ୍ରେସ, ଫ୍ଲେକ୍ସ ବ୍ୟାନର ଡିଜାଇନ ଦୋକାନ, ବିଭିନ୍ନ ଫଟୋ ଷ୍ଟୁଡିଓ ଗୁଡିକରେ ନିର୍ବାଚନୀ ପ୍ରଚାର ବାବଦକୁ ହେଉଥିବା କାର୍ଯ୍ୟକୁ ଅନୁଧ୍ୟାନ କରିଥିଲେ । ସୂଚନା ମୁତାବକ, ମୟୂରଭଞ୍ଜ ଜିଲ୍ଲାରେ ଏଯାବତ୍ କୌଣସି ବିଶେଷ ସ୍ଥାନରେ ନିର୍ବାଚନୀ ପ୍ରଚାର ପ୍ରିଣ୍ଟିଂ ଆରମ୍ଭ ହୋଇନାହିଁ ଏବଂ ଏହି କାର୍ଯ୍ୟ ଆରମ୍ଭ ହେଲେ, ନିର୍ବାଚନୀ ଖର୍ଚ୍ଚ ଯାଞ୍ଚ କମିଟି, ଫ୍ଲାଇଙ୍ଗ ସ୍କ୍ୱାର୍ଡ ରିପୋର୍ଟ ଆଧାରରେ ଏହାର ପୁଙ୍ଖାନୁପୁଙ୍ଖ ତଦାରଖ କରିବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି । ସୂଚନା ଥାଉକି, ନିର୍ବାଚନ କମିଶନଙ୍କ ଆଦେଶ ଅନୁସାରେ ଜଣେ ଆଶାୟୀ ସଂସଦୀୟ ପ୍ରାର୍ଥୀ ନିର୍ବାଚନ ପ୍ରଚାର ପାଇଁ ୯୫ଲକ୍ଷ ଟଙ୍କା ଖର୍ଚ୍ଚ କରିବାର ପ୍ରାବଧାନ ଥିବାବେଳେ, ଜଣେ ଆଶାୟୀ ବିଧାନସଭା ପ୍ରାର୍ଥୀ ୪୦ଲକ୍ଷ ଟଙ୍କା ଖର୍ଚ୍ଚ କରିବାର ପ୍ରାବଧାନ ରହିଛି । ବିଗତ ଦିନ ମାନଙ୍କରେ ଏହି ଫ୍ଲାଇଙ୍ଗ ସ୍କ୍ୱାର୍ଡ ଦଳର ସଦସ୍ୟ ମାନଙ୍କୁ ନେଇ ପ୍ରଶିକ୍ଷଣ ଏବଂ କାର୍ଯ୍ୟକାରିତା ବିଷୟରେ ଅବଗତ କରାଯାଇଥିଲା ।

ଏହି ପରିପ୍ରେକ୍ଷୀରେ ଜିଲ୍ଲାରେ କଡାକଡି ଭାବରେ ଏହି ଫ୍ଲାଇଙ୍ଗ ସ୍କ୍ୱାର୍ଡ ଏହି ପ୍ରଚାର ବାବଦକୁ ହେଉଥିବା ଖର୍ଚ୍ଚକୁ ତଦାରଖ କରିବ ।

ଆସିକା ଓକିଲ ସଂଘ ନିର୍ବାଚନ
ସୁଧାଂଶୁ ପଣ୍ଡା -ସଭାପତି, ବିଦେଶୀ ନାହାକ-ସମ୍ପାଦକ

ଆସିକା, (ସବ୍ୟୁ): ଆସିକା ଓକିଲ ସଙ୍ଘର ନିର୍ବାଚନ ଶନିବାରରେ ସଙ୍ଘ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ୨୦୨୪-୨୫ ବର୍ଷ ନିମନ୍ତେ ସଭାପତି ରୂପେ ବରିଷ୍ଠ ଆଇନଜୀବୀ ସୁଧାଂଶୁ କୁମାର ପଣ୍ଡା, ଉପସଭାପତି ରୂପେ ପ୍ରଭାତ ପାଢ଼ୀ, ସମ୍ପାଦକ ରୂପେ ବିଦେଶୀ ନାହାକ, ସହ ସମ୍ପାଦକ ରାଘବ କୁମାର ନାହାକ, କୋଷାଧକ୍ଷ ରୂପେ ସନ୍ତୋଷ କୁମାର ମିଶ୍ର, ଲାଇବ୍ରେରୀ ସମ୍ପାଦକ ସିମାଞ୍ଚଳ ସେଠୀ ପ୍ରମୁଖଙ୍କୁ ବିଜୟୀ ଘୋଷଣା କରାଯାଇଛି। ମୋଟ ୧୪୫ଓକିଲ ସଭ୍ୟାଙ୍କ ମଧ୍ୟରୁ ୧୨୭ ସଭ୍ୟା ଆଜିର ନିର୍ବାଚନରେ ମତାଧିକାର ସାବ୍ୟସ୍ତ କରିଥିବା ନିର୍ବାଚନ ଅଧିକାରୀ କାଳୀ ଚରଣ ଦାଶ ଓ ଜୟ ଚନ୍ଦ୍ର ନାୟକଙ୍କ ଠାରୁ ସୂଚନା ମିଳିଛି। ନିର୍ବାଚନ ନିମନ୍ତେ ପ୍ରାର୍ଥିପତ୍ର ପ୍ରତ୍ୟାହାର ପରେ ଓକିଲ ସଙ୍ଘ ସଭାପତି ଭାବେ ସୁଧାଂଶୁ କୁମାର ପଣ୍ଡା, କୋଷାଧକ୍ଷ ଭାବେ ସନ୍ତୋଷ କୁମାର ମିଶ୍ର ଓ ଲାଇବ୍ରେରି ସମ୍ପାଦକ ଭାବେ ସିମାଞ୍ଚଳ ସେଠି ଜଣେ ଲେଖା ପ୍ରାର୍ଥିପତ୍ର ଦାଖଲ ହୋଇଥିବାରୁ ତିନି ଜଣ ଯାକ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ବେଳେ ଆଜି ତିନୋଟି ପଦ ଉପସଭାପତି, ସମ୍ପାଦକଓ ସହ ସମ୍ପାଦକ ପଦବୀ ପାଇଁ ନିର୍ବାଚନ ହୋଇଥିଲା । ଏଥିରେ ବିଜୟୀ ହୋଇ ଉପସଭାପତି ଭାବେ ଶ୍ରୀ ପାଢ଼ୀ, ସମ୍ପାଦକ ଭାବେ ଶ୍ରୀ ନାହାକ ଓ ରାଘବ -ସହ ସମ୍ପାଦକ ଭାବେ ସେମାନଙ୍କ ପ୍ରତିଦ୍ୱନ୍ଦୀ ଠାରୁ ବିଜୟୀ ହୋଇ ଥିଲେ। ନିର୍ବାଚନ ଫଳ ଘୋଷଣା ପରେ ସମସ୍ତ ନୂତନ କର୍ମକର୍ତ୍ତା ମାନଙ୍କୁ ଆସିକା ଓକିଲ ସଙ୍ଘ କାର୍ଯ୍ୟାଳୟ ପରିସରରେ ପୁଷ୍ପ ଗୁଚ୍ଛ ଦେଇ ଉପସ୍ଥିତ ଥିବା ସମସ୍ତ ଆଇନଜୀବୀ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ ।

ବିଷପାନ କରି ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

ପାଣିକୋଇଲି, (ସବ୍ୟୁ) :ପାଣିକୋଇଲି ଗ୍ରାମରେ ମାମୁଁ ଘରେ ରହୁଥିବା ଜଣେ ଯୁବକ ଗତ ଶୁକ୍ରବାର ଦିନ ବିଷପାନ କରି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ପ୍ରକାଶଯେ ପାଣିକୋଇଲି ଥାନା ତଥା କରଦା ପଂଚାୟତ ଅନ୍ତର୍ଗତ ବର୍ତମଣା ଗ୍ରାମର ଶଶୀଭୁଷଣ ପାଢୀଙ୍କ ପୁଅ ଗଣେଶ (୨୫)ପିଲାବେଳୁ ପାଣିକୋଇଲି ଗ୍ରାମରେ ଥିବା ମାମୁଁ ଘରେ ରହିବା ସହିତ ବ୍ୟବସାୟ କରୁଥିଲେ। ତେବେ କୌଣସି କାରଣକୁ ନେଇ ମାନସିକ ଭାରସାମ୍ୟ ହରାଇବା ପରେ ସେ ଶୁକ୍ରବାର ଦିନ ବିଷ ପିଇଦେଇଥିଲେ। ଘରଲୋକ ଜାଣିପାରି ତାଙ୍କୁ ତୁରନ୍ତ ଯାଜପୁର ମୁଖ୍ୟ ଚିକିସାଳୟକୁ ନେଇଥିଲେ କିନ୍ତୁ ଡ଼ାକ୍ତର ତାଙ୍କ ଅବସ୍ଥା ଦେଖି କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନନ୍ତରିତ କରିଥିଲେ। ତେବେ ବର୍ତମାନ ସେ ସେଠାରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି।

ବଜ୍ରାଘାତରେ ଆହତ ଯୁବକଙ୍କୁ
ପୁରାତନ ଛାତ୍ର ସଂଗଠନର ସହାୟତା

ଧର୍ମଶାଳା, (ସବ୍ୟୁ) : ଧର୍ମଶାଳା ବ୍ଲକ ଦେଓଦା ପଞ୍ଚାୟତ ଚଇନିହୁଡ଼ା ନିବାସୀ ବଟକୃଷ୍ଣ ତରାଇଙ୍କ ପୁଅ ମନୋଜ (୧୮) ବଜ୍ରାଘାତ ରେ ଆହତ ହୋଇଥିଲେ। ଗତ ବର୍ଷ ସେପ୍ଟେମ୍ବର ମାସରୁ ସେ ଚିକିତ୍ସାଧିନ ରହିଥିବା ବେଳେ ଅଦ୍ୟାବଧି ସେ ସମ୍ପୁର୍ଣ୍ଣ ସୁସ୍ଥ ହୋଇପରି ନାହାନ୍ତି । ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ମିଳିଥିବା ସମସ୍ତ ଅର୍ଥ ଶେଷ ହୋଇଯାଇଛି। ଗରିବ ପରିବାର ହୋଇଥିବାରୁ ଆର୍ଥିକ ସମ୍ବଳ ଅଭାବରୁ ତାଙ୍କର ଚିକିତ୍ସା ହୋଇପାରୁ ନାହିଁ । ଫଳରେ ସେ ସମ୍ପୂର୍ଣ୍ଣ ଆରୋଗ୍ୟ ହୋଇପାରି ନାହାନ୍ତି । ଏହି ଖବର ପାଇ ଉତରପ୍ରତାପ ପଂଚାୟତ ନରସିଂହପୁର ପଂଚାୟତ ହାଇସ୍କୁଲ ପୁରାତନ ଛାତ୍ର ସଂଗଠନର କର୍ମକର୍ତା ମାନେ ସେଠାରେ ପହଁଚି ଆର୍ଥିକ ସହାୟତା ପ୍ରଦାନ ସହ ଆରୋଗ୍ୟ କାମନା କରିଛନ୍ତି। ପୁରାତନ ଛାତ୍ର ମାୟାଧର ରାଉତ, ରବୀନ୍ଦ୍ର ସେଠୀ, ସୁଶିଲ କୁମାର ଦାସ, ରବୀନ୍ଦ୍ର ଦାସ ଓ ଆଜିର କୁମାର ସ୍ୱାଇଁ ମନୋଜଙ୍କ ବାସଭବନ ରେ ପହଂଚି ଏହି ସହାୟତା ପ୍ରଦାନ କରିଥିବା ଜଣାଯାଇଛି।

ସାଲେପୁର ଆଞ୍ଚଳିକ ସାମ୍ବାଦିକ ସଂଘ ବାର୍ଷିକ ଉତ୍ସବ

ସାଲେପୁର, (ସବ୍ୟୁ) :ସାଲେପୁର ଆଞ୍ଚଳିକ ସାମ୍ବାଦିକ ସଙ୍ଘର ନବମ ବାର୍ଷିକ ଉତ୍ସବ ଓ ଉତ୍କଳ ଦିବସ ସମାରୋହ ୨୦୨୪ ମଧୁସୂଦନ ମଣ୍ଡପ ପରିସରରେ ଉଦ୍ଘାଟିତ ହୋଇ ଯାଇଛି । ଆଜି ପ୍ରଥମ ଦିବସ ଅସରରେ ସକାଳେ ଆୟୋଜିତ ସଙ୍ଗୀତ, ନୃତ୍ୟ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠାନ ର ସଭାପତି ଅକ୍ଷୟ କୁମାର ଦାସଙ୍କ ସ୍ୱଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ରେ ସାଲେପୁର ଏସ ଡି ପି ଓ ନିହାର ରଞ୍ଜନ ବେହେରା, ସାଲେପୁର ତହସିଲଦାର ଜୟନ୍ତ କୁମାର ଜୟସିଂହ, ବି ଡି ଓ ଖଗେଶ୍ୱର ପାତ୍ର, ଅନୁଷ୍ଠାନ ର ସମ୍ପାଦକ ହୃଷିକେଶ ମଲ୍ଲିକ, କୋଷାଧକ୍ଷ ସୁଧୀର କୁମାର ଶତପଥୀ ଅତିଥିଭାବେ ଯୋଗ ଦେଇ ସାମ୍ବାଦିକ ମାନଙ୍କ ଏଭଳି କାର୍ଯ୍ୟକ୍ରମ କୁ ଭୂୟସୀ ପ୍ରଶଂସା କରିଥିଲେ । ସନ୍ଧ୍ୟାରେ ସାଲେପୁର ହାଇସ୍କୁଲ ଖେଳ ପଡିଆ ଠାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଅନୁଷ୍ଠାନ ର ସଭାପତି ଅକ୍ଷୟ କୁମାର ଦାଶ ସଭାପତିତ୍ୱ କରିଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ କଂଗ୍ରେସ ଦଳର କଟକ ଜିଲ୍ଲା ସଙ୍ଖ୍ୟାଲଘୁ ସେଲର ସଭାପତି ଇଂ ଆକିବ ଖାଁ, ସମ୍ମାନିତ ଅତିଥି ଭାବେ ସମ୍ପାଦକ କୃଷକ ସମ୍ବାଦ ଓ ସର୍ବଶକ୍ତି ଭାସ୍କର ଚନ୍ଦ୍ର ବେହେରା, ସମାଜସେବୀ ଇଂ ସିଧାର୍ଥ ସ୍ୱରୂପ ଦାଶ ଯୋଗଦେଇ ସାମ୍ବାଦିକ ମାନଙ୍କ ଏଭଳି କାର୍ଯ୍ୟକ୍ରମ ଓଡ଼ିଶା ରେ ନିଆରା ବୋଲି ପ୍ରକାଶ କରିଥିଲେ । ପ୍ରତିଯୋଗୀତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀ ମାନଙ୍କୁ ଅତିଥିମାନେ ପ୍ରମାଣ ପତ୍ର, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ସ୍ଥାନୀୟ ବିଦ୍ୟାଳୟ ର ଛାତ୍ର ଛାତ୍ରୀ ଓ ସିଧାର୍ଥ ଟିଭି ର ଧାରାବାହିକ ମାୟା ଓ ମମତା ର ସମସ୍ତ କଳାକାର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମ କୁ ଆଞ୍ଚଳିକ ସାମ୍ବାଦିକ ସଙ୍ଘର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ମାନେ ପରିଚାଳନା କରିଥିଲେ ।

ବେକରେ ରଶି ଲଗାଇ
ଯୁବକଙ୍କ ଆତ୍ମହତ୍ୟା

କୋରେଇ,(ସବ୍ୟୁ) : କୋରେଇ ଥାନା ଅନ୍ତର୍ଗତ ବରୁଣ୍ଡେଇ ପଞ୍ଚାୟତ ଉଭରଖଜିରା ଗ୍ରାମର ସ୍ୱର୍ଗତ ପୁରସ୍ତମ ପରିଡାଙ୍କ ପୁଅ କୁଳମଣି (କୁନା)(୫୦)ଚେଙ୍ଗ ଗଡିଆ ପଶି ମଝିରେ ଏକ ବରଗଛରେ ବେକରେ ରସି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡିଛି । କୁଳମଣି (କୁନା)ପ୍ରତିଦିନ ଭଳି ଗତକାଲି ସନ୍ଧ୍ୟାରେ ବରୁଣ୍ଡେଇ ବଜାରକୁ ଆସିଥିଲା । ମାତ୍ର ରାତିରେ କୁଳମଣି ଘରକୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଫେରିନଥିଲା । ପରିବାରଲୋକେ ତାକୁ ଖୋଜାଖୋଜି କରି ପାଇନଥିଲେ । ହେଲେ ଆଜି ଅପରାହ୍ନରେ କୌଣସି ଲୋକ ଗୋରୁ ଗୋଡ଼ାଇବାକୁ ଯାଇଥିବାବେଳେ ଚେଙ୍ଗ ଗଡିଆ ପଶିର ମଝି ବରଗଛରେ ଏକ ଝୁଲନ୍ତା ଶବ ଦେଖି ଗାଁ କୁ ଆସି ଜଣାଇଥିଲା । ଏହି କଥା ପ୍ରଘଟ ହୋଇଯାଇଥିଲା । କାହାର ମୃତଦେହ ଝୁଲୁଥିବା ଶୁଣି ଉଭରଖଜିରା ଗ୍ରାମର ଲୋକମାନେ ସେଠାକୁ ଯାଇ ମୃତଦେହଟି କୁଳମଣିର ବୋଲି ଚିନ୍ହି ପରିବରଲୋକଙ୍କୁ ଖବର ଦେବାସହ କୋରେଇ ଥାନାକୁ ଜଣାଇଥିଲେ । କୋରେଇ ପୋଲିସ ଘଟଣା ସ୍ଥଳରେ ପହଂଚି ଝୁଲୁଥିବା ଅବସ୍ଥାରେ ଶବକୁ ଜବତ କରିବା ଶହ ଏକ ଅପମୃତ୍ୟୁ ମାମଲା ରୁଜୁକରି ବ୍ୟବଚ୍ଛେଦ ପାଇଁ ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିବା ଜଣାପଡିଛ ।

ଜିଲ୍ଲା ଓକିଲ ସଂଘ ନିର୍ବାଚନ
ସଭାପତି ବିଭୂ ପ୍ରସାଦ ଦାସ ଓ ସମ୍ପାଦକ ବିପ୍ଳବ ବାରିକ

ବାରିପଦା, (ସବ୍ୟୁ) : ବାରିପଦା କୋର୍ଟ ପରିସରରେ ଶନିବାର ଜିଲ୍ଲା ଓକିଲ ସଂଘର ନିର୍ବାଚନ ଶାନ୍ତିଶୃଙ୍ଖଳାରେ ଶେଷ ହୋଇଛି । ଚଳିତ ବର୍ଷ ନିର୍ବାଚନରେ ଜିଲ୍ଲା ଓକିଲ ସଂଘର ସଭାପତି ଭାବେ ବିଭୂ ପ୍ରସାଦ ଦାସ, ସମ୍ପାଦକ ଭାବେ ବିପ୍ଳବ ବାରିକ, ସାଧାରଣ ସମ୍ପାଦକ ଭାବେ ସୁଜାତା ମିଶ୍ର, ଯୁଗ୍ମ ସମ୍ପାଦକ ଭାବେ ସ୍ୱରୂପ କୁମାର ମିଶ୍ର, ଯୁଗ୍ମ ସମ୍ପାଦକ (ପ୍ରଶାସନ) ପଙ୍କଜ କୁମାର ମହାକୁଡ଼, ଯୁଗ୍ମ ସମ୍ପାଦକ(ଲାଇବ୍ରେରି) ଭାବେ ସତ୍ୟନାରାୟଣ ବେହେରା ଏବଂ କୋଷାଧକ୍ଷ ଭାବେ ପଦ୍ମଲୋଚନ ମହାନ୍ତ ନିର୍ବାଚିତ ହୋଇଛନ୍ତି ।

ସେହିପରି ଜିଲ୍ଲା ଓକିଲ ସଂଘର ସାଧାରଣ ପରିଷଦ ସଦସ୍ୟ ଭାବେ ଦେବ୍ରାଜ ମିଶ୍ର, ଗୌତମ ଶଙ୍କର ରାୟ, ଜ୍ଞାନ ରଞ୍ଜନ ଜେନା, ମାନସ ରଞ୍ଜନ ବେହେରା, ସୁଦାମ ଶେଖର ପାଲ, ସୁସ୍ମିତା ଘୋଷାଲ, ସ୍ୱପ୍ନା ମହାନ୍ତି ଓ ଉତ୍ତମ କୁମାର ଦଳବେହେରା ପ୍ରମୁଖ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି । ଏହି ନିର୍ବାଚନକୁ ନିର୍ବାଚନ ଅଧିକାରୀ ଭାବେ ବରିଷ୍ଠ ଆଇନ୍‌ଜୀବି କୃଷ୍ଣଚନ୍ଦ୍ର ଦାସ ପରିଚାଳନା କରିଥିଲେ ।

ଶବର କନ୍ୟା ଲଳିତା ଓ ବିଦ୍ୟାପତିଙ୍କ ମିଳନ ସ୍ଥଳୀ
ଦୋମୁହିଁକୁ ପର୍ଯ୍ୟଟନ ସ୍ଥଳୀ ମାନ୍ୟତା ଦାବି

କେନ୍ଦ୍ରାପଡା, (ସବ୍ୟୁ) : କେନ୍ଦ୍ରାପଡା ର ଜଣାଶୁଣା ସ୍ୱେଚ୍ଛାସେବୀ ସଂଗଠନ ଶ୍ରୀ ଜଗନ୍ନାଥ ଚାରି ଟେବୁଲ ଟ୍ରଷ୍ଟର କର୍ମକର୍ତା ମାନେ କାଳିଆ ପଲ୍ଲୀ ଗ୍ରାମ ପରିଦର୍ଶନ କରିବା ସହ ଏଠାରେ ଥିବା ଦୁଇ ନଦୀର ମିଳନ ସ୍ଥଳୀ ଦୋମୁହିଁ କୁ ପର୍ଯ୍ୟଟନ ସ୍ଥଳୀ ମାନ୍ୟତା ପାଇଁ ଦାବି କରିଛନ୍ତି । କାଳିଆ ପଲ୍ଲୀ ଗ୍ରାମ ନିକଟରେ ପ୍ରବାହିତ କୁଆଁରିଆ ଓ କୁସୁମି ନଦୀର ମିଳନ ସ୍ଥଳୀ ଦୋମୁହିଁ ଠାରେ ପୁରାଣ ବର୍ଣ୍ଣିତ ଶବର ରାଜା ବିଶ୍ୱାବସୁ ଙ୍କ କନ୍ୟା ଲଳିତା ଓ ବିଦ୍ୟାପତି ଙ୍କ ଅନାବିଳ ପ୍ରେମ ଫଳରେ ପ୍ରଭୁ ନୀଳ ମାଧବଙ୍କୁ ଦର୍ଶନ କରିବା ସହ ତାଙ୍କୁ ଉଦ୍ଧାର କରିଥିଲେ । କାଳିଆ ପଲ୍ଲୀ ଗ୍ରାମରେ ବାସ କରୁଥିବା ବ୍ୟକ୍ତିମାନେ ଶବର ସଂପ୍ରଦାୟ ଓ ବିଶ୍ୱାବସୁ ଙ୍କ ବଂଶଧର ବୋଲି ଦାବିକରି ଆସୁଛନ୍ତି । ଫଳରେ ମହାପ୍ରଭୁ ଜଗନ୍ନାଥଙ୍କ ସଂସ୍କୃତି ସହ ଜଡିତ ଥିବା ଏହି ସ୍ଥାନକୁ ପର୍ଯ୍ୟଟନ ସ୍ଥଳୀ ମାନ୍ୟତା ଦେବାପାଇଁ ଟ୍ରଷ୍ଟର ସବାପତି ଦମନ ମହାନ୍ତି, ଗଛ ସାର ଅନ୍ତର୍ଯ୍ୟାମୀ ସାହୁ, ଲତା ବେହେରା, କାଳନ୍ଦୀ ମଳିକ, ନଟିଆ ରାଉତ, ଦିଲିପ ବେହେରା, ପୁନ ବେହେରା, ବିଦ୍ୟାଧର ବେହେରା ଓ ସାଗର ଜେନା ପ୍ରମୁଖ ରାଜ୍ୟ ସରକାରଙ୍କ ଠାରେ ଦାବି କରିଛନ୍ତି ।

ଛତ୍ରପୁର ଓକିଲ ସଂଘ ନିର୍ବାଚନ : ପ୍ରଦୀପ ସଭାପତି, ସୁରେଶ ସମ୍ପାଦକ

ଛତ୍ରପୁର, (ସବ୍ୟୁ): ଛତ୍ରପୁର ଓକିଲସଂଘର ବିଭିନ କର୍ମକର୍ତ୍ତା ନିମନ୍ତେ ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି । ସଂଘର ବିଭିନ ପଦ ପଦବୀ ନିମନ୍ତେ ନିର୍ବାଚନ ନିମନ୍ତେ ମତଦାନ ହେବା ସହିତ ଫଳାଫଳ ଘୋଷାଣ ହୋଇଯାଇଛି। ଓକିଲ ସଂଘର ସଭାପତି ପଦବୀ ନିମନ୍ତେ ପ୍ରଦୀପ କୁମାର ପାଢୀ ଓ ଏଲ. ଗୋପାଲ ରାଓ ମଧରେ ମୁକାବିଲା ହୋଇଥିବା ବେଳେ ପ୍ରଦୀପ କୁମାର ପାଢୀ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି ।

ସେହିପରି ସମ୍ପାଦକ ପଦବୀ ପାଇଁ ଡି. ପଦ୍ମନାଭ ପ୍ରଧାନ, ଏସ. ଶ୍ୟାମ କୁମାର ଓ ସୁରେଶ କୁମାର ପଟ୍ଟନାୟକ ମଧରେ ମୁକାବିଲା ହୋଇଥିବା ବେଳେ ସୁରେଶ କୁମାର ପଟ୍ଟନାୟକ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି । ଯୁଗ୍ମ ସମ୍ପାଦକ ଭାବେ କୁସ କୁମାର ବେହେରା ଓ ସମୀର କୁମାର ପାଣିଗ୍ରାହୀ ମଧରେ ମୁକାବିଲା ହୋଇଥିବା ବେଳେ ଯୁଗ୍ମ ସମ୍ପାଦକ ଭାବେ ସମୀର କୁମାର ପାଣିଗ୍ରାହୀ ନିର୍ବାଚିତ ହୋଇଛନ୍ତି । ପୂର୍ବରୁ ଲାଇବ୍ରେରୀ ସେକ୍ରେଟାରୀ ଭାବେ ବିଶ୍ୱ ଭୂଷଣ ପାଢୀ, ସହ-ସମ୍ପାଦକ ଭାବେ ଜିତୁନ କୁମାର ପାଢୀ, ଉପସଭାପତି ଭାବେ ଚୈତନ୍ୟ ପ୍ରଧାନ ଓ କୋଷାଧକ୍ଷ ଭାବେ ସଞ୍ଜୟ କୁମାର ବେହେରା ନିଦ୍ୱନ୍ଦ ଭାବେ ବିଜୟୀ ହୋଇଥିଲେ। ନିର୍ବାଚନ ଅଧିକାରୀ ଭାବେ ଦେବେନ୍ଦ୍ର କୁମାର ମିଶ୍ର ଦାୟିତ୍ୱ ତୁଲାଇ ଥିବା ବେଳେ ସହକାରୀ ନିର୍ବାଚନ ଅଧିକାରୀ ଭାବେ ସନ୍ତୋଷ କୁମାର ସାହୁ ଓ ନରସିଂହ ପାଢୀ ଦାୟିତ୍ୱ ତୁଲାଇ ଥିଲେ ।

ଗୁଡିଆଲି ଗ୍ରାମର ନିରଞ୍ଜନ ସାହୁ ହତ୍ୟା ମାମଲା ଅଭିଯୁକ୍ତ ବାପ,ପୁଅ ଓ ମାଆାକୁ ଆଜୀବନ କାରାଦଣ୍ଡାଦେଶ

ବୌଦ୍ଧ,(ସବ୍ୟୁ): ବୌଦ୍ଧ ଜିଲ୍ଲା ବାଉଁଶୁଣୀ ଥାନା ଗୁଡିଆଳି ଗ୍ରାମର ନିରଂଜନ ସାହୁଙ୍କୁ ଗତ ୨୦୦୪ ଜୁଲାଇ ମାସରେ ହତ୍ୟା କରାଯାଇଥିଲା । ଏହି ମାମଲାର ରାୟ ଆଜି ପ୍ରକାଶ ପାଇଛି । ବୌଦ୍ଧ ଜିଲ୍ଲା ଦୌରାଜଜ ବିକ୍ରମ କୁମାର ପ୍ରଧାନ ଏହି ମାମଲାର ବିଚାର କରି ତିନି ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେବାସହ ୧୦ ହଜାର ଟଙ୍କା ଜରିମାନା ଆଦେଶ ପ୍ରଦାନ କରିଛନ୍ତି । ଅଭିଯୁକ୍ତ ମାନେ ହେଲେ ବହିରା ଗ୍ରାମର ବନମାଳୀ ସାହୁ, କୁନ୍ତୀ ସାହୁ ଓ କ୍ଷୀରନବ ସାହୁ । ମାମଲାରୁ ପ୍ରକାଶ ଯେ ବାଉଁଶୁଣୀ ଥାନା ଅନ୍ତର୍ଗତ ଗୁଡିଆଳି ଗ୍ରାମର ନିରଂଜନ ସାହୁଙ୍କ ସ୍ତ୍ରୀ ସୌଦାମିନି ସାହୁଙ୍କ ନାମରେ ବହିରା ମୌଜାରେ କିଛି ଜମି ରହିଥିଲା । ଏହି ଜମିକୁ ନେଇ ଦୀର୍ଘ ବର୍ଷ ହେବ ଅଭିଯୁକ୍ତଙ୍କ ପରିବାର ସହ ମାମଲା ରହିଥିଲା । ଗତ ୧୩.୭.୨୦୦୪ରେ ନିରଂଜନ ସାହୁ ଓ ତାଙ୍କ କ୍ୱାଇଁ ଉକ୍ତ ଜମିରେ ହଳ କରୁଥିବା ବେଳେ ଅଭିଯୁକ୍ତ ବନମାଳି ସାହୁ ତାଙ୍କ ସ୍ତ୍ରୀ କୁନ୍ତୀ ସାହୁ ଓ ପୁଅ କ୍ଷୀରାନ୍ନବ ସାହୁ, ସାନପୁଅ ଦୁର୍ଯ୍ୟଧନ ସାହୁ ଓ ଅଷ୍ଟମ ବାଘ ଆସି ନିରଂଜନଙ୍କୁ ମାରଣାସ୍ତ୍ର ଦ୍ୱାରା ମୁଣ୍ଡ, ଗାଲ, ଅଣ୍ଟା ଓ ଗୋଡରେ ହାଣି ଦେଇଥିଲେ । ଆକ୍ରମଣ ପରେ ନିରଂଜନ ତଳେ ପଡିଯାଇଥିଲେ । ସଙ୍ଗେ ସଙ୍ଗେ ତାଙ୍କୁ ବାଉଁଶୁଣୀ ମେଡିକାଲକୁ ନିଆଯାଇଥିଲା । ସେଠାରେ ଗୁରୁତର ହେବାରୁ ବୁର୍ଲା ମେଡିକାଲକୁ ପଠାଯାଇଥିଲା । କିନ୍ତୁ ସେଠାରେ ଚିକିତ୍ସିତ ଅବସ୍ଥାରେ ନିରଂଜନଙ୍କ ମୃତ୍ୟୁ ହୋଇଯାଇଥିଲା । ଏନେଇ ନିରଂଜନଙ୍କ ଭଣଜା ହେମନ୍ତ କୁମାର ସାହୁ ଜମିବାଡି ମାମଲାକୁ ନେଇ ହତ୍ୟା କରାଯାଇଥିବା ନେଇ ବାଉଁଶୁଣୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପରେ ବାଉଁଶୁଣୀ ଥାନା ପକ୍ଷରୁ ଥାନା କେସ ନଂ ୪୮/୨୦୦୪ରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଏହି ଘଟଣାରେ ପୁଲିସ ଅଭିଯୁକ୍ତ ବନମାଳୀ ସାହୁ, କୁନ୍ତୀ ସାହୁ ଓ କ୍ଷୀରାନ୍ନବ ସାହୁ, ଦୁର୍ଯ୍ୟୋଧନ ସାହୁ ଓ ଅଷ୍ଟମ ବାଘଙ୍କ ନାମରେ ମାମଲା ରୁଜ କରି ବିଚାର ପାଇଁ କୋର୍ଟକୁ ପଠାଇଥିଲା । ପରବର୍ତ୍ତୀ ସମୟରେ ଏହି ମାମଲାଟି ଜିଲ୍ଲା ଦୌରାଜଜଙ୍କ ଅଦାଲତରେ (ଏସଟି ୧୭/ ୨୦୧୬ ଓ ଏସଟି ୭୦/୨୦୧୮) ରେ ବିଚାର ହୋଇଥିଲା । ସରକାରଙ୍କ ପକ୍ଷରୁ ୧୩ ଜଣ ସାକ୍ଷୀଙ୍କ ବୟାନକୁ ଭିତିକରି ପ୍ରମାଣ ଥିବା ନେଇ ଅଦାଲତ ଅଭିଯୁକ୍ତ ବାପ ବନମାଳୀ ସାହୁ, ସ୍ତ୍ରୀ କୁନ୍ତୀ ସାହୁ ଓ ପୁଅ କ୍ଷୀରନବ ସାହୁଙ୍କୁ ଗୁରୁବାର ଦିନ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବାସହ ୧୦ ହଜାର ଟଙ୍କା ଜରିମାନା ଆଦେଶ ପ୍ରଦାନ କରିଥିବା ବେଳେ ଜରିମାନା ଅନାଦେୟ ହେଲେ ଆଉ ଅଧିକ ଏକ ବର୍ଷ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି । ଉକ୍ତ ମାମଲାରେ ଅନ୍ୟ ଦୁଇ ଅଭିଯୁକ୍ତ ଦୁର୍ଯ୍ୟୋଧନ ସାହୁ ଓ ଅଷ୍ଟମ ବାଘଙ୍କ ପାଇଁ ପୂର୍ବରୁ ମାମଲାର ବିଚାର ହୋଇଥିବା ବେଳେ ସେମାନେ ମଧ୍ୟ ଆଜୀବନ କାରାଦଣ୍ଡରେ ଦଣ୍ଡିତ ହୋଇଥିଲେ । ସରକାରଙ୍କ ପକ୍ଷରୁ ଏହି ମାମଲାକୁ ସରକାରୀ ଓକିଲ ସବିତା କୁମାରୀ ପଣ୍ଡା ପରିଚାଳନା କରିଥିଲେ ।

ଗୋଳାବାରୁଦ କାରଖାନାରେ ଜାଲ ନିଯୁକ୍ତିପତ୍ର ମାମଲା କାର୍ଯ୍ୟରେ ଯୋଗଦେବାକୁ ଆସିଥିବା ୩ ଯୁବକ ଗିରଫ

ସଇଁତଲା,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ସଇଁତଲା ଥାନା ଅର୍ନ୍ତଗତ ବଡ଼ମାଳ ଗୋଳାବାରୁଦ କାରଖାନାର ବରିଷ୍ଠ ଗୁଣବତ୍ତା ବିଭାଗରେ ଚାର୍ଜମ୍ୟାନ ପଦବୀ ପାଇଁ ଜାଲ ନିଯୁକ୍ତିପତ୍ର ଧରି ଆସିଥିବା କଲାହାଣ୍ଡି ଜିଲ୍ଲାର ତିନିଜଣ ଯୁବକଙ୍କୁ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରଛି । ଘଟଣାରୁ ଜଣାଯାଏ ଗୁରୁବାର ପୂର୍ବାହ୍ନରେ ବଡ଼ମାଳ ଗୋଳାବାରୁଦ କାରଖାନାସ୍ଥିତ ବରିଷ୍ଠ ଗୁଣବତ୍ତା ବିବାଗରେ ଚାର୍ଜମ୍ୟାନ ପଦବୀରେ ନିଯୁକ୍ତି ପତ୍ର ଓ ସୁରକ୍ଷା ଗେଟ ପାସ ନେଇ କଲାହାଣ୍ଡି ଜିଲ୍ଲାର ଲାଂଜିଗଡ଼ ଥାନା ହରେକୃଷ୍ଣପୁର ଗ୍ରାମର ରଣଜିତ ସାହୁ, ଲଳିତ ସାହୁ ଏବଂ ଭବାନୀପାଟଣା ଥାନା ଅର୍ନ୍ତଗତ ମେଦିନୀପୁର ଗ୍ରାମର ପ୍ରଦୀପ ସାହୁ ପହଞ୍ଚି ପ୍ରଶାସନିକ ବିଭାଗ ସହ ଯୋଗାଯୋଗ କରି ନିଯୁକ୍ତି ପତ୍ର ଦେଖାଇଥିଲେ । ପ୍ରଶାସନିକ ବିଭାଗ ସଂପୃକ୍ତ ନିଯୁକ୍ତିପତ୍ର ଓ ସୁରକ୍ଷା ଗେଟ ପାସ ତଦନ୍ତ କରିବାରୁ ତାହା ନକଲି ବୋଲି ଜାଣିବାପରେ କାରଖାନାର ମହାପ୍ରବନ୍ଧକ ପ୍ରଦୀପ ସାହୁଙ୍କୁ ଏ ବିଷୟରେ ଅବଗତ କରିଥିଲେ । କାରଖାନା କର୍ତ୍ତୃପକ୍ଷ ଘଟଣା ବିଷୟରେ ସଇଁତଲା ପୋଲିସକୁ ଜଣାଇବାରୁ ନକଲି ନିଯୁକ୍ତିପତ୍ର ଆଣିଥିବା ତିନିଜଣଙ୍କୁ ଥାନାକୁ ଆଣି ପଚରାଉଚୁରା କରିଥିଲା । ଟିଟିଲାଗଡ଼ ଥାନା ଅର୍ନ୍ତଗତ ଉଦେପୁର ଗ୍ରାମର ପ୍ରମୋଦ ସାହୁ ୯ ଲକ୍ଷ ଟଙ୍କା ନେଇ ଜାଲ ନିଯୁକ୍ତିପତ୍ର ସହ ସୁରକ୍ଷା ଗେଟ ପାସ ଦେଇଥିବା ସମ୍ପୃକ୍ତ ୩ଜଣ ପୋଲିସକୁ କହିଥିଲେ । ଅଭିଯୁକ୍ତ ପ୍ରମୋଦର ବଡ଼ମାଳ ଷ୍ଟେଟ ବ୍ୟାଙ୍କରେ ଥିବା ବ୍ୟାଙ୍କ ଖାତାକୁ ରଂଜିତ, ଲଳିତ ଓ ପ୍ରଦୀପ ଲକ୍ଷାଧିକ ଟଙ୍କା ପଠାଇଥିବା ଜଣାଯାଏ । ସଇଁତଲା ପୋଲିସ ଥାନା କେସ ନଂ.୧୩୭/୨୦୨୪ରେ ମାମଲା ରୁଜୁ କରି ତିନି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବାବେଳେ ତଦନ୍ତକାରୀ ଅଧିକାରୀ ଏସଆଇ ଆଲୋକ ଭୋଇ ଅଧିକ ତଦନ୍ତ ଜାରି ରଖିଛନ୍ତି । ଅନ୍ୟପକ୍ଷରେ ପ୍ରମୋଦ ସାହୁ କଣ୍ଟାବାଞ୍ଜୀ ପୋଲିସ ଅନ୍ୟ ଏକ ମାମଲାରେ ଗତ ଦୁଇଦିନ ତଳେ କୋର୍ଟ ଚାଲାଣ କରିଥିବା ଜଣାଯାଏ । ପ୍ରମୋଦ ପାଖରୁ ଏକ ପରିଚୟ ପତ୍ର ଓ କିଛି ଟଙ୍କା ଜବତ କରିଥିବା ଜଣାଯାଏ । ଏହି ଜାଲ ନିଯୁକ୍ତି ପ୍ରକ୍ରିୟାରେ କୋଟି କୋଟି ଟଙ୍କା କାରବାର ହୋଇ ନିରୀହ ଯୁବକମାନେ ସର୍ବସ୍ୱାନ୍ତ ହେଉଥିବାରୁ ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ସାଧାରଣରେ ଦାବି ହେଉଛି ।

କୋକସରା ବିଜେଡି ପକ୍ଷରୁ ପୁଷ୍ପେନ୍ଦ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

କୋକସରା,(ସବ୍ୟୁ): ରାଜ୍ୟ ବିଜେଡି ପକ୍ଷରୁ ୨୦୨୪ ବିଧାନସଭା ନିର୍ବାଚନ ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛି ବିଜୁ ଜନତା ଦଳ। ଧର୍ମଗଡ ବିଧାନସଭା ନିର୍ବାଚନ ମଣ୍ଡଳୀରୁ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ରହିଥିବା ପୁଷ୍ପେନ୍ଦ୍ର ସିଂଦେଓଙ୍କୁ ପୁଣିଥରେ ଦଳ ପକ୍ଷରୁ ଟିକେଟ ମିଳିଛି। ଜିଲ୍ଲା ସଭାପତି ରହି ପୁଷ୍ପେନ୍ଦ୍ର ଦଳ ପ୍ରତି ଆନୁଗତ୍ୟ ରହି ସାଙ୍ଗଠାନିକ ଦାୟିତ୍ୱରେ ରହି ଦଳକୁ ଜିଲ୍ଲାରେ ତୃଣମୂଳ ସ୍ତରରେ ସଙ୍ଗଠିତ କରିବାରେ ଅହରହ ଉଦ୍ୟମ ଜାରି ରଖିଛନ୍ତି । ଧର୍ମଗଡ ବିଧାୟକ ଟିକେଟ ମିଳିବା ପରେ ଶନିବାର କୋକସରା ବ୍ଲକ ବିଜେଡି କାର୍ଯ୍ୟାଳୟରେ ଦଳୀୟ କର୍ମକର୍ତ୍ତା ମାନେ ପୁଷ୍ପେନ୍ଦ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି। ଏହି ଅବସରରେ ବ୍ଲକ ବିଜେଡି ସଭାପତି ସୁଶାନ୍ତ କୁମାର ବେହେରାଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ଉପସ୍ଥିତ ଦଳୀୟ କର୍ମିଙ୍କୁ ଆଗାମୀ ନିର୍ବାଚନ ରଣନୀତିକୁ ନେଇ ଆଲୋଚନା ହୋଇଛି। କୋକସରା ବ୍ଲକ ଉପାଧକ୍ଷ ରାଜୀବ ଅଗ୍ରୱାଲ, ଜିଲ୍ଲା ପରିଷଦ ସଭ୍ୟ ତ୍ରିନାଥ ବାଗ, ୨୨ ପଞ୍ଚାୟତର ବିଜେଡି ସଭାପତି, ଶତାଧିକ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

ଶାସ୍ତ୍ରଜୀ ଶିକ୍ଷା ନିକେତନ ବାର୍ଷିକୋତ୍ସବ

ଭବାନୀପାଟଣା,(ସବ୍ୟୁ): ସ୍ଥାନୀୟ ଶାସ୍ତ୍ରଜୀ ଶିକ୍ଷା ନିକେତନ ପରିଷଦର ଦ୍ୱାଦଶ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ନିର୍ଦ୍ଦେଶକ ପରମାନନ୍ଦ ନନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କୃଷି ମହାବିଦ୍ୟାଳୟ ଅଧକ୍ଷ ଶାନ୍ତନୁ ତ୍ରିପାଠୀ, ଡ. ଉମେଶ ଚନ୍ଦ୍ର ଶତପଥୀ, ଅମେୟା ନନ୍ଦ ଜି ଓ ଜୟ କୁମାର୍ ମାଝୀ ପ୍ରମୁଖ ଅତିଥି ଭାବେ ଯୋଗ ଛାତ୍ର ଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ଏହି ଅବସରରେ ବିଦ୍ୟାଳୟ ପରିଚାଳନା କମିଟି ସଭାନେତ୍ରୀ ନିହାରିକା ପୁରୋହିତ, ଆଶୁତୋଷ ମୁଣ୍ଡ, ସ୍ୱପ୍ନା ପ୍ରଧାନ, କଲ୍ଲେଶ୍ୱର୍ ପୁରୋହିତ, ମଧୁସୂଦନ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ବରଗଡ ଜିଲ୍ଲା ଓକିଲ ସଂଘ ନିର୍ବାଚନ : ଭୀଷ୍ମଦେବ ସଭାପତି , ଦ୍ୟୁତିଶ ସମ୍ପାଦକ

ବରଗଡ,(ସବ୍ୟୁ): ବରଗଡ ଜିଲ୍ଲା ଓକିଲ ସଂଘ ନିର୍ବାଚନରେ ଭୀଷ୍ମଦେବ ସରାଫ ଲଗାତାର ଦ୍ୱିତୀୟ ଥର ପାଇଁ ସଭାପତି ଓ ଦ୍ୟୁତିଶ ଆଚାର୍ଯ୍ୟ ସାଧାରଣ ସମ୍ପାଦକ ଭାବରେ ନିର୍ବାଚିତ ହୋଇଛନ୍ତି । ସେହିପରି କାଳୀଚରଣ ଦାଶ ଉପ-ସଭାପତି, ସୁକୁମାର ସାହୁ ଯୁଗ୍ମ ସମ୍ପାଦକ ଭାବରେ ନିର୍ବାଚିତ ହୋଇଛନ୍ତି । ନିର୍ବାଚନ ପୂର୍ବରୁ କାର୍ଯ୍ୟକାରୀ କମିଟି କେଟାଗୋରୀ -୧ ପାଇଁ ସୁକାନ୍ତ କୁମାର ଦାଶ ଓ କିଶୋର କୁମାର ଦାଶ, କାର୍ଯ୍ୟକାରୀ କମିଟି କେଟାଗୋରୀ -୨ ପାଇଁ ଅନୁପ କୁମାର ଶତପଥୀ , ଲଲାଟେନ୍ଦୁ ବେହେରା ଓ କାର୍ଯ୍ୟକାରୀ କମିଟି କେଟାଗୋରୀ- ୩ ପାଇଁ ଆଶୁତୋଷ ରଥ ନିର୍ବିରୋଧ ଭାବରେ ନିର୍ବାଚିତ ହୋଇଥିଲେ । ଅନୁଷ୍ଠିତ ନିର୍ବାଚନରେ ମୋଟ ୩୮୨ ଜଣ ଭୋଟରଙ୍କ ମଧ୍ୟରୁ ୩୬୬ ଜଣ ସଦସ୍ୟ ଭୋଟ ଦେଇଥିଲେ । ନିର୍ବାଚନ ପାଇଁ ବରିଷ୍ଠ ସଦସ୍ୟ ବେଲାଲସେନ ସରାଫ ମୁଖ୍ୟ ନିର୍ବାଚନ ଅଧିକାରୀ ଥିବା ବେଳେ ତାଙ୍କୁ ଟୁନାଜ ଚନ୍ଦ୍ର ତ୍ରିପାଠୀ, ବିକ୍ରମାଦିତ୍ୟ ପଣ୍ଡା, କିରଣ କୁମାର ମିଶ୍ର, ହିରାରାମ ଭୋଇ, ଅମିୟ ଭୂଷଣ ସାହୁ, ପ୍ରକାଶ କୁମାର ପାଣିଗ୍ରାହୀ,ଗୋପାଳ ଷଡ଼ଙ୍ଗୀ, ଅପ୍ରମିତ ମିଶ୍ର, ଅଧିକାରୀ ପ୍ରଧାନ ପ୍ରମୁଖ ଓକିଲ ସହଯୋଗ କରିଥିଲେ ।

ମାଲକାନଗିରି ଓକିଲ ସଂଘ ନିର୍ବାଚନ ସମ୍ପନ୍ନ

ମାଲକାନଗିରି,(ସବ୍ୟୁ): ମାଲକାନଗିରି ଜିଲ୍ଲା ଓକିଲ ସଂଘର ନିର୍ବାଚନ ଫଳାଫଳ ଘୋଷଣା ହୋଇଛି । ସଂଘର ସଭାପତି ଭାବେ ପ୍ରୀତିପାଲ ସିଂ, ସଂପାଦକ ଭାବେ ବିଜୁ ସରକାର ଏବଂ ଉପସଭାପତି ଭାବେ ତାପସ କୁମାର ନାଥ ବିଜୟ ହୋଇଛନ୍ତି ।ମାଲକାନଗିରି କୋର୍ଟ ପରିସରରେ ଭୋଟ ପ୍ରଦାନ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ଉପସଭାପତି ଭାବେ ତାପସ କୁମାର ନାଥ ବିଜୟ ଲାଭ କରିଥିଲେ। ସେହିପରି କୋଷାଧକ୍ଷ ଭାବେ ହିରଜ ପାଣିଗ୍ରାହୀ ଅପ୍ରତିଦ୍ୱନ୍ଦୀ ଭାବେ ବିଜୟ ହୋଇଥିଲେ । ନିର୍ବାଚନ ଅଧିକାରୀ ଭାବେ ଯୋସେଫ ଜାମସ ଏବଂ ଅତିରିକ୍ତ ନିର୍ବାଚନ ଅଧିକାରୀ ଭାବେ ରଞ୍ଜିତ ସାନା ଦାୟିତ୍ୱ ନିର୍ବାହ କରିଥିଲେ ।

ରାଧାକାନ୍ତ ସା ହେଲେ ଝାରସୁଗୁଡା ଜିଲ୍ଲା ଓକିଲ ସଂଘ ସଭାପତ

ଝାରସୁଗୁଡା,(ସବ୍ୟୁ): ଜିଲ୍ଲା ଓକିଲ ସଂଘର ନିର୍ବାଚନ ଶେଷ ହୋଇଛି। ସଭାପତି ଭାବରେ ରାଧାକାନ୍ତ ସା ବିଜୟୀ ହୋଇଥିବା ବେଳେ ସାଧାରଣ ସଂପାଦକ ଭାବେ ମନିଷ ବାଜପେୟୀ ନିର୍ବାଚିତ ହୋଇଛନ୍ତି।

ଜିଲ୍ଲା ଓକିଲ ସଂଘ ନିର୍ବାଚନ: ସତ୍ୟନାରାୟଣ ସଭାପତି, ସିଦ୍ଧାର୍ଥ ଉପସଭାପତି ଭାବେ ନିର୍ବାଚିତ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ଓକିଲ ସଂଘର ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଯାଇଛି । କେବଳ ୩ଟି ପଦବୀ ପାଇଁ ନିର୍ବାଚନ ହୋଇଥିଲା । ସଭାପତି ପଦବୀ ପାଇଁ ବରିଷ୍ଠ ସଦସ୍ୟ ସତ୍ୟନାରାୟଣ ପଣ୍ଡା ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି । ଉପସଭାପତି ପଦବୀ ପାଇଁ ରାଙ୍ଗେୟ ନାଥ ଷଡଙ୍ଗୀ ଓ ସିଦ୍ଧାର୍ଥଶେଖର ସାହୁଙ୍କ ମଧ୍ୟରେ ଲଢେଇ ହୋଇଥିଲା । ସିଦ୍ଧାର୍ଥ ଶେଖର ସାହୁ ୨୭୫ଖଣ୍ଡ ଭୋଟ ପାଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ରାଙ୍ଗେୟଙ୍କୁ ୧୦୩ଖଣ୍ଡ ଭୋଟରେ ହରାଇଥିଲେ । ସେହିପରି ଯୁଗ୍ମ ସମ୍ପାଦକ ପଦବୀ ପାଇଁ ଦେଓକିରଣ ପଟ୍ଟନାୟକ ଓ ହିମାଂଶୁ ଶେଖର ପାଣିଗ୍ରାହୀଙ୍କ ମଧ୍ୟରେ କଡା ଟକ୍କର ହୋଇଥିଲା । ଦେଓକିରଣ ୨୦୩ଖଣ୍ଡ ଭୋଟ ପାଇଥିବା ବେଳେ ହିଂମାଶୁ ୨୪୨ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିଲେ । ସହକାରୀ ସମ୍ପାଦକ ପାଇଁ ଅନୁପ କୁମାର ପଟ୍ଟନାୟକ ଓ ନିହାର ରଞ୍ଜନ ପଟ୍ଟନାୟକଙ୍କ ମଧ୍ୟରେ ଲଢେଇ ହୋଇଥିଲା । ଅନୁପ ୨୯୮ଖଣ୍ଡ ଓ ନିହାର ୧୪୬ଖଣ୍ଡ ଭୋଟ ପାଇଥିବା ଜଣାପଡିଛି । ଅନ୍ୟପଟେ କାର୍ଯ୍ୟନିର୍ବାହୀ ସଭ୍ୟ ଭାବେ ଆଶୁତୋଷ ପାତ୍ର, ଭଗତ ସିଂ, ଦିଲ୍ଲୀପ କୁମାର ସାହୁ, ମଧୁସୂଦନ ମିତ୍ର ଓ ଶ୍ୟାମସୁନ୍ଦର ଗଡତିଆ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି । କେବଳ ସାଧାରଣ ସମ୍ପାଦକ ପଦବୀଟି ଖାଲି ପଡିଛି । ଏହି ପଦବୀ ପାଇଁ ସୁରଜ ବିଶ୍ୱାଳ ନାମାଙ୍କନ ଦାଖଲ କରିଥିଲେ । ମାତ୍ର ତାଙ୍କ ଅକାଳ ବିୟୋଗ ଯୋଗୁଁ ନିର୍ବାଚନ ଆଇନ ୧୨୦ଅନୁଯାୟୀ ଏହି ପଦବୀଟି ଖାଲି ପଡିଥିବା ଜଣାପଡିଛି ।

ଅନୁସୂୟା ପାଇଲେ କି ଭାସ୍କାରଙ୍କ ଆର୍ଶୀବାଦ

ରାୟଗଡା,(ସବ୍ୟୁ): ଆଦିବାସୀ ବହୁଳ ରାୟଗଡା ନିର୍ବାଚନ ମଣ୍ଡଳୀରୁ ଅନୁସୟା ମାଝୀଙ୍କ ଟିକେଟ ବିରୋଧରେ ଶୁଭୁଛି ଗର୍ଜନ । ବରିଷ୍ଠ ନେତୃତ୍ୱ ଭାସ୍କର ରାଓଙ୍କ ଅନୁଗାମୀମାନେ ଦଳ ଛାଡୁଛନ୍ତି। ଏକ ରକମ ଜିଲ୍ଲାରେ ନିଶ୍ବବ୍ଦତା ଘାରିଛି । ଅନୁସୟା ବିରୋଧରେ ପ୍ରତିକ୍ରିୟା ପ୍ରକାଶକରି ଭାସ୍କର ଶିବିର ଚଳଚଞ୍ଚଳ ହୋଇ ଉଠିଛି । ଆଉ ଶୁକ୍ରବାର ରାତିରେ ଅନୁସୟା ଆର୍ଶୀବାଦ ଭିକ୍ଷା ପାଇଁ ଭାସ୍କର ଶିବିରକୁ ଯାଇଥିଲେ । ତେବେ ଜିଲ୍ଲାର ବିଭିନ୍ନ ରାଜନୈତିକ ଶିବିର ସହ ପେଣ୍ଠ ସ୍ଥଳୀ ମାନଙ୍କରେ ଭାସ୍କର କଣ ଆର୍ଶୀବାଦ ଦେଇଥିବେ ବୋଲି ଗୁଞ୍ଜରଣ ଶୁଭୁଛି । ଦୀର୍ଘ ୫୦ ବର୍ଷ ଧରି ରାୟଗଡ଼ା ଜିଲ୍ଲାର ବିଜେଡି ଦଳର ଟାଣୁଆ ନେତା ହେଉଛନ୍ତି ଭାସ୍କର ରାଓ । ତାଙ୍କ ମତାମତ ନ ନିଆଯାଇ ବର୍ତ୍ତମାନ ଯେଉଁ ରାୟଗଡା ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ଭାବେ ଅନୁସୟା ମାଝୀଙ୍କୁ ଚୟନ କରିବା ପରେ ରାୟଗଡା ବିଜେଡିରେ ଅନୁସୟା ବିରୋଧୀ ସହ ରାଜ୍ୟ ନିଷ୍ପତ୍ତି ବିରୋଧରେ ଗର୍ଜନ ଶୁଭୁଛି । ଏପରିକି ଏହାକୁ ନେଇ ଭାସ୍କରଙ୍କ ଅନୁଗାମୀ ମାନେ ସାମ୍ବାଦିକ ସମ୍ମିଳନୀକରି ରାଜ୍ୟର ଏହି ଚୟନ ପ୍ରକ୍ରିୟାକୁ କଡା ଜବାବ ମଧ ଦେଇଛନ୍ତି । ବହୁ ଆଶାଇ ସମେତ ବିଜେଡି ଦଳରେ ଥିବା ବହୁ ପଦ ପଦବୀରେ ଥିବା ବରିଷ୍ଠ ନେତାଏଁ ଦଳର ପ୍ରାଥମିକ ସଦସ୍ୟ ପଦ ଛାଡିଛନ୍ତି । ଏପରିକି ଗତକାଲି ଭାସ୍କର ରାଓଙ୍କ ବାସଭବନରେ ଗୋଟିଏ ବଡ଼ ସଭା ଅନୁଷ୍ଠିତ ହୋଇଥିଲା । ଭାସ୍କର ରାଓଙ୍କ ଉପସ୍ଥିତିରେ ଦୁଇ ନେତାଏଁ ଜଣ ଜଣକରି ଗର୍ଜି ଉଠିଥିଲେ ରାଜ୍ୟର ଏକତରଫା ନିଷ୍ପତି କାର୍ଯ୍ୟକୁ ନେଇ । ଏପରିକି ଟାଣୁଆ ନେତା ଜଗଦୀଶ ପାତ୍ର ନିଜ ୧୦ ମିନଟର ଭାଷଣରେ ରାଜ୍ୟର ନେତୃତ୍ୱ ମାନଙ୍କୁ ନିନ୍ଦା କରିବା ସହ ୫ଶହ କିଲୋମିଟର ଦୂରରୁ ଗଲେ ସେଠାରେ ଏକ ମିନିଟ କଥା ହେବାପାଇଁ କାହା ପାଖରେ ସମୟ ନାହିଁ । ଏଭଳି ଲୋକେ କଣ ଦଳକୁ ସଂଘଠିତ କରି ରଖିବେ ବୋଲି ବର୍ଷିଥିଲେ। ଠିକ ଏହି ସମୟରେ ଅନୁସୟା ମାଝୀ ଭାସ୍କରଙ୍କ ଘରେ ପ୍ରବେଶ କରିବା ପରେ ସବୁ ଗର୍ଜନ କିଣି କ୍ଷଣ ପାଇଁ ନିରବି ଯାଇଥିଲା। ଆଉ ଭାସ୍କରଙ୍କ ଏକାନ୍ତ କଠୋରୀରେ ଦୁଇଜଣ ଅନୁଗାମୀଙ୍କ ସହ ଭାସ୍କର ଓ ଅନୁସୟା ମାଝୀ ବସି ଆଲୋଚନା କରିଥିଲେ। ବାହାରକୁ ଆସିବା ପରେ ଅନୁସୟା ଗଣମାଧମକୁ କହିଥିଲେ ମତେ ଆର୍ଶୀବାଦ କରିଛନ୍ତି। ଆମେ ଏକାଠି ଅଛୁ ବୋଲି ପ୍ରକାଶ କରିଥିଲେ। ଏହାପରେ ସାରା ରାୟଗଡା ଜିଲ୍ଲା ଏବେ ଚହଲି ଯାଇଛି। ଆଉ ଖଟି ଠାରୁ ଆରମ୍ଭ କରି ସବୁଠି ଆଲୋଚନା ହେଉଛି ଭାସ୍କର କଣ ବିଜୟୀ ଭୋବ ବୋଲି ଅନୁସୟାଙ୍କୁ ଆର୍ଶୀବାଦ କରିଥିବେ ନା ଆଉ କଣ କହି ମନ ସନ୍ତୋଷକରି ପଠାଇଥିବେ ତାହାକୁ ନେଇ ଆଲୋଚନା ହେଉଛି।

ପିକେଏସ୍‌ଏସ୍ ଉଚ୍ଚ ମାଧମିକ ବିଦ୍ୟାଳୟରେ ଏଡସ୍ ସଚେତନତା

ଝାରସୁଗୁଡ଼ା,(ସବ୍ୟୁ): ସ୍ଥାନୀୟ ପି.କେ.ଏସ୍.ଏସ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁଥ ରେଡକ୍ରସର ରେଡ ରିବନ କ୍ଲବ ପକ୍ଷରୁ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଶୋଭାଯାତ୍ରା ଓ ଏଡସ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ମୁଖ୍ୟ ଅତିଥି ରୂପେ ଝାରସୁଗୁଡ଼ା ମୁଖ୍ୟ ଚିକିତ୍ସାଳୟର ଏ.ଡି.ଏମ୍.ଓ ଡ.ରାଧାରମଣ ବିଁଡିଆ ଓ ମୁଖ୍ୟବକ୍ତା ରୂପେ ଯୁଥ ରେଡକ୍ରସର ଜିଲ୍ଲାସଂଯୋଜକ ପ୍ରାଧ୍ୟାପକ ସୁରେନ୍ଦ୍ର କୁମାର ପଧାନ ଯୋଗଦେଇ ଏଡସ୍ ଏକ ମାରାତ୍ମକ ରୋଗ ଓ ସେ ବିଷୟରେ ସମସ୍ତେ ସଚେତନ ହେଲେ ଏକ ସୁସ୍ଥ ସମାଜ ଗଠନ ହୋଇ ପାରିବ ବୋଲି ମତ ବ୍ୟକ୍ତ କରିଥିଲେ । ଯୁଥ ରେଡକ୍ରସର କାଉନସିଲର ଅଧ୍ୟାପିକା ମନ୍ଦାକିନୀ ଶତପଥୀ ସଭା ପରିଚାଳନା କରିଥିବା ବେଳେ ଅଂଜୁ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ । ଅଧ୍ୟାପକ,ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀବୃନ୍ଦ ଯୋଗଦାନ କରିଥିଲେ ।

ଆଇସିଡିଏସ ସୁପରଭାଇଜରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ବୋରିଗୁମ୍ମା,(ସବ୍ୟୁ): ବୋରିଗୁମ୍ମା ସ୍ଥିତ ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ ପରିସରରେ ସୁପରଭାଇଜର ଭାଗ୍ୟଲକ୍ଷ୍ମୀ ମିଶ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି।ଏହି ଅବସରରେ ସିଡ଼ିପିଓ ଗାୟତ୍ରୀ ବାହିନୀପତି ବିଦାୟୀ ଭାଗ୍ୟଲକ୍ଷ୍ମୀ ମିଶ୍ରଙ୍କୁ ମାନପତ୍ର, ଶାଲ ପ୍ରଦାନ କରିଥିଲେ। ଦୀର୍ଘ ଚାରି ବର୍ଷ ହେବ ଶ୍ରୀମତୀ ମିଶ୍ର ବିଜାପୁର ସେକ୍ଟରରେ ସୁପରଭାଇଜର ଭାବେ କାମ କରି ଆସୁଥିଲେ। ତାଙ୍କ କାର୍ଯ୍ୟଦକ୍ଷତା ବେଶ ଉଚ୍ଚକୋଟିର ଥିଲା ବୋଲି ସିଡ଼ିପିଓ ଗାୟତ୍ରୀ ବାହିନୀପତି କହିଥିଲେ। ବିଦାୟୀ ଭାଗ୍ୟଲକ୍ଷ୍ମୀ ମିଶ୍ର ଅନ୍ୟ ସୁପରଭାଇଜର ମାନଙ୍କ ପାଇଁ ପ୍ରେରଣା ବୋଲି କୁହାଯାଉଛି। ବିଦାୟକାଳୀନ ସମ୍ବର୍ଦ୍ଧନା ଅନ୍ୟ ମାନଙ୍କ ମଧ୍ୟରେ ସୁପରଭାଇଜର ରୋଜାଳିନ କଟିଆ, ସସ୍ମିତା ନାୟକ, ଗୀତା ଯାନୀ, ତ୍ରିନିଧା ସିଂ, ଚାରୁପ୍ରଭା ଷଡ଼ଙ୍ଗୀ, ବସନ୍ତ କୁମାରୀ ବେବର୍ତ୍ତା, ପ୍ରଭାସିନୀ ସେଠୀ, ନମିତା ମହାପାତ୍ର, ସୁନିତା କର୍କରା,ରମଣୀମଣି କନ୍ଧପାନ, କନକାଞ୍ଜଳି ହରିଜନ ପ୍ରମୁଖ ଉପସ୍ଥିତ ଥିଲେ।

ଫଟାମୁଣ୍ଡା କ୍ରିକେଟ ଟୁର୍ଣ୍ଣାମେଣ୍ଟ ଲଣ୍ଡାବାହାଲ ଚାମ୍ପିଅନ

ଘଣ୍ଟାପଡା,(ସବ୍ୟୁ) : କଣ୍ଟାମାଳ ବ୍ଲକ ଉମା ପଞ୍ଚାୟତ ଅନ୍ତର୍ଗତ ଫଟାମୁଣ୍ଡା ଖେଳ ପଡିଆରେ ଯୁବୋଦୟ ଯୁଥ କ୍ଲବ ଦ୍ୱାରା ଆୟୋଜିତ ମା' କନ୍ଧେନ ବୁଢି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି । ଅନ୍ତିମ ଖେଳ ଲଣ୍ଡାବାହାଲ ଓ ଫଟାମୁଣ୍ଡା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଫଟାମୁଣ୍ଡା ଦଳ ଟସ ଜିଣି ବ୍ୟାଟିଂ ପାଇଁ ଲଣ୍ଡାବାହାଲ ଦଳକୁ ନିମନ୍ତ୍ରଣ କରିଥିଲା । ୮ ଓଭର ବିଶିଷ୍ଟ ଖେଳରେ ଲଣ୍ଡାବାହାଲ ଦଳ ୧୦୦ ରନ ସଂଗ୍ରହ କରିଥିଲା । ବିପକ୍ଷ ଫଟାମୁଣ୍ଡା ଦଳ ନିର୍ଦ୍ଧାରିତ ଓଭରରେ ରନ ସଂଗ୍ରହ କରି ନପାରି ପରାଜିତ ହୋଇଥିଲା । ଅକ୍ଷୁ କଳତା ଓ ଖଗପତି ଠେଲା ଖେଳ ପରିଚାଳନା କରିଥିଲେ । ଶିବ ଶଙ୍କର କାଲସେ, ଶଙ୍କର ସାହୁ ଓ ପ୍ରଦୀପ ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ । ଯୁବରାଜ ମଲିକ ସ୍କୋରର ଥିଲେ । ପୁରସ୍କାର ବିତରଣ ଉତ୍ସବରେ କଣ୍ଟାମାଳ ବିଧାୟକଙ୍କ ପ୍ରତିନିଧି ସୁଧାଂଶୁ ରଣା ମୁଖ୍ୟଅତିଥି, ଶିକ୍ଷାବିତ ନୀଳାଚଳ ଭୋଇ, ସମାଜସେବୀ ସମୀର ଖଟୁଆ, ଜିଲା ପରିଷଦ ପ୍ରତିନିଧି ଲୋକେଶ ଭୋଇ, ଉମା ସରପଞ୍ଚ ଦୌଲଥ ପାଣ୍ଡେ, ପୂର୍ବ ସମିତି ସଭ୍ୟ ଯଶୋବନ୍ତ କର୍ମୀ, ସଞ୍ଜିତ କମ୍ପ, ୱାର୍ଡ ସଭ୍ୟ ଦେବଘନ ନାଗ, ଖଗେଶ୍ୱର ଭୋଇ, ସମାଜସେବୀ ଅଭିନାଶ କମ୍ପ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଉ ଉଭୟ ଦଳକୁ ଟ୍ରଫି ସମେତ ଅର୍ଥରାଶି ପୁରସ୍କୃତ କରିଥିଲେ । ଯୁବୋଦୟ ଯୁଥ କ୍ଲବ ଉପଦେଷ୍ଟା ବଂଶୀଧର ମାଝୀ, ସଭାପତି ପରମାନନ୍ଦ ଠେଲା, ସମ୍ପାଦକ ଜିତେନ୍ଦ୍ର ଭୋଇ, କ୍ରିକେଟ କ୍ଲବ ମ୍ୟାନେଜର ଦେବେନ୍ଦ୍ର ଭୋଇ, ସଭାପତି ମଧୁମଙ୍ଗଳ ଭୋଇ, ସମ୍ପାଦକ ନବୀନ ଠେଲା, ଅଧିନାୟକ ଶରତ ମାଝୀ, ସଦସ୍ୟ ଭୀମରାଜ ଭୋଇ, ପୂର୍ଣ୍ଣଚନ୍ଦ୍ର ଠେଲା, ଭଜମନ ଘିଭେଲା ପ୍ରମୁଖ ସହଯୋଗ କରିଥିଲେ ।

ଜିଲ୍ଲାସ୍ତରୀୟ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ବୁନ୍ଦା ଜଳ ସେଚନ ଉପରେ ତାଲିମ

ହରଭଙ୍ଗା,(ସବ୍ୟୁ): ବୌଦ୍ଧ ବନ ବିଭାଗ ପକ୍ଷରୁ ଶନିବାର ବୀରନରସିଂହ ପୁର ସ୍ଥିତ ସ୍ଥାୟୀ ନର୍ସରୀ ଠାରେ ଜିଲ୍ଲାସ୍ତରୀୟ ଇକୋ କ୍ଲବର ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ନେଇ ବୁନ୍ଦା ଜଳ ସେଚନ ସଂରକ୍ଷଣ ଓ ବ୍ୟବହାରକୁ ନେଇ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ଶିବିରରେ ବୌଦ୍ଧ ବନଖଣ୍ଡ ଅଧିକାରୀ ଦେବପ୍ରିୟ କମ୍ପଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯକ୍ରମରେ ତାଲିମଦାତା ଭାବେ ଡ . ପ୍ରବୀର କୁମାର ଦାସ ଯୋଗଦେଇ ଶିବିରର ମୂଳ ଲକ୍ଷ୍ୟ ଉଦ୍ଦେଶ୍ୟ ଉପରେ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ମାର୍ଗ ଦର୍ଶନ ଦେଇଥିଲେ । ମଧୁର ଜଳର ପରିମାଣ ସାରା ବିଶ୍ୱରେ ଶତକଡା କମ୍ ଭାଗ ଥିବା ବେଳେ ଏହା ସମାଜର ଦୈନନ୍ଦିନ ବ୍ୟବହାର କାର୍ଯ୍ୟରେ ଆସୁଥିବା ଓ ଜଳ ବାୟୁ ପରିବର୍ତ୍ତନ ସହିତ ବୃଷ୍ଟିପାତର ହ୍ରାସ ହେଉଥିବା ଯୋଗୁଁ ଆଗାମୀ ଦିନରେ ସାରା ବିଶ୍ୱରେ ମଧୁର ଜଳ ସଙ୍କଟକୁ କିପରି ରୋକାଯାଇ ପାରିବ । ସେ ଉପରେ ମଧ ତାଲିମ ପ୍ରଦାନ କରାଯାଇଥିଲା । କାର୍ଯକ୍ରମରେ ଜିଲ୍ଲାର ବିଭିନ୍ନ ସ୍କୁଲର ୫୦ ଗୋଟି ଇକୋ କ୍ଲବ ଶିକ୍ଷକ ଶିକ୍ଷୟତ୍ରୀ ତାଲିମରେ ଅଂଶ ଗ୍ରହଣ କରିଥିବା ବେଳେ କାର୍ଯ୍ୟକ୍ରମରେ ଏସିଏଫ ମିନାକ୍ଷୀ କୁମୁରା,ଆଶିଷ କହଁର,କୃଷି ବିଭାଗ ଯନ୍ତ୍ରୀ ରଶ୍ମି ରଞ୍ଜନ ସେଠି,ସହକାରୀ କୃଷି ଉଦ୍ୟାନ ଅଧିକାରୀ ବିମଳ ସାମଲ,ଚିନ୍ମୟ କୁମାର ବିଶ୍ୱାଳ ଓ ବନ ବିଭାଗର କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

ସମ୍ବଲପୁର ଲୋକସଭା ଆସନରେ ହେବ ହାଇପ୍ରୋଫାଇଲ ଲଢେଇ

ସମ୍ବଲପୁର,(ସବ୍ୟୁ): ଆସନ୍ତା ମେ ମାସ ୨୫ ତାରିଖରେ ସମ୍ବଲପୁର ଲୋକସଭା ନିର୍ବାଚନ ମଣ୍ଡଳୀ ପାଇଁ ଭୋଟ ଗ୍ରହଣ ହେବ । ଏଥିପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ଅନ୍ୟପଟେ ବିଜେପି ଓ ବିଜେଡି ଦଳ ମଧ୍ୟ ନିଜ ନିଜର ରଣନୀତି ପ୍ରସ୍ତୁତ କରିଛନ୍ତି । ସମ୍ବଲପୁର ଲୋକସଭା ଆସନ ସମ୍ବଲପୁର ଜିଲ୍ଲାର କୁଚିଣ୍ଡା, ରେଙ୍ଗାଲି, ସମ୍ବଲପୁର ଓ ରେଢାଖୋଲ, ଦେବଗଡ ଜିଲ୍ଲାର ଦେବଗଡ, ଅନୁଗୁଳ ଜିଲ୍ଲାର ଛେଣ୍ଡିପଦା ଏବଂ ଆଠମଲ୍ଲିକ ବିଧାନସଭା ଅଞ୍ଚଳକୁ ନେଇ ଏହା ଗଠିତ। ବର୍ତ୍ତମାନ ସୁଦ୍ଧା ୧୭ଲୋକସଭା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ଏହି ଆସନରୁ ୭ଥର କଂଗ୍ରେସ, ୪ଥର ବିଜେଡି ଓ ଜନତା ଦଳ, ୧ଥର ଭାରତୀୟ ଜନତାପାର୍ଟି, ସୋସିଆଲିଷ୍ଟ ପାର୍ଟି ଓ ଭାରତୀୟ ଲୋକ ଦଳର ଜଣେ ଲେଖାଏଁ ଓ ଗଣତନ୍ତ୍ର ପରିଷଦର ୩ଜଣ ପ୍ରାର୍ଥୀ ବିଜୟ ଲାଭ କରିଛନ୍ତି। ଏକାକୀ କଂଗ୍ରେସକୁ ଅଧିକ ଥର ଏହି ଆସନ ସୁଯୋଗ ଦେଇଛି। ମାତ୍ର କଂଗ୍ରେସ ଦଳ ଏପର୍ଯ୍ୟନ୍ତ ତାହାର ପ୍ରାର୍ଥୀଙ୍କ ନାମ ଘୋଷଣା କରିନାହିଁ । ବ୍ୟାକ୍‌ଫୁଟରେ କଂଗ୍ରେସ ଥିବାବେଳେ ବିଜେପି ପକ୍ଷରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ବିଜେଡ଼ି ପକ୍ଷରୁ ସଂଗଠନ ସମ୍ପାଦକ ତଥା ବିଧାୟକ ପ୍ରଣବ ପ୍ରକାଶ ଦାସ ଲୋକସଭା ପ୍ରାର୍ଥୀ ହୋଇଛନ୍ତି । ଉଭୟଙ୍କ ରାଜନୀତିରେ ବେଶ ଅଭିଜ୍ଞତା ଥିବାବେଳେ ଆଗାମୀ ଦିନରେ ଏକ ହାଇପ୍ରୋଫାଇଲ ଲଢେଇ ହେବ ବୋଲି ଆଶା କରାଯାଉଛି । ରାଜ୍ୟ ରାଜନୀତିରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନାମ ବେଶ ଜଣାଶୁଣା । ସେ ଜଣେ ଜାତୀୟସ୍ତରର ନେତା ଭାବେ ପରିଚିତ । ତାଳଚେର କଲେଜରେ ୧୯୮୬ରେ ଛାତ୍ର ସଂସଦର ସଭାପତି ଭାବେ ନିର୍ବାଚିତ ହୋଇଥିଲେ । ଉତ୍କଳ ବିଶ୍ୱବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କ ନେତୃତ୍ୱ ନେବା ସହ ଜଣେ ଲଢୁଆ ଛାତ୍ର ନେତା ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । ୧୯୯୨ ମସିହାରୁ ୧୯୯୭ ମଧ୍ୟରେ ଭାରତର ସର୍ବବୃହତ୍ ଛାତ୍ର ସଙ୍ଗଠନ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି)ରେ ବିଭିନ୍ନ ଦାୟିତ୍ୱରେ ଥିଲେ । ସମ୍ବଲପୁର ବିଭାଗ ସଙ୍ଗଠନ ସମ୍ପାଦକ, ରାଜ୍ୟ ସମ୍ପାଦକ ଓ ରାଷ୍ଟ୍ରୀୟ ସମ୍ପାଦକ ଭଳି ସଙ୍ଗଠନର ଗୁରୁ ଦାୟିତ୍ୱ ସୁଚାରୁ ରୂପେ ତୁଲାଇଥିଲେ । ଏହାପରେ ୨୦୦୪ରେ ତତ୍କାଳୀନ ଦେବଗଡ ଲୋକସଭା ଆସନ(ବର୍ତ୍ତମାନର ସମ୍ବଲପୁର ଆସନର ଦେବଗଡ଼, କୁଚିଣ୍ଡା ଓ ରେଙ୍ଗାଲି)ରୁ ସାଂସଦ ଭାବେ ନିର୍ବାଚିତ ହୋଇଥିଲେ । ପରେ ଅନୁଗୁଳ ଜିଲ୍ଲାର ପାଲଲହଡ଼ା ଆସନରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ତେବେ ୨୦୦୯ ପର ଠାରୁ ପ୍ରଥମ କରି ପ୍ରତ୍ୟକ୍ଷ ନିର୍ବାଚନରେ ସେ ଅବତୀର୍ଣ୍ଣ ହେଉଛନ୍ତି। ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ(ବବି)ଙ୍କ ମଧ୍ୟ ନିଜ ଦଳରେ ବେଶ ପ୍ରଭାବ ରହିଛି । ତାଙ୍କ ବାପା ଅଶୋକ ଦାସ ସମ୍ବଲପୁର ଅଞ୍ଚଳରେ ବେଶ ଜଣାଶୁଣା ଥିଲେ। ଗଙ୍ଗାଧର ମେହେର କଲେଜରେ ସ୍ନାତକ ଓ ସ୍ନାତକୋତ୍ତର ପଢ଼ିବା ସହ ଛାତ୍ର ରାଜନୀତିରେ ସକ୍ରିୟ ଥିଲେ। ସେହିପରି ତାଙ୍କ ପିଉସୀ ମଧ୍ୟ ସମ୍ବଲପୁରରେ ରହୁଥିଲେ । ଏଭଳିସ୍ଥଳେ ସମ୍ବଲପୁର ସହ ତାଙ୍କ ପରିବାରର ବହୁ ବର୍ଷର ସମ୍ପର୍କ ରହିଛି । ସେ ଗତ ୨୦୦୯, ୨୦୧୪ ଓ ୨୦୧୯ରେ ୩ ଥର ଯାଜପୁର ଜିଲ୍ଲାରୁ ବିଜେଡ଼ି ଟିକେଟରୁ ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି। ସମ୍ବଲପୁର ବିଜେଡ଼ିର ଜିଲ୍ଲା ପର୍ଯ୍ୟବେକ୍ଷକ ଦାୟିତ୍ୱ ତାଙ୍କୁ ମିଳିବା ପରେ ସେ ବାରମ୍ବାର ଏହି ଅଞ୍ଚଳ ଗସ୍ତ କରିଛନ୍ତି । ସଙ୍ଗଠନ ସଜାଡିବା ସହ ପଡ଼ୋଶୀ ଝାରସୁଗୁଡ଼ା, ବ୍ରଜରାଜନଗର ଉପନିର୍ବାଚନ, ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଗୁଡିକରେ ମଧ୍ୟ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ । ତେବେ ଉଭୟେ ହେଭିୱେଟ୍ ପ୍ରାର୍ଥୀଙ୍କ ଉପସ୍ଥିତି ଯୋଗୁଁ ସମ୍ବଲପୁରରେ ରାଜନୈତିକ ମାହୋଲ ସରଗରମ ହେବାକୁ ଲାଗିଛି ।

ତାମିଲନାଡୁରେ କାର୍ଯ୍ୟରତ ବେଳେ ଟେମରି ଗାଁର ଯୁବକ ପୋଡ଼ି ମୃତ

ବରଗଡ,(ସବ୍ୟୁ): ବରଗଡ଼ ଜିଲ୍ଲା ପାଇକମାଳ ବ୍ଲକ ଟେମରି ଗାଁର ଜଣେ ୨୭ ବର୍ଷୀୟ ଯୁବକ ଧନୁର୍ଯ୍ୟ ବଛା ପରିବାର ପ୍ରତିପୋଷଣ ପାଇଁ ତାମିଲନାଡୁର ଏକ କପଡା ତିଆରି କମ୍ପାନିରେ କାମ କରୁଥିଲେ । କାର୍ଯ୍ୟରତ ସମୟରେ ଦୁର୍ଘଟଣାର ଶିକାର ହୋଇ ମୃତ୍ୟୁବରଣ କରିଛନ୍ତି । ଯାହାକି ତାଙ୍କ ପରିବାର ପାଇଁ ଏକ ଅପୂରଣୀୟ କ୍ଷତି । ସେ ତାମିଲନାଡୁ ରାଜ୍ୟ ତିରୁପୁର ଜିଲ୍ଲାର ଏକ କପଡ଼ା କମ୍ପାନୀ ଅଭିରାମ ମିଲସ୍ ରେ କାମ କରୁଥିଲେ। ଯାହାର ଦୈନିକ ପାଉଣା ପ୍ରାୟ ୫୫୦ ଟଙ୍କା ଥିଲା । ଘଟଣାଟି ହେଉଛି ଗତ ମାର୍ଚ୍ଚ ୧୫ ତାରିଖର । ସେଦିନ ଧନୁର୍ଯ୍ୟ ନିଜେ ଡ୍ୟୁଟି କରୁଥିବା ସମୟରେ ପୋଡ଼ି ଯାଇଥିଲେ । ଯେଉଁଥିରେ ଶରୀରର ଅନେକ ଅଂଶ ପୋଡି ଯାଇଥିଲା। ତାମିଲନାଡୁର ଏକ ଘରୋଇ ହସ୍ପିଟାଲରେ ତାଙ୍କର ଚିକିତ୍ସା ହେଉଥିଲା । ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଛି ବୋଲି କୁହାଯାଇଛି । ଏକ ଆମ୍ବୁଲାନ୍ସ ଯୋଗେ କମ୍ପାନୀ ମାଲିକ ତାଙ୍କ ମର ଶରୀରକୁ ଟେମରିକୁ ପଠାଇଛନ୍ତି । ଏହା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ସୂଚନା ଅନୁଯାୟୀ ଧନୁର୍ଯ୍ୟ ପରିବାରର ବଡ଼ ପୁଅ ତଥା ଏକମାତ୍ର ରୋଜଗରକ୍ଷମ ବ୍ୟକ୍ତି ହୋଇଥିବାରୁ ତାଙ୍କର ମୃତ୍ୟୁ ପରେ ପରିବାରକୁ ଆର୍ଥିକ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ନିବେଦନ କରିଛନ୍ତି ।

ନବ ନିର୍ମିତ ପିଚୁ ରାସ୍ତା ଉପାଡି ଦେଲେ ଦୁର୍ବୃତ୍ତ

କଣ୍ଟାବାଞ୍ଜି,(ସବ୍ୟୁ): ତୁରେକେଲା ବ୍ଲକ ଉପାନ୍ତ ଇଲାକାରେ ଦୀର୍ଘ ବର୍ଷରୁ ଥିବା ରାସ୍ତା ଦାବିକୁ ଏବେ ପୂରଣ କରାଯାଇଛି । ତେବେ ନବ ନିର୍ମିତ ପିଚୁ ରାସ୍ତାକୁ କେହି ଦୁର୍ବୃତ୍ତ ଧାରୁଆ ଅସ୍ତ୍ର ସାହାର୍ଯ୍ୟରେ ଉପାଡି ଦେଇଥିବା ତୁରେକେଲା ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ଅନୁସାରେ ବ୍ଲକର ଉପାନ୍ତ ପଂଚାୟତ ମହୁଲପାଟିରୁ ସାନବାଙ୍କୀ ରାସ୍ତା ତିଆରି ଚାଲିଛି । ତେବେ ଶୁକ୍ରବାର ରାତିରେ କେହି ଦୁର୍ବୃତ୍ତ ଏହି ରାସ୍ତାରେ କରାଯାଇଥିବା ପିଚୁକୁ ଧାରୁଆ ଅସ୍ତ୍ର (ରଫା) ରେ ଉପାଡି ଦେଇଥିବା ଜଣାପଡିଛି । ତେବେ ଗ୍ରାମବାସୀଙ୍କ ଉପସ୍ଥିତିରେ ଏଭଳି ହୋଇଥିବା କୁହାଯାଇଛି । ରାସ୍ତା କାମ ଠିକ ହୋଇଛି ବୋଲି ଠିକାଦାର ଦାବି କରିବା ସହ ମାଓପ୍ରବଣ ଅଂଚଳରେ ଅନେକ ଦିନରୁ ରାସ୍ତା ହେଉ ନଥିଲା । ଅନେକ ବାଧା ବିଘ୍ନ ପରେ ରାସ୍ତା କାମ ହାତକୁ ନେଇ କାମ ଭଲରେ କରାଯାଉଛି ବୋଲି କୁହାଯାଇଛି । ଏହାର ଉଚିତ ତଦନ୍ତ ହେଉ ବୋଲି ରାସ୍ତା କାମ କରିଥିବା ସାଇଟ ଇନଚାର୍ଜ ଲିଖିତ ଜଣାଇଛନ୍ତି । ତେବେ ଏହାକୁ ନେଇ ଏକ ମାମଲା ରୁଜୁ କରି ତଦନ୍ତ ଚାଲିଥିବା କହିଛନ୍ତି ତୁରେକେଲା ଥାନା ଅଧିକାରୀ ରମାକାନ୍ତ ସାହୁ ।

ଜଙ୍ଗଲ ବିଭାଗ ପକ୍ଷରୁ ୧୩୨ କେନ୍ଦୁଗଣ୍ଡି ଜବତ

ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ରେଞ୍ଜ ସଦର ଫରେଷ୍ଟ ବିଟ ଅନ୍ତର୍ଗତ ଲେବଡା ପଞ୍ଚାୟତ ଓ ଅଦାବାହାଲ ପଞ୍ଚାୟତ ମଧବର୍ତ୍ତୀ ଅଇଁଲାଭଟା ଗ୍ରାମର ଗୋଚରରେ ଥିବା ଏକ ଚାଷ ଜମିର ପାଳଗଦାରେ ଲୁଚାଇ ରଖାଯାଇଥିବା ୧୩୨ ଖଣ୍ଡ ମୂଲ୍ୟବାନ କେନ୍ଦୁଗଣ୍ଡିକୁ ଜଙ୍ଗଲ ବିଭାଗ ପକ୍ଷରୁ ଶୁକ୍ରବାର ରାତିରେ ଚଢାଉ କରି ଜବତ କରାଯାଇଛି। ଏହି ସ୍ଥାନକୁ ଏତେ ସଂଖ୍ୟାକ କେନ୍ଦୁଗଣ୍ଡି ନେଇ କିଏ ଗଚ୍ଛିତ କରି ରଖିଥିଲା ତାହାକୁ ନେଇ ଚର୍ଚ୍ଚା ହେଉଥିବା ବେଳେ ଏଥିରେ ବଡ ବଡ ଚୋରା ଚାଲାଣକାରୀମାନେ ସାମିଲ ହୋଇଥିବା ବେଳେ ସେମାନେ ସବୁବେଳେ ଜଙ୍ଗଲ ବିଭାଗ ଆଖିରେ ଧୂଳି ଦେଇ ବାରମ୍ବାର ଫେରାର ହୋଇଯାଉଛନ୍ତି। ଜବତ ସମସ୍ତ କେନ୍ଦୁଗଣ୍ଡିକୁ ରେଞ୍ଜ କାର୍ଯ୍ୟାଳୟକୁ ଅଣାଯାଇଥିଲା। ଚଢ଼ାଉରେ ମୁରିବାହାଲ ରେଞ୍ଜର ନିଲାଦ୍ରି ଭୋଇଙ୍କ ନେତୃତ୍ୱରେ ମୁରିବାହାଲ ଫରେଷ୍ଟର ପୁଷ୍ପାଞ୍ଜଳି ଯୋଶୀ, ଯଏଁତରା ଫରେଷ୍ଟର ଧ୍ରୁବ ଚରଣ ବଗର୍ତ୍ତି, ଡଙ୍ଗାବାଞ୍ଜି ଫରେଷ୍ଟର ଘନଶ୍ୟାମ ପଶାୟତ, ଫରେଷ୍ଟ ଗାର୍ଡ ଅଜିତ ବେହେରା, ଗୋପାଳକୃଷ୍ଣ ଗଡତିଆ ଓ ଆଇପିସିଏ ସ୍କ୍ୱାର୍ଡର ଧନସାଏ ମାଝୀ, ହରମନ ମହାନନ୍ଦ,ସୁରେଶ ମାଝୀ,ଗୁଣ ପୁଟେଲ, ନବଦୀପ ଧରୁଆ ପ୍ରମୁଖ ସାମିଲ ହୋଇଥିଲେ।

ରେଢ଼ାଖୋଲ ବାର୍ ଆସୋସିଏସନ୍ ନିର୍ବାଚନ

ରେଢ଼ାଖୋଲ,(ସବ୍ୟୁ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବାର୍ ଆସୋସିଏସନ୍ କାର୍ଯ୍ୟାଳୟରେ ଓକିଲ ସଂଘର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ୨୦୨୪-୨୫ ଆର୍ଥିକ ବର୍ଷର ଓକିଲ ସଂଘ ପକ୍ଷରୁ ନିର୍ବାଚନ ଅନୁଷ୍ଠିତ ହୋଇ ନୂତନ ଭାବେ କର୍ମକର୍ତ୍ତା ଚୟନ କରାଯାଇଛି । ନିର୍ବାଚନରେ ଆଇନଜୀବୀ ଦେବେନ୍ଦ୍ର କୁମାର ନାୟକ ପରିଚାଳନା ଦାୟିତ୍ୱ ନିର୍ବାହ କରିଥିଲେ । ଏଥିରେ ସଂଘର ସଭାପତି ଭାବରେ ଅଭୟ କୁମାର ବିର, ଉପସଭାପତି ଭାବରେ ସୁଜିତ କୁମାର ପ୍ରଧାନ, ସମ୍ପାଦକ ଅଚ୍ୟୁତାନନ୍ଦ ପୁରୋହିତ, ଯୁଗ୍ମ ସମ୍ପାଦକ ଅନ୍ତର୍ଯ୍ୟାମୀ ସାହୁ, ସହ ସମ୍ପାଦକ ଭାବରେ ପରୀକ୍ଷିତ ଦାଶ, କୋଷାଧ୍ୟକ୍ଷ ଭାବରେ ଜନ୍ମେଜୟ ସାହୁ, ଲାଇବ୍ରେରିଆନ ଭାବରେ ନଗେନ କୁମାର ବିଶ୍ୱାଳ ପ୍ରମୁଖଙ୍କୁ କର୍ମକର୍ତ୍ତା ଭାବରେ ଚୟନ କରାଯାଇଛି । ଏଥିରେ ସଂଘର କାର୍ଯ୍ୟକାରୀ କମିଟି ସଦସ୍ୟ ଭାବରେ ଶମ୍ଭୁ ପ୍ରସାଦ ପ୍ରଧାନ, ଶିବ ପ୍ରସାଦ ପ୍ରଧାନ, ବିମଳ ଚନ୍ଦ୍ର ପ୍ରଧାନ, ସଜଲ୍ କାନ୍ତ ପାଲ, ଗଣେଶ୍ୱର ପ୍ରଧାନ, ଦୟା ସାଗର ପ୍ରଧାନ, ନାରାୟଣ ଚନ୍ଦ୍ର ତ୍ରିପାଠୀ, ହାରୁନ ଖାଁ, ଉମାକାନ୍ତ ମହାନନ୍ଦ ପ୍ରମୁଖଙ୍କୁ ସର୍ବ ସମ୍ମତି କ୍ରମେ ଚୟନ କରାଯାଇଛି ।

ଆକର୍ଷଣ ହରାଉଛି ବୌଦ୍ଧର ବୁଣାକାର ବଜାର

ବୌଦ୍ଧ,(ସବ୍ୟୁ): ବୌଦ୍ଧ ଜିଲ୍ଲା ସଦର ମହକୁମାସ୍ଥିତ ବିଜୁ ପଟ୍ଟନାୟକ ଆଦର୍ଶ କୃଷକ ବଜାର ପରିସରରେ ଆରମ୍ଭ ହୋଇଥିବା ରାଜ୍ୟର ଦ୍ୱିତୀୟ ବୃହତ୍ତମ ବୁଣାକାର ବଜାର ଧିରେଧିରେ ତାର ଆକର୍ଷଣ ହରାଇବାରେ ଲାଗିଛି। ବୁଣାକର ମାନଙ୍କୁ ସ୍ୱତନ୍ତ୍ର ବଜାର ଯୋଗାଇ ଦେବା ଓ ଏକ ପରିଚୟ ସୃଷ୍ଟି କରିଥିବା ଏହି ବୁଣାକାର ବଜାରରେ ଆଉ ଆଗଭଳି ଭିଡ ଦେଖିବାକୁ ମିଳୁନାହିଁ । ଏହି ବୁଣାକାର ବଜାର ନଭେମ୍ବର ୧୩ ତାରିଖ ୨୦୨୨ ମସିହାରେ ଆରମ୍ଭ ହୋଇଥିଲା । ସେତେବେଳର ଜିଲ୍ଲାପାଳ ସତ୍ୟରଞ୍ଜନ ସାହୁଙ୍କ ଉଦ୍ୟମରେ ଏହି ବୁଣାକାର ବଜାର ଆରମ୍ଭ ହୋଇଥିଲା । ସେହିଦିନ ଠାରୁ ପ୍ରତି ରବିବାର ଏହି ବୁଣାକାର ବଜାର ଏଠାରେ ବସି ଆସୁଛି । ପ୍ରଥମ ଦିନରେ ବୌଦ୍ଧ, ସୁବର୍ଣ୍ଣପୁର, ବରଗଡ, ବଲାଙ୍ଗିର, ଅନୁଗୋଳ, କଟକ, କେନ୍ଦ୍ରାପଡା, ଖୋର୍ଦ୍ଧା ଓ ଯାଜପୁର ଏହିପରି ୧୦ ଗୋଟି ଜିଲ୍ଲାରୁ ୩୪୮ ଜଣ ବୁଣାକାର ବ୍ୟବସାୟୀ ଯୋଗଦେଇଥିଲେ। ପରବର୍ତ୍ତି ସମୟରେ ବୁଣାକାର ବଜାର ଧିରେ ଧିରେ ବ୍ୟବସାୟୀମାନଙ୍କୁ ଆକର୍ଷିତ କରିଥିଲା। ଦ୍ୱିତୀୟ ପାଳିରେ ରେକର୍ଡ ପରିମାଣର ୪୫ ଲକ୍ଷ ଟଙ୍କାର କାରବାର ହୋଇଥିଲା। ଏହି ବଜାରକୁ ବିକ୍ରୟ ପାଇଁ ବିଭିନ୍ନ ଜିଲ୍ଲାର ୨୫୦ ଜଣ ବୁଣାକାରଙ୍କ ଦ୍ୱାରା ୩ କୋଟି ୫୦ ଲକ୍ଷ ଟଙ୍କାର ବୁଣାକାର ସମାଗ୍ରୀ ବିକ୍ରୟ ପାଇଁ ଆସିଥିଲେ। ସମ୍ବଲପୁରୀ, ଏବଂ ସିଲ୍କ ଶାଢୀ,ରେଡିମେଟ ସମ୍ବଲପୁରୀ ସାର୍ଟ,ଟସର, ସମ୍ବଲପୁରୀ କପଡା ଓ ଗାମୁଛା ଆଦିର ଚାହିଦା ଅଧିକ ରହିଥିଲା। ପ୍ରଶାସନ ପକ୍ଷରୁ ବୁଣାକାରମାନଙ୍କୁ ଉତ୍ସାହିତ କରିବା ସହିତ ଗ୍ରାହାକମାନେ ଅଧିକ ସଂଖ୍ୟାରେ ବୁଣାକାର ବଜାର ସହିତ ସାମିଲ ହେଲେ ଏହି ବଜାର ତିଷ୍ଠି ରହିବା ସହିତ ସ୍ୱଦେଶୀ ହସ୍ତକଳା ଶିଳ୍ପକୁ ପ୍ରୋତ୍ସାହନ ମିଳିବ ବୋଲି କ୍ରେତାମାନଙ୍କୁ ପ୍ରଶାସନ ଅଧିକାରୀମାନେ ବୁଝାଉଥିଲେ। ହେଲେ ଜିଲ୍ଲାପାଳ ଅବସର ନେବା ପରେ ପ୍ରଶାସନିକ ଅଧିକାରୀଙ୍କ ଆଉ ଆଗଭଳି କାର୍ଯ୍ୟ କରିବାକୁ ଆଗ୍ରହ ଦେଖାଇଲେ ନାହିଁ । ମୁଣ୍ଡି ବଦଳିଲେ ନିତି ବଦଳିଲା ପରି ପରବର୍ତ୍ତି ସମୟରେ ଆସିଥିବା ଜିଲ୍ଲାପାଳମାନେ ଏହି ବୁଣାକାର ବଜାର ଉପରେ ଅଧିକ ଧ୍ୟାନ ଦେଲେ ନାହିଁ । ଯାହାଫଳରେ ବ୍ୟବସାୟୀମାନେ ଆସ୍ତେ ଆସ୍ତେ ଏଠାକୁ ଆସିବା ବନ୍ଦ କରିଦେଲେଣି । କେବଳ ବୌଦ୍ଧଜିଲ୍ଲା ଓ ସୋନପୁର ଜିଲ୍ଲାର ଅଧିକାଂଶ ବୁଣାକାର ଏଠାକୁ ବ୍ୟବସାୟ କରିବାକୁ ଆସୁଛନ୍ତି । ଏବେବି ବ୍ୟବସାୟ ଭଲ ହେଉଥିବା ବୁଣାକାର ବ୍ୟବସାୟୀମାନେ କହୁଥିବା ବେଳେ ଜିଲ୍ଲା ଓ ଜିଲ୍ଲା ବାହାରୁ ଅନେକ କ୍ରେତା ବଜାରକୁ ଜିନିଷ କିଣିବାକୁ ଆସୁଛନ୍ତି । ରବିବାର ଆସିଲେ ବୁଣାକାର ବଜାରରେ ଗ୍ରାହକଙ୍କ ଭିଡ ଦେଖିବାକୁ ମିଳୁଥିବା ବେଳେ ଅଧିକ ସଂଖ୍ୟକ ବ୍ୟବସାୟୀ ଆସୁନଥିବାରୁ ଗ୍ରାହକମାନ ମୁହଁ ଫେରାଇବା ଆରମ୍ଭ କରିଦେଲେ । ଦିନ ଥିଲା ଆଗ ଏଠାକୁ ଦୁଇଶହ ତିନିଶହ ବୁଣାକାର ଓ ବ୍ୟବସାୟୀ ସେମାନଙ୍କ ଜିନିଷ ବିକ୍ରି କରିବାକୁ ଆସୁଥିବା ବେଳେ ଏବେ ପ୍ରାୟ ୨୫ ରୁ୩୦ ବୁଣାକାର ଓ ବ୍ୟବସାୟୀ ଜିନିଷ ବିକ୍ରି କରିବାକୁ ଆସୁଛନ୍ତି । ପ୍ରଶାସନିକ ସ୍ତରରେ ଯଦି ଏବେଠାରୁ ଉଦ୍ୟମ କରାନଯାଏ ତାହାହେଲେ ଏହା ଧିରେଧିରେ ବନ୍ଦ ହୋଇଯିବ ବୋଲି ବ୍ୟବସାୟୀ ମହଲରେ ଅଭିଯୋଗ ହେଉଛି ।

ଅଂଶୁଘାତରେ ଯୁବକଙ୍କ ମୃତ୍ୟୁ

ବଲାଙ୍ଗିର,(ସବ୍ୟୁ): ତ୍ରିନାଥ ବକୁଲ ବଲାଙ୍ଗିର ଟାଉନକୁ ମାର୍କେଟିଂ କରିବାକୁ ଆସିଥିଲେ। ମାର୍କେଟିଂ ସାରି ମଧ୍ୟାହ୍ନରେ ଘରକୁ ଫେରୁଥିବା ବେଳେ ଅସୁସ୍ଥ ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଭୀମଭୋଇ ମେଡ଼ିକାଲ୍ ଆଣ୍ଡ ହସ୍ପିଟାଲ୍କୁ ନେଇଯାଇଥିଲେ। ଅଂଶୁଘାତରେ ଯୁବକଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି । ଏପରି ଅଭିଯୋଗ ଆସିଛି ବଲାଙ୍ଗିର ଟାଉନରୁ । ମୃତକ ହେଉଛି ଖୁଜେନପାଲି ଗାଁର ୩୦ ବର୍ଷୀୟ ଯୁବକ ତ୍ରିନାଥ ବକୁଲ । ତ୍ରିନାଥଙ୍କ ମୃତ୍ୟୁ ଅଂଶୁଘାତରେ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ସଦର ଥାନା ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛନ୍ତି। ବଲାଙ୍ଗିର ଜିଲ୍ଲାରେ ତାପମାତ୍ରା ୪୦ ଡିଗ୍ରୀ ଅତିକ୍ରମ କରିଛି। ଯେଉଁଥିପାଇଁ ଜୀବନ ଯାତ୍ରା ଅସ୍ତବ୍ୟସ୍ତ ହୋଇପଡ଼ିଛି। ଲୋକେ ଘରୁ ବାହାରିବାକୁ ଡରୁଛନ୍ତି। ୧୧ଟା ବେଳକୁ ରାସ୍ତାଘାଟ ଶୂନ୍‌ଶାନ୍ ହୋଇଯାଉଛି। ସେପଟେ ରାତିରେ ମଧ ଗୁଳଗୁଳି ହେଉଛି। ଯେଉଁଥିପାଇଁ ଲୋକମାନେ ନାନା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ସେପଟେ ଆଜି ପର୍ଯ୍ୟନ୍ତ ସହର ଭିତରେ ଜଳଛତ୍ର ଖୋଲାଯାଇନାହିଁ। ଫଳରେ ପାଣି ଟୋପାଏ ପାଇଁ ପଥଚାରୀମାନେ ଡହଳ ବିକଳ ହେଉଛନ୍ତି। ଏହା ସହିତ ଅଘୋଷିତ ବିଦ୍ୟୁତ କାଟ ମଧ ଚିନ୍ତା ବଢ଼ାଇଛି।

ଏଲଏନ କଲେଜରେ ଜୈବିକ ସାର ପ୍ରସ୍ତୁତି ଉପରେ କର୍ମଶାଳା

ଝାରସୁଗୁଡ଼ା,(ସବ୍ୟୁ): ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟ ଝାରସୁଗୁଡ଼ାର ପ୍ରାଣୀ ବିଜ୍ଞାନ ବିଭାଗ, ଉଦ୍ଭିଦ ବିଜ୍ଞାନ ବିଭାଗ ତଥା ଆଇ.କ୍ୟୁ.ଏ.ସି ମିଳିତ ଉଦ୍ୟମରେ ଜୈବିକ ଖତ ପ୍ରସ୍ତୁତି ଉପରେ ଏକ ଦିନିକିଆ କର୍ମଶାଳା ଆୟୋଜିତ ହୋଇଯାଇଛି। କଲେଜର ଅଧକ୍ଷା ଡ ସ୍ନେହଲତା ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ତଥା ବିଶିଷ୍ଟ ବୈଜ୍ଞାନିକ ସଞ୍ଜିତ କୁମାର ସାହୁ ଯୋଗଦେଇ ସବୁଜ ବିପ୍ଲବ ପରବର୍ତ୍ତୀ ସମୟରେ ଅତ୍ୟଧିକ ରାସାୟନିକ ସାର, ପୋକମରା ଔଷଧ ଆଦିର ବ୍ୟାପକ ବ୍ୟବାହର ଫଳରେ ଚାଷଜମିର ମୌଳିକତା ନଷ୍ଟ, ଅତ୍ୟଧିକ ବ୍ୟୟ ତଥା ଲୋକେ କ୍ୟାନ୍ସର ପରି ବ୍ୟାଧିର ଶିକାର ହେଉଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ତେବେ ଏସବୁର ସମାଧାନ ପାଇଁ ଜୈବିକ ପଦ୍ଧତିର ବ୍ୟବହାର ତଥା ଜିଆ ଚାଷ ମାଧମରେ ଲୋକେ କମ୍ପୋଷ୍ଟ ତିଆରି କରିପାରିବେ ଓ ଆର୍ଥିକ ଭାବରେ ଉପକୃତ ହେବା ସହିତ ବିଷମୁକ୍ତ ଖାଦ୍ୟ ପାଇଁ ସହାୟ ହୋଇପାରିବେ ବୋଲି ମତବ୍ୟକ୍ତ କରିଥିଲେ। ଏହାର ପ୍ରସ୍ତୁତି କୌଶଳ ତଥା ଛାତ୍ର ଛାତ୍ରୀ ମାନେ ନିଜସ୍ୱ ଉଦ୍ୟମରେ ନିଜ ପରିବାର ତଥା ପଡ଼ୋଶୀଙ୍କ ଜୈବିକ ଖତ ପ୍ରସ୍ତୁତି, ଜିଆ ଚାଷର ବିଶେଷତ୍ୱ ଉପରେ ସହଯୋଗ କରିପାରିବେ ବୋଲି ତଥ୍ୟ ଭିତ୍ତିକ ଯୁକ୍ତି ଉପସ୍ଥାପନ କରିଥିଲେ । ପ୍ରାଧ୍ୟାପିକା ଡ. ସ୍ୱର୍ଣ୍ଣମୟୀ ପୁରୋହିତଙ୍କ ସଂଯୋଜନାରେ ଆୟୋଜିତ ଏହି କର୍ମଶାଳାରେ ଅଧ୍ୟାପିକା ନିମା ପାଣିଗ୍ରାହୀ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପ୍ରାଧ୍ୟାପକ ବିଜ୍ଞାନ ଭୂଷଣ ଭଞ୍ଜ, ପ୍ରାଧ୍ୟାପକ ତପନ କୁମାର ବାରିକ, ପ୍ରାଧ୍ୟାପିକା ସୌଦାମିନୀ ପାଣ୍ଡେ, ଡ ଗୀତା ରାଣୀ ଦିକ୍ସିତ, ପ୍ରାଧ୍ୟାପିକା ପୂର୍ଣ୍ଣମାମୟୀ ଦାସ, ଅଧ୍ୟାପକ ବିନୋଦ ପରିଡ଼ା ତଥା ଛାତ୍ରଛାତ୍ରୀ ମାନେ ଏହି କର୍ମଶାଳାରେ ଖୁବ ଉତ୍ସାହର ସହ ଭାଗ ନେଇଥିଲେ। ଶେଷରେ ପ୍ରାଣୀ ବିଜ୍ଞାନ ବିଭାଗର ବିଜ୍ଞାନଗାର ସହାୟିକା ସୁଶ୍ରୀ ସ୍ୱାତି ଶର୍ମା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

କୋରାପୁଟ ଓକିଲ ସଂଘ କର୍ମକର୍ତ୍ତା ନିର୍ବାଚନ

ପ୍ରଭାତ ସଭାପତି, ସୁନୀଲ ସମ୍ପାଦକ

କୋରାପୁଟ,(ସବ୍ୟୁ): କୋରାପୁଟ ଓକିଲ ସଂଘର କର୍ମକର୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସଭାପତି ,ସମ୍ପାଦକ, କୋଷାଧକ୍ଷ ଓ କାର୍ଯ୍ୟକାରୀ କମିଟି ପଦବୀର ପ୍ରାର୍ଥୀ ମାନେ ନିଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ । କେବଳ ଉପ ସଭାପତି ପଦ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ସଞ୍ଜୟ କୁମାର ଝା ୧୩୫ ଟି ଭୋଟ ପାଇ ଉପ ସଭାପତି ପଦବୀରେ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ସୁଜାତା ନାୟକ ଘୋଷଣା କରିଥିଲେ । ପ୍ରଭାତ କୁମାର ମହାପାତ୍ର ସଭାପତି ଭାବେ ନିଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ବେଳେ ସଂପାଦକ ଭାବେ ସୁନୀଲ କୁମାର ଜେନା ଓ କୋଷାଧକ୍ଷ ଭାବେ କାମାକ୍ଷା ପ୍ରସାଦ ମାଝୀ ନିଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ କହିଛନ୍ତି। ସେହିପରି କାର୍ଯ୍ୟକାରୀ କମିଟିର ସଭ୍ୟ ଭାବେ ଅଶ୍ୱିନୀ କୁମାର ପଟ୍ଟନାୟକ, ବିଦ୍ୟାଧର ସାହୁ, ନଳିନୀ କାନ୍ତ ସେନାପତି, ପ୍ରମୋଦ କୁମାର ପାଢୀ, ପ୍ରଶାନ୍ତ କୁମାର ପାତ୍ର, ରଶ୍ମିତା ଦାସ, ଶରତ ଚନ୍ଦ୍ର ଆଚାର୍ଯ୍ୟ ଏବଂ ସସ୍ମିତା ରାଣୀ ସାହୁ ନିଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ସୁଜାତା ନାୟକ କହିଛନ୍ତି । କୋରାପୁଟ ଓକିଲ ସଂଘର ଦ୍ୱିତୀୟ ଥର ପାଇଁ ସଭାପତି ଭାବେ ନିର୍ବାଚିତ ହୋଇଥିବାରୁ ସଂଘର ସମସ୍ତ କର୍ମକର୍ତ୍ତାଙ୍କୁ ନବ ନିର୍ବାଚିତ ସଭାପତି ପ୍ରଭାତ କୁମାର ମହାପାତ୍ର ଧନ୍ୟବାଦ ଜଣାଇଛନ୍ତି । ଆଇନଜୀବୀମାନଙ୍କୁ ସ୍ୱାସ୍ଥ୍ୟ ବୀମାରେ ଅନ୍ତର୍ଭୁକ୍ତ କରିବାକୁ ଦାବି କରାଯିବ ବୋଲି ଶ୍ରୀ ମହାପାତ୍ର କହିଛନ୍ତି।

ବଲାଙ୍ଗିର ଜିଲ୍ଲା ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ

ଅମରେଶ ସଭାପତି, ପ୍ରମୋଦ ସମ୍ପାଦକ

ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ଓକିଲ ସଂଘର ୨୦୨୪-୨୫ ବର୍ଷ ପାଇଁ କର୍ମକର୍ତ୍ତା ନିର୍ବାଚନ ଓ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ସିଭିଲ କୋର୍ଟ ବାର୍ ହଲ୍‌ରେ ଅନୁଷ୍ଠିତ ଏହି ନିର୍ବାଚନରେ ସଂଘର ମୋଟ୍ ୫୬୭ ସଭ୍ୟରୁ ୪୩୩ ଜଣ ଭୋଟ୍ ଦେଇଥିଲେ । ଓକିଲ ସଂଘର ସଭାପତି ଭାବରେ ତୃତୀୟ ଥର ପାଇଁ ଅମରେଶ କୁମାର ତ୍ରିପାଠୀ ନିର୍ବାଚିତ ହୋଇଛନ୍ତି । ପ୍ରମୋଦ କୁମାର ବହିଦାର ସମ୍ପାଦକ ଭାବରେ ନିର୍ବାଚିତ ହୋଇଛନ୍ତି । ଯୁଗ୍ମ ସମ୍ପାଦକ ଭାବେ ଶତ୍ରୁଜିତ ସାହୁ , ଉପସଭାପତି ସରୋଜ କୁମାର ଗୁପ୍ତା, କୋଷାଧକ୍ଷ ଭାବେ ସମୀର ମିଶ୍ର ନିର୍ଦ୍ୱନ୍ଦରେ ମନୋନୀତ ହୋଇଛନ୍ତି । କାର୍ଯ୍ୟକାରୀ କମିଟିକୁ ସୌମ୍ୟ ରଞ୍ଜନ ପଣ୍ଡା, ଦିନେଶ ନାଗ , ଶିବ ଦ୍ୱିବେଦୀ, ଦିଲିପ ବିଶି , ଅସିତ୍ ଷଡଙ୍ଗୀ , ଏସ୍ ଶ୍ରୀନିବାସ ରାଓ, ଆର୍ତ୍ତତ୍ରାଣ ପୁରୋହିତ, ସନ୍ତୋଷ ପାଣିଗ୍ରାହୀ, ରଶ୍ମି ପଣ୍ଡା ମନୋନୀତ ହୋଇଛନ୍ତି। ନିର୍ବାଚନ ଅଧିକାରୀ ଭାବେ ଗୋପାଳ ଚନ୍ଦ୍ର ପାଣିଗ୍ରାହୀ ଦାୟିତ୍ୱ ନିର୍ବାହ କରିଥିବା ବେଳେ ନିର୍ବାଚନ ପରିଚାଳନାରେ ଆଶିଷ ପାଢୀ , ରଶ୍ମୀ ପଣ୍ଡା , ସୁଭ୍ରାଂଶୁ ବଗର୍ତ୍ତୀ ,ବିବେକାନନ୍ଦ ମିଶ୍ର, ବ୍ରଜମୋହନ ମିଶ୍ର, ସୁରେନ୍ଦ୍ର ମିଶ୍ର, ଜିତେନ୍ଦ୍ର ପୁରୋହିତ ପ୍ରମୁଖ ସହଯୋଗ କରିଥିଲେ ।

ଜୁନାଗଡ଼ ଓକିଲ ସଂଘ ନିର୍ବାଚନ

କୈଳାସ ସଭାପତି, ହିମାଂଶୁ ସମ୍ପାଦକ ନିର୍ବାଚିତ

ଜୁନାଗଡ(ସବ୍ୟୁ): କଳାହାଣ୍ଡି ଜିଲ୍ଲାର ଜୁନାଗଡ଼ରେ ଶନିବାର ଚଳିତ ୨୦୨୪-୨୫ ବର୍ଷ ପାଇଁ ଜୁନାଗଡ଼ ଓକିଲ ସଂଘ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ କୈଳାସ ଚନ୍ଦ୍ର ଚୌଧୁରୀ, ଉପ ସଭାପତି ନୀଳକଣ୍ଠ ମିଶ୍ର, ସମ୍ପାଦକ ହିମାଂଶୁ ଶେଖର ବରାଡ଼, ସହ ସମ୍ପାଦକ ଧନେଶ୍ୱର ନାଏକ ଓ ଲୋକନାଥ ମଙ୍ଗରାଜ ଓ ଲାଇବ୍ରେରୀ ସମ୍ପାଦକ ମିଳାପ ଚନ୍ଦ ଜୈନ, କୋଷାଧ୍ୟକ୍ଷ କାଳନ୍ଦୀ ଚରଣ ପାଣିଗ୍ରାହୀ ସର୍ବସମ୍ମତି କ୍ରମେ ର୍ନିବାଚିତ ହୋଇଛନ୍ତି । ସେହିପରି ୭ଜଣ କାର୍ଯ୍ୟକାରୀ ସଦସ୍ୟ ଭାବେ ସୁରେଶ ଚନ୍ଦ୍ର ପଣ୍ଡା, ମଦନ ମୋହନ ସାହୁ, ଅଶୋକ କୁମାର ପାତ୍ର, ବାଲକୃଷ୍ଣ ଅଚାରୀ, ନରେନ୍ଦ୍ର କ୍ଷିତି,ଶ୍ରୀମତୀ ଜୁଲିରାଣୀ ନାୟକ, ସୁଧାଂଶୁ ଶେଖର ବରାଡ଼ ପ୍ରମୁଖ ନିର୍ବାଚିତ ହୋଇଛନ୍ତି ବୋଲି ନିର୍ବାଚନ ଅଧିକାରୀ ଅଶୋକ କୁମାର ପଣ୍ଡା ପ୍ରକାଶ କରିଛନ୍ତି ।

ସଇଁତଲା ଓକିଲ ସଂଘ ନିର୍ବାଚନ

ସୁବୋଧ ସଭାପତି, ଫିରୋଜ ସମ୍ପାଦକ ନିର୍ବାଚିତ

ସଇଁତଲା,(ସବ୍ୟୁ): ସଇଁତଲା ଓକିଲ ସଂଘର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ଶନିବାରନିର୍ବାଚନ ଅଧିକାରୀ ତଥା ବରିଷ୍ଠ ଆଇନଜିବୀ ରାଧେଶ୍ୟାମ ସାହୁ ବିଜୟୀ ପ୍ରାର୍ଥିଙ୍କ ନାମ ଘୋଷଣା କରିଥିଲେ । ସଭାପତି ଭାବେ ସୁବୋଧ କୁମାର ମିଶ୍ର, ଉପ-ସଭାପତି ହିମାଂଶୁ ଶେଖର ମିଶ୍ର, ସମ୍ପାଦକ ଫିରୋଜ କୁମାର ବଗର୍ତି, ସହ-ସମ୍ପାଦକ ମନୋଜ କୁମାର ପୃଷ୍ଟେଠ, କୋଷାଧ୍ୟକ୍ଷ ଭାବରେ ପ୍ରଦୀପ କୁମାର ମାଝୀ ମନୋନୀତ ହୋଇଥିବା ବେଳେ ଉପଦେଷ୍ଟା ମଣ୍ଡଳୀରେ ଦେବରାଜ ପଣ୍ଡା, ପବିତ୍ର କୁମାର ସାହୁ, ମନୋରଞ୍ଜନ ପୃଷ୍ଟେଠ ଏବଂ ଜ୍ୟୋତ୍ସ୍ନାରାଣୀ ବାଗ ମନୋନୀତ ହୋଇଛନ୍ତି । ସେହିପରି ନିର୍ବାଚନ ଅଧିକାରୀ ଶ୍ରୀ ସାହୁଙ୍କୁ ସର୍ବସମ୍ମତ ଭାବରେ ଉପଦେଷ୍ଟା ମଣ୍ଡଳୀରେ ସାମିଲ କରାଯାଇଥିବା ବେଳେ ଚଳିତ ବର୍ଷ ସଂଘର ସମସ୍ତ ସଦସ୍ୟଙ୍କ ସହମତି କ୍ରମେ ପ୍ରାର୍ଥିମାନେ ନିଦ୍ୱନ୍ଦରେ ନିର୍ବାଚିତ ହୋଇଥିଲେ ।

ରବିବାର,୩୧ ମାର୍ଚ୍ଚ ୨୦୨୪

ସମୟ

ନିଆରା ଶିଶୁ ସାହିତ୍ୟିକ ଉଦୟନାଥ ଷଡଙ୍ଗୀ

ହିମାଂଶୁ ଶେଖର ଆଚାର୍ଯ୍ୟ

ଶିଶୁକୁ ହସାଇ ଶିଶୁକୁ ରସାଇ/ଶିଶୁକୁ କୁହାଇ ମଧୁର କଥା/ଦେହକଟା ଯାକ ତୁମେ ଷଡଅଙ୍ଗୀ/ କଲମ ଚଷିଲ ଖଟାଇ ମଥା ।– ଏହି କବିତାଟି କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକ ଯାହାଙ୍କ ଉଦ୍ଦେଶ୍ୟରେ ଲେଖିଥିଲେ, ସେ ହେଉଛନ୍ତି ଓଡ଼ିଆ ଶିଶୁ ସାହିତ୍ୟର ନିଆରା ସାରଥି ଉଦୟନାଥ ନାଥ ଷଡ଼ଙ୍ଗୀ । ଶିଶୁର ମନକକୁ ଛୁଇଁଲା ଭଳି କବିତା ଓ ଗପ ଲେଖିବା ସହଜ କଥା ନୁହେଁ । ଏହି ପ୍ରତିଭାର ଅଧିକାରୀ ଉଦୟନାଥ ଷଡଙ୍ଗୀ ଥିଲେ । ତାଙ୍କ ଶିଶୁ ସାହିତ୍ୟ ଏପରି ରସଯୁକ୍ତ ଓ ପ୍ରାଣବନ୍ତ ଥିଲା ଯେ ସେଥିରେ ଶିଶୁପ୍ରାଣ ଆତ୍ମହରା ହୋଇଉଠିଥିଲା । ଅନ୍ୟ ଭାବରେ କହିଲେ ଶିଶୁ ପ୍ରାଣର ଆଶା, ଆକାଂକ୍ଷା ଓ ସୁଖ– ଦୁଃଖର ସେ ଥିଲେ ସାର୍ଥକ ରୂପକାର । ଜୀବନସାରା ପିଲାମାନଙ୍କ ପାଇଁ ଅସଂଖ୍ୟ ଗପ, କବିତା, ଉପନ୍ୟାସ, ବିଜ୍ଞାନ ଲେଖା ଲେଖି ଓଡ଼ିଆ ସାହିତ୍ୟକୁ ଋଦ୍ଧିମନ୍ତ କରିଯାଇଛନ୍ତି ।

ସେଦିନ ଥିଲା ଫଗୁ ଦଶମୀ ତିଥି, ୧୯୦୫ ମସିହା ମାର୍ଚ୍ଚ ୧୬ତାରିଖ । ଏହିଭଳି ଏକ ଶୁଭ ତିଥିରେ ଅବିଭକ୍ତ କଟକ ଜିଲ୍ଲା (ବର୍ତ୍ତମାନ ଜଗତସିଂହପୁର ଜିଲ୍ଲା) ଅନ୍ତର୍ଗତ ସିପି ଗ୍ରାମରେ ପିତା ଭିକାରି ଷଡଙ୍ଗୀ ଓ ମାଆ ପାସୋରୀ ଦେବୀଙ୍କ କୋଳମଣ୍ଡନ କରି ଜନ୍ମ ନେଇଥିଲେ ଉଦୟନାଥ । ସାନ ପୁଅ ହୋଇଥିବାରୁ ବାପା ମାଙ୍କର ସମସ୍ତ ସ୍ନେହଶ୍ରଦ୍ଧା ତାଙ୍କ ଉପରେ ଅଜାଡି ହୋଇପଡୁଥିଲା । ତୁଳସୀ ଦୁଇପତ୍ରରୁ ବାସିଲାପରି ବାଲ୍ୟକାଳରୁ ତାଙ୍କ ପ୍ରତିଭାର ଉନ୍ମେଷ ହୋଇଥିଲା । ବୟସର ବୃଦ୍ଧି ହେବା ସଙ୍ଗେ ସଙ୍ଗେ ଉଦୟନାଥଙ୍କ ହୃଦୟରେ ଦେଶପ୍ରେମ ବୀଜ ଅଙ୍କୁରିତ ହେଲା । ସେତେବେଳକୁ ସ୍ୱାଧୀନତା ସଂଗ୍ରାମ ଆନ୍ଦୋଳନ ଜୋର ଧରିଥାଏ । ମହାତ୍ମା ଗାନ୍ଧିଙ୍କ ଡାକରାରେ ଦେଶର କୋଣଅନୁକୋଣରେ ଦେଶପ୍ରେମ ଭାବନାରେ ଉଦ୍‌ବୃଦ୍ଧ ହୋଇ ଅନେକ ଛାତ୍ରଛାତ୍ରୀ ସ୍ୱାଧୀନତା ସଂଗ୍ରାମ ଆନ୍ଦୋଳନରେ ସାମିଲ ହୋଇଥିଲେ । ଉଦୟନାଥଙ୍କ ଘଟଣା ବହୁଳ ଜୀବନ ଆରମ୍ଭ ହୋଇଥିଲା ସ୍ୱାଧୀନତା ସଂଗ୍ରାମର ମୁକ୍ତିତୀର୍ଥ ଅଳକାଶ୍ରମରୁ । ଏଠାରେ ସୂତାକଟା, ଲୁଗାବୁଣା ଓ ଅନ୍ୟାନ୍ୟ ଧନ୍ଦାମୂଳକଶିକ୍ଷା ଦିଆଯାଉଥିଲା ସ୍ୱାଧୀନତା ସଂଗ୍ରାମୀମାନଙ୍କୁ । ଏଠାରେ ରହି ଉଦୟନାଥ ଏସବୁ ଶିକ୍ଷାକୁ ଜୀବନର ବ୍ରତ ରୂପେ ଗ୍ରହଣ କରିନେଲେ । ପରବର୍ତ୍ତୀ ପର୍ଯ୍ୟାୟରେ ବକୁଳବନର ଛୁରିଅନା କୁଞ୍ଜ ତଳେ ଗଢ଼ି ଉଠିଥିବା ସତ୍ୟବାଦୀ ବନବିଦ୍ୟାଳୟର ଛାତ୍ର ହୋଇଥିଲେ ଉଦୟନାଥ । ସୌଭାଗ୍ୟକୁ ଏଠାରେ ରହି ଆଚାର୍ଯ୍ୟ ହରିହର, ପଣ୍ଡିତ ନୀଳକଣ୍ଠ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଓ ସମାଜ ସଂପାଦକ ରାଧାନାଥ ରଥଙ୍କ ପରି ଯୋଗଜନ୍ମା, ଜ୍ଞାନୀ, ଗୁଣୀ ଓ ସାରସ୍ୱତ ସାଧକମାନଙ୍କ ସଂସ୍ପର୍ଶରେ ଆସି ତାଙ୍କ ଜୀବନର ଗତିପଥ ବଦଳିଯାଇଥିଲା ।

ଜଣେ ଅନନ୍ୟ ପ୍ରତିଭାସମ୍ପନ୍ନ ସାହତ୍ୟ ସାଧକ ଭାବେ ଉଦୟନାଥ ଷଡ଼ଙ୍ଗୀ ନିଜ ପାଇଁ ଏକ ନିଆରା ପରିଚୟ ସୃଷ୍ଟି କରିପାରିଥିଲେ । ଏକାଧାରରେ ସିଏ ଥିଲେ ଜଣେ ଖ୍ୟାତନାମା ସାହିତ୍ୟିକ, ପ୍ରଖ୍ୟାତ ସାମ୍ବାଦିକ, ବିଶିଷ୍ଟ ଅନୁବାଦକ ଓ ସର୍ବୋପରି ସଚ୍ଚା ସ୍ୱାଧୀନତା ସଂଗ୍ରାମୀ । ଜଣେ ସ୍ରଷ୍ଟା ଭାବେ ସାହିତ୍ୟର ବିଭିନ୍ନ ବିଭାଗରେ ସେ ସଫଳ ହୋଇଥିଲେ ମଧ୍ୟ ଆଧୁନିକ ଓଡ଼ିଆ ଶିଶୁ ସାହିତ୍ୟକୁ ତାଙ୍କର ଅବଦାନ ପାଇଁ ସେ ସବୁଦିନ ପାଇଁ ଅବିସ୍ମରଣୀୟ ହୋଇ ରହିବେ । ଉଦୟନାଥ ଜାଣିଥିଲେ ଶିଶୁପ୍ରାଣ ସରଳ, ନିଷ୍ପାପ ଓ କୋମଳ । ଶିଶୁ ମନରେ ଆନନ୍ଦ, ବିଷାଦ, ମାନ, ଅଭିମାନ ଭରି ରହିଅଛି । ଏହି କଥାକୁ ମର୍ମେ ମର୍ମେ ଉପଲବ୍ଧି କରି ଅତି ସୁନ୍ଦର ଭାବେ ଶିଶୁ ମନକୁ ଛୁଇଁବା ଭଳି ଲେଖା ଗୋଟିକ ପରେ ଗୋଟିଏ ଲେଖିଚାଲିଲେ ଉଦୟନାଥ । ତନ୍ମଧ୍ୟରେ ଟୁଉକୁମୁଷି, ଚକାଚକା ଭଉଁରୀ, ଜହ୍ନମାମୁଁ, କଥା କବିତା ଆଦି ଅନ୍ୟତମ । ଟୁଉକୁମୁଷି କବିତାରେ ବଡ଼ ଭାଇର ଆକଟ ପଣିଆ ବିରୁଦ୍ଧରେ ସାନ ଭାଇର ଚିନ୍ତା ଚେତନାକୁ ନିଖୁଣ ଭାବେ ପରିପ୍ରକାଶ କରି ଲେଖିଥିଲେ –'ଏ ଘରେ ମୁଁ ଆଉ ରହିବି ନାହିଁ, ମୋଡ଼ି ଦେଲେ କାନ ମୋ ବଡ଼ ଭାଇ '।

ଖାଲି ସେତିକି ନୁହେଁ ଶିଶୁର ମନସ୍ତତ୍ତ୍ୱକୁ ଅତି ସୁନ୍ଦର ଭାବେ ବୁଝି ପାରିଥିଲେ ଉଦୟନାଥ ଷଡ଼ଙ୍ଗୀ । ସେ ଜାଣିଥିଲେ ପିଲାମାନେ ପାଠକୁ ଭାରି ଡ଼ରନ୍ତି । ସ୍କୁଲ୍ ଯିବାକୁ ଇଚ୍ଛା ପ୍ରକାଶ କରନ୍ତି ନାହିଁ । ଶିଶୁର ଭାବନାକୁ ନେଇ ସେ ଅତି ମଜାଦାର ଢ଼ଙ୍ଗରେ ଲେଖିଥିଲେ –'ପାଠ, ପାଠ, ପାଠ,ଏ କଥାଟି ପଢ଼ିଲେ କାନେ,ହୋଇଯାଏ ମୁଁ କାଠ '।

ଆମ ଶିଶୁ ସାହିତ୍ୟରେ ବୈଜ୍ଞାନିକ ଚିନ୍ତା ଓ ଚେତନାର କଥାକୁ ସେତେବେଳେ ଅନୁଭବ କରି ଉଦୟନାଥ ଷଡ଼ଙ୍ଗୀ ବିଜ୍ଞାନ ଓ ବୈଷୟିକ ଜ୍ଞାନ ଭିତ୍ତିକ ଲେଖାମାନ ଅତି ସୁନ୍ଦର ଓ ସରଳ ଭାବରେ ଲେଖିଯାଇଛନ୍ତି । ତାଙ୍କ ଲେଖନୀ ନିଃସୃତ ଆମ ଗ୍ରହ–ଉପଗ୍ରହ, ଏମାନଙ୍କୁ ଜାଣିରଖ, ତେଲ ଲୁଣର ସଂସାର ଓ ବିଚିତ୍ର ପଶୁ ଆଦି ଶିଶୁ ସାହିତ୍ୟ ପୁସ୍ତକ ଯେତିକି ମନଛୁଆଁ ସେତିକି ବିଜ୍ଞାନଭିତ୍ତିକ ଥିଲା । ଏହାହିଁ ଥିଲା ଉଦୟନାଥଙ୍କ ସୃଷ୍ଟିର ବିଶେଷତ୍ୱ । କେବଳ ସେତିକି ନୁହେଁ ଅନୁବାଦ କ୍ଷେତ୍ରରେ ମଧ୍ୟ ସିଏ ଜଣେ ସଫଳ ସ୍ରଷ୍ଟା ଥିଲେ । ବିଭିନ୍ନ ଭାଷାର ଶିଶୁ ସାହିତ୍ୟକୁ ଅନୁଦିତ କରି ସିଏ ନିଜର ପାରିବା ପଣିଆର ଆଉ ଏକ ନମୁନା ଦେଖାଇଥିଲେ । ତାଙ୍କ ଅନୁଦିତ ପୁସ୍ତକ ଆରବ୍ୟ ରଜନୀ, ଇଦ୍ ପର୍ବ, ଆଲିବାବା, ସିନ୍ଦ୍ ବାବା, ଗୌତମ ବୁଦ୍ଧ ଇତ୍ୟାଦି ତାଙ୍କର ଅନବଦ୍ୟ ସୃଷ୍ଟି ଥିଲା । ବିଶେଷକରି 'ଟମ୍ କକାଙ୍କ କୁଟୀର' ପାଇଁ ସେ ଅଜସ୍ର ଖ୍ୟାତି ଅର୍ଜନ କରିଥିଲେ । ସବୁଠାରୁ ବଡ଼ କଥା ହେଉଛି ଏହି ପୁସ୍ତକଗୁଡ଼ିକ ଅନୁଦିତ ହୋଇଥିଲେ ମଧ୍ୟ ସବୁଥିରେ ତାଙ୍କ ନିଜସ୍ୱ ମୌଳିକତାର ଛାପ ସ୍ପଷ୍ଟ ବାରିହୋଇ ପଡୁଥିଲା । ତାଙ୍କର ଏହି ସାମଗ୍ରିକ ସାହିତ୍ୟ କୃତି ପାଇଁ ଅନେକ ସମ୍ମାନର ଅଧିକାରୀ ହୋଇପାରିଥିଲେ ସେ । ପ୍ରଜାତନ୍ତ୍ର ପ୍ରଚାର ସମିତି, ଓଡ଼ିଶା ସାହିତ୍ୟ ଏକାଡ଼େମୀ , ଉତ୍କଳ ପାଠକ ସଂସଦ, ଗୋକର୍ଣ୍ଣିକା ସାହିତ୍ୟ ସମାଜ ଏମିତି ବହୁ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ତରଫରୁ ସେ ସମ୍ବର୍ଦ୍ଧିତ ହୋଇଥିଲେ ।

୧୯୯୯ ମସିହା ଜାନୁୟାରୀ ୮ତାରିଖରେ ତାଙ୍କର ଦେହାବସାନ ଘଟିଛି । ହେଲେ ଉଦୟନାଥ ଷଡଙ୍ଗୀଙ୍କ ଅନୁଦିତ ଟମ୍ କକାଙ୍କ କୁଟୀର, କୁତୁକୁତୁ, ହରଭାଇଙ୍କ ଘର ବାହୁଡା ଆଦି ବହି ଯେତେ ଦିନ ଯାଏ ଥିବ ସେତେଦିନ ପର୍ଯ୍ୟନ୍ତ ଓଡିଆ ଶିଶୁ ସାହିତ୍ୟର ପ୍ରତ୍ୟେକ ପାଠକ ତାଙ୍କୁ ଶ୍ରଦ୍ଧାର ସହିତ ସ୍ମରଣ କରୁଥିବେ ।

ସଭାପତି, ସାରସ୍ୱତ ପରିଷଦ,
ଜଗତସିଂହପୁର, ମୋ– ୯୯୩୭୧୫୧୦୫୨

ଗ୍ରାମ୍ୟ ଜୀବନରେ ଭାଗବତ ଟୁଙ୍ଗି

ଶ୍ରୀବତ୍ସ ନାୟକ

ଓଡ଼ିଶାର ପ୍ରତ୍ୟେକ ଗାଁ ରେ ନଡ଼ା କିମ୍ବା ଆଜବେଷ୍ଟସ ଛପର,ମାଟିକାନ୍ଥ ଆଚ୍ଛାଦିତ ଏକ କୋଠ ଘରଟିଏ ହେଉଛି ଭାଗବତ ଟୁଙ୍ଗି । ଘରଟିର ଏପରି ନାମକରଣର ବିଶେଷ ସାର୍ଥକତା ରହିଛି । କାହିଁ କେଉଁ ଆବହମାନ କାଳରୁ ଏହି ଘରେ ଅତିବଡ଼ି ଜଗନ୍ନାଥ ଦାସଙ୍କ ଅନନ୍ୟ ସୃଷ୍ଟି ଓଡ଼ିଆ ଭାଗବତର ପଦଗୁଡ଼ିକ ନିୟମିତ ପାଠ କରାଯାଉଥିଲା ଯାହାକି ପ୍ରତି ଓଡ଼ିଆର ଜୀବନକୁ ପରିଭାସିତ କରିଛି । ଓଡ଼ିଆ ସଂସ୍କୃତିର ଅବିଚ୍ଛେଦ୍ୟ ଅଙ୍ଗ ସ୍ୱରୂପ ଶ୍ରୀମଦ୍ ଭାଗବତ ଗୀତା ପ୍ରତ୍ୟେହ ସନ୍ଧ୍ୟାରେ ପାଠ କରାଯାଇ ସାମାଜିକ ଶୃଙ୍ଖଳା, ଚରିତ୍ର ଗଠନ ତଥା ସୁସ୍ଥ ସମାଜ ଗଠନ କ୍ଷେତ୍ରରେ ସାଧାରଣ ଲୋକମାନଙ୍କୁ ଶିକ୍ଷା ଦିଆଯାଉଥିଲା ଯାହାକି ଭାଗବତ ଟୁଙ୍ଗି ନାମକରଣର ସାର୍ଥକତାକୁ ପ୍ରତିପାଦିତ କରିଛି ।

ଷୋଡ଼ଶ ଶତାବ୍ଦୀର ପ୍ରାରମ୍ଭରେ ପୁରୀରେ ପ୍ରଥମେ ଏହି ଭାଗବତ ଟୁଙ୍ଗୀର ଆର୍ବିଭାବ ହୋଇ କାଳକ୍ରମେ ଓଡ଼ିଶାର ପୁରପଲ୍ଲୀରେ ଏହା ବ୍ୟାପକ ପ୍ରସାର ଲାଭକଲା । ଗ୍ରାମାଞ୍ଚଳରେ ପ୍ରତ୍ୟେହ ସନ୍ଧ୍ୟାରେ ଗ୍ରାମ ବଧୂମାନେ ଏହି ଭାଗବତ ଟୁଙ୍ଗୀରେ ସଞ୍ଜ ଆଳତି, ଧୂପ, ଦୀପ ଦେଇ ଡିବି କିମ୍ବା ଲଣ୍ଠନ ଆଲୁଅ ଜଳାଇ ଥାଆନ୍ତି । ନିଜର ଦୈନନ୍ଦିନ କାର୍ଯ୍ୟ ସମାପ୍ତ ପରେ ଗ୍ରାମର ଆବାଳବୃଦ୍ଧବନିତା ତାଳପତ୍ର ନିର୍ମିତ ଆସନ ପକାଇ ଏଠାରେ ବସି ଥାଆନ୍ତି । ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ, ଧନୀ ଗରିବର ବାଛ ବିଚାର ନରଖି ସମସ୍ତେ ପ୍ରତ୍ୟେହ ସନ୍ଧ୍ୟାରେ ଏକତ୍ରିତ ହୋଇଥାନ୍ତି । 'ପରମ ଶାସ୍ତ୍ର ଭାଗବତ, ଅଭ୍ୟାସ କରୁଥିବ ନିତ୍ୟ ।' 'ନମଇଁ ନୃସିଂହ ଚରଣ, ଅନାଦି ପରମ କାରଣ' ଭଳି ଭାଗବତ ପଦ ଅବଧାନ କିମ୍ବା ପୂଜା ପଣ୍ଡାଙ୍କ କଣ୍ଠରୁ ଉଭାଷିତ ହୁଏ । ଆହା କି ସୁନ୍ଦର ପଦ ମାନ ! କି ସୁମଧୁର କଣ୍ଠ ! କାହାରିକୁ ବାଧ କରାନଗଲେ ମଧ ଗ୍ରାମବାସୀମାନେ ସବୁଦିନ ସନ୍ଧ୍ୟାରେ ବସି ଏହି ପଦମାନଙ୍କୁ ଶ୍ରବଣ କରୁଥିଲେ । ଭାଗବତ ଚର୍ଚ୍ଚା ଆଦିରେ ସେମାନଙ୍କର ରାତ୍ରିର ପ୍ରଥମ ପ୍ରହରକୁ ସେମାନେ ବିତାଉଥିଲେ । ଯେଉଁମାନେ ବାହାରେ କୌଣସି ଚାକିରି କିମ୍ବା କର୍ମ ଯୋଗରେ ବିନିଯୋଗ ଥାଆନ୍ତି ସେମାନେ ପୂଜା ପର୍ବାଣୀରେ ଗ୍ରାମକୁ ଫେରିଲେ ଭାଗବତ ଟୁଙ୍ଗିରେ ଯୋଗଦାନ କରିଥାନ୍ତି । ଭାଗବତ ଟୁଙ୍ଗିରେ କିଛି ସମୟ ବିତେଇବା ଗ୍ରାମବାସୀଙ୍କର ନିତିଦିନିଆ କାର୍ଯ୍ୟ ଥିଲା । ଯଦିଓ ଘରଟିର ନାମ ଭାଗବତ ଟୁଙ୍ଗି କିନ୍ତୁ ସେଠାରେ ପବିତ୍ର ରାମାୟଣ, ମହାଭାରତ ଭଳି ଗ୍ରନ୍ଥ ମଧ୍ୟ ଆଲୋଚନା ହେଉଥିଲା । ପୁରାଣ ପାଠର ଆଲୋଚନା ସହ ପୂଜାପଣ୍ଡା କିମ୍ବା ଅବଧାନମାନେ ଗ୍ରାମବାସୀମାନଙ୍କୁ ନିଜ ଦୈନନ୍ଦିନ ଜୀବନରେ ଉନ୍ନତି ଆଣିବା ପାଇଁ ତଥା ସୁସ୍ଥ ସମାଜ ଗଠନ ନିମନ୍ତେ ପରାମର୍ଶ ଦେଉଥିଲେ । ସନ୍ଧ୍ୟା ହେଲେ ଘରଟି ଝାଞ୍ଜ, ମୃଦଙ୍ଗ, ହରିବୋଲ, କରତାଳି, ହୁଳହୁଳି, କାହାଳୀ ଶବ୍ଦରେ ଉଛୁଳି ପଡେ ।

ଶାନ୍ତ କାନ୍ତ କୋମଳ ଗ୍ରାମାଞ୍ଚଳ ର ପରିବେଶରେ ଝୁଣା ଧୂପର ବାସ୍ନା ସହ ମୃଦଙ୍ଗ ଝାଞ୍ଜ ଓ ତା ସାଙ୍ଗକୁ ଅବଧାନ ଙ୍କ ମୁଖ ନିଃସୃତ ସୁସଙ୍ଗୀତ ସ୍ୱରରେ ପୁରାଣ ପଠନ ଗ୍ରାମ ପରିବେଶକୁ ଆହୁରି ସୁନ୍ଦର ଓ ମଧୁମୟ କରୁଥିଲା । ପୋଥି ପଢ଼ିବା, ମସିଣା ବୁଣିବା, ପଥଚାରୀଙ୍କର ରାତ୍ରି ଆଶ୍ରୟ, ଜାନୁ ଘଣ୍ଟିଆ, ଚକୁଳିଆ ପଣ୍ଡା, ଲୋକନୃତ୍ୟକାରୀଙ୍କ ବିଶ୍ରାମ ଗୃହ, ଶିକ୍ଷାଦାନ, ବିଚାରାଳୟ, ନ୍ୟାୟ, ନିଶାପ, ସଙ୍ଗୀତ ଗାୟନ, ସଭା ସମିତି, ଖଜଣା ଆଦାୟ, କୀର୍ତ୍ତନ, ସୂଚନା କେନ୍ଦ୍ର ଆଦି କାର୍ଯ୍ୟ ମଧ ଏହି ଘରେ ହୋଇଥାଏ । ଏହା ସତେ ଯେମିତି ଘର ନୁହେଁ ତ ଗ୍ରାମ ଜୀବନର ମୂକ ସାକ୍ଷୀ । ଅନେକ ଘଟଣାକୁ ସେ ନିଜ ଅନୁଭୂତିକୁ ନେଇଛି । ନୂଆ ବୋହୂର ଗ୍ରାମ ପ୍ରବେଶ, ବୟସ୍କଙ୍କ ଶେଷଯାତ୍ରା, ଶୈଶବଙ୍କ କୋଳାହଳ , ଗ୍ରାମର ଦୋଳ ଉତ୍ସବ, ହୋଲି, କୁଆଁରୀ ଝିଅଙ୍କ ଖୁଦରକୁଣୀ ଓଷା, ରାମ ନାଟକ ଆଦି ଅନେକ ଘଟଣାକୁ ନିଜ ମଧରେ ସ୍ଥାନ ଦେଇଛି ।

ଗ୍ରାମବାସୀଙ୍କର ସୁଖ ଦୁଃଖର ସାଥୀଟିଏ ହୋଇ ଗ୍ରାମର ଜଣେ ସଦସ୍ୟ ପାଲଟି ଯାଇଛି । ଭାଗବତ ଟୁଙ୍ଗିଟି କେତେ ନ୍ୟାୟ ନିଶାପର ବିଚାର ଦେଖିଛି, କେତେ ସଭା ସମିତିରେ ସାକ୍ଷୀ ଅଛି, କେତେ ବେସାହାରାକୁ ସାହାରା ଦେଇଛି, କେତେ ଅତିଥିଙ୍କୁ ନିଜ କୋଳରେ ସ୍ଥାନ ଦେଇଛି ତାହାର ରେକର୍ଡ କିଏ ବା ଦେଇ ପାରିବ । କେଉଁ ଆବହମାନ କାଳରୁ ଗ୍ରାମର ମଧଭାଗରେ ଥିବା ଏହି ଝାଟି ମାଟିର କ୍ଷୁଦ୍ର କୁଡ଼ିଆଟିଏ ଗ୍ରାମବସୀଙ୍କର ଚିର ସହଯୋଗୀ । 'ସାନ ସିନା ଦାନ ତା ମହାନ' ଭଳି ଆକାରରେ କ୍ଷୁଦ୍ର ହେଲେ ମଧ ସମସ୍ତ ବର୍ଗର ଜନସାଧାରଣମାନଙ୍କୁ ନିଜର କୋଳରେ ସ୍ଥାନ ଦେଇ ବିଭିନ୍ନତା ମଧରେ ଏକତାର ନିଦର୍ଶନର ପ୍ରମାଣ ଦେଇଛି । ସ୍ୱାର୍ଥ, ଭେଦଭାବ ଠାରୁ ଗ୍ରାମବାସୀଙ୍କୁ ଦୂରେଇ ରଖି ସମସ୍ତଙ୍କୁ ପ୍ରେମ ଓ ସଦ୍‌ଭାବନାର ଭାବରେ ଅଭିନ୍ନ କରି ରଖିଛି । କେବଳ ସେତିକି ନୁହେଁ ଗ୍ରାମରେ ଶାନ୍ତି ସ୍ଥାପନ କରିବା, ହିଂସା, କ୍ରୋଧ ଠାରୁ ଦୂରେଇ ରହିବା, ଭାଇଚାରାର ତତ୍ତ୍ୱକୁ ଶୃଙ୍ଖଳା, ଦିନଚର୍ଯ୍ୟା, ସାମାଜିକ ସଂସ୍କାର ଆଦିର ଶିକ୍ଷା ମଧ ଏଠାରୁ ମିଳୁଥିଲା ।

ଏକଦା ସେ ସମୟ ଥିଲା ଯେଉଁ ସମୟରେ ଗ୍ରାମବାସୀ ଏକତ୍ରିତ ହୋଇ ଟୁଙ୍ଗିରେ ବସୁଥିଲେ । ନିଜର ନିତିଦିନିଆ କର୍ମମୟ ଜୀବନରୁ ଫେରିଲେ ଭାଗବତ ଟୁଙ୍ଗୀରେ କିଛି ସମୟ ବିତାଉଥିଲେ । ଆଜି ଆଉ ସେ ସମୟ ନାହିଁ । ସମୟ ବଦଳି ଯାଇଛି । ସବୁ କିଛି ହଜି ଯାଇଛି । ସମୟ ଛଡେଇ ନେଇଛି ଅନେକ କିଛି ଖାଲି ଯାହା ରହି ଯାଇଛି ସ୍ମୃତି । ସ୍ମୃତି ତ କେବେ ନୁହେଁ ଭୁଲିବାର ସ୍ମୃତି ହେଉଛି ଅତୀତ ଘଟଣାର ମୂକ ସାକ୍ଷୀ । ସାମ୍ପ୍ରତିକ ପରିସ୍ଥିତିରେ ଉଜୁଡୁ ଯାଇଛି ସେ ଭାଗବତ ଟୁଙ୍ଗି । ଅଧିକାଂଶ ଗ୍ରାମରେ ଜରାଜୀର୍ଣ୍ଣ ଅବସ୍ଥାରେ ସେଦିନର ସେ କୋଠଘର । କିଛି କିଛି ଗାଁ ରେ ସେ କୋଠ ଘର ଶବ୍ଦ ତ ଶୁଣିବାକୁ ମିଳୁନାହିଁ । ସମୟ ସ୍ରୋତରେ ନିଃସହାୟ ଶୁଷ୍କ ତୃଣ ଭାସିଭାସି ଚାଲିଲା ଭଳି ଭାଗବତ ଟୁଙ୍ଗି ସେମିତି ଭାସି ଭାସି ଚାଲି ଆଜି ବିଲୁପ୍ତ ପ୍ରାୟ ହୋଇଗଲାଣି । ଯେଉଁ କେତେ ଖଣ୍ଡ ଗାଁ ରେ କୋଠ ଘର ଅଛି, କିନ୍ତୁ ତାହା ଭାଗବତ ଟୁଙ୍ଗି ହୋଇ ଆଉ ରହିନାହିଁ । ଅତୀତରେ ଯେଉଁଠି ଅନେକ ପୁରାଣ ଓ ସୁସ୍ଥ ସମାଜର ଗଠନ ନିମନ୍ତେ ଚର୍ଚ୍ଚା ଆଲୋଚନା ହେଉଥିଲା ଏବେ ସେ ସବୁ ଆଉ ଦେଖିବାକୁ ମିଳୁନାହିଁ । ଆଉ ନାହିଁ ସେ ପୁରାଣ ନାହିଁ ସେ ଭାଇଚାରା ।କାଳର କରାଳ ଗତି ରେ ଭାଗବତ ଟୁଙ୍ଗି ଆଜି ଅଣନିଃଶ୍ୱାସୀ ହୋଇପଡିଛି । ରକ୍ଷଣାବେକ୍ଷଣା ଅଭାବରୁ ମଧ ଏହା ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି । ବିଜ୍ଞାନ ପ୍ରଯୁକ୍ତି ବିଦ୍ୟାର ଯୁଗରେ ହଜିଯାଇଛି ସେଦିନର ସେ ଟୁଙ୍ଗି । ଦେଶ ଅଗ୍ରଗତି ହେଉ ଜାତିର ଉନ୍ନତି ହେଉ କିନ୍ତୁ ଯଦି ଆମେ ଆମର ମୂଳକୁ ଭୁଲିଯିବା ତେବେ ଦିନେ ଆମର ପରିଚୟ ହରାଇବସିବା ଏଥିରେ ସନ୍ଦେହ ନାହିଁ ।

ଅଧ୍ୟାପକ,ବାଣିଜ୍ୟ ବିଭାଗ
କଟକ, ମୋ–୯୪୩୮୦୭୦୮୪୯

ଖରା ଛାଇର ଖେଳ

ସୁନନ୍ଦା ମହାନ୍ତି

ଗଳ୍ପ

ବାପା ଚାଲିଯିବା ପରେ ବୋଉ କି ରାତି କି ଦିନ ପାନବଟା ପାଖେ ବସିଥାଏ । କିଏ କେମିତି ଗଲା ଆସିଲା ଲୋକଙ୍କୁ ପାନ ଭାଙ୍ଗି ଦେଇ ସାରି ନିଜେ ଦୁଇଖଣ୍ଡ ଭାଙ୍ଗି ରଖି ବାପାଙ୍କ ଟେବୁଲ ଉପରେ ଥୁଏ । ଏମିତିରେ କୋଉ ଦିନ ସେଇ ଦୁଇଖଣ୍ଡ ତ କୋଉ ଦିନ ଦୁଇ ଗୁଣା ହିସାବରେ ଯଥା ଚାରି, ଛଅ, ଆଠ ଏମିତି ହିସାବରେ ସନ୍ଧ୍ୟା ଯାଏଁ ପାନ ଶୁଖୁଥିବ । ପାନ ସରିଗଲେ ଭାଇଙ୍କୁ କହୁଥିବ ଆରେ ବାପାଙ୍କ ପାନ ସରିଗଲାଣି । କୋଉଦିନ କହୁଥିବ ଗୁଆ ତ କୋଉଦିନ କହୁଥିବ କଞ୍ଚାଗୁଣ୍ଡି ଆଣିବୁ ଆଉ ମୋ ପାଇଁ ଚମନବାହାର ଡବା ଆଣିବୁ । ମୋ ଦେଖାଦେଖି ତୋ ବାପା ବି ଖାଉଛନ୍ତି ତ ଶୀଘ୍ର ସରି ଯାଉଛି । ତାର ଏମିତି ବାଚାଳାମିକୁ ଭାଇ ଲୁହ ଦୁଇ ଟୋପାରେ ହଜମ କରି ନେଇଆସନ୍ତି ବୋଉ ବରାଦରେ ପାନବଟା ପାଇଁ ସରଞ୍ଜାମ । ଭାଉଜ ମଧ ବାପାଙ୍କ ଟେବୁଲରେ ଥୁଆ ହୋଇଥିବା ପାନ ଖିଲ ସବୁ ଦେଇଦେଇଥାନ୍ତି ହରିଆ ନନାକୁ । ଠାକୁର ପୂଜା କରୁଥିବା ହରିଆ ନନା ହାତକୁ ବୋଉ ଯେବେ ଖିଲିପାନ ଦୁଇ ଖଣ୍ଡ ବଢ଼ାଏ ସେ କୁହନ୍ତି, ନେଇଛି ମାଆ ଥାଉ ତ ବୋଉ ଧଡ଼ପଡ଼ ଉଠି ବାପାଙ୍କ ଟେବୁଲକୁ ଚାହିଁ ପାନ ନଥିବା ଦେଖି କହୁଥାଏ ଜାଣିଛି ପରା ସେ ତମକୁ ତାଙ୍କ ଭାଗରୁ ଦେଇସାରି ମତେ ବରାଦ କରିବେ ପୁଣି ଚାରିଖଣ୍ଡ ଭାଙ୍ଗିକି ଦେଲ ପମା । ଭାଉଜ ଜିଭ କାମୁଡି କାନ୍ଦି ପକାନ୍ତି ।

ସେ ଏ ଘରକୁ ବୋହୁ ହୋଇ ଆସିବାଠୁ ଦେଖିଛନ୍ତି ବାପାଙ୍କ ସଙ୍ଗେ ବୋଉଙ୍କର ସେଇ ମଧୁର ସମ୍ପର୍କ । କୁଆଡେ ଯାଇଥିବେ ବୋଉ ଯଦି, ଭାତ ବାଢ଼ିବି ବାପା କହିଲେ କହିବେ ପମା ଆସୁ । ବୋଉଙ୍କ ନାମ ପ୍ରମିଳା ହୋଇଥିବାରୁ ବାପା ପମା ବୋଲି ଡାକନ୍ତି ସ୍ନେହ ଓ ଶ୍ରଦ୍ଧାରେ । ପ୍ରଥମେ ପ୍ରଥମେ ଲାଜ ମାଡୁଥିଲେ ବି ସେ ଅନୁଭବ କରନ୍ତି ସ୍ୱାମୀ ସ୍ତ୍ରୀଙ୍କ ଭିତରେ ପବିତ୍ର ପ୍ରେମର ମୋହ ଯୋଗୁଁ ତ ପରିବାର ରୂପକ ଡ଼ଙ୍ଗା ବାହିବାରେ କେହି କାର୍ପଣ୍ୟ କରିନଥାନ୍ତି । ସହଜେ ବୋଉଙ୍କ ତାଙ୍କ ପ୍ରତି ନିଜ ଝିଅ ପରି ସ୍ନେହ ଶ୍ରଦ୍ଧାର ଋଣ ଶୁଝିବାକୁ ତାଙ୍କୁ ହୁଏତ କେତେ ଜନ୍ମ ନେବାକୁ ପଡିବ ଭାବୁ ଭାବୁ ପିତୃତୁଲ୍ୟ ଶ୍ୱଶୁର ଚାଲିଗଲେ ହାର୍ଟ ଆଟାକ୍‌ରେ, ଆଉ ବୋଉ ହୋଇଗଲେ ଭିନ୍ନ ମଣିଷ । ବାପାଙ୍କ ପାନବଟା ଭିତରେ ବଞ୍ଚୁ ବଞ୍ଚୁ ଦିନ ପାହି ରାତି ଆସୁଛି ହେଲେ ବୋଉ ବୁଝିବାକୁ ପ୍ରସ୍ତୁତ ନୁହଁନ୍ତି ବାପା ଆଉ ନାହାଁନ୍ତି ।

ମଝି ଅଗଣାରେ ବସି ଭାତ ଖାଉଥାଆନ୍ତି ବୋଉ । ଡାକ ଛାଡିଲେ ବାପାଙ୍କ ଥାଳି ଆଣିଲୁ, କଣ ସବୁ ଅଲରା ବାଲୁରା କରି ଖାଇଥିବେ, ମୁଁ ଚଞ୍ଚଳ ଖାଇନେଇ ପାନ ଭାଙ୍ଗେ, ରଖେଇ ଦେବେନି ଏବେ । ଝିଅ ରେଣୁ ଭାଉଜଙ୍କ ନିର୍ଦ୍ଦେଶରେ ଭାଇଙ୍କ ଅଇଁଠା ଥାଳି ବୋଉ ପାଖରେ ଥୋଇ ବୋଉକୁ ଯେବେ କହିଲା, ବାପା ଆଉ ନାହାଁନ୍ତି ବୋଉ, ବୋଉ ଚାହିଁଲା ରେଣୁ ମୁହଁକୁ କିଛି ସମୟ ଆଉ କହିଲା ଆଲୋ ମାଆ ଆକାଶକୁ ଦେଖୁନୁ ? ସୂର୍ଯ୍ୟ ଜଳୁଛନ୍ତି ତ ବାପା ପରା ତୋର ଚନ୍ଦ୍ର, ସେ କେମିତି ଦେଖାଦେବେ ?

ଦିନଯାକ ଚନ୍ଦ୍ର ହୋଇ ରୁହନ୍ତି ଆଉ ରାତି ସାରା ସୂର୍ଯ୍ୟ ହୋଇ ଲୁଚିରହନ୍ତି । ତତେ ପରା ଏତେ ପାଠ ପଢେଇଛନ୍ତି ତୁ ଏକଥା ବୁଝିପାରୁନୁ?,ଯୋଉକଥା ମୁଁ ବୁଝିପାରୁଛି ମୂର୍ଖ ଲୋକଟା ହୋଇ । ରେଣୁ ଲୁହ ପୋଛୁ ପୋଛୁ ଭାବୁଥିଲା, ବାପାଙ୍କ ନାମକୁ ନେଇ ବୋଉର ଏ ଖରା ଛାଇ ଖେଳର ଜୀବନ ଏମିତି ଗଡି ଚାଲିଛି । ରେଣୁର ଭାବନା ଭିତରେ ବୋଉ ଧଡ଼ପଡ଼ ହୋଇ ଉଠି ପାନଡାଲା ପାଖେ ହାଜର । ଭାଉଜ ନିଶବ୍ଦରେ ବୋଉର ଥାଳି ଉଠାଉଥିଲେ ତ ରେଣୁ ଭାବୁଥିଲା ବାପାଙ୍କ ନାମଟା ସୂର୍ଯ୍ୟଚନ୍ଦ୍ର ବୋଲି ବୋଉ ଖରା ଛାଇର ଖେଳ ଖେଳିଚାଲିଛି ନିଜ ସହ, ଦିନରେ ସୂର୍ଯ୍ୟଙ୍କୁ ଓ ରାତିରେ ଚନ୍ଦ୍ରଙ୍କୁ ଦେଖୁ ଦେଖୁ ।

ସାକ୍ଷୀଗୋପାଳ
ପୁରୀ, ମୋ–୯୦୪୦୯୭୭୩୨୭

କବିତା

ପୁଣ୍ୟ ମାତୃଭୂମି ଉତ୍କଳ

ସୁହଂସ ଭୋଇ

ବୀର ମାଟି ଆମ କଳିଙ୍ଗ କଟକ
ପୁଣ୍ୟ ମାତୃଭୂମି ଉତ୍କଳ
ମହୋଦଧି କୂଳେ ବିଜେ ଜଗନ୍ନାଥ
ନୀଳାଚଳେ ବଡ ଦେଉଳ
ବହେ ବୈତରଣୀ ବ୍ରାହ୍ମଣୀ ତଟିନୀ
ରସକୁଲ୍ୟା ବୁଢ଼ାବଳଙ୍ଗ
ସୁନୀଳ ଆକାଶ ତଳେ ନାଚି ଖେଳେ
ବଙ୍ଗୋପ ସଲିଲେ ତରଙ୍ଗ
ତା'ପବନ ପାଣି ପଇଡ ମଧୁର
ଭାଷାଟି ଅମୃତ ସଦୃଶ
ଛନ୍ଦ ଚଉତିଶା ରାଗ ଢଗ ଗପ
ଭଜନ ଜଣାଣ ସରସ
ଦେଇଛି ଜନନୀ ଜନମ ଜାତକ
କୋଳେ ଖାରବେଳ ଅଶୋକ
ସାହସୀ ଧରମା ବିଶୁ ମହାରଣା
ପରାକ୍ରମୀ ପୁଅ ପାଇକ
ମରାଠା ଚାବୁକ ଇଂରେଜ ବାରୁଦ
ଦେଇଛି ଯାତନା ମୋଗଲ
ଖଣ୍ଡିତ ଭୂଗୋଳ ରକତ ରଞ୍ଜିତ
ସହିଛି କଷଣ ସକଳ
କ୍ରୁର ଇତିହାସ କରଇ ବ୍ୟଥିତ
ଜାଗେ ଜାତି ପ୍ରୀତି ଅନେକ
ଗୌରବ କୀରତି ଦିଅଇ ଶକତି
ଓଡ଼ିଆ ପ୍ରାଣରେ ମହକ ।

ପହଣ୍ଡି,ବରଗଡ଼
ମୋ–୯୪୩୭୫୨୨୪୫୫

ଚୈତ୍ର ଆଗମନେ...

ରାମଚନ୍ଦ୍ର ବେହେରା

ଚୈତ୍ର ଆଗମନେ ବିମଣ୍ଡିତା ମହୀ
ଅପୂର୍ବ ତା' ରୂପ ବେଶ
ମୃଦୁ ମଳୟରେ ମଲ୍ଲୀ ଓ ବକୁଳ
ଚହଟୁଛି ଚଉପାଶ
ବଣ ଭୂଇଁ ଶୋଭାମୟ
ପତ୍ରଝଡା ତରୁ ନବ ପଲ୍ଲବରେ
ଲାଗୁଅଛି ମଧୁମୟ ।
ଆମ୍ବ ଗଛ ଡାଳେ ରାଗିଣୀ ତୋଳୁଛି
କୋଇଲି ପଞ୍ଚମ ସ୍ୱରେ
ପଖାଳ ବାସୁଛି ଆମ୍ବ କଷି ସାଥେ
ଘୋଳଦହି ତୃଷା ହରେ
ପରିବେଶ ମନଲୋଭା
ପଶ୍ଚିମ ଆକାଶେ ମୁରୁଜ ବୁଣୁଛି
ଗୋଧୂଳି ସୂରୁଜ ଆଭା ।
ଦିନ ଦ୍ୱିପ୍ରହର ଟାଣୁଆ ଖରାରେ
ଶୁଭେ ଶଙ୍ଖ ହୁଳହୁଳି
ମହିଳା ପୂଜନ୍ତି ଚଇତି ମଙ୍ଗଳା
ବିନମ୍ର ପ୍ରଣତି ଢାଳି
ଆସୁଅଛି ନବରାତ୍ରୀ
ଉପବାସ ବ୍ରତ ପାଳିବେ ଶ୍ରଦ୍ଧାଳୁ
ମିଳିବ ପରମ ଶାନ୍ତି ।
ପବିତ୍ର ଚୈତ୍ରରେ ଶ୍ରୀରାମ ପୂଜିଲେ
ମାତା ବାସନ୍ତି ଦୁର୍ଗାଙ୍କୁ
ଧର୍ମର ବିଜୟ ପାଇଥିଲେ ସେହି
ନାଶି ପାପୀ ରାବଣକୁ
ସେଥିପାଇଁ ସୁଧିଜନେ
ରାମ ନବମୀକୁ ଶ୍ରଦ୍ଧାରେ ପାଳନ୍ତି
ଭକ୍ତିଭାବ ରଖି ମନେ ।

ତେନ୍ତୁଳିପଦା,ଜଗତସିଂହପୁର
ମୋ–୭୩୫୫୬୩୪୩୪୬

ଓଡିଆଙ୍କ ପ୍ରିୟ ଖାଦ୍ୟ

ଚିତ୍ତରଞ୍ଜନ ମହାନ୍ତି

ଗରବ କରେ ଓଡିଆ ଜାତି
ପଖାଳ କଂସାକୁ ନେଇ
ଓଡିଆଙ୍କ ଆରାଧ୍ୟ ଶ୍ରୀଜଗନ୍ନାଥ
ପ୍ରିୟ ଖାଦ୍ୟ ତାଙ୍କ ସେହି ।
ଆମେ ଓଡିଆ ଆମ ଖାଦ୍ୟ ବଢିଆ
ଆଦର କେତେ ! ଦେଶ ବିଦେଶ
ସରଳ ଆମେ ,ସରଳ ଆମ ଖାଦ୍ୟ
ଅଛିକେ କହ?
ପଖାଳ ଠାରୁ ଭଲ ।
ବହୁ ଉପାଦେୟ ପଖାଳ
କହନ୍ତି ଡାକ୍ତର ,ବୈଜ୍ଞାନିକ
ନୀରୋଗ, ନିରାପଦ
ଆସେ ବଢିଆ ନିଦ
ଲୋଡା ନାହିଁ ନିଦ ଔଷଧ ।
ମନେପଡେ ପିଲାଦିନ କଥା
କଂସାରେ ହାତ ଚାରି ଚାରିଟା
ସଜଳ ସ୍ମୃତି ରହିଛି ତାଜା
ଅପାଶୋରା ସେ ' ମଜା ।
ପ୍ରଚଣ୍ଡ ରୌଦ୍ରେ ଲାଗଇ ଶୋଷ
ତୋରାଣି ସେ' ଅମୃତ ତୁଲ
ଲସି, ସରବତ, ମୃଦୁ ପାନୀୟ
କେହି ନୁହେଁ ତା' ସମତୁଲ ।
ଯେତେ ଆଧୁନିକ ହେଲେବି
ପଖାଳର ମହତ୍ତ୍ୱ ବେଶି
ମଣନାହିଁ ଜୀବନେ ହେୟ
ଆମ ଗର୍ବ ଆମ ପରିଚୟ ।

ରାଣୀତାଲ,ଭଦ୍ରକ
ମୋ–୯୪୩୮୬୭୦୧୫୦

ସ୍ମୃତି ସିନ୍ଦୁକ

ଡକ୍ଟର ତପନ କୁମାର ଦାଶ

ସ୍ମୃତି, ସ୍ୱପ୍ନ ଆଉ ସମ୍ଭାବନାର
ବିଶାଳ ପରିଧି ଡେଇଁ
କେବେ ଆମନା ସାମନା ହେବା
କ'ଣ
ସତରେ ଏବେ ଦିବାସ୍ୱପ୍ନ ??
ଅପେକ୍ଷାର ଅବଧି
ଦୂର ଦିଗ୍‌ବଳୟ ଆଡକୁ
ଲମ୍ବି ଲମ୍ବି ଯାଉଥିବା ରାସ୍ତା ପରି
ସରିବାର ନାଁ, ଗନ୍ଧ ନାହିଁ !!
ହଁ...
ମଧୁର ରୋମାଞ୍ଚଭରା ଅତୀତ
ନିଷ୍ଠୁର ବର୍ତ୍ତମାନର
ଆକଟ, କଟକଣାକୁ ବେଖାତିର କରି
ଆଖିରେ ଆଖି ମିଶାଇ
ଠିଆ ହେଉ
ଏପରି
ଆଶା କରିବା ବି' ଅର୍ଥହୀନ !
ଚୋରା ବାଲି
ପାଦ ତଳର ମାଟି ଖସାଇବା ପରି
ସଇତାନ ସମୟ
କେବେ'ଯେ
ସ୍ମୃତି ସିନ୍ଦୁକରେ କଳାକନା ବୁଲେଇ
କାଙ୍ଗାଳ କରି ନ ଦେବ
ସେ କଥା ବା' କିଏ କହିବ ???

ମାଧୁପୁର, ପିପିଲି, ପୁରୀ
ମୋ –୯୪୩୯୮୭୦୫୧୬



ସାହିତ୍ୟ ପୃଷ୍ଠାପାଇଁ ଗଳ୍ପ, ପ୍ରବନ୍ଧ, କବିତା ଆଦି ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ଏପ୍ରିଲ...

ଖୋଲିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି ।

ସକାଳ ୭ଟାରୁ ସାଢ଼େ ୧୧ଟା ପର୍ଯ୍ୟନ୍ତ ସ୍କୁଲଗୁଡ଼ିକ ଖୋଲିବ । ପ୍ରଥମ ଶ୍ରେଣୀ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କ ପାଇଁ ଏହି ନିୟମ ଲାଗୁ କରାଯାଇଛି । ଏହା ସହିତ ସ୍କୁଲଗୁଡ଼ିକରେ ପାନୀୟ ଜଳ ସୁବିଧା, ଓଆରଏସ୍ ଏବଂ ଆବଶ୍ୟକୀୟ ଆନୁସଙ୍ଗିକ ବ୍ୟବସ୍ଥା କରିବାକୁ ସ୍କୁଲ କର୍ତ୍ତୃପକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

ସେହିପରି ଜିଲ୍ଲାପାଳ ଏବଂ ଜିଲା ମାଜିଷ୍ଟ୍ରେଟ ପାଣିପାଗ ଉପରେ ତୀକ୍ଷ୍ଣ ନଜର ରଖିବା ସହ ପରବର୍ତ୍ତୀ ପଦକ୍ଷେପ ନେଇପାରିବେ । ଗ୍ରୀଷ୍ମ ପ୍ରଭାବକୁ ନଜରରେ ରଖି ଏହ ନିୟମକୁ ପରିବର୍ତ୍ତନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

କଂଗ୍ରେସରୁ...

ଦାୟିତ୍ୱ ନେବାପରେ ଦଳ ତାଙ୍କୁ ଅଣଦେଖା କରିବା ଆରମ୍ଭ କରିଥିଲା । ଏକ ବୟାନକୁ ଭିତ୍ତିକରି ଓ ତାହାର କଦର୍ଥ କରାଯାଇ ତାଙ୍କୁ ଦଳରୁ ନିଲମ୍ବିତ କରାଯାଇଥିଲା । ପରେ ଓଡ଼ିଶା କଂଗ୍ରେସ ପ୍ରଭାରୀ ଭାବେ ଅଜୟ କୁମାର ଦାୟିତ୍ୱ ନେବାପରେ ନିକଟରେ ତାଙ୍କ ନିଲମ୍ବନ ଆଦେଶ ପ୍ରତ୍ୟାହାର ହୋଇଥିଲା । ନିଲମ୍ବନ ଆଦେଶ ପ୍ରତ୍ୟାହାର ପରେ ବି ଦଳର ରାଜ୍ୟ ନେତୃତ୍ୱ ତାଙ୍କୁ ଗୁରୁତ୍ୱ ଦେଇନଥିଲା । ଅନେକ ପ୍ରସଙ୍ଗରେ ତାଙ୍କୁ ଅଣଦେଖା କରାଯାଇଥିଲା । ଫଳରେ ସେ ଆଜି ଦଳରୁ ଇସ୍ତଫା ଦେଇଛନ୍ତି । ତାଙ୍କର ଆଗାମୀ ରଣନୀତି ନେଇ ସଭିଙ୍କ ନଜର ରହିଛି ।

ଗ୍ରୀଷ୍ମ...

ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଖରା ସମୟରେ ବସ୍ ଚଳାଚଳ ସମୟ ପରିବର୍ତ୍ତନ ସହ ବସ୍‌ଗୁଡ଼ିକରେ ଯାତ୍ରୀମାନଙ୍କ ପାଇଁ ପାନୀୟ ଜଳ, ପ୍ରାଥମିକ ଚିକିତ୍ସା ବାକ୍ସର ବ୍ୟବସ୍ଥା କରିବା ପାଇଁ ବାଣିଜ୍ୟ ଓ ପରିବହନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । ନିର୍ମାଣ ଶ୍ରମିକମାନଙ୍କୁ କାର୍ଯ୍ୟକ୍ଷେତ୍ର ସ୍ଥଳରେ ପାନୀୟ ଜଳ ସହ ଆଶ୍ରୟ ବ୍ୟବସ୍ଥା କରିବା ଓ ଖରା ସମୟରେ ଗ୍ରୀଷ୍ମପ୍ରବାହକୁ ଆଖି ଆଗରେ ରଖି କାର୍ଯ୍ୟ ସମୟରେ ପରିବର୍ତ୍ତନ କରିବା ପାଇଁ ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି ।

ଗ୍ରୀଷ୍ମପ୍ରବାହ ସମୟରେ ନିରବଚ୍ଛିନ୍ନ ବିଦ୍ୟୁତ ସଂଚାର ବ୍ୟବସ୍ଥାକୁ ସୁନିଶ୍ଚିତ କରିବା ପାଇ ଶକ୍ତି ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । ଜଙ୍ଗଲ ଅଗ୍ନିକୁ ରୋକିବା ଓ ପ୍ରତିହତ କରିବା ପାଇଁ ବିଭିନ୍ନ ଗୋଷ୍ଠୀ ମଧ୍ୟରେ ସଚେତନତା ସୃଷ୍ଟି କରିବା ସହ ବନାଗ୍ନି ଦାଉରୁ ବନ୍ୟପ୍ରାଣୀ, ପକ୍ଷୀମାନଙ୍କୁ ରକ୍ଷା କରିବା ପାଇଁ ସ୍ଥାନୀୟ ଗୋଷ୍ଠୀ, ବନ ସୁରକ୍ଷା ସମିତି, ପଞ୍ଚାୟତିରାଜ ସଭ୍ୟ ଓ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ଏଥିରେ ଭାଗୀଦାର କରିବା ସହ ଚିଡ଼ିଆଖାନାଗୁଡ଼ିକୁ ବନ୍ୟପ୍ରାଣୀଙ୍କ ପାଇଁ ପିଇବା ପାଣି ଯୋଗାଇଦେବା ଓ ସହରାଞ୍ଚଳରେ ବନୀକରଣ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେବା ପାଇଁ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି ।

ଗ୍ରୀଷ୍ମପ୍ରବାହ ସଂପର୍କରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପୋଷ୍ଟର, ଲିଫ୍‌ଲେଟ୍ ଓ କ'ଣ କରିବାକୁ ହେବ ଓ କ'ଣ ନକରିବା ଉଚିତ, ମଣିଷ ଓ ପ୍ରାଣୀସଂପଦର ସୁରକ୍ଷା ଦିଗରେ ଏଭଳି ପ୍ରଚାର ଓ ପ୍ରସାର ପାଇଁ ସୂଚନା ଓ ଲୋକସଂପର୍କ ବିଭାଗ ଓ ଓସ୍‌ଡମାକୁ ନିର୍ଦ୍ଦେଶ ଦିଆଯାଇଛି । ଥଣ୍ଡାଛାତ କାରିଗରୀ ବିଦ୍ୟାର ପ୍ରସାର ସଂପର୍କରେ ଜନସଚେତନତା ସୃଷ୍ଟି ଓ ଛାତ ଉପରେ ଧଳା ରଙ୍ଗର ଆସ୍ତରଣ ଦେବା ଦ୍ୱାରା ଘର ଭିତର କିପରି ଥଣ୍ଡା ରହିପାରିବ ଓ ରାଜ୍ୟ, ଜିଲ୍ଲାସ୍ତରରୁ ଆରମ୍ଭ କରି ନଗର ଉତ୍ତାପ ଆକ୍ସନ୍ ପ୍ଲାନ୍‌କୁ କିପରି ଉନ୍ନତିକରଣ କରାଯାଇ ରାଜ୍ୟରେ ଗ୍ରୀଷ୍ମପ୍ରବାହଜନିତ ପ୍ରଭାବ ମୁକାବିଲା ପରିଚାଳନା କରାଯାଇପାରିବ ଏ କ୍ଷେତ୍ରରେ ଓସ୍‌ଡମାକୁ ନିର୍ଦ୍ଦେଶ ଦିଆଯାଇଛି । ଗ୍ରୀଷ୍ମପ୍ରବାହ ସମୟରେ ଅଂଶୁଘାତ ସମ୍ବନ୍ଧୀୟ ଜୀବନହାନିକୁ ଏଡ଼ାଇବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରିବା ପାଇଁ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ।

ଇଡିର...

ସେ ସେଥିରେ ଉଲ୍ଲେଖ କରିଥିଲେ ଯେ ଦୁଇ ଶକ୍ତିଶାଳୀ ମହିଳାଙ୍କୁ ଦେଖି ବିଜେପି ଭୟଭୀତ । ଆମ୍ଭେମାନେ କେନ୍ଦ୍ରୀୟ ସଂସ୍ଥାର କ୍ଷମତାର ଦୁରୁପଯୋଗରେ ଭୟଭୀତ ନୁହଁ । ଯାହାକୁ ଆମ ସ୍ୱାମୀମାନଙ୍କ ବିରୋଧରେ କରାଯାଇଛି । ଆମେମାନେ ଗଣତାନ୍ତ୍ରିକ ଉପାୟରେ ଏକ ନିର୍ବାଚିତ ସରକାରର ମୁଖ୍ୟ । କଳ୍ପନା ସୋରେନ୍ ଓ ସୁନିତ୍ କେଜରିୱାଲଙ୍କ ଭିତରେ ଇଡିକୁ ନେଇ ଆଲୋଚନା କରାଯାଇଛି । ପରସ୍ପର ନିଜର ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି । କଳ୍ପନା କହିଛନ୍ତି ଯେ ସେ ଏବେ ଅରବିନ୍ଦ କେଜରିୱାଲଙ୍କ ପତ୍ନୀ ସୁନିତାଙ୍କ ସହ ଆଲୋଚନା କରି ତାଙ୍କୁ ସାହାସ ଦେଇଛନ୍ତି । ଜଣେ ବନ୍ଧୁ ହିସାବରେ ମୁଁ ତାଙ୍କ ସମସ୍ୟା ବୁଝିପାରୁଛି । ଏକ ଲୋକପ୍ରିୟ ନିର୍ବାଚିତ ମୁଖ୍ୟମନ୍ତ୍ରୀଙ୍କୁ ବେଆଇନ୍ ଭାବେ ଗିରଫ କରାଯାଇଛି । ସାଧାରଣ ନିର୍ବାଚନ ପୂର୍ବରୁ ଏହା ହୋଇଛି । ଏହାକୁ ଦେଶର ସ୍ୱାଭାବିକ ଗଣତାନ୍ତ୍ରୀକ ବ୍ୟବସ୍ଥା କୁହାଯାଇପାରିବ ନାହିଁ । ଏହି ସଙ୍କଟ ସମୟରେ ସମଗ୍ର ଝାଡଖଣ୍ଡ କେଜରିୱାଲଙ୍କ ସପକ୍ଷରେ ଅଛନ୍ତି ବୋଲି ସେ ଉଲ୍ଲେଖ କରିଛନ୍ତି । ହେମନ୍ତ ସୋରେନ୍ ଏବେ ଜେଏମ୍‌ଏମ୍‌ର କାର୍ଯ୍ୟକାରୀ ସଭାପତି ଅଛନ୍ତି ।

ସୁଗମ ନିର୍ବାଚନ ଲାଗି ରାଜ୍ୟ ଷ୍ଟିୟରିଂ କମିଟି ବୈଠକ

ଭିନ୍ନକ୍ଷମ ମତଦାତାଙ୍କ ଅଂଶଗ୍ରହଣ ବୃଦ୍ଧି ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା

ଭୁବନେଶ୍ୱର(ସବ୍ୟୁ): ଦେଶରେ ଆସନ୍ତା ସାଧାରଣ ନିର୍ବାଚନ-୨୦୨୪କୁ ଏକ ସମ୍ମିଳିତ ମତଦାନର ପର୍ବ ରୂପେ ପାଳନ କରିବା ପାଇଁ ଭାରତ ନିର୍ବାଚନ କମିଶନଙ୍କ ପକ୍ଷରୁ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଉଛି । ସେହିକ୍ରମରେ ଓଡ଼ିଶାରେ ନିର୍ବାଚନ ପ୍ରକ୍ରିୟାରେ ସବୁବର୍ଗର ମତଦାତାଙ୍କୁ ଯେଭଳି ଭାବରେ ସାମିଲ କରାଯାଇପାରିବ ସେହି ସଂକ୍ରାନ୍ତରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ 'ରାଜ୍ୟ ଷ୍ଟିୟରିଂ କମିଟି (ସୁଗମ ନିର୍ବାଚନ)'ର ବୈଠକ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ 'ଭିନ୍ନକ୍ଷମ ମତଦାତା'ମାନଙ୍କ ପାଇଁ ମତଦାନ ପ୍ରକ୍ରିୟାକୁ ସୁଗମ କରିବା ବିଷୟରେ ଆଲୋଚନା ହୋଇଥିଲା ।

ମତଦାତା ତାଲିକାରେ ଭିନ୍ନକ୍ଷମ ମତଦାତାଙ୍କୁ ସାମିଲ କରିବାରେ ଓଡ଼ିଶାର ହାର ଜାତୀୟ ହାରଠୁ ଉପରେ ରହିଛି । ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ୫.୪୭ ଲକ୍ଷ ଭିନ୍ନକ୍ଷମ ଭୋଟର ମତଦାନ ପାଇଁ ମାର୍କିଂ ହୋଇଛନ୍ତି । ସେମାନଙ୍କୁ ସମସ୍ତଙ୍କୁ ଘରୁ ମତଦାନ କେନ୍ଦ୍ରକୁ ଆଣିବା ଓ ମତଦାନ କେନ୍ଦ୍ରରୁ ନେଇ ଘରେ ଛାଡ଼ିବା ପାଇଁ ସ୍ୱତନ୍ତ୍ର ଗାଡ଼ିର ବ୍ୟବସ୍ଥା କରାଯାଇଛି । ମତଦାନ କେନ୍ଦ୍ରରେ ଭିନ୍ନକ୍ଷମ ମତଦାତାଙ୍କ ପାଇଁ ହ୍ୱିଲ୍ ଚେୟାରର ବନ୍ଦୋବସ୍ତ କରାଯାଇଛି । ସମସ୍ତ ମତଦାନ କେନ୍ଦ୍ରରେ ହ୍ୱିଲ୍‌ଚେୟାର ନେବା ପାଇଁ ସ୍ୱତନ୍ତ୍ର ର୍‌ୟାମ୍ପର ବ୍ୟବସ୍ଥା ରହିବ । ସମସ୍ତ ବୁଥ୍‌ରେ ଭିନ୍ନକ୍ଷମ ମତଦାତାମାନେ ଅଗ୍ରାଧିକାର ଭିତ୍ତିରେ ମତଦାନ କରିବେ । ସେମାନଙ୍କୁ ସାହାଯ୍ୟ କରିବା ପାଇଁ ୧୪ରୁ ୧୮ ବର୍ଷ ବୟସର ସ୍ୱେଚ୍ଛାସେବୀମାନଙ୍କୁ ସ୍ୱତନ୍ତ୍ର ଭାବେ ପ୍ରଶିକ୍ଷଣ ଦିଆଯାଉଛି । ଜିଲ୍ଲାସ୍ତରୀୟ ନିର୍ବାଚନ ପ୍ରଶିକ୍ଷଣ ସମୟରେ ମଧ ଭିନ୍ନକ୍ଷମ ମତଦାତାମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ସୁଗମ ମତଦାନର ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା କରାଇବା ପାଇଁ ସେକ୍ଟର ଅଫିସର, ପ୍ରିଜାଇଡିଂ ଅଫିସର, ପୋଲିଂ ଅଫିସର ଓ ବୁଥ୍‌ସ୍ତରୀୟ ଅଧିକାରୀମାନଙ୍କୁ ପ୍ରଶିକ୍ଷିତ କରାଯାଇଛି । ଦୃଷ୍ଟିବାଧିତ ମତଦାତାଙ୍କ ପାଇଁ ବ୍ରେଲି ଅକ୍ଷରରେ ମୁଦ୍ରିତ ବାଲାଟ ପେପର ସମସ୍ତ ବୁଥ୍‌ରେ ରଖାଯିବ । ମତଦାନ ପାଇଁ ରାଜ୍ୟର ସମସ୍ତ ବୁଥ୍‌କୁ ତଳମହଲାରେ କରାଯାଇଛି । ଯେଉଁ ଭିନ୍ନକ୍ଷମ ମତଦାତାଙ୍କର ୪୦ ପ୍ରତିଶତରୁ ଊର୍ଦ୍ଧ୍ୱ ବେଞ୍ଚମାର୍କ ଭିନ୍ନକ୍ଷମତା ରହିଥିବ ଏବଂ ତତ୍‌ସଂକ୍ରାନ୍ତୀୟ ପ୍ରମାଣପତ୍ର ଥିବ ସେମାନେ ଫର୍ମ ୧୨ (ଡି) ମାଧ୍ୟମରେ ଆବେଦନ କରି ନିଜ ଘରେ ଥାଇ ପୋଷ୍ଟାଲ ବାଲାଟ୍ ଜରିଆରେ ମତଦାନ କରିପାରିବେ । ଏହି ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା ଦ୍ୱାରା ସମସ୍ତ ଭିନ୍ନକ୍ଷମ ଭୋଟରଙ୍କ ପାଇଁ ସୁଗମ ମତଦାନର ପରିବେଶ ସୃଷ୍ଟି କରାଯାଇଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଧଳ ମତ ରଖିଛନ୍ତି ।

ସମସ୍ତ ବିଭାଗ ରାଜ୍ୟସ୍ତରରୁ ଆରମ୍ଭ କରି ତୃଣମୂଳ ସ୍ତର ପର୍ଯ୍ୟନ୍ତ ସମନ୍ୱିତ ଭାବରେ କାର୍ଯ୍ୟକରି ଆସନ୍ତା ଏକକାଳୀନ ସାଧାରଣ ନିର୍ବାଚନ-୨୦୨୪କୁ ସମସ୍ତ ଭିନ୍ନକ୍ଷମ ମତଦାତାଙ୍କ ପାଇଁ ସୁଗମ ଓ ସ୍ମରଣୀୟ ମତଦାନର ବ୍ୟବସ୍ଥା ଦ୍ୱାରା ଗଣତନ୍ତ୍ରର ମହାପର୍ବରେ ସହଭାଗିତା ଓ ସମଭାଗିତାର ପରିବେଶ ସୃଷ୍ଟି କରିବା ପାଇଁ ଶ୍ରୀ ଧଳ ନିର୍ଦ୍ଦେଶ ଦେଇଥିଲେ । ଏସବୁ ବ୍ୟବସ୍ଥା ଦ୍ୱାରା ହିଁ 'ପ୍ରତିଟି ଭୋଟ ମୂଲ୍ୟବାନ'ର ଲକ୍ଷ୍ୟ ହାସଲ ହୋଇପାରିବ ଓ ନିର୍ବାଚନ ଦେଶର ଜାତୀୟ ଉତ୍ସବ ରୂପେ ପ୍ରତିଷ୍ଠିତ ହୋଇପାରିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ଉଲ୍ଲେଖ କରିଥିଲେ ।

ରାଜ୍ୟ ଷ୍ଟିୟରିଂ କମିଟିର ଏହି ବୈଠକରେ କମିଟିର ସଭ୍ୟା ଡକ୍ଟର ଶ୍ରୁତି ମହାପାତ୍ର ଆଭାସି ମାଧ୍ୟମରେ ସାମିଲ ହୋଇ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଏହି ସମସ୍ତ ପ୍ରଚେଷ୍ଟାକୁ ଉଚ୍ଚ ପ୍ରଶଂସା କରିବା ସହିତ ଜିଲ୍ଲାସ୍ତରୀୟ କମିଟିରେ ଏସବୁ ନେଇ ଉଚିତ ପ୍ରଶିକ୍ଷଣ ପାଇଁ ପ୍ରସ୍ତାବ ଦେଇଥିଲେ । ବୈଠକ ପ୍ରାରମ୍ଭରେ ଉପମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀମତୀ ପଦ୍ମଜା ଦାସ ଏକ ପିପିଟି ପ୍ରେଜେଣ୍ଟେସନ୍ ମାଧ୍ୟମରେ ସମ୍ମିଳିତ ଭୋଟର ତାଲିକା ଓ ଭିନ୍ନକ୍ଷମ ମତଦାତା ସଂକ୍ରାନ୍ତୀୟ ବିଭିନ୍ନ ତଥ୍ୟ ରଖିଥିଲେ । ଏହି ବୈଠକରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଡକ୍ଟର ଏନ୍. ତିରୁମାଲା ନାଏକ, ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଶତ୍ରୁଘ୍ନ କର, ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ମିହିର ମହାନ୍ତି, ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ, ଓସେପା ଆଦିର ବିଭାଗୀୟ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ ।

ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର, ହତ୍ୟା ଅଭିଯୋଗ

ଭବାନୀପାଟଣା (ସବ୍ୟୁ) : କଳାହାଣ୍ଡି ଜିଲ୍ଲାରେ ଦିନକୁ ଦିନ ହତ୍ୟା, ଆତ୍ମହତ୍ୟା ବୃଦ୍ଧି ପାଉଛି । ଜଣେ ଯୁବକର ମୃତଦେହକୁ ଝୁଲନ୍ତା ଅବସ୍ଥାରେ ଜବତ କରିଛି ପୁଲିସ । ବିବିସି ପଡା ସେବକ କଲୋନୀର ପରମେଶ୍ୱର ନାଏକଙ୍କ ବଡ଼ପୁଅ ସାଗର ନାଏକ ବିଳମ୍ବିତ ରାତିରେ ମଧ ଘରେ ପହଞ୍ଚି ନ ଥିଲା । ପରିବାର ଲୋକେ ଖୋଜାଖୋଜି ପରେ ଏକ ପରିତ୍ୟକ୍ତ ଆବାସ ଘରେ ମୃତ ଦେହ ଥିବା ଜାଣି ଟାଉନ ଥାନା ପୋଲିସକୁ ଖବର ଦିଆଯାଇଥିଲା । ଏହି ଘଟଣାରେ ପୋଲିସ ରାମ ସାଗର ପଦର ଇଲୁ ସରାଫ ନାମକ ଜଣେ ଯୁବକକୁ ଅଟକ ରଖି ପଚରାଉଚୁରା କରୁଛି ।

୮୦ କେଜି ଗଞ୍ଜେଇ ଜବତ, ୨ଗିରଫ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ଅବକାରୀ ଗୁଇନ୍ଦା ବିଭାଗ ପୋଲିସ ୮୦କିଗ୍ରା ଗଞ୍ଜେଇ ସହ ୨ଜଣଙ୍କୁ ଗିରଫ କରିଛି । ଏଥିସହ ବେଆଇନ ଭାବେ ଚୋରାଚାଲାଣରେ ବ୍ୟବହାର ହୋଇଥିବା କାରକୁ ମଧ୍ୟ ଜବତ କରିଛି । ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ସୂଚନାଯୋଗ୍ୟ, ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଅବକାରୀ ପୋଲିସ ଶାସନ ଟୋଲଗେଟ୍ ନିକଟରେ ଯାନବାହାନ ଯାଞ୍ଚ କରିଥିଲା । ଯାଞ୍ଚବେଳେ କାର ଗାଡିକୁ ଉପରୋକ୍ତ ଗଞ୍ଜେଇ ଜବତ ହୋଇଥିଲା । ଏହି ଅଭିଯୋଗରେ ସୋନପୁର ଅଞ୍ଚଳର ରବିନ୍ଦ୍ର ଦଳେଇ ଓ ଛତିଶଗଡର ଗୁଲସନ୍ କୁମାରଙ୍କୁ ଗିରଫ କରାଯାଇଛି । ଅନ୍ୟ ଜଣେ ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡିଛି । ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧୪ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ପୋଲିସ ପକ୍ଷରୁ ସୂଚିତ କରାଯାଇଛି ।

ଜେଲରୁ ୨ କଏଦୀ ଫେରାର ଘଟଣା, ଦିଲ୍ଲୀରୁ ଜଣେ ଗିରଫ

ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ଜେଲରୁ ଫେରାର ମାରିଥିବା ଦୁଇ ଜଣ ବିଚାରଧୀନ କଏଦୀମାନଙ୍କ ଭିତରୁ ଜଣଙ୍କୁ କାବୁ କରିଛି ଟିଟିଲାଗଡ଼ ପୋଲିସ । ପୋଲିସ ହାତରେ ଲାଗିଥିବା ଫେରାର କଏଦୀ ହେଲେ ସୁମିତ ବିହାରୀ। ଦିଲ୍ଲୀରୁ ଟିଟିଲାଗଡ଼ ପୋଲିସର ଏକ ସ୍ୱତନ୍ତ୍ର ଟିମ କାବୁ କରିବା ସହ ଶନିବାର ଟିଟିଲାଗଡ଼ ଥାନାକୁ ଆଣି ଟିଟିଲାଗଡ଼ ଜେଲକୁ ନେଇଥିଲେ । ସେଠାରୁ କେମିତି ଫେରାର ମାରିଥିଲା ସେ ନେଇ ଡେମୋ ଦେଖାଇବା ସହ କେଉଁ ଆଡୁ ଜମ୍ପ ମାରି ଫେରାର ମାରିଥିଲା ସେ ନେଇ ସୂଚନା ହାସଲ କରିଥିଲା ପୋଲିସ । ସାମ୍ବାଦିକ ସମ୍ମିଳନୀରେ ଦିଆଯାଇଥିବା ସୂଚନା ଅନୁଯାୟୀ ଗତ ୨୪-୦୪-୨୦୨୨ରେ ଟିଟିଲାଗଡ଼ ସହର ନିକଟସ୍ଥ ପିପଲପଦର ଗାଁ ନିକଟରେ ନିଜ ସମ୍ପର୍କୀୟ ଭଣଜାକୁ ଅପହରଣ କରି ଅତି ନୃଶଂସ ଭାବରେ ହତ୍ୟା କରିବା ଅଭିଯୋଗରେ ଟିଟିଲାଗଡ଼ ପୋଲିସ ସୁମିତ ବିହାରୀକୁ ଗିରଫ କରି ଟିଟିଲାଗଡ଼ କୋର୍ଟ ଚାଲାଣ କରିଥିଲା । ପରେ ସୁମିତ ବିହାରୀ ଟିଟିଲାଗଡ଼ ଉପ-କାରାଗାରରେ ବିଚାରଧୀନ କଏଦୀ ଭାବରେ ରହି ଆସୁଥିଲା । ହେଲେ ଗତ ୯ -୩-୨୦୨୪ ରାତିରେ ଜେଲର କାନ୍ଥ ଡେଇଁ ଫେରାର ମାରିବାରେ ସକ୍ଷମ ହୋଇଥିଲା । ସୁମିତ ନିଜ ସହ ଅନ୍ୟ ଜଣେ ହତ୍ୟା ଅଭିଯୁକ୍ତ ଜେଲ ଭିତରେ ବିଚାରଧୀନ କଏଦୀ ଭାବରେ ରହିଥିବା ଶୋଭାବନ ରଣାକୁ ସାଙ୍ଗରେ ନେଇ ଫେରାର ମାରିବାରେ ସଫଳ ହୋଇଥିଲା । ଦୁହେଁ ଜେଲ ଭିତରେ ଜେଲର ଏବଂ ଜେଲ ଅଧିକ୍ଷକଙ୍କ ବିଶ୍ୱାସଭାଜନ ହେବା ସହ ଫେରାର ଦିନ ସିସିଟିଭି କ୍ୟାମେରାକୁ ରେକର୍ଡ ବନ୍ଦ କରିବା ସହ ଅତି ଚତୁରତା ସହ ଫେରାର ମାରିଥିଲେ । ଏହି ଘଟଣାକୁ ନେଇ ବଲାଙ୍ଗିର ଏସ ପି ଋଷିକେଶ ଖିଲାରୀ ଟିଟିଲାଗଡ଼ ଆସି ଘଟଣାର ଟିକିନିଖି ତଦନ୍ତ କରିବା ସହ ଦୁଇ ଗୋଟି ସ୍ୱତନ୍ତ୍ର ଟିମ ଗଠନ କରି ବିଭିନ୍ନ ରାଜ୍ୟକୁ ଯାଇ ତଦନ୍ତ କରିଥିଲେ । ପରେ ଜେଲ ଭିତରୁ ଦୁଇ ଜଣଙ୍କୁ ଫେରାର କରିବାରେ ଅନ୍ୟ ତିନିଜଣଙ୍କ ସହଯୋଗ ରହିଥିବା ନେଇ ସୂଚନା ପାଇବା ପରେ ତଦନ୍ତକୁ ଆହୁରି ବ୍ୟାପକ କରିବା ସହ ସମ୍ପୃକ୍ତ ତିନି ଅଭିଯୁକ୍ତଙ୍କୁ ଟିଟିଲାଗଡ଼ ଥାନାକୁ ଆଣି ତଦନ୍ତ କରିବା ସହ ଅନେକ ତଥ୍ୟ ହାସଲ କରିଥିଲେ । ଏକ ମୋବାଇଲ ଫୋନ ଜଣେ ଫେରାର କଏଦୀଙ୍କୁ ଡେଇଁଥିବା ବେଳେ ଜଣେ ସେମାନଙ୍କୁ ଫେରାର କରିବାରେ ଏକ ବାଇକର ସାହାଯ୍ୟ କରିଥିବା ପୋଲିସ ସୂଚନା ପାଇଥିଲା । ପରେ ବଲାଙ୍ଗିର ସାଇବର ଟିମଙ୍କ ସହାୟତା ତଥା ଟିଟିଲାଗଡ଼ ଏସଡ଼ିପିଓ ଅଙ୍କିତା କୁମ୍ଭାର, ଥାନା ଅଧିକାରୀ ଅବନୀ ସାହୁ, ସବ ଇନ୍ସପେକ୍ଟର ଦେବାଶିଷ ଶତପଥି, ଅନନ୍ତ ପ୍ରଧାନ, କିରଣ କୁମାର ଯାନୀ, ଏ ଏସ ଆଇ କାର୍ତ୍ତିକ ପ୍ରଧାନ, ହେମନ୍ତ କୁମାର ମିଶ୍ରଙ୍କୁ ନେଇ ସ୍ୱତନ୍ତ୍ର ଟିମ ଦିଲ୍ଲୀ ଅଭିମୁଖେ ଯିବା ସହ ଦିଲ୍ଲୀ ପୋଲିସ ସହାୟତାରେ ସୁମିତ ବିହାରୀକୁ ଗିରଫ କରିବା ସହ ଟିଟିଲାଗଡ଼ ଥାନାକୁ ଆଣିବାରେ ସଫଳ ହୋଇଛନ୍ତି । ପରେ ସୁମିତ ବିହାରୀ କେମିତି ଉପକାରାଗାରର ଉଚ୍ଚ ବାଡ଼ ବା କାନ୍ଥକୁ ଡେଇଁ ଫେରାର ମାରିଲା ସେ ନେଇ ସୁମିତ ବିହାରୀକୁ ନେଇ ସିନ ରିକ୍ରିଏସନ କରିଥିଲା । ଏନେଇ ଏକ ସାମ୍ବାଦିକ ସମ୍ମିଳନୀରେ ଏସ ପି ଋଷିକେଶ ଖିଲାରୀ ସୂଚନା ଦେବା ସହ ଅନ୍ୟ ଫେରାର କଏଦୀକୁ ଠାବ କରିବା ପାଇଁ ଅନ୍ୟ ଏକ ଟିମ କଲିକତାରେ ରହି ତଦନ୍ତ କରୁଥିବା ସୂଚନା ଦେଇଛନ୍ତି । ଖୁବ ଶୀଘ୍ର ଅନ୍ୟ ଅଭିଯୁକ୍ତ ମଧ ପୋଲିସ ଗିରଫରେ ରହିବ ବୋଲି ଏସପି ଦୃଢୋକ୍ତି ପ୍ରକାଶ କରିଛନ୍ତି । ତେବେ ସୁମିତ ବିହାରୀକୁ କୋର୍ଟ ଚାଲାଣ କରାଯିବ ବୋଲି ଏସ ପି ସୂଚନା ଦେଇଛନ୍ତି ।

ଜମିବାଡି କାରବାରକୁ ନେଇ ହତ୍ୟାକାଣ୍ଡ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ସଦର ଥାନା ଅନ୍ତର୍ଗତ କୁଲତାନୂଆଁପାଲି ଗ୍ରାମରେ ଜମିବାଡି କାରବାରକୁ ନେଇ ଜଣେ ବ୍ୟକ୍ତିଙ୍କୁ ହତ୍ୟା କରାଯାଇଛି । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ସହ ଶବକୁ ଜବତ କରିଛି । ଏନେଇ ଏକ ମାମଲା ରୁଜୁ କରିଥିବା ବେଳେ ଶବକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଶବ ଗୃହରେ ରଖାଯାଇଛି । ଆସନ୍ତାକାଲି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ । ସୂଚନାଯୋଗ୍ୟ, ବର୍ହିଦାର ନୂଆଁପାଲି ଗ୍ରାମର ସବ୍ୟସାଚୀ ସାହୁ କୁଲତାନୂଆଁପାଲି ଗ୍ରାମକୁ ଜମି କାରବାର ପାଇଁ ଯାଇଥିଲେ । ତେବେ କେହି ତାଙ୍କୁ ହତ୍ୟା କରି ଫେରାର ହୋଇଯାଇଥିବା ଜଣାପଡିଛି ।

AFFIDAVIT

An affidavit sworn before Notary Talcher, I Subasini Mishra, D/O Batsakishor Mishra, Vill-Sagadipal, PO : Hanumanpur, Ps : Kaniha, Dist : Angul declare that, In my Aadhar Card No. 6328 3780 6200 and in my Pan Card no EDKPM 0984E my father's name has correctly maintained Batsakishor Mishara. But in my HSC Pass certificate No. A12K 043734 my father's name has wrongly maintained Sribatsa Kishore Mishra instead of Batsakishor Mishra. Batasakhshor Mishra and Sribatsa Kishore Mishra is same and one person. Henceforth my father will be known as Batsakishor Mishra for all purposes.

Sd/- Subasini Mishra

AFFIDAVIT

By virtue of an affidavit sworn before the Executive Magistrate, Pipili dated. 24.01.24. I Manjulata Pradhan, D/o- Dwijabar Pradhan, At-Khandimangali, P.S : Delanga, Dist- Puri. Educational Certificate my name has been change LIC Policy No. 587697738, 24.8.2010 name from Aadhaar Card, and Voter Identity Card name Rubi Patasahani, aged-39 years. W/o. Kahnu Charan Patasahani, Village-Kerundei, P.O : Sadangoi, P.S : Delanga, Dist-Puri hereby solemnly affirm and state as follows. Henceforth I shall be known as Rubi Patasahani for all purposes.

Sd/- Rubi Patasahani

JASODA BISHNU DEGREE COLLEGE

QUOTATION CALL NOTICE

Sealed Quotations are invited from the eligible authorized dealers/suppliers having valid GST and PAN for supply of Science Laboratory Chemicals & Equipment's and other items. The details of items can be obtained from the college office. Documents must reach this office within seven days from publication of this notice. All the documents must be sent via Speed Post/ Registered Post only.

The authority reserves the right to cancel any or all quotations without assigning any reason thereof.

Principal
Jasoda Bishnu Degree College,
At- Sardhapali, Po- Bilaigarh,
Dist-Sundargarh,
Pin-770011, Odisha.

MANIKESWARI DEGREE COLLEGE SUNDARGARH

QUOTATION CALL NOTICE

Sealed Quotations are invited from the eligible authorized dealers/suppliers having valid GST and PAN for supply of Science Laboratory Chemicals & Equipment's and other items. The details of items can be obtained from the college office. Documents must reach this office within seven days from publication of this notice. All the documents must be sent via Speed Post/Registered Post only.

The authority reserves the right to cancel any or all quotations without assigning any reason thereof.

Principal,
Manikeswari Degree College,
At/Po- Garh-Tumulia, Dist-Sundargarh,
Pin-770024, Odisha.

ANCHALIKA SAHAYOG DEGREE COLLEGE, SUNDARGARH

QUOTATION CALL NOTICE

Sealed Quotations are invited from the eligible authorized dealers/suppliers having valid GST and PAN for supply of Science Laboratory Chemicals & Equipment's and other items. The details of items can be obtained from the college office. Documents must reach this office within seven days from publication of this notice. All the documents must be sent via Speed Post/Registered Post only.

The authority reserves the right to cancel any or all quotations without assigning any reason thereof

Principal,
Anchalika Sahayog Degree College,
At- ShreeVihar, Po-Subdega,
Dist-Sundargarh,
Pin-770014, Odisha.

OFFICE OF THE PRINCIPAL NAKTIDEUL COLLEGE +3, NAKTIDEUL SAMBALPUR

QUOTATION CALL NOTICE

Sealed Quotations are invited from the eligible authorized dealers/suppliers having valid GST and PAN for supply of Science Laboratory Chemicals & Equipment's and other items. The details of items can be obtained from the college office Documents must reach this office within seven days from publication of this notice. All the documents must be sent via Speed Post/Registered Post only.

The authority reserves the right to cancel any or all quotations without assigning any reason thereof.

Principal
Naktideul Degree College,
At- Naktideul, Dist-Sambalpur,
Pin-768106, Odisha.

ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ punjab national bank (Together for the better)

Oriental United

ମଣ୍ଡଳ ଶସ୍ତ କେନ୍ଦ୍ର : ଜେ/୩, ରେଭିନ୍ୟୁ ପ୍ଲଟ୍ ନଂ.: ୧୫୬୧ (ଅଂଶ), ସା: ଜାଗମରା, ପୋ: ଖଣ୍ଡଗିରି, ଭୁବନେଶ୍ୱର - ୭୫୧୦୩୦

ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ** ପକ୍ଷରୁ, ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ ରୁଲ୍ ୩ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍, ୨୦୦୨ର ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରାଯାଇ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନିମ୍ନଲିଖିତ ବକେୟା ରାଶି ନୋଟିସ୍ ପାଇବା ତାରିଖର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଋଣଗ୍ରହୀତାମାନେ ଦେୟ ପଇଠ ନକରିପାରିବାରୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡ଼ିକ ନିମ୍ନଦର୍ଶିତ ତାରିଖରେ କଥିତ ଆଇନର ଧାରା ୧୩ର ଉପଧାରା ୪ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍, ୨୦୦୨ର ରୁଲ୍ ୮ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ଦଖଲକୁ ନେଇଛନ୍ତି । ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଓ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ସତର୍କ କରିଦିଆଯାଉଅଛି ଯେ ସେମାନେ ଏହି ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କଲେ **ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ** ଠାରେ ନିମ୍ନ ଦର୍ଶିତ ଦେୟ ଏବଂ ସେବାବଦ ସୁଧ ଓ ଖର୍ଚ୍ଚ ନିମନ୍ତେ ଉତ୍ତରଦାୟୀ ରହିବେ । **କଥିତ ଆକ୍ଟର ଧାରା ୧୩ର** ଉପଧାରା ୮ ଅନୁଯାୟୀ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନମାନଙ୍କୁ ଦୃଷ୍ଟି ଆକର୍ଷଣ କରାଯାଉଛି କି ଉପଲବ୍ଧ ସମୟ ପୂର୍ବରୁ ସେମାନଙ୍କର ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକ ମୁକ୍ତ କରନ୍ତୁ ।

ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ ବନ୍ଧକଦାତାମାନଙ୍କ ନାମ ଓ ଠିକଣା	ଡିମାଣ୍ଡ / ଦଖଲ ନୋଟିସ୍ ତାରିଖ	ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ରାଶିର ପରିମାଣ	ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ
ଅରଗୁଳ ଶାଖା (୧୪୨୬୧୦)/ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନେ: **୧) ମେସର୍ସ ହୋଟେଲ ସୂର୍ଯ୍ୟମୁଖୀ, ସ୍ୱତ୍ୱାଧିକାରୀ: ଶ୍ରୀ ରଶ୍ମି ରଞ୍ଜନ ମହାପାତ୍ର,** ସା: ଜେମାଦେଇ, ପୋ: ପି.ଏନ୍. କଲେଜ, ଜିଲ୍ଲା: ଖୋର୍ଦ୍ଧା -୭୫୨୦୫୭, **୨) ଶ୍ରୀମତୀ ଶ୍ରୀମତୀ ମହାପାତ୍ର,** ସ୍ୱାମୀ: ଶ୍ରୀ ବାଙ୍କ ବିହାରୀ ମହାପାତ୍ର, **୩) ଶ୍ରୀ ମନୋରଞ୍ଜନ ମହାପାତ୍ର,** ପିତା: ବାଙ୍କ ବିହାରୀ ମହାପାତ୍ର, **୪) ଶ୍ରୀମତୀ ଗୀତାଞ୍ଜଳୀ ପ୍ରଧାନ,** ସ୍ୱାମୀ: ସନତ କୁମାର ପ୍ରଧାନ, **୫) ଶ୍ରୀ ସନ୍ତୋଷ କୁମାର ପ୍ରଧାନ,** ପିତା: ଗୌରାଙ୍ଗ ଚରଣ ପ୍ରଧାନ, **୬) ଶ୍ରୀ ଦିପକ କୁମାର ପ୍ରଧାନ,** ପିତା: ଗୌରାଙ୍ଗ ଚରଣ ପ୍ରଧାନ, **୭) ଶ୍ରୀ ପ୍ରକାଶ କୁମାର ପ୍ରଧାନ,** ପିତା: ଗୌରାଙ୍ଗ ଚରଣ ପ୍ରଧାନ, **୮) ଶ୍ରୀମତୀ ମାଳତୀ ପ୍ରଧାନ,** ସ୍ୱାମୀ: ସୁକାନ୍ତ କୁମାର ପ୍ରଧାନ, ସମସ୍ତଙ୍କ ଠିକଣା- ସା: ଜେମାଦେଇ, ପୋ: ପି.ଏନ୍. କଲେଜ, ଜିଲ୍ଲା: ଖୋର୍ଦ୍ଧା-୭୫୨୦୫୭, **୯) ଶ୍ରୀ ରାମଶଙ୍କର ଜେନା,** ପିତା: ଗୋପାଳ ଜେନା, ସା: ଜେମାଦେଇ (ହାଉସିଂ ବୋର୍ଡ), ପୋ: ପି.ଏନ୍. କଲେଜ, ଜିଲ୍ଲା: ଖୋର୍ଦ୍ଧା-୭୫୨୦୫୭, **୧୦) ଶ୍ରୀ ପ୍ରମୋଦ କୁମାର ପୁହାଣ,** ପିତା: ନିଧି ପୁହାଣ, ସା: ଓଗାଳପୁର, ପୋ: ଶଣାଙ୍ଗ, ଥାନା: ବଡ଼ମ୍ବା, ଜିଲ୍ଲା: କଟକ, ପିନ୍-୭୫୪୦୩୧, **୧୧) ଶ୍ରୀ ରାମଚନ୍ଦ୍ର ରାଉତ,** ପିତା: ଇନ୍ଦ୍ରମଣୀ ରାଉତ, ସା: କୁରାଡ଼ମଲ, ପୋ: ଦନେଇପୁର, ଜିଲ୍ଲା: ଖୋର୍ଦ୍ଧା-୭୫୨୦୫୬, **୧୨) ଶ୍ରୀମତୀ ଚିତ୍ରଲେଖା ଖୁଣ୍ଟିଆ,** ସ୍ୱାମୀ: ନିହାର ରଞ୍ଜନ ଛୋଟରାୟ, ସା: ସାପାଡା, ପୋ: କାଇପଦର, ଖୋର୍ଦ୍ଧା-୭୫୨୦୫୬, **୧୩) ଶ୍ରୀ ଦୁର୍ଗା ଚରଣ ଦଳାଇ ଏବଂ ଶ୍ରୀ ପ୍ରମୋଦ କୁମାର ଦଳାଇ,** ପିତା: ହାଡିବନ୍ଧୁ ଦଳାଇ, ସା/ପୋ: କଡବା, ଥାନା: ବେଗୁନିଆ, ଖୋର୍ଦ୍ଧା	୦୮.୦୮.୨୦୧୬ / ୨୭.୦୩.୨୦୨୪	୧୯.୦୭.୨୦୧୪ ସୁଦ୍ଧା ଟ.୪,୦୨,୧୪,୭୫୩/- + ୦୧.୦୩.୨୦୨୪ ଠାରୁ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ	**୧) ଶ୍ରୀ ରଶ୍ମି ରଞ୍ଜନ ମହାପାତ୍ର,** ପିତା: ବାଙ୍କ ବିହାରୀ ମହାପାତ୍ରଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତି ଯାହାର ଖାତା ନଂ.: ୧୦୬, ପ୍ଲଟ୍ ନଂ.: ୪୭୨/୧୪୨୧, କ୍ଷେତ୍ର: ଏକର୦.୪୫୦ ଡିସିମିଲି, **୨) ଶ୍ରୀ ପ୍ରମୋଦ କୁମାର ପୁହାଣ,** ପିତା: ନିଧି ପୁହାଣଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତି ଯାହାର ଖାତା ନଂ.: ୨୩୫/୭୩୨, ପ୍ଲଟ୍ ନଂ.: ୪୭୨/୧୪୨୧/୧୬୮୩, କ୍ଷେତ୍ର: ଏକର୦.୦୫୪ ଡିସିମିଲି, **୩) ଶ୍ରୀମତୀ ଗୀତାଞ୍ଜଳୀ ପ୍ରଧାନ,** ସ୍ୱାମୀ: ସନତ କୁମାର ପ୍ରଧାନଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତି ଯାହାର ଖାତା ନଂ.: ୨୩୫/୭୨୭, ପ୍ଲଟ୍ ନଂ.: ୪୭୨/୧୪୨୧/୧୬୮୯, କ୍ଷେତ୍ର: ଏକର ୦.୦୫୮ ଡିସିମିଲି, **୪) ଶ୍ରୀ ସନ୍ତୋଷ କୁମାର ପ୍ରଧାନ,** ପିତା: ଗୌରାଙ୍ଗ ଚରଣ ପ୍ରଧାନଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତି ଯାହାର ଖାତା ନଂ.: ୨୩୫/୧୪୫୭, ପ୍ଲଟ୍ ନଂ.: ୪୭୨/୧୪୨୧/୧୬୮୭, କ୍ଷେତ୍ର: ଏକର ୦.୦୪୫ ଡିସିମିଲି ଏବଂ ଖାତା ନଂ.: ୨୩୫/୧୪୫୯, ପ୍ଲଟ୍ ନଂ.: ୪୭୨/୧୪୨୧/୧୬୮୮, କ୍ଷେତ୍ର: ଏକର ୦.୦୪୫ ଡିସିମିଲି, **୫) ଶ୍ରୀ ରାମଚନ୍ଦ୍ର ରାଉତ,** ପିତା: ଇନ୍ଦ୍ରମଣୀ ରାଉତଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତି ଯାହାର ଖାତା ନଂ.: ୨୩୫/୭୩୦, ପ୍ଲଟ୍ ନଂ.: ୪୭୨/୧୪୨୧/୧୬୮୧, କ୍ଷେତ୍ର: ଏକର୦.୦୫୪ ଡିସିମିଲି, **୬) ଶ୍ରୀମତୀ ମାଳତୀ ପ୍ରଧାନ,** ସ୍ୱାମୀ: ସୁକାନ୍ତ କୁମାର ପ୍ରଧାନଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତି ଯାହାର ଖାତା ନଂ.: ୨୩୫/୭୫୫, ପ୍ଲଟ୍ ନଂ.: ୪୭୨/୧୪୨୧/୧୭୧୨, କ୍ଷେତ୍ର: ଏକର୦.୦୫୨ ଡିସିମିଲି, **୭) ଶ୍ରୀମତୀ ଚିତ୍ରଲେଖା ଖୁଣ୍ଟିଆ,** ସ୍ୱାମୀ: ନିହାର ରଞ୍ଜନ ଛୋଟରାୟଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତି ଯାହାର ଖାତା ନଂ.: ୨୩୫/୭୪୨, ପ୍ଲଟ୍ ନଂ.: ୪୭୨/୧୪୨୧/୧୬୯୯, କ୍ଷେତ୍ର: ଏକର୦.୦୩୬ ଡିସିମିଲି, **୮) ଶ୍ରୀ ଦୁର୍ଗା ଚରଣ ଦଳାଇ ଏବଂ ପ୍ରମୋଦ କୁମାର ଦଳାଇ,** ପିତା: ହାଡିବନ୍ଧୁ ଦଳାଇଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତି ଯାହାର ଖାତା ନଂ.: ୨୩୫/୭୪୩, ପ୍ଲଟ୍ ନଂ.: ୪୭୨/୧୪୨୧/୧୭୦୦, କ୍ଷେତ୍ର: ଏକର୦.୦୩୬ ଡିସିମିଲି, **୯) ଶ୍ରୀ ରାମଶଙ୍କର ଜେନା,** ପିତା: ଗୋପାଳ ଜେନାଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତି ଯାହାର ଖାତା ନଂ.: ୨୩୫/୧୧୩୩, ପ୍ଲଟ୍ ନଂ.: ୪୭୨/୧୪୨୧/୧୭୬୬, କ୍ଷେତ୍ର: ଏକର୦.୦୬୮ ଡିସିମିଲି *** ସମସ୍ତ ସମ୍ପତ୍ତିର ସାବକ ଖାତା ନଂ.: ୧୦୬, ପ୍ଲଟ୍ ନଂ.: ୪୭୨/୧୪୨୧, କ୍ଷେତ୍ର: ଏକର୦.୪୫୦ ଡିସିମିଲି, ମୌଜା: ଜେମାଦେଇ, ତହସିଲ/ଜିଲ୍ଲା: ଖୋର୍ଦ୍ଧା,**

ସ୍ଥାନ : ଭୁବନେଶ୍ୱର, ତାରିଖ : ୩୦.୦୩.୨୦୨୪ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ

ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବିନ୍ଦ୍ର କୁମାର ଦାସ-୯୪୩୭୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଲ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧ ।

‘ସାହିତ୍ୟ ମାସିକୀ’ କାର୍ଯ୍ୟକ୍ରମ

ଲେଖକ ପାଇଁ ବୃତ୍ତି ଓ ପ୍ରବୃତ୍ତି ମଧ୍ୟରେ ସମନ୍ୱୟ ଜରୁରୀ

ଭୁବନେଶ୍ୱର (ସବ୍ୟୁ): ଅନୁଭବ ଓ ଅଧ୍ୟୟନ ଜଣେ ଲେଖକର ଶ୍ରେଷ୍ଠ ସମ୍ବଳ । ବୃତ୍ତି ଓ ପ୍ରବୃତ୍ତି ମଧ୍ୟରେ ସମନ୍ୱୟ ରକ୍ଷା କରି ଜଣେ ଲେଖକ ସାଧନା ଜାରି ରଖେ । ଜୀବନରୁ ତଥା ବିଭିନ୍ନ ପରିବେଶରୁ ସେ ସାହିତ୍ୟର ଉପାଦାନ ସଂଗ୍ରହ କରେ ବୋଲି ବିଶିଷ୍ଟ ଗାଳ୍ପିକ ରବି ସ୍ୱାଇଁ ଉଲ୍ଲେଖ କରିଛନ୍ତି । ଶନିବାର ସନ୍ଧ୍ୟାରେ ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ଆନୁକୂଲ୍ୟରେ ଜୟଦେବ ଭବନ ଠାରେ ଅନୁଷ୍ଠିତ ‘ସାହିତ୍ୟ ମାସିକୀ’ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ସ୍ୱାଇଁ ନିଜ ଅନୁଭବକୁ ଅନୁସରଣ କଲେ ଜଣେ ଲେଖକ ସାର୍ଥକ ରଚନା ସୃଷ୍ଟି କରିପାରିବ ବୋଲି ମତ ଦେଇଛନ୍ତି । ଶ୍ରୀ ସ୍ୱାଇଁ ତାଙ୍କ କଥାଯାତ୍ରାର ବିସ୍ତୃତ ବିବରଣୀ ଦେଇ ନିଜର ସୁଶିକ୍ଷିତା ମା’, ଶିକ୍ଷକ ଜୀବନ, ନାଗରିକ ସମାଜରେ ଅନୁଭୂତି ଇତ୍ୟାଦି ତାଙ୍କୁ ସାହିତ୍ୟ ରଚନା ପାଇଁ ପ୍ରେରଣା ଯୋଗାଇଛି ବୋଲି କହିଥିଲେ । ଗଳ୍ପ ରଚନା ବ୍ୟତୀତ ସେ ନାଟକ, ଉପନ୍ୟାସ, ସମାଲୋଚନା ଇତ୍ୟାଦି ଲେଖିଥିଲେ ମଧ୍ୟ ଜଣେ କଥାକାର ଭାବରେ ବିଶେଷ ଉଦ୍ୟମ କରିଛନ୍ତି । ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ରକ୍ଷକ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ସାହିତ୍ୟ ଏକାଡେମୀ ଅନୁବାଦ ପୁରସ୍କାର ପାଇଁ ମନୋନୀତ ବଙ୍ଗାଳୀ ନନ୍ଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମରେ ଖ୍ୟାତିସଂପନ୍ନ ଭାଷାବିତ୍ ଡ. ଦେବୀପ୍ରସନ୍ନ ପଟ୍ଟନାୟକ ଶ୍ରୀ ନନ୍ଦଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଏ ମାସର କଥାକାର ଭାବରେ ରଞ୍ଜନ କୁମାର ପାତ୍ର ଯୋଗଦେଇ ସ୍ୱରଚିତ ଗଳ୍ପ ପାଠ କରିଥିଲେ । ଡ. ଅଭୟ ନାରାୟଣ ନାୟକ ଓ ବିଜନବାଳା ପାଢ଼ୀଯୋଶୀଙ୍କ ମିଳିତ ସଂଯୋଜନାରେ ବିଭୂତି ପାଣିଗ୍ରାହୀ, ଅଲେଖ ଚରଣ ରାଉତ, ରଜନୀକାନ୍ତ ପଟ୍ଟନାୟକ, ନିବାସ ଚନ୍ଦ୍ର ଜେନା, ସୁଷମା ଦାଶ, ମିହିରକାନ୍ତି ଦାସ, ସଂଜୁଲତା ମହାନ୍ତି (ପଟ୍ଟନାୟକ), କୁମୁଦିନୀ ଜୀ, ସଂଯୁକ୍ତା ପରିଡ଼ା, ଶୈଳେନ୍ଦ୍ର ଜେନା, ବିଧୁଭୂଷଣ ତ୍ରିପାଠୀ, ଶାକ୍ୟସିଂହ ମହାପାତ୍ର, ପ୍ରମୁଖ କବିତା ପାଠ କରିଥିଲେ । ଅନୁଷ୍ଠାନର ସଭାପତି ସୂର୍ଯ୍ୟ ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମର ଆରମ୍ଭରେ ଡା. ଜୀବନକୃଷ୍ଣ ମିଶ୍ର ବେଦପାଠ କରିଥିବାବେଳେ ଶେଷରେ ଡ. ଅଶୋକ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ ।

ବଡଚଣା ବିଜେଡିରେ ନେତୃତ୍ୱ ପରିବର୍ତ୍ତନ ଦାବି

ଗୋଟିଏ ମଞ୍ଚରେ ଏକାଠି ବିରୋଧୀ

ଚଣ୍ଡିଖୋଲ,(ସବ୍ୟୁ) :ଚଳିତ ସାଧାରଣ ନିର୍ବାଚନ ପାଇଁ ସାରା ରାଜ୍ୟରେ ବିଭିନ୍ନ ଦଳର ପ୍ରସ୍ତୁତି ଯୋରସୋର ଚାଲିଥିଲା ବେଳେ ଯାଜପୁର ଜିଲ୍ଲାର ବଡ଼ଚଣା ନିର୍ବାଚନ ମଣ୍ଡଳୀରେ ବିଧାୟକଙ୍କୁ ବିରୋଧ ଚରମ ସୀମାରେ ପହଞ୍ଚିଛି । ଏଠାରେ ବିଜେଡିର ନେତୃତ୍ୱ ପରିବର୍ତ୍ତନ ପାଇଁ ସାଙ୍ଗଠନିକ ବୈଠକ ଆଳରେ ଶୁକ୍ରବାର ଦିନ ବିଧାୟକଙ୍କ ସମସ୍ତ ବିରୋଧୀ ଗୋଷ୍ଠୀ ଗୋଟିଏ ମଞ୍ଚରେ ଏକାଠି ହୋଇଥିଲେ । ପୂର୍ବ ଘୋଷଣା ଅନୁଯାୟୀ ବଡଚଣାର ଖଇରା ମେଳଣ ପଡ଼ିଆରେ ଆୟୋଜିତ ସାଙ୍ଗଠନିକ ବୈଠକରେ ଯାଜପୁର ଜିଲ୍ଲା ପରିଷଦ ଉପ ସଭାପତି ତଥା ବଡଚଣା ଯୁବ ବିଜେଡି ସଭାପତି ଗଣେଶ୍ୱର ବରାଳ ଅଧ୍ୟକ୍ଷତା କହିଥିଲେଲେ । ବିଧାୟକଙ୍କ ଦୂରଦୃଷ୍ଟି ଅଭାବ ଯୋଗୁଁ ବଡ଼ଚଣାରେ ଦଳୀୟ ସାଙ୍ଗଠନିକ ଅତ୍ୟନ୍ତ ଦୁର୍ବଳ ରହିଛି ବୋଲି ସେ ଆରୋପ କରି ନେତୃତ୍ୱ ପରିବର୍ତ୍ତନ ଦାବି କରିଥିଲେ । ଏହି ସଭାରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ କୈଳାସ ଚନ୍ଦ୍ର ରାଉତ, ପ୍ରହଲ୍ଲାଦ ନନ୍ଦ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ଇତିଶ୍ରୀ ସାମଲ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ବିଚିତ୍ରନନ୍ଦ ମହାପାତ୍ର,ରାଜ୍ୟ ମହିଳା ବିଜେଡି ସମ୍ପାଦିକା ତଥା ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ପୂଜାରିଣୀ ବଳ,ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ସୁମତି ବାସ୍କେ, ଜିଲ୍ଲା ପରିଷଦ ସଭ୍ୟା ସସ୍ମିତା ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟା ଜୟଶ୍ରୀ ସାମଲ, ରାଜ୍ୟ ବିଜେଡି ଯୁଗ୍ମ ସମ୍ପାଦକ ଆଶିଷ ରଞ୍ଜନ ଚୌଧୁରୀ, ଜିଲ୍ଲା ବିଜେଡି ଉପ ସଭାପତି ଅମର ମହାନ୍ତି, ପ୍ରାକ୍ତନ ବ୍ଲକ ମହିଳା ବିଜେଡି ସଭାପତି ଦମୟନ୍ତୀ ସାମଲ, ସରସ୍ୱତୀ ବେହେରା,ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟ ମାନଗୋବିନ୍ଦ ସେଠୀ, ପୂର୍ବତନ ସମିତି ସଭ୍ୟ ସୁରେଶ ନାୟକ, ପବନେଶ୍ୱର ଜେନା, ଗଣେଶ୍ୱର ସାମଲ, ଧନେଶ୍ୱର ବେହେରା,ରବୀନ୍ଦ୍ର ଦାଶ,ସରପଞ୍ଚ ସେକ ଅବଦୁଲ ଗନି,ସରପଞ୍ଚ ଅକ୍ଷୟ କୁମାର ରାଉତ, ଦିଲ୍ଲୀପ ରାଉତ, ଦିଲ୍ଲୀପ କୁମାର ସାମଲ ଓ କୃଷ୍ଣଚନ୍ଦ୍ର ସାମଲଙ୍କ ସହ ୩୦ ଜଣରୁ ଉର୍ଦ୍ଧ୍ୱ ସରପଞ୍ଚ ଓ ସମିତି ସଭ୍ୟ/ସଭ୍ୟା ପ୍ରମୁଖ ଯୋଗଦେଇ ଆଗାମୀ ନିର୍ବାଚନ ପରିପ୍ରେକ୍ଷୀରେ ବଡ଼ଚଣା ବିଜେଡିର ନେତୃତ୍ୱ ପରିବର୍ତ୍ତନ ଦାବି କରିଥିଲେ । ଦଳ ପକ୍ଷରୁ ଏଠାରେ ନୂତନ ପ୍ରାର୍ଥୀ ଚୟନ କରାଗଲେ ବିଜେଡି ଅଧିକ ଶକ୍ତିଶାଳୀ ହେବା ସହ ବିପୁଳ ଭୋଟ ବ୍ୟବଧାନରେ ବିଜୟୀ ହେବବୋଲି ବକ୍ତାମାନେ ଆଶାପୋଷଣ କରିଥିଲେ । ଏଥିରେ ବହୁ ଯୁବ ସଂଗଠକ ଓ ନିର୍ବାଚନ ମଣ୍ଡଳୀର ଛାମୁଆ ସଙ୍ଗଠକ ଯୋଗଦେଇଥିଲେ ।

ରକ୍ତଦାନ କରି ମହିଳାଙ୍କ ଜୀବନ ବଞ୍ଚାଇଲେ ୧୦୮ ଆମ୍ବୁଲାନ୍ସ କର୍ମଚାରୀ

ଭୁବନେଶ୍ୱର (ସବ୍ୟୁ): ରେଢ଼ାଖୋଲ ଉପଖଣ୍ଡ ଚିକିତ୍ସାଳୟରେ ନାକଟିଦେଉଳ ଥାନା ଅନ୍ତର୍ଗତ ଗୌଡପଡା ଗ୍ରାମର ଜଣେ ମହିଳା ରମ୍ଭାବତୀ ଧଳ (୪୫ବର୍ଷ) ସ୍ତ୍ରୀରୋଗ ଜନିତ ସମସ୍ୟା ପାଇଁ ଚଳିତ ମାର୍ଚ୍ଚ ୨୯ ତାରିଖ ଦିନ ସମୟ ଅପରାହ୍ନ ୦୧:୩୦ ସମୟରେ ଚିକିତ୍ସା ପାଇଁ ରୋଖୋଲ ଡାକ୍ତରଖାନାରେ ଭର୍ତି ହୋଇଥିଲେ । ସେଠାରେ ତାଙ୍କୁ ଚିକିତ୍ସା କରୁଥିବା ସ୍ତ୍ରୀ ଓ ପ୍ରସୂତୀ ବିଭାଗର ଡାକ୍ତର ସୁନୀତା ବ୍ରହ୍ମା ରୋଗୀଙ୍କୁ ତୁରନ୍ତ ରକ୍ତର ଆବଶ୍ୟକତା ଥିବା ତାଙ୍କ ସହାୟକଙ୍କୁ କହିଥିଲେ । ଗତ ଦୁଇଦିନ ଠାରୁ ରୋଖୋଲ ଉପଖଣ୍ଡ ଚିକିତ୍ସାଳୟର ରକ୍ତଭଣ୍ଡାରରେ ଓ'ପଜିଟିଭ ବ୍ଲଡଗ୍ରୁପର ରକ୍ତ ଉପଲବ୍ଧ ନଥିଲା । ସେଥିପାଇଁ ତାଙ୍କ ସହାୟକ ଆବଶ୍ୟକ ରକ୍ତ ଯୋଗାଡ କରିନପାରି ନିରାଶ ହୋଇପଡିଥିଲେ । ଏହିସମୟରେ ରୋଗୀଙ୍କ ସହାୟକ ଜଣେ ଡାକ୍ତରଖାନା କର୍ମଚାରୀଙ୍କ ଠାରୁ ୧୦୮ ଆମ୍ବୁଲାନ୍ସ କର୍ମଚାରୀମାନେ ଆବଶ୍ୟକ ସମୟରେ ରକ୍ତଦାନ କରୁଥିବା ସମ୍ପର୍କରେ ଖବର ପାଇ, ସେଠାରେ ଥିବା୧୦୮ ଆମ୍ବୁଲାନ୍ସ କର୍ମଚାରୀ ମାନଙ୍କୁ ତାଙ୍କର ରକ୍ତର ଆବଶ୍ୟକତା ବିଷୟରେ ଜଣାଇଲେ । ରୋଖୋଲ ୧୦୮ ଆମ୍ବୁଲାନ୍ସ କର୍ମଚାରୀଙ୍କ ଠାରୁ ଖବର ପାଇ ନାକଟିଦେଉଳ ୧୦୮ ଆମ୍ବୁଲାନ୍ସର ଡ୍ରାଇଭର ନରେନ ପ୍ରଧାନ ରକ୍ତଦାନ କରିବାକୁ ଆଗେଇ ଆସିଥିଲେ । ଆମ୍ବୁଲାନ୍ସ କର୍ମଚାରୀଙ୍କ ଏଭଳି ମହତ୍ୱ କାର୍ଯ୍ୟକୁ ଡାକ୍ତରଖାନା କର୍ମଚାରୀ ଭୂୟସୀ ପ୍ରଶଂସା କରିଛନ୍ତି ।

ଜିଲ୍ଲା ମହିଳା କଂଗ୍ରେସ ନିଶା ମହାରଣାଙ୍କ ବିରୁଦ୍ଧରେ ମହିଳା ଥାନାରେ ଲିଖିତ ଅଭିଯୋଗ କଲେ

ଭୁବନେଶ୍ୱର (ସବ୍ୟୁ): ଭୁବନେଶ୍ୱର ଜିଲ୍ଲା ମହିଳା କଂଗ୍ରେସ ନେତୃତ୍ୱରେ ୫୦ ରୁ ଅଧିକ ମହିଳା ଭୁବନେଶ୍ୱର ମହିଳା ଥାନାକୁ ଯାଇ କଂଗ୍ରେସ ଭବନରେ ହୋଲି ଦିନ କଂଗ୍ରେସ ଭବନରେ ନିଶା ମହାରଣା ଯେଉଁ ଅସଭ୍ୟ ଓ ଅଭଦ୍ର ଭାଷା କଂଗ୍ରେସ ନେତୃବର୍ଗଙ୍କ ପ୍ରତି ପ୍ରୟୋଗ କରିବା ଏବଂ ଅଶୋଭନୀୟ ଆଚରଣ ପ୍ରଦର୍ଶନ କରିଥିଲା ତା ବିରୁଦ୍ଧରେ ଭୁବନେଶ୍ୱର ଜିଲ୍ଲା ମହିଳା କଂଗ୍ରେସ ଏକ କେସ ଦାୟର କରିଛନ୍ତି । ମହିଳା ଥାନାର ଇନସ୍‌ପେକ୍ଟର ଏହି ଏଫଆଇଆରକୁ ରେଜିଷ୍ଟ୍ରିଭୁକ୍ତ କରି ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ମହିଳା ନେତୃମଣ୍ଡଳୀ ଥାନା ଇନସ୍‌ପେକ୍ଟରଙ୍କୁ ନିଶା ମହାରଣାଙ୍କୁ ତୁରନ୍ତ ଗିରଫ କରିବାପାଇଁ ଦୃଢ଼ ଦାବି ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ଯେଉଁଭଳି ଅଶାଳୀନ ବିବୃତି ଦେଉଛନ୍ତି ତାହା ଆମ ସମାଜକୁ ପଥଭ୍ରଷ୍ଟ କରିବା ସହିତ ଆମ ସାମାଜିକ ଓ ପାରିବାରିକ ଜୀବନରେ ଅତ୍ୟନ୍ତ ଅରୁଚିକର ହୋଇପଡୁଛି ବୋଲି କହିଛନ୍ତି ।

ସ୍କାଉଟସ୍ ଓ ଗାଇଡସର କୋଷ୍ଟାଲ ଟ୍ରେକିଙ୍ଗ ଉଦ୍‌ଘାଟିତ

କୋଣାର୍କ, (ସବ୍ୟୁ): କୋଣାର୍କ ସ୍ଥିତ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସ୍କାଉଟସ୍ ଓ ଗାଇଡସର ୪ଦିନିଆ କୋଷ୍ଟାଲ ଟ୍ରେକିଙ୍ଗ କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି। ଖବରରୁ ପ୍ରକାଶ ଯେ ଓଡିଶା ରାଜ୍ୟ ଭାରତ ସ୍କାଉଟସ ଓ ଗାଇଡସର ଆନୁକୁଲ୍ୟରେ ରାଜ୍ୟ ମୁଖ୍ୟ କମିଶନର ଡଃ କାଳି ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଘାଟନୀ ଉତ୍ସବରେ କୋଣାର୍କ ଠାରୁ ପୁରୀ ବେଳାଭୂମି ପର୍ଯ୍ୟନ୍ତ କୋଷ୍ଟାଲ ଟ୍ରେକିଙ୍ଗ ସହିତ ବେଳାଭୂମି ସଫେଇ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଏହି ଉଦଘାଟନୀ ସମାରୋହରେ ଅତିଥି ଭାବରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଯୁଗ୍ମ ନିର୍ଦ୍ଦେଶକ ବିଶ୍ୱଜିତ ଘୋଷ, କୋଣାର୍କ ଏନଏସି ନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଧଳ, ସ୍କାଉଟ ଓ ଗାଇଡସର ରାଜ୍ୟ ସଂପାଦକ ଶରତ ଚନ୍ଦ୍ର ପାଇକରାୟ, କୋଷାଧ୍ୟକ୍ଷ ଭବାନୀ ପ୍ରସାଦ ମିଶ୍ର, ଯୁଗ୍ମ ସଂପାଦକ ମିହିର ରଞ୍ଜନ ପଟ୍ଟନାୟକ, ଆଡଭୋକେଟ କମିଟି ଅଧ୍ୟକ୍ଷ ସ୍ୱାଧୀନ ପଣ୍ଡା, ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିହାର ପ୍ରସାଦ ଲେଙ୍କା, ବରିଷ୍ଠ ଶିକ୍ଷକ ରାମଚନ୍ଦ୍ର ମହାନ୍ତି, ପୁରୀ ଜିଲ୍ଲା ଶାରୀରିକ ଶିକ୍ଷା ନିରୀକ୍ଷକ ମହେନ୍ଦ୍ର ବିଶ୍ୱାଳ ପ୍ରମୁଖ ଯୋଗଦେଇ ଅଂଶଗ୍ରହଣ କାରୀ ମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଉଦଘାଟନୀ ସମାରୋହରେ ଓଡ଼ିଶାର ବିଭିନ୍ନ ଜିଲ୍ଲାର ୩୦୦ରୁ ଉର୍ଦ୍ଧ୍ୱ ରୋଭର, ରେଞ୍ଜର, ସ୍କାଉଟ ଓ ଗାଇଡ ଛାତ୍ରଛାତ୍ରୀ ଯୋଗଦାନ କରିଛନ୍ତି। ଏହି ଉଦଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିବା ରାଜ୍ୟ ମାଧ୍ୟମିକ ଶିକ୍ଷା ପରିଷଦର ଯୁଗ୍ମ ନିର୍ଦ୍ଦେଶକ ତଥା ରାଜ୍ୟ ସ୍କାଉଟ ଓ ଗାଇଡର ମୁଖ୍ୟ କମିଶନର ଡଃ ବିଶ୍ୱଜିତ ଘୋଷ ଯୋଗ ଦେଇ କୋଷ୍ଟାଲ ଟ୍ରେକିଙ୍ଗର ଉଦ୍ଦେଶ ଓ ଉପାଦେୟତା ବିଷୟରେ ଆଲୋକପାତ କରିଥିଲେ। ଶେଷରେ ସ୍କାଉଟ ଓ ଗାଇଡର ରାଜ୍ୟ ସଭାପତି ଅତନୁ ସବ୍ୟସାଚୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

ଭୁବନେଶ୍ୱର ଟ୍ୟାକ୍ସ ବାର୍ ଆସୋସିଏସନ୍ ନିର୍ବାଚନ

ରମେଶ କୁମାର ଧଳ ନିର୍ଦ୍ୱନ୍ଦ୍ୱରେ ସଭାପତି

ଭୁବନେଶ୍ୱର (ସବ୍ୟୁ): ଓଡ଼ିଶା ବାର୍ କାଉନସିଲର ନିର୍ଦ୍ଦେଶନାରେ ୨୦୨୪-୨୦୨୫ ବର୍ଷ ପାଇଁ ଭୁବନେଶ୍ୱର ଟ୍ୟାକ୍ସ ବାର୍ ଆସୋସିଏସନ୍ ର ନିର୍ବାଚନ ହୋଇଯାଇଛି । ଏଥର ବରିଷ୍ଠ ଆଇନଜୀବି ରମେଶ କୁମାର ଧଳ ସଭାପତି ଭାବରେ ପୁନର୍ବାର ନିର୍ବାଚିତ ହୋଇଛନ୍ତି । ସେହିପରି ଉପସଭାପତି ଭାବେ ଗୋପାଳ ଚନ୍ଦ୍ର ରାଉତ, ସଂପାଦକ ପ୍ରଶାନ୍ତ କୁମାର ଶତପଥୀ, ଯୁଗ୍ମ ସଂପାଦକ ମନୋଜ କୁମାର ପଣ୍ଡା, ସହ ସମ୍ପାଦକ ସରୋଜ କୁମାର ସାହୁ, କୋଷାଧ୍ୟକ୍ଷ ନିଳାଦ୍ରୀ ବିହାରୀ ସାହୁ ନିର୍ବାଚିତ ହୋଇଥିବା ବେଳେ କାର୍ଯ୍ୟକାରିଣୀ ସଭ୍ୟ ଭାବେ ବରିଷ୍ଠ ଆଇନଜୀବି ରବିନାରାୟଣ ପଟ୍ଟନାୟକ, ଲକ୍ଷ୍ମୀଧର ତ୍ରିପାଠୀ, ଦେବାଶିଷ ମିଶ୍ର, ସୁଶିଲ କୁମାର ସାମନ୍ତରାୟ ଓ ବିଜୟ କୁମାର ସ୍ୱାଇଁ ନିର୍ବାଚିତ ହୋଇଛନ୍ତି । ପ୍ରତିକ୍ରିୟା ରେ ସଭାପତି ଆଇନଜୀବୀ ଶ୍ରୀ ଧଳ କୁହନ୍ତି ଏହା ହେଉଛି ସମସ୍ତଙ୍କୁ ବିଶ୍ୱାସକୁ ନେଇ ଏବଂ ଗଠନମୂଳକ ଓ ଦୂରଦୃଷ୍ଟି ସହିତ କଠିନ ପରିଶ୍ରମ କଲେ ଏକ ଆସୋସିଏସନ୍ ଓ ଏହାର ସଭ୍ୟ -ସଭ୍ୟା ମାନଙ୍କର ବୃତ୍ତିଗତ ଉନ୍ନତି ସହିତ ଦେଶ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରି ପାରିବେ, ଯାହା ଆମେ ବିଗତ ବର୍ଷରେ କାର୍ଯ୍ୟରେ ଦେଖାଇବାରେ ସଫଳ ହୋଇ ପାରିଛୁ । ତାଙ୍କୁ ପୁନର୍ବାର ସଭାପତି ଭାବରେ ନିର୍ବାଚିତ କରିଥିବାରୁ ସେ ଭୁବନେଶ୍ୱର ଟ୍ୟାକ୍ସ ବାର୍ ଆସୋସିଏସନ୍ ର ସମସ୍ତ ଆଇନଜୀବୀ ବନ୍ଧୁ ଓ ଶୁଭେଚ୍ଛୁ ମାନଙ୍କୁ କୃତଜ୍ଞତା ଜଣାଇବା ସହିତ ଧନ୍ୟବାଦ ଜଣାଇଛନ୍ତି ।

ବିଜେପି ନିର୍ବାଚନ ପରିଚାଳନା କମିଟିର ଦ୍ୱିତୀୟ ବୈଠକ

ବିଜେଡି ସରକାର ବିରୋଧରେ ପ୍ରସ୍ତୁତ ଚାର୍ଜସିଟ୍‌କୁ ନେଇ ଲୋକଙ୍କ ପାଖକୁ ଯିବ ବିଜେପି : ଗୋଲକ

ଭୁବନେଶ୍ୱର (ସବ୍ୟୁ): ବିଜୁ ଜନତା ଦଳର ଲମ୍ବା ଶାସନରେ ଓଡିଶାବାସୀ ହନ୍ତସନ୍ତ । ଦୁର୍ନୀତି, ଭ୍ରଷ୍ଟାଚାର, ବ୍ୟାଭୀଚାରରେ ଲିପ୍ତ ବିଜେଡିର ମନ୍ତ୍ରୀ ଓ ନେତାମାନଙ୍କ କାରଣରୁ ଓଡିଶାର ବିକାଶ ବାଧାପ୍ରାପ୍ତ ହୋଇଛି । ଓଡିଶାବାସୀଙ୍କୁ ମୋଦୀ ଗ୍ୟାରେଣ୍ଟିରୁ ବଞ୍ଚିତ ରଖାଯାଇଛି । ଦୀର୍ଘ ବର୍ଷର ଶାସନରେ ଓଡିଶାବାସୀଙ୍କ ସହ ପ୍ରତାରଣା କରିଥିବା ରାଜ୍ୟ ସରକାରଙ୍କ ବିରୋଧରେ ଏକ ଲମ୍ବା ଚାର୍ଜସିଟ ପ୍ରସ୍ତୁତ କରାଯାଇଛି । ଶାସକ ବିଜେଡି ସରକାର ବିରୋଧରେ ପ୍ରସ୍ତୁତ ଚାର୍ଜସିଟକୁ ନେଇ ପ୍ରତ୍ୟେକ ଲୋକଙ୍କ ପାଖକୁ ଯାଇ ଅବଗତ କରାଯିବ ବୋଲି ରାଜ୍ୟ ଉପସଭାପତି ଗୋଲକ ମହାପାତ୍ର କହିଛନ୍ତି । ଶନିବାର ରାଜ୍ୟ କାର୍ଯ୍ୟାଳୟଠାରେ ରାଜ୍ୟ ବିଜେପି ନିର୍ବାଚନ ପରିଚାଳନା କମିଟିର ଦ୍ୱିତୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂସଲ, ନିର୍ବାଚନ ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂହ ତୋମାର, କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ, ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ରାଜ୍ୟ ସାଧାରଣ ସଂପାଦକ (ସଂଗଠନ) ମାନସ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

ରାଜ୍ୟର ସମସ୍ତ ୨୧ଟି ଲୋକସଭା ଏବଂ ୧୪୭ ବିଧାନସଭାରେ ଅନୁଷ୍ଠିତ ହେବାକୁ ଥିବା ସାଧାରଣ ନିର୍ବାଚନ ପାଇଁ ବିଜେପି ସଂପୂର୍ଣ୍ଣ ପ୍ରସ୍ତୁତ । ନିର୍ବାଚନ ପ୍ରଚାର ପାଇଁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା, ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡା ଙ୍କ ସମେତ ଅନେକ କେନ୍ଦ୍ରୀୟ ନେତୃବୃନ୍ଦ ଓଡିଶା ଆସି ୫୦ରୁ ଉର୍ଦ୍ଧ୍ୱ ସ୍ଥାନରେ ଅନୁଷ୍ଠିତ ସଭାକୁ ସମ୍ବୋଧନ କରିବେ । ସେହିପରି ଅନ୍ୟାନ୍ୟ ନେତୃବୃନ୍ଦ ରାଜ୍ୟର ସମସ୍ତ ୧୪୭ ବିଧାନସଭା ଗସ୍ତ କରି ନିର୍ବାଚନ ପ୍ରଚାର କରିବେ । ଏଥର ନିର୍ବାଚନରେ ରାଜ୍ୟ ସରକାରଙ୍କ ଭ୍ରଷ୍ଟାଚାର ବଡ ପ୍ରସଙ୍ଗ ହେବ । ଓଡିଶାର ଅସ୍ମିତାକୁ ନେଇ ନିର୍ବାଚନ ଲଢ଼ିବୁ । ନବୀନ ବାବୁ ଗାଦିଚ୍ୟୁତ ହେବେ ଏବଂ ବିଜେପି ଓଡିଶାରେ ଶାସନକୁ ଆସିବ ବୋଲି ଶ୍ରୀ ମହାପାତ୍ର କହିଛନ୍ତି ।

ପତ୍ନୀ ହତ୍ୟାକାରୀ ସ୍ୱାମୀ ଗିରଫ

କଣ୍ଟାପଡ଼ା, (ସବ୍ୟୁ): ଚରିତ୍ରକୁ ସନ୍ଦେହ କରି ସ୍ୱାମୀ ନିଜ ସ୍ତ୍ରୀକୁ ଅତି ବିଭତ୍ସଭାବେ ହତ୍ୟାକରିଥିଲାବେଳେ ପୁଲିସ ହତ୍ୟାକାରୀ ସ୍ୱାମୀକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଘଟଣାରୁ ପ୍ରକାଶ ଯେ, କଣ୍ଟାପଡ଼ା ବ୍ଲକ ଉନ୍ନାରଣ ପଞ୍ଚାୟତ ଅନ୍ତର୍ଗତ ଅଳିଙ୍ଗି ଗ୍ରାମର କୃଷ୍ଣଚନ୍ଦ୍ର ମଲିକ ଓରଫ ଟୁକୁନା ନିଜ ପତ୍ନୀ କୁମୁଦିନୀଙ୍କ ଚରିତ୍ରକୁ ସନ୍ଦେହ କରି ବିଭିନ୍ନ ସମୟରେ ମାରପିଟ କରେ ଗତ ଗୁରୁବାର ପ୍ରସିଦ୍ଧ ଦିପୋଟୀ ମେଳଣ ଦେଖିବାକୁ ପରିବାର ଲୋକେ ଯାଇଥିଲାବେଳେ ଘରେ କୁମୁଦିନୀ ଏକାକୀ ଥିଲେ ଏହି ସୁଯୋଗରେ ଟୁକୁନା ଏକ ଶାବଳରେ ପତ୍ନୀ କୁମୁଦିନୀଙ୍କୁ ଭୁଷି ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଏନେଇ ଅଭିଯୋଗ ହେବା ପରେ ଗୋବିନ୍ଦପୁର ଥାନା ପୁଲିସ ଅଭିଯୁକ୍ତ ଟୁକୁନାକୁ ଗିରଫ଼ଡ଼ରିବା ସହିତ ହତ୍ୟାକାଣ୍ଡରେ ବ୍ୟବହୃତ ଶାବଳକୁ ଜବତ କରିଛି। ଆଜି ଟୁକୁନାକୁ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ଜଣାଇଛନ୍ତି।

୪୦ ପ୍ରତିଭାବାନ କଳାକାରଙ୍କୁ ସମର୍ଥନ କରୁଛି

ହୁଣ୍ଡାଇ ମୋଟର ଇଣ୍ଡିଆ ଫାଉଣ୍ଡେସନର ‘ଆର୍ଟ ଫର ହୋପ - ସିଜନ ୩’

ଭୁବନେଶ୍ୱର (ସବ୍ୟୁ): ଓଡ଼ିଶାର କଳାକୃତି ହରିକଥା ପରମ୍ପରାକୁ ପୁନଃପ୍ରୋତ୍ସାହିତ କରୁଥିବା ନିର୍ଗୁଣ ଟ୍ରଷ୍ଟ ହୁଣ୍ଡାଇ ମୋଟର ଇଣ୍ଡିଆ ଫାଉଣ୍ଡେସନ (ଏଚଏମଆଇଏଫ), ହୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡ (ଏମଏମଆଇଏଲ) ର ସିଏସଆର ୱିଙ୍ଗ ଏହାର ଫ୍ଲାଗସିପ 'ଆର୍ଟ ଫର ହୋପ' ପଦକ୍ଷେପର ତୃତୀୟ ସଂସ୍କରଣରେ ଘୋଷଣା କରାଯାଇଥିବା ଭାରତର ୨୦ ଟି ଅଂଚଳରୁ ୪୦ଜଣ ଅନୁଦାନ ପ୍ରାପ୍ତକାରୀଙ୍କ ମଧ୍ୟରେ ସ୍ଥାନ ହାସଲ କରିଛି । ଆର୍ଟ ଫର ହୋପ ଭାରତର ସମୃଦ୍ଧ ପାରମ୍ପାରିକ କଳା, ହସ୍ତଶିଳ୍ପ ଏବଂ ସଂସ୍କୃତିର ପୋଷଣ ତଥା ପ୍ରୋତ୍ସାହନ ଉପରେ ଗୁରୁତ୍ୱାରୋପ କରିଥାଏ । ଯାହା ସମଗ୍ର ଭାରତର କଳାକାରମାନଙ୍କ ଉଲ୍ଲେଖନୀୟ ପ୍ରତିଭା ପ୍ରଦର୍ଶନ ପାଇଁ ଏକ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରିଥାଏ । ଆର୍ଟ ଫର ହୋପ- ସିଜନ ୩ ନୂଆଦିଲ୍ଲୀର ତ୍ରିବେଣୀ କଳା ସଙ୍ଗମରେ ୨୮-୩୧ ମାର୍ଚ୍ଚ ୨୦୨୪ ମଧ୍ୟରେ ଅନୁଷ୍ଠିତ ହେଉଛି । ଏହି ଚାରି ଦିନିଆ ପ୍ରଦର୍ଶନୀ ଏବଂ କର୍ମଶାଳା ଉଦୀୟମାନ କଳାକାର, ଯୁବକ, ମହିଳା, ସମ୍ପ୍ରଦାୟ ଏବଂ ସ୍ଥାନୀୟ ପ୍ରତିଭା ପାଇଁ ଏକ ପ୍ଲାଟଫର୍ମ ପ୍ରଦାନ କରିବ ।

କୁମାର ତୁହିନ, ମହାନିର୍ଦ୍ଦେଶକ ଇଣ୍ଡିଆନ କାଉନସିଲ ଫର ସାଂସ୍କୃତିକ ସମ୍ପର୍କ (ଆଇସିସିଆର), ସୁଶ୍ରୀ କମଳିନି ଏବଂ ସୁଶ୍ରୀ ନଳିନୀ ଆସ୍ଥାନା, ଜଣାଶୁଣା କଥକ କଳାକାର ତଥା ପଦ୍ମଶ୍ରୀ ପୁରସ୍କାର ପ୍ରାପ୍ତ ବ୍ୟକ୍ତି ବିଶେଷ ତଥା ହୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡର ଉନ ସୋ କିମ, ଏମଡି ତଥା ସିଇଓ ଆର୍ଟ ଫର ହୋପ ସିଜନ୍‌ର ଉଦଘାଟନୀ ସମାରୋହରେ ଉପସ୍ଥିତ ରହିବେ । ଏହି ପଦକ୍ଷେପ ଭିଜୁଆଲ ଆର୍ଟ, ଡିଜିଟାଲ ଆର୍ଟ, ପ୍ରଦର୍ଶନ କଳା, ପାରମ୍ପାରିକ ଲୋକକଳା ଏବଂ ସାଂସ୍କୃତିକ ସମ୍ପ୍ରଦାୟ କଳା ସହିତ ବିଭିନ୍ନ କଳାତ୍ମକ ଡୋମେନ ବିସ୍ତାର କରିଥାଏ । ଆର୍ଟ ଫର ହୋପ - ସିଜନ ୩ ର ଉଦଘାଟନୀ କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ହୁଣ୍ଡାଇ ମୋଟର ଇଣ୍ଡିଆ ଲିମିଟେଡ୍‌ର ଏମଡି ତଥା ସିଇଓ ଉନ ସୋ କିମ କହିଲେ, ହୁଣ୍ଡାଇ ମୋଟର ଇଣ୍ଡିଆ ଫାଉଣ୍ଡେସନ କାର୍ଯ୍ୟ ଜାରି ରଖିଛି। ବିଭିନ୍ନ ବଂଚିତ ବ୍ୟକ୍ତିଙ୍କ ପାଇଁ ସୁଯୋଗ ଏବଂ ଜୀବିକା ସୃଷ୍ଟି କରୁଛି। କଳା ଏବଂ କଳାକାରଙ୍କ ପ୍ରତି ଗଭୀର ସମ୍ମାନ ସହିତ, ଆମେ ବିଭିନ୍ନ ସମ୍ପ୍ରଦାୟ ସହିତ ଯୋଡି ହୋଇଛୁ ଏବଂ ଆର୍ଟ ଫର ହୋପର ପ୍ରଥମ ଦୁଇଟି ସଂସ୍କରଣରେ ଆମ ସଂଗୀତରେ କଳା ସଂଗଠକ ଭାବେ ଯୋଡି ହୋଇଥିଲୁ। ଏହି ବର୍ଷ, ଆମେ ଆମର ଉଦ୍ୟମକୁ ବୃଦ୍ଧି କରି ଅଧିକ ଲୋକଙ୍କ ଜୀବନକୁ ସମୃଦ୍ଧ କରିବା ପାଇଁ ଆମର ପ୍ରୟାସରେ ସ୍ୱତନ୍ତ୍ର ଦକ୍ଷ କଳାକାରମାନଙ୍କୁ ଅନ୍ତର୍ଭୁକ୍ତ କରିଛୁ। ଆମେ ସେମାନଙ୍କର ଏହି ଉଦ୍ୟମକୁ ପ୍ରଶଂସା କରୁଛୁ।

ମାର୍ଚ୍ଚ ୩୧ ରବିବାର ସ୍ୱପ୍ନ ଫାଉଣ୍ଡେସନ କରିବ ରକ୍ତଦାନ ଶିବିର

କଟକ, (ସ୍ୱପ୍ର): ଖରାଦିନେ ରକ୍ତ ଭଣ୍ଡାରରେ ରକ୍ତ ଅଭାବକୁ ଲକ୍ଷ୍ୟ ରଖି ସ୍ୱପ୍ନ ଫାଉଣ୍ଡେସନ ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହେବ। ଆସନ୍ତା ମାର୍ଚ୍ଚ ୩୧ ତାରିଖ ରବିବାର ଦିନ ସ୍ଥାନୀୟ ଚାଉଳିଆଗଞ୍ଜ ସ୍ଥିତ ଶ୍ରଦ୍ଧା ଗାର୍ଡେନ ଠାରେ ଦିବା ୧୦ ଘଟିକା ଠାରୁ ୩ ଘଟିକା ପର୍ଯ୍ୟନ୍ତ ଏହି ରକ୍ତଦାନ ଶିବିରଟି ଅନୁଷ୍ଠିତ ହେବ । ବିଭିନ୍ନ ସମୟରେ ବିଭିନ୍ନ ସେବାମୂଳକ କାର୍ଯ୍ୟକ୍ରମ ସହ ଶହଶହ ୟୁନିଟ ରକ୍ତ ସଂଗ୍ରହ କରି ରକ୍ତ ଭଣ୍ଡାରକୁ ସମୃଦ୍ଧ କରୁଥିବା ସ୍ୱପ୍ନ ଫାଉଣ୍ଡେସନ ଏଥର ମଧ୍ୟ ସେହିପରି ପ୍ରୟାସ କରିଛି । ଯଦ୍ୱାରା ବହୁତ ରୋଗୀ ଓ ଥାଲାସିମିଆ ରୋଗରେ ପୀଡିତ କୁନି କୁନି ପିଲାମାନଙ୍କ ଜୀବନ ରକ୍ଷା ଦିଗରେ ସହାୟ ହେବ। ଏଣୁ ବହୁ ସଂଖ୍ୟାରେ ଏହି ଶିବିରରେ ଯୋଗଦାନ କରି ସ୍ୱେଚ୍ଛାକୃତଭାବେ ରକ୍ତଦାନ କରିବାକୁ ଫାଉଣ୍ଡେସନର ସଭାପତି ତଥା ସ୍ୱେଚ୍ଛାସେବୀ ସୁଧାଂଶୁ ପାତ୍ର ନିବେଦନ କରିଛନ୍ତି ।

ଶନିବାର ଲକ୍ଷ୍ନୌ ଠାରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟ ନାଥ, ନବନିଯୁକ୍ତ ୩ ସହ ପ୍ରଭାରୀ ଓ ପ୍ରଦେଶର ଅନ୍ୟ ବରିଷ୍ଠ ନେତୃବୃନ୍ଦଙ୍କ ସହ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା ଉତ୍ତର ପ୍ରଦେଶ ପ୍ରଭାରୀ ବୈଜୟନ୍ତ ପଣ୍ଡାଙ୍କ ନିର୍ବାଚନ ସମୀକ୍ଷା ବୈଠକ ।

ବିଜେପିର ଇସ୍ତାହର କମିଟିରେ ଧର୍ମେନ୍ଦ୍ର, ଅଶ୍ୱିନୀ, ଜୁଏଲ

ନୂଆଦିଲ୍ଲୀ: ଆସନ୍ତା ଲୋକସଭା ନିର୍ବାଚନ ପାଇଁ ବିଜେପି ନିର୍ବାଚନୀ ଇସ୍ତାହାର କମିଟି ଗଠନ କରିଛନ୍ତି । ରାଜନାଥ ସିଂହଙ୍କ ଅଧକ୍ଷତାରେ କମିଟି ଗଠନ ହୋଇଛି । ଏହି କମିଟି ବିଜେପି ନିର୍ବାଚନ ଜିତିବା ପରେ କ'ଣ ସବୁ କରିବ, ତା'ର ପ୍ରତିଶ୍ରୁତି ଉଲ୍ଲେଖ କରାଯିବ । ୨୦୨୪ରେ ତୃତୀୟ ଥର ପାଇଁ କେନ୍ଦ୍ରରେ କ୍ଷମତା ଦଖଲ କରିବା ମୁଡରେ ରହିଛି ବିଜେପି । ଏପରି ସ୍ଥିତିରେ ନିର୍ବାଚନୀ ଇସ୍ତାହାର ବା ପ୍ରତିଶ୍ରୁତି ବେଶ ଗୁରୁତ୍ୱପୂର୍ଣ୍ଣ ।

ନିର୍ବାଚନୀ ଇସ୍ତାହାର କମିଟିରେ ଓଡ଼ିଶାରୁ ରାଜ୍ୟସଭା ଯାଇଥିବା ଅଶ୍ୱିନୀ ବୈଷ୍ଣବ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଜୁଏଲ ଓରାମ ରହିଛନ୍ତି । ସେହିପରି କମିଟିରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆବାହକ ଓ ପୀୟୂଷ ଗୋଏଲ ସହ ଆବାହକ ଅଛନ୍ତି ।

ମୋଟ ୨୭ ଜଣ କମିଟରେ ଅଛନ୍ତି । ରାଜନାଥ, ନିର୍ମଳା ଓ ପୀୟୂଷଙ୍କୁ ଛାଡ଼ି ଦେଲେ ବାକି ସମସ୍ତେ କମିଟିରେ ସଦସ୍ୟ ଭାବେ ରହିବେ । ସମସ୍ତଙ୍କ ମତାମତାକୁ ଗ୍ରହଣ କରି ଇସ୍ତାହାର ପ୍ରସ୍ତୁତ କରାଯିବ ।

ଧର୍ମେନ୍ଦ୍ର ପ୍ରଧାନ ଓ ଅଶ୍ୱିନୀ ବୈଷ୍ଣବଙ୍କ ବ୍ୟତୀତ କମିଟିରେ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ,

ରାଜୀବ ଚନ୍ଦ୍ରଶେଖର, କିରଣ ରିଜିଜୁ, ଅର୍ଜୁନ ମୁଣ୍ଡା, ଅର୍ଜୁନରାମ ମେଘୱାଲ, ଭୂପେନ୍ଦ୍ର ଯାଦବ, ବିଷ୍ଣୁ ଦେଓ ସାଇ, ଭୂପେନ୍ଦ୍ର ପଟେଲ, ଶିବରାଜ ସିଂହ ଚୌହାନ, ମୋହନ ଯାଦବ, ବସୁନ୍ଧରା ରାଜେ ଓ ରବି ଶଙ୍କର ପ୍ରସାଦ ପ୍ରମୁଖ ରହିଛନ୍ତି । ସେହିପରି ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କୁ ମଧ କମିଟିରେ ସଦସ୍ୟ ଭାବେ ରଖାଯାଇଛି ।

ଭାରତରେ ଅର୍ଦ୍ଧଶିକ୍ଷିତଙ୍କ ଠାରୁ ଅଧିକ ବେରୋଜଗାର ଉଚ୍ଚଶିକ୍ଷିତ

ନୂଆଦିଲ୍ଲୀ: ଅନ୍ତର୍ଜାତିକ ଶ୍ରମ ସଂଗଠନ (ଆଇଏଲଓ)ର ସର୍ଭେ ରିପୋର୍ଟ ଅନୁସାରେ ଉଚ୍ଚଶିକ୍ଷିତ ଭାରତୀୟ ମାନଙ୍କ ମଧରେ ରହିଛି ଅଧିକ ବେକାରୀ ସମସ୍ୟା । ଅନୁଷ୍ଠାନିକ କ୍ଷେତ୍ରରେ ଶିକ୍ଷା ପ୍ରାପ୍ତ ଯୁବ ବର୍ଗମାନଙ୍କ ତୁଳନାରେ ଅଣଆନୁଷ୍ଠାନିକ କ୍ଷେତ୍ରରେ ପିଲାମାନେ ଅଧିକ ରୋଜଗାରିଆ ଅଛନ୍ତି । ଏପଟେ ଯିଏ ଯେତେ ଅଧିକ ଶିକ୍ଷିତ ତାକୁ ରୋଜଗାର ପନ୍ଥା ଖୋଜିବାରେ ସେତେ ଅଧିକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ।

ସ୍ନାତକ ଛାତ୍ର ଛାତ୍ରୀମାନଙ୍କ ବେକାରୀ ସମସ୍ୟା ପ୍ରାୟ ୨୯.୧ ପ୍ରତିଶତ ରହିଛି । ଏହା ଅଣଶିକ୍ଷିତ ଯୁବକ ମାନଙ୍କ ବେକାରୀ ସମସ୍ୟା ଠାରୁ ପ୍ରାୟ ୯ ଗୁଣ ଅଧିକ । ଭାତରରେ ବଢୁଥିବା ଜନସଂଖ୍ୟାକୁ ଦୃଷ୍ଟିରେ ରଖିଲେ ଭାରତର ଶ୍ରମ ବଜାରରେ ଏ ଅସୁବିଧା ଉଚ୍ଚଶିକ୍ଷିତ ଯୁବ ବର୍ଗଙ୍କ ମଧରେ ସବୁଠାରୁ ଅଧିକ ରହିଛି । ସେପରି ଉଚ୍ଚ ମାଧମିକ କ୍ଷେତ୍ରରେ ସମ୍ପୃକ୍ତ ପିଲାଙ୍କ ରୋଜଗାର ହାର ମାତ୍ର ୧୮.୪ ପ୍ରତିଶତ ରହିଛି ।

କଣ ରହିଛି କାରଣ ?

ଭାରତୀୟ ଶ୍ରମ ବଜାରରେ ଶିକ୍ଷିତଙ୍କ ସଂଖ୍ୟା କମ ନାହିଁ କିନ୍ତୁ ଅସୁବିଧାର ମୂଳ ହେଉଛି ଆମ ପାରମ୍ପରିକ ଶିକ୍ଷା ବ୍ୟବସ୍ଥା । ଉଚ୍ଚଶିକ୍ଷିତ ହେଲେ ସୁଦ୍ଧା ଏବେ ପିଲାଟି ମାର୍କେଟର ଆବଶ୍ୟକତା ପୂରଣ କରି ପାରୁ ନାହିଁ । ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ଦକ୍ଷତା ବୃଦ୍ଧି ତଥା ଧନ୍ଧା ମୂଳକ ଶିକ୍ଷା ଦେବା ପରିବର୍ତ୍ତେ କେବଳ ବହି ଲେଖା ପାଠକୁ ଗୁରୁତ୍ୱ ଦିଆଯାଉଥିବାରୁ ଆଜି ଦେଶର ଯୁବ ବର୍ଗ ଏ ସବୁ ଭୋଗୁଛନ୍ତି । ପୂର୍ବତନ ଆରବିଆଇ ଗଭର୍ନର ରଘୁରାମ ରାଜନ ମଧ ଏ ସମସ୍ୟା ନେଇ ଆଲୋକପାତ କରିଥିଲେ । ସେ କହିଥିଲେ ଯେ ତ୍ରୁଟିପୂର୍ଣ୍ଣ ଭାରତୀୟ ଶିକ୍ଷା ବ୍ୟବସ୍ଥା, ଭାରତୀୟ ଅର୍ଥନୀତିର ବିକାଶ ଉପରେ ଖୁବ ପ୍ରଭାବ ପକାଇବ ।

୧୫ ରୁ ୨୯ ବର୍ଷ ବୟସ୍କ ଭାରତୀୟଙ୍କ ମଧରେ ଯୁବ ବେକାରୀ ସମସ୍ୟା ମୋଟାମୋଟି ଭାବେ ୨୦୦୦ ରେ ୮୮.୬ ଶତକଡାରୁ ୨୦୨୨ରେ ୮୨.୯ ଶତକଡାକୁ ଖସି ଆସିଛି ହେଲେ ଶିକ୍ଷିତ ଯୁବ ବେକାରୀଙ୍କ ସଂଖ୍ୟା ୫୪.୨ ଶତକଡାରୁ ବଢ଼ି ୬୫.୭ ଶତକଡାକୁ ପହଞ୍ଚିଛି । କାରଣ ଉଚ୍ଚ ଶିକ୍ଷିତଙ୍କ ପାଇଁ ଯୋଗ୍ୟତା ମୁତାବକ ଚାକିରିର ଅଭାବ ରହିଛି । ଭାରତରେ କାର୍ଯ୍ୟ କ୍ଷେତ୍ରରେ ମହିଳାଙ୍କ ଯୋଗଦାନ ଦେଖିବାକୁ ଗଲେ ବିଶ୍ୱରେ ଭାରତର ସ୍ଥାନ ମଧ କିଛି ଭଲ ସ୍ଥିତିରେ ନାହିଁ । ଆଇଏଲଓର ରିପୋର୍ଟ ଭାରତର ଭୌଗୋଳିକ ବିଭିନ୍ନତାକୁ ନେଇ ଉଭୟ ସହର ଓ ଗ୍ରାମାଞ୍ଚଳରେ ବଢୁଥିବା ବେକାରୀ ସମସ୍ୟାକୁ ନେଇ ବିଭିନ୍ନ ତଥ୍ୟ ସାମ୍ନାକୁ ଆଣିଛି ।

ମଥୁରାରେ ହେମାମାଳିନୀଙ୍କ ବିରୋଧରେ ଲଢ଼ିବେ ବକ୍ସର ବିଜେନ୍ଦର

ନୂଆଦିଲ୍ଲୀ : ଉତ୍ତର ପ୍ରଦେଶରେ ଚଳିତ ଥର କଂଗ୍ରେସ ଇଣ୍ଡିଆ ମେଣ୍ଟରେ ରହି ନିର୍ବାଚନ ଲଢୁଛି । ଏହି କ୍ରମରେ କଂଗ୍ରେସ ଓ ସମାଜବାଦୀ ପାର୍ଟି ସହ ମେଣ୍ଟ ହୋଇଛି । ମେଣ୍ଟର ଆସନ ବୁଝାମଣା ପରେ ଉତ୍ତର ପ୍ରଦେଶରେ କଂଗ୍ରେସ ୧୭ଟି ଲୋକସଭା ଆସନରେ ନିର୍ବାଚନ ଲଢ଼ିବ । ଏହି ୧୭ ଆସନ ମଧ୍ୟରୁ ପାର୍ଟି ଏପର୍ଯ୍ୟନ୍ତ ୧୩ଟି ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିସାରିଛି । ବାକି ୪ଟି ଆସନ ପାଇଁ କାହାକୁ ଟିକେଟ ଦିଆଯିବ ତା ଉପରେ ପାର୍ଟି ବିଚାର କରୁଛି । ସୂତ୍ର ସୂଚନା ମୁତାବକ ଉତ୍ତର ପ୍ରଦେଶରେ ପାର୍ଟି ଚଳିତ ଥର କିଛି ନୂଆ ପ୍ରୟୋଗ କରିବାକୁ ଯାଉଛି । ଉତ୍ତର ପ୍ରଦେଶର ମଥୁରା ଆସନ ପାଇଁ କଂଗ୍ରେସ ଏପର୍ଯ୍ୟନ୍ତ ପ୍ରାର୍ଥୀ ଘୋଷଣା କରିନାହିଁ । ଏହି ଆସନ ପାଇଁ ବିଜେପି ପୁଣିଥରେ ଡ୍ରିମ ଗର୍ଲ ହେମାମାଳିନୀଙ୍କୁ ଟିକେଟ ଦେଇଛି । ସେ ଲଗାତର ଭାବେ ଦୁଇଥର ଏହି ଆସନରୁ ସାଂସଦ ଭାବେ ର୍ନିବାଚିତ ହୋଇଛନ୍ତି । ଏଥର ପୁଣି ବିଜୟୀ ହୋଇ ହାଟ୍ରିକ କରିବାକୁ ଚାହୁଁଥିବା ବେଳେ କଂଗ୍ରେସ ତାଙ୍କ ବିପକ୍ଷରେ କୁସ୍ତିଯୋଦ୍ଧା ବିଜେନ୍ଦର ସିଂଙ୍କୁ ପ୍ରାର୍ଥୀ କରିବ ।

ଫାଟିଲା ଗ୍ୟାସ୍ ସିଲିଣ୍ଡର ୩ ଶିଶୁଙ୍କ ସହ ମହିଳାଙ୍କ ମୃତ୍ୟୁ

ଲକ୍ଷ୍ନୌ: ଉତ୍ତରପ୍ରଦେଶର ଦେଓରିଆ ଡୁମରୀ ଗ୍ରାମରେ ଶନିବାର ସକାଳେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଗ୍ୟାସ ସିଲିଣ୍ଡର ବିସ୍ଫୋରଣ ଘଟି ୪ ଜଣଙ୍କ ମୃତ୍ୟୁ ଘଟିଛି । ଚା' ତିଆରି କରୁଥିବା ବେଳେ ଏଲପିଜି ସିଲିଣ୍ଡର ବିସ୍ଫୋରଣ ହୋଇଥିଲା । ଏହି ଦୁର୍ଘଟଣାରେ ଜଣେ ମହିଳାଙ୍କ ସମେତ ୩ ଶିଶୁଙ୍କ ମୃତ୍ୟୁ ଘଟିଛି । ଖବର ପାଇ

ଘଟଣାସ୍ଥଳରେ ପହଞ୍ଚିଥିବା ଡିଏମ୍ ଏସପି ଘଟଣାସ୍ଥଳର ସମୀକ୍ଷା କରିବା ସହ ସମ୍ପୂର୍ଣ୍ଣ ରିପୋର୍ଟ ସରକାରଙ୍କୁ ପଠାଇଛନ୍ତି ।

ଅଡୁଆରେ ପାକିସ୍ତାନ ଡ୍ୟାମ ପ୍ରୋଜେକ୍ଟକୁ ବନ୍ଦ କଲା ଚୀନ

କରାଚୀ: ଚୀନକୁ ନିଜର ଗଡଫାଦର ଭାବୁଥିବା ପାକିସ୍ତାନ ଏବେ ଅଡୁଆରେ । ଉଭୟ ଦେଶ ମଧରେ ଆର୍ଥିକ ଗତିବିଧି ବୃଦ୍ଧି କରିବା ପାଇଁ କରାଯାଉଥିବା ବିଭିନ୍ନ ଯୋଜନାକୁ ଏବେ ବନ୍ଦ କରିବା ପାଇଁ ବାହାରିଛନ୍ତି ଚୀନ ସରକାର । ପାକିସ୍ତାନରେ ଡ୍ୟାମ ପ୍ରୋଜେକ୍ଟ କରୁଥିବା ଚୀନ ଏବେ ଏହାକୁ ବନ୍ଦ କରିବା ପାଇଁ ବାହାରିଛି ।

ଦାସୁ ଓ ଡାଇମେର ଭାଶା ଡ୍ୟାମ ପ୍ରୋଜେକ୍ଟ ସମ୍ପୂର୍ଣ୍ଣ ରୂପେ ବନ୍ଦ ପାଇଁ ଚୀନ ଘୋଷଣା କରିଛି । ଗତ ସପ୍ତାହରେ ଏହି ନିର୍ମାଣ ଚାଲିଥିବା ବେଳେ ଏକ ଆତ୍ମଘାତି ବିସ୍ଫୋରଣ ଯୋଗୁ ଚୀନର ପାଞ୍ଚ ଜଣ ଇଞ୍ଜିନିୟରଙ୍କ ଜୀବନ ଯାଇଥିଲା । ଯାହାକୁ ନେଇ ଚୀନ ଏବେ ଚିନ୍ତାରେ । ନିଜ ନାଗରିକଙ୍କ ସୁରକ୍ଷା ଦୃଷ୍ଟିରୁ ଚୀନ ଏହି ପ୍ରୋଜେକ୍ଟ ବନ୍ଦ କରୁଥିବା ଜଣାପଡିଛି । ଏହି ଦୁଇଟି ପ୍ରୋଜେକ୍ଟରେ ଏବେ ୧୨୫୦ ଜଣ ଚୀନ ନାଗରିକ କାମ କରୁଛନ୍ତି । ହେଲେ ପାକିସ୍ତାନ ପକ୍ଷରୁ ହେଉଥିବା ଆତଙ୍କୀ ହରକତ ପାଇଁ ଚୀନ ସରକାର ପ୍ରୋଜେକ୍ଟ କାମ ଆଗକୁ ନେବାକୁ ଚାହୁଁନାହାନ୍ତି । ଅନ୍ୟପକ୍ଷରେ ପାକିସ୍ତାନ ମଧ ଏହି ବିସ୍ଫୋରଣ ପଛରେ ଆଫଗାନିସ୍ତାନର ହାତ ଥିବା କହି ନିଜ ମୁଣ୍ଡରୁ ଦୋଷ କାଢିଦେବା ପାଇଁ ଚେଷ୍ଟା କରୁଛି । କାରଣ ଏହି ଡ୍ୟାମ ପ୍ରୋଜେକ୍ଟ ହେଲେ ପାକିସ୍ତାନର ଆର୍ଥିକ ଗତିବିଧି ବଢିବା ସହ ପଡୋଶୀ ରାଷ୍ଟ୍ର ଉପରେ ନଜର ରଖିବା ପାଇଁ ସହଜ ହୋଇଥାନ୍ତା । ହେଲେ ଚୀନର ପଛଘୁଞ୍ଚା ଦେଖି ପାକିସ୍ତାନ ସରକାର ମଧ ଅଡୁଆରେ ପଡ଼ିଛନ୍ତି ।

ନିର୍ବାଚନ ଲଢ଼ିପାରିବେନି ପୂର୍ବତନ ରାଷ୍ଟ୍ରପତି, ଲାଗିଲା ରୋକ୍

ନୂଆଦିଲ୍ଲୀ: ନିର୍ବାଚନ ଲଢ଼ି ପାରିବେନି ଦକ୍ଷିଣ ଆଫ୍ରିକାର ପୂର୍ବତନ ରାଷ୍ଟ୍ରପତି ଜ୍ୟାକବ ଜୁମା । ଦେଶରେ ଆସନ୍ତା ମେ' ୨୯ ତାରିଖରେ ହେବାକୁ ଥିବା ସାଧାରଣ ନିର୍ବାଚନରେ ସେ ଅଂଶ ଗ୍ରହଣ କରିପାରିବେ ନାହିଁ । ଏହା ଉପରେ ଏବେ ରୋକ୍ ଲଗାଯାଇଛି । ତାଙ୍କ ବିରୋଧରେ ଥିବା ଅପରାଧିକ ରେକର୍ଡ ହେତୁ ତାଙ୍କୁ ପ୍ରାର୍ଥୀ ଭାବରେ ଅଯୋଗ୍ୟ ଘୋଷଣା କରାଯାଇଛି । ଏନେଇ ନିର୍ବାଚନ ଆୟୋଗ ସୂଚନା ଦେଇଛନ୍ତି । ଏକ ପ୍ରେସସିଟରେ ନିର୍ବାଚନ ଆୟୋଗ ଜ୍ୟାକବ ଜୁମାଙ୍କ ବିରୋଧରେ ଆସିଥିବା ଆପତ୍ତିକୁ ସମର୍ଥନ ଜଣାଇଛନ୍ତି । ଏଥିସହ ପ୍ରାର୍ଥୀ ଭାବେ ସେ ନିର୍ବାଚନ ଲିବା ଉପରେ ରୋକ ଲଗାଇଛନ୍ତି । ଆଇଇସି ଅଧକ୍ଷା ମୋସୋଥୋ ମୋଏପ୍ୟାଙ୍କ କହିବା ମୁତାବକ, ଏହି ନିଷ୍ପତ୍ତି ବିରୋଧରେ ଅପିଲ କରିବା ପାଇଁ ଜୁମଙ୍କୁ ୨ ଏପ୍ରିଲ ଯାଏଁ ସମୟ ଦିଆଯାଇଛି ।

ଉଲ୍ଲେଖଯୋଗ୍ୟ, ତଦନ୍ତ କମିଶନରଙ୍କ ଶୁଣାଣି ଚାଲିଥିବା ବେଳେ ଏହାକୁ ଅଧାରା ଛାଡି ଉଠି ଚାଲିଯାଇଥିଲେ ଜୁମା । ଏହାକୁ ନେଇ ୨୦୨୧ରେ ଦକ୍ଷିଣ ଆଫ୍ରିକାର ଏକ କୋର୍ଟ ତାଙ୍କୁ ୧୫ ମାସର ଜେଲ ଦଣ୍ଡରେ ଦଣ୍ଡିତ କରିଥିଲେ । ୨୦୧୮ରେ ଜୁମାଙ୍କୁ ତାଙ୍କ ଦଳ 'ଆଫ୍ରିକାନ ନ୍ୟାସନାଲ କଂଗ୍ରେସ' ବରଖାସ୍ତ କରିଦେଇଥିଲା । ଆମ୍ର-ନବାସିତ ଗୁପ୍ତ ପରିବାର ସହ ଜୁମା ନିକଟତର ହୋଇଥିବା ଯୋଗୁ ଲୋକଙ୍କ ମଧରେ ଆକ୍ରୋଶ ବିଥିଲା । ଏଥିଯୋଗୁ ଏଏନ୍ସି ଜୁମାଙ୍କୁ ଦଳରୁ ବାହାର କରିବା ପାଇଁ ନିଷ୍ପତ୍ତି ନେଇଥିଲା ।

ମଝି ସମୁଦ୍ରରେ ଓଲଟିଲା ଡଙ୍ଗା, ୮ ମୃତ

ନୂଆଦିଲ୍ଲୀ: ମଝି ସମୁଦ୍ରରେ ଓଲଟିଲା ଡଙ୍ଗା । ପ୍ରବାସୀଙ୍କୁ ଆଣୁଥିବା ଏକ ଡଙ୍ଗା ଦୁର୍ଘଟଣାଗ୍ରସ୍ତ ହୋଇଛି । ଫଳରେ ଏଥିରେ ୮ ଜଣଙ୍କ ମୃତ୍ୟୁ ହୋଇଛି । ମେକ୍ସିକୋର ଦକ୍ଷିଣ ପ୍ରଶାନ୍ତ ମହାସାଗର ଉପକୂଳ ନିକଟରେ ଘଟିଛି ଏଭଳି କିଛି ଦୁର୍ଘଟଣା । ସୂଚନା ମୁତାବକ, ଶୁକ୍ରବାର ଏହି ଦୁର୍ଘଟଣା ଘଟିଛି । ମୃତ ୮ ଜଣ ପ୍ରବାସୀ ଏସିଆର ବୋଲି ଆଶଙ୍କା କରାଯାଇଛି । ମେକ୍ସିକୋର ଦକ୍ଷିଣ ରାଜ୍ୟ ଓକ୍ସାକା କର୍ତ୍ତୃପକ୍ଷ କହିଛନ୍ତି ଯେ ଦୁର୍ଘଟଣାରୁ ବଞ୍ଚିଥିବା ଜଣେ ଏସିୟ ଲୋକ ଅଛନ୍ତି । ସମସ୍ତ ମୃତଦେହ ପ୍ଲା ଭିସେଣ୍ଟେ ସହରର ଏକ ସମୁଦ୍ର କୂଳ ନିକଟରେ ମିଳିଥିଲା । ତେବେ କେଉଁ କାରଣରୁ ଡଙ୍ଗାଟି ଦୁର୍ଘଟଣାର ଶିକାର ହେଲା ସେ ନେଇଁ କିଛି ସୂଚନା ମିଳି ନାହିଁ । ଏହାର କାରଣ

ଜାଣିବା ପାଇଁ ତଦନ୍ତ ଜାରି ରହିଛି ।

କହିରଖୁ ଯେ, ମେକ୍ସିକୋର ଦକ୍ଷିଣ ପ୍ରଶାନ୍ତ ଉପକୂଳବର୍ତ୍ତୀ ଅଞ୍ଚଳଟି ପ୍ରବାସୀଙ୍କ ଲାଗି ମେକ୍ସିକୋ ପାର ହୋଇ ଆମେରିକା ସୀମାରେ ପହଞ୍ଚିବା ପାଇଁ ଏକ ପ୍ରମୁଖ ମାର୍ଗ ଅଟେ । ଅଧିକାଂଶ ପ୍ରବାସୀମାନେ ସ୍ଥଳଭାଗରେ ଯାତ୍ରା କରନ୍ତି, କିନ୍ତୁ କେତେକ ମେକ୍ସିକୋ ଭିତରେ ଥିବା ଇମିଗ୍ରେସନ ଚେକପଏଣ୍ଟକୁ ଏଡାଇବା ସମୁଦ୍ର ରାସ୍ତା ଦେଇ ଯିବାକୁ ବାଛିଥାନ୍ତି ଏବଂ ପରେ ଦୁର୍ଘଟଣାର ସମ୍ମୁଖୀନ ହୁଅନ୍ତି । ଏହା ପ୍ରଥମ ଘଟଣା ନୁହେଁ । ଏହାପୂର୍ବରୁ ମଧ ଏପରି ଦୁର୍ଘଟଣା ଘଟିଛି ଯେଉଁଥିରେ ଅନେକ ଲୋକ ପ୍ରାଣ ହରାଇଛନ୍ତି ।

ସବୁଠୁ ଧନୀ ଲୋକସଭା ପ୍ରାର୍ଥୀ ହରାଇଥିଲେ ଅମାନତ

ନୂଆଦିଲ୍ଲୀ: ଲୋକସଭା ନିର୍ବାଚନ ୨୦୨୪ ପାଇଁ ମତଦାନ ୧୯ ଏପ୍ରିଲରୁ ଆରମ୍ଭ ହେବାକୁ ଯାଉଛି । ଏହି ବର୍ଷ ଦେଶର ୭ଟି ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବ । ଜୁନ ୪ ରେ ଲୋକସଭା ନିର୍ବାଚନର ଫଳାଫଳ ପ୍ରକାଶ ପାଇବ । ଏହି ସମୟ ମଧରେ ଦଳଗୁଡ଼ିକ ଦ୍ୱାରା ସାଧାରଣ ନିର୍ବାଚନ ପାଇଁ ପ୍ରସ୍ତୁତି ଚାଲିଛି । ଏହି ଭିତରେ ନାମାଙ୍କନ ପ୍ରକ୍ରିୟା ମଧ ଆରମ୍ଭ ହୋଯାଇଛି । କିଛି ପାର୍ଥୀମାନେ ନାମାଙ୍କନ ଦାଖଲ କରିଛନ୍ତି । ନୂଆ ନିର୍ବାଚନ ପ୍ରମାଣପତ୍ର ଅନୁସାରେ, ନକୁଲ ନାଥ ସବୁଠାରୁ ଧନୀ ପ୍ରାର୍ଥୀ, ଯିଏ ୭୦୦ କୋଟି ଟଙ୍କା ସମ୍ପତ୍ତିର ଘୋଷଣା କରିଛନ୍ତି । ୨୦୧୯ ର ଲୋକସଭା ନିର୍ବାଚନ ଉପରେ ନଜର ପକାଇବା ତାହାଲେ ବିହାରର ଜଣେ ଲୋକସଭା ପ୍ରାର୍ଥୀ ଯାହାଙ୍କ ସମ୍ପତ୍ତି ହଜାରେ କୋଟି । କିନ୍ତୁ ନିର୍ବାଚନରେ ସବୁଠାରୁ ବଡ ପରାଜୟର ସମ୍ମୁଖୀନ ହୋଇଥିଲେ ଏହି ପ୍ରାର୍ଥୀ । ତାଙ୍କୁ କେବଳ ୧,୫୫୮ ଭୋଟ ମିଳିଥିଲା, ଏହି କାରଣ ପାଇଁ ପ୍ରାର୍ଥୀଙ୍କ ଅମାନତ ଜବତ ହୋଇଯାଇଥିଲା । ଏହି ପ୍ରାର୍ଥୀ ଜଣଙ୍କ ୨୬ ଜଣିଆ ପ୍ରାର୍ଥୀ ତାଲିକାରେ ଚତୁର୍ଥ ସ୍ଥାନରେ ରହିଥିଲେ । ବିଜେପିର ରାମ କୃପାଳ ଯାଦବ ତାଙ୍କ ଠାରୁ ୫ ଲକ୍ଷ ଭୋଟରେ ଜିତି ଥିଲେ । ୨୦୨୯ ଲୋକସଭା ନିର୍ବାଚନରେ ସବୁଠାରୁ ଧନୀ ପ୍ରାର୍ଥୀ କୁହାଯାଉଥିବା ରମେଶ କୁମାର ଶର୍ମା ବିହାରର ପାଟଳିପୁତ୍ର ଆସନରୁ ସାଂସଦ ପ୍ରାର୍ଥୀ ଭାବରେ ଛିଡା ହୋଇଥିଲେ । ସେତେବେଳେ ଶର୍ମାଙ୍କ ବ୍ୟତୀତ ସମସ୍ତ ଧନୀ ପ୍ରାର୍ଥୀ କଂଗ୍ରେସର ଥିଲେ, ସେଥି ମଧ୍ୟରୁ ତିନି ଜଣ ପ୍ରାର୍ଥୀ ସଫଳତା ହାସଲ କରିଥିଲେ । ଶର୍ମା ତାଙ୍କ ସମ୍ପତ୍ତିକୁ ୧,୧୦୭ କୋଟିରୁ ଅଧିକ ବୋଲି ଘୋଷଣା କରିଥିଲେ । ୨୦୧୯ ନିର୍ବାଚନରେ ଦ୍ୱିତୀୟ ଧନୀ ପ୍ରାର୍ଥୀ ହେଉଛନ୍ତି କୋଣ୍ଡା ବିଶ୍ୱେଶ୍ୱର ରେଡ୍ଡୀ, ତାଙ୍କର ସମ୍ପତ୍ତି ୮୯୫ କୋଟି ଟଙ୍କା ଥିଲା । ସେ ତେଲେଙ୍ଗାନାର ଚେବେଲ୍ଲା ନିର୍ବାଚନମଣ୍ଡଳୀରେ କଡା ମୁକାବିଲା କରିଥିଲେ ମଧ ତେଲେଙ୍ଗାନା ରାଷ୍ଟ୍ର ସମିତି ପ୍ରାର୍ଥୀ ଜି ରଞ୍ଜିତ ରେଡ୍ଡୀଙ୍କ ଠାରୁ ପରାସ୍ତ ହୋଇଥିଲେ ।

ବାରାମତୀରେ 'ପାୱାର' ଲଢ଼େଇ: ସୁପ୍ରିୟା ବନାମ ସୁନେତ୍ରା

ନୂଆଦିଲ୍ଲୀ : ମହାରାଷ୍ଟ୍ରର ବାରମତୀ ଆସନରେ 'ପାୱାର' ଯୁଦ୍ଧ ହେବ । ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ନେତୃତ୍ୱାଧୀନ ଏନସିପି (ନେସନାଲିଷ୍ଟ କଂଗ୍ରେସ ପାର୍ଟି) ଶନିବାର ଦିନ ସୁନେତ୍ରା ପାୱାରଙ୍କୁ ବାରମତୀ ଲୋକସଭା ଆସନରୁ ପ୍ରାର୍ଥୀ କରିଛି । ଏହାଦ୍ୱାରା ପାୱାର ପରିବାରରେ ସିଧାସଳଖ ଲଢେ ହେବ । ଅଜିତ ପାୱାରଙ୍କ ପତ୍ନୀ ସୁନେତ୍ରା ପାୱାର ଅଜିତ ପାୱାରଙ୍କ କାକାଙ୍କ ଝିଅ ତଥା ଶରଦ ପାୱାରଙ୍କ ଝିଅ ସୁପ୍ରିୟା ସୁଲେଙ୍କ ବିରୋଧରେ ଏହି ଆସନରେ ନିର୍ବାଚନ ଲଢ଼ିବେ । ବାରମତୀରୁ ନିଜର ପ୍ରାର୍ଥିବ ସଂକ୍ରାନ୍ତରେ ଟିପ୍ପଣୀ ରଖି ସୁନେତ୍ରା ପାୱାର କହିଛନ୍ତି, ଆଜି ମୋ ପାଇଁ ସବୁଠାରୁ ବଡ଼ ଦିନ । ମୋ ଉପରେ ବିଶ୍ୱାସ ରଖିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ , ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଏବଂ ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନାବିସଙ୍କୁ ମୁଁ ଧନ୍ୟବାଦ ଜଣାଉଛି । ଏନସିପି ନେତା ସୁନିଲ ତତକରେ ସୁନେତ୍ରା

ପାୱାରଙ୍କୁ ବାରମତୀ ଲୋକସଭା ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀ କରାଯାଇଥିବା ଘୋଷଣା କରିଛନ୍ତି । ଉଲ୍ଲେଖଯୋଗ୍ୟ ଯେ ଆଜି ଦିନରେ ଏନସିପି (ଶରଦ ପାୱାର)୨୦୨୪ ଲୋକସଭା ନିର୍ବାଚନ ପାଇଁ ଏହାର ପ୍ରଥମ ପ୍ରାର୍ଥୀ ତାଲିକା ଘୋଷଣା କରିଥିଲା । ଏହି ତାଲିକାରେ ଏନସିପି ସୁପ୍ରିୟା ସୁଲେଙ୍କୁ ପୁଣିଥରେ ବାରମତୀ ଆସନରୁ ପ୍ରାର୍ଥୀ କରିଥିବା ଘୋଷଣା କରିଛି । ଦଳ ଆଜି ୫ଟି ଆସନ ତଥା ୱାର୍ଦ୍ଧା, ଦିନ୍ଦୋରି, ବାରମତୀ, ଶିରୁର ଏବଂ ଅହମଦନଗରରେ ପ୍ରାର୍ଥୀ ଘୋଷଣା କରିଛି । ତେବେ ବାରମତୀ ଆସନ ପାୱାର ପରିବାର ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । କିନ୍ତୁ ଏନସିପି ଦୁଇ ଫାଳ ହୋଇଯିବାପରେ ଏହି ଆସନକୁ ନେଇ ଏବେ ପରିବାର ମଧରେ ଲଢେ ଆରମ୍ଭ ହୋଇଯାଇଛି । ଉଲ୍ଲେଖଯୋଗ୍ୟ ଯେ ୫୫ରୁ ଉର୍ଦ୍ଧ୍ୱ ବର୍ଷ ଧରି ବାରମତୀ ଲୋକସଭା ଆସନ ପାୱାର ପରିବାର ଦଖଲରେ ରହିଆସିଛି । ଶରଦ ପାୱାର ବାରମତୀ ଆସନରୁ ୧୯୬୭ ମସିହାରୁ ବିଧାନସଭା ନିର୍ବାଚନ ଜିତି ଆସିଛନ୍ତି । ସେ ୧୯୭୨, ୧୯୭୮, ୧୯୮୦, ୧୯୮୫ ଏବଂ ୧୯୯୦ରେ ମଧ ଏହି ଆସନରେ ଜିତିଥିରଲେ । ପରେ ଶରଦ ପାୱାରଙ୍କ ଝିଅ ସୁପ୍ରିୟା ସୁଲେ ଏହି ଆସନରୁ ନିର୍ବାଚନ ଲଢ଼ିଲେ ଏବଂ ସେ ମଧ ୨୦୦୮ରୁ ଉକ୍ତ ଆସନରୁ ପ୍ରତିନିଧିତ୍ୱ କରି ଆସୁଛନ୍ତି । ତେବେ ପ୍ରଥମ ଥର ପାଇଁ ପାୱାର ପରିବାରରେ ଏହି ବାରମତୀ ଆସନକୁ ନେଇ ନଣନ୍ଦ ଏବଂ ଭାଉଜଙ୍କ ମଧରେ ଲଢ଼େଇ ହେବାକୁ ଯାଉଛି । ଉକ୍ତ ଆସନରେ କିଏ ଜିତିବ ତା ଉପରେ ସମସ୍ତଙ୍କ ନଜର ରହିଛି ।

ମହାରାଷ୍ଟ୍ରରେ କଂଗ୍ରେସକୁ ଝଟକା ପଦ୍ମ ଧରିଲେ ଶିବରାଜଙ୍କ ବୋହୂ

ନୂଆଦିଲ୍ଲୀ: ମହାରାଷ୍ଟ୍ରରେ ଲୋକସଭା ନିର୍ବାଚନର ଠିକ୍ ପୂର୍ବରୁ କଂଗ୍ରେସକୁ ବଡ ଝଟକା ଲାଗିଛି । କଂଗ୍ରେସର ବରିଷ୍ଠ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶିବରାଜ ପାଟିଲଙ୍କ ବୋହୂ ଅର୍ଚ୍ଚନା ପାଟିଲ ଚାକୁରକର ଶନିବାର ଦିନ ବିଜେପିରେ ଯୋଗ ଦେଇଛନ୍ତି । ମହାରାଷ୍ଟ୍ରର ଉପ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନଭିସଙ୍କ ଉପସ୍ଥିତିରେ ସେ ବିଜେପିର ସଦସ୍ୟତା ଗ୍ରହଣ କରିଛନ୍ତି । ଏହା ପୂର୍ବରୁ ଶୁକ୍ରବାର ଦିନ ଅର୍ଚ୍ଚନା ଦେବେନ୍ଦ୍ର ଫଡନଭିସଙ୍କୁ ଭେଟିଥିଲେ । ଅର୍ଚ୍ଚନା ବିଜେପିରେ ସାମିଲ ହେବା ପରେ ଦେବେନ୍ଦ୍ର ଫଡନଭିସ୍ କହିଛନ୍ତି କି, ଅର୍ଚ୍ଚନାଙ୍କର ସମାଜସେବା କ୍ଷେତ୍ରରେ ୩୦ ବର୍ଷର ଅଭିଜ୍ଞତା ରହିଛି । ସେ ବିଜେପିରେ ଯୋଗଦେବା ପରେ ମରାଠାୱାଡା ପାଇଁ ବିଜେପିକୁ ଏକ ଭଲ ନେତୃତ୍ୱ ମିଳିଥିବା କଥା ସେ କହିଛନ୍ତି । କେବଳ ଅର୍ଚ୍ଚନା ନୁହଁନ୍ତି କିଛିଦିନ ତଳେ ମହାରାଷ୍ଟ୍ରର ପୂର୍ବତନ ମନ୍ତ୍ରୀ ବସବରାଜ ପାଟିଲ ମଧ କଂଗ୍ରେସ ଛାଡି ବିଜେପିରେ ଯୋଗ ଦେଇଥିଲେ । ବସବରାଜ ପାଟିଲ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା କଂଗ୍ରେସର ବରିଷ୍ଠ ନେତା ଶିବରାଜ ପାଟିଲଙ୍କ ପୁଅ ।

ମ୍ୟାଚ ଛଡାଇ ନେଲା ଲକ୍ଷ୍ନୌ

ଲକ୍ଷ୍ନୌ,୩୦।୩(ଏଜେନ୍ସି): ଆଇପିଏଲ୍-୧୭ର ୧୧ତମ ମ୍ୟାଚରେ ଲକ୍ଷ୍ନୌ ସୁପରଜ୍ୟାଣ୍ଟସ ଜମାଣିଆ ବିଜୟ ହାସଲ କରିଛି । ଲକ୍ଷ୍ନୌର ଭାରତରତ୍ନ ଶ୍ରୀ ଅଟଳ ବିହାରୀ ବାଜପେୟୀ ଏକନା କ୍ରିକେଟ୍ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ମ୍ୟାଚରେ ଘରୋଇ ଲକ୍ଷ୍ନୌ ୨୧ ରନ୍ ବ୍ୟବଧାନରେ ପଞ୍ଜାବ କିଙ୍ଗ୍ସକୁ ଧରାଶାୟୀ କରିଛି । ଚଳିତ ଆଇପିଏଲ୍ ଏହା ଲକ୍ଷ୍ନୌର ପ୍ରଥମ ବିଜୟ । ପ୍ରଥମେ ବ୍ୟାଟିଂ କରି ଲକ୍ଷ୍ନୌ ୨୦ ଓଭରରେ ୮ ୱିକେଟ୍ ହରାଇ ୧୯୯ ରନ୍ କରିଥିଲା । ଜବାବରେ ପଞ୍ଜାବ କିଙ୍ଗ୍ସ ଜମାଣିଆ ଆରମ୍ଭ ସତ୍ତ୍ୱେ ୨୦ ଓଭରରେ ୫ ୱିକେଟ୍ ହରାଇ ୧୭୮ ରନ୍ କରିବାକୁ ସକ୍ଷମ ହୋଇଥିଲା ।

ପ୍ରଥମେ ବ୍ୟାଟିଂ କରିଥିବା ଲକ୍ଷ୍ନୌ ସୁପରଜ୍ୟାଣ୍ଟସ୍‌ର ଆରମ୍ଭ ବିସ୍ଫୋରକ ଥିଲା । ଲୋକେଶ ରାହୁଲଙ୍କ ସହ କ୍ୱିଣ୍ଟନ ଡିକକ୍ ୩.୫ ଓଭରରେ ୩୫ ରନ୍ ସଂଗ୍ରହ କରିଥିଲେ । ରାହୁଲ ୯ ବଲ୍‌ରୁ ଗୋଟିଏ ଲେଖାଏଁ ଚୌକା ଓ ଛକା ମାରି ୧୫ ରନ୍ କରିଥିଲେ । ଏହାପରେ ଦେବଦୂତ ପଡ଼ିକାଲ ମାତ୍ର ୯ ରନ୍ କରି ଆଉଟ୍ ହେବାରୁ ସୁପରଜ୍ୟାଣ୍ଟସ୍ ୨୦୦ ରନ୍‌ର ମ୍ୟାଜିକ୍ ଅଙ୍କ ଛୁଇଁପାରିବ ନାହିଁ ବୋଲି ଲାଗୁଥିଲା । ଓପନର କ୍ୱିଣ୍ଟନ ଡିକକ୍ ୩୮ ବଲ୍‌ର ସମ୍ମୁଖୀନ ହୋଇ ୫ଟି ଚୌକା ଓ ଦୁଇଟି ଛକା ସହାୟତାରେ ୫୪ ରନ୍ କରିଥିଲେ । ତାଙ୍କ ବ୍ୟତୀତ ମାର୍କସ ଷ୍ଟୋଇନିସ୍ ୧୨ ବଲ୍‌ରୁ ୧୯ ଓ ଆୟୁଷ ବଦୋନୀ ୮ ରନ୍ କରି ଆଉଟ୍ ହୋଇଥିଲେ । କିନ୍ତୁ ମଧ୍ୟକ୍ରମରେ ନିକୋଲାସ ପୁରନ୍ ଓ କୃନାଲ ପାଣ୍ଡ୍ୟା ଉଚ୍ଚକୋଟୀର ଇନିଂସ୍ ଖେଳି ଦଳୀୟ ସ୍କୋରକୁ ୧୯୯/୮ରେ ପହଞ୍ଚାଇଥିଲେ । ନିକୋଲାସ ୨୧ ବଲ୍‌ରୁ ୩ଟି ଲେଖାଏଁ ଚୌକା ଓ ଛକା ମାରି ୪୨ ରନ୍ କରିଥିବା ବେଳେ କୃନାଲ ପାଣ୍ଡ୍ୟା ୨୨ ବଲ୍‌ରୁ ଅପରାଜିତ ୪୩ ରନ୍ କରିଥିଲେ । ଏଥିରେ ୪ ଚୌକା ଓ ୨ଟି ଛକା ସାମିଲ ଥିଲା । ବୋଲିଂରେ ପଞ୍ଜାବର ସାମ କୁରନ୍ ୩ଟି, ଅର୍ଶଦୀପ ସିଂ ଦୁଇଟି, କାଗିସୋ ରବାଡା ଓ ରାହୁଲ ଚହର ଗୋଟିଏ ଲେଖାଏଁ ୱିକେଟ୍ ସଫଳତା ହାସଲ କରିଥିଲେ ।

୨୦୦ ରନ୍‌ର ବିଜୟଲକ୍ଷ୍ୟକୁ ପିଛା କରିଥିବା ପଞ୍ଜାବ କିଙ୍ଗ୍ସର ଆରମ୍ଭ ଉଚ୍ଚକୋଟୀର ଥିଲା । ପ୍ରଥମ ୱିକେଟ୍ ପାଇଁ ଧାୱନ ଓ ଜନି ବେୟାରଷ୍ଟୋଙ୍କ ମଧ୍ୟରେ ୧୦୨ ରନ୍‌ର ପାଟନରସିପ୍ ହୋଇଥିଲା । ବେୟାର ଷ୍ଟୋ ୨୯ ବଲ୍‌ରୁ ୪୨ ରନ୍ କରିଥିଲେ । ଏକଦା ୩୦ ବଲରୁ ୫୦ ରନ୍ ପୂରଣ କରିଥିବା ଶିଖର ଧାୱନ ଅର୍ଦ୍ଧଶତକ ପରେ ଧୀମା ହୋଇଯାଇଥିଲେ। ତେଣୁ ଦଳର ଚାପ ବଢ଼ି ଯାଇଥିଲା । ଧାୱନ ୫୦ ବଲ୍‌ରୁ ୭୦ ରନ୍ କରି ଆଉଟ୍ ହୋଇଥିବା ବେଳେ ପ୍ରଭସିମରନ ସିଂ ୧୯, ଜିତେଶ ଶର୍ମା ୬, ଲିଆମ ଲିଭିଂଷ୍ଟୋନ୍ ଅପରାଜିତ ୨୮ ରନ୍ କରିବା ସତ୍ତ୍ୱେ ପଞ୍ଜାବ ୨୦ ଓଭରରେ ୫ ୱିକେଟ୍ ହରାଇ ୧୭୮ ରନ୍ କରିବାକୁ ସକ୍ଷମ ହୋଇଥିଲା । ବୋଲିଂରେ ଲକ୍ଷ୍ନୌ ସୁପରଜ୍ୟାଣ୍ଟସର ମୟଙ୍କ ଯାଦବ ୩ଟି ଓ ମୋହସିନ ଖାନ୍ ଦୁଇଟି ୱିକେଟ୍ ସଫଳତା ହାସଲ କରିଥିଲେ ।

ଆଜିର ମ୍ୟାଚ

ଗୁଜରାଟ–ରାଜସ୍ଥାନ	ଦିଲ୍ଲୀ–ଚେନ୍ନାଇ
ସମୟ: ଅପରାହ୍ନ ୩.୩୦	ସମୟ: ରାତି ୭.୩୦
ସ୍ଥାନ: ଅହମ୍ମଦାବାଦ	ସ୍ଥାନ: ବିଶାଖାପଟନମ୍

ପ୍ରସାରଣ: ଷ୍ଟାରନେଟୱର୍କ, ଜିଓ ସିନେମା

ରାମେଶ୍ୱର କପ୍

ପାରାମାଉଣ୍ଟ ଚାମ୍ପିଅନ୍, ରାମେଶ୍ୱର ରନର୍ସଅପ୍

ଭୁବନେଶ୍ୱର,୩୦।୩(ସବ୍ୟୁ): ରାମେଶ୍ୱର ସ୍ପୋର୍ଟିଂ ଆନୁକୂଲ୍ୟରେ ଅନୁଷ୍ଠିତ ଷଷ୍ଠ ରାମେଶ୍ୱର କପ୍(୧୪ ବର୍ଷରୁ କମ୍) କମଳା ପରିଡା ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ପାରାମାଉଣ୍ଟ ଚାମ୍ପିଅନ୍ ହୋଇଥିବା ବେଳେ ରାମେଶ୍ୱର ରନର୍ସ ଅପ୍ ହୋଇଛି । ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ରାମେଶ୍ୱର ୨୨.୫ ଓଭରରେ ୭୯ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା । ପାରାମାଉଣ୍ଟର ବିଜୟ ସିଂ ସର୍ବାଧିକ ୫ ୱିକେଟ୍ ଅକ୍ତିଆର କରିଥିଲେ । ଜବାବରେ ପାରାମାଉଣ୍ଟ ସ୍ପୋର୍ଟିଂ ୧୯.୨ ଓଭରରେ ୪ ୱିକେଟ୍ ହରାଇ ୮୧ ରନ୍ କରିଥିଲା । ମୃତ୍ୟୁଞ୍ଜୟ ତ୍ରିପାଠୀ ୩୭ ରନ୍‌ର ମ୍ୟାଚ ବିଜୟୀ ଇନିଂସ ଖେଳିଥିଲେ । ତେଣୁ ପାରାମାଉଣ୍ଟ ୬ ୱିକେଟ୍‌ରେ ବିଜୟୀ ହୋଇ ଚଳିତ ବର୍ଷର ଚାମ୍ପିଅନ୍ ଆଖ୍ୟା ଅର୍ଜନ କରିଛି । ଚାମ୍ପିଅନ୍ ଦଳର ବିଜୟ ସିଂଙ୍କୁ ମ୍ୟାନ୍ ଅଫ୍ ଦ ଫାଇନାଲ ମ୍ୟାଚ ଅଫ୍ ଦ ସିରିଜ୍, ପ୍ରଣତିକ ନାୟକଙ୍କୁ ଶ୍ରେଷ୍ଠ ବ୍ୟାଟର, ଆଭାନ ମିଶ୍ର ଶ୍ରେଷ୍ଠ ବୋଲର, କୁମାର ଆର୍ଯ୍ୟନ ସ୍ୱାଇଁ ଶ୍ରେଷ୍ଠ ଫିଲ୍ଡର ବିବେଚିତ ହୋଇଥିଲେ । ବିଜେପିର ଭୁବନେଶ୍ୱର ସଭାପତି ବାବୁ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରଭଞ୍ଜନ ମଲ୍ଲିକ, ପି ଜୟଚନ୍ଦ୍ର, ଅକ୍ଷୟ ଜେନା, ସୂର୍ଯ୍ୟକାନ୍ତ ମହାପାତ୍ର, ଅମ୍ପାୟାର ପ୍ରମୋଦ ନାରାୟଣ ଦାସ ଏବଂ ଏମ୍ ଗୌତମ ଗୋପାଳ ଉପସ୍ଥିତ ଥିଲେ । ରବିବାର ରାମେଶ୍ୱର ସ୍ପୋର୍ଟିଂ ଓ ଆଲାଫା ସ୍ପୋର୍ଟିଂ ମଧ୍ୟରେ ୧୭ ବର୍ଷରୁ କମ୍ ବର୍ଷ ଫାଇନାଲ ମ୍ୟାଚ ଖେଳାଯିବ ।

ମହିଳା ଫୁଟବଲ ଲିଗ୍: କିଟ୍, ନୀତା ଏକାଡେମୀ ବିଜୟୀ

ଭୁବନେଶ୍ୱର,୩୦।୩(ସବ୍ୟୁ): ୧୭ ବର୍ଷରୁ କମ୍ ଖେଲୋ ଇଣ୍ଡିଆ ମହିଳା ଫୁଟବଲ ଲିଗ୍‌ରେ ଶନିବାର ଅନୁଷ୍ଠିତ ଦୁଇଟି ମ୍ୟାଚରେ କିଟ୍/କିସ୍ ଏବଂ ନୀତା ଫୁଟବଲ ଏକାଡେମୀ ବିଜୟୀ ହୋଇଛନ୍ତି । ଅନୁଷ୍ଠିତ ପ୍ରଥମ ମ୍ୟାଚରେ କିଟ୍/କିସ୍ ଦଳ ୪-୦ ଗୋଲ୍‌ରେ କିଶୋର କ୍ଲବ୍‌କୁ ହରାଇଥିଲା । ଏହି ମ୍ୟାଚରେ ବିଜୟୀ ଦଳର ଅନିମା ପ୍ରଧାନ ୩୨ ଓ ୪୮ତମ ମିନିଟରେ ଦୁଇଟି, ହେମାବତୀ ହୋ ୨୨ ମିନିଟ୍ ଓ ସୋନାଲି ଶବର ୩୦ ମିନିଟ୍‌ରେ ଗୋଲସ୍କୋର କରିଥିଲେ । ଅନ୍ୟ ଏକ ମ୍ୟାଚରେ କାଜିବଜାର ସରକାରୀ ବାଳିକା ଉଚ୍ଚବିଦ୍ୟାଳୟକୁ ନୀତ ଫୁଟବଲ ଏକାଡେମୀ ଦଳ ଧରାଶାୟୀ କରିଛି ।

ପୋତାପୋଖରୀ ପ୍ରିମିୟର ଲିଗ୍ ଉଦ୍‌ଘାଟିତ

କଟକ,୩୦।୩(ସବ୍ୟୁ): ପୋତାପୋଖାରୀ ସ୍ଥିତ ନୂତନ କ୍ଲବ ଆନୁକୂଲ୍ୟରେ ଦୁଇଦିନିଆ ପୋତାପୋଖରୀ ପ୍ରିମିୟର ଲିଗ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ ନେତାଜୀ ଖେଳ ପଡ଼ିଆରେ ଉଦ୍‌ଘାଟିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଣ୍ଟରେ ଏମ୍‌ଏମ୍ ୱାରିଅର, ଶନି ୱାରିଅର, ମହାବୀର ୱାରିଅର, ମହାକାଳ ଏକ୍ସ ଆଇ, ବୃନ୍ଦାବନ ବଏଜ, ପାୱାର ଏକ୍ସ ଆଇ ଆଦି ୬ଟି ଟିମ ଅଂଶଗ୍ରହଣ କରିଛନ୍ତି । ଆଜିର ଏହି ଉଦ୍‌ଘାଟନୀ ମ୍ୟାଚରେ ଚୌଦ୍ୱାର କଟକର ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିବାବେଳେ ସମ୍ମାନୀତ ଅତିଥିଭାବେ ଶିକ୍ଷାବିତ୍ ତଥା ଜାଭିୟର୍ସ ଗୃଫ୍ ଅଫ୍ ହାଇସ୍କୁଲର ନିର୍ଦ୍ଦେଶକ ଡଃ ପ୍ରଭୁ ଚରଣ ମହାନ୍ତି ଏବଂ ସ୍ଥାନୀୟ କର୍ପୋରେଟର ତାପସ ସାମନ୍ତରାୟ ପ୍ରମୁଖ ଯୋଗଦେଇ ସମସ୍ତ ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ । ଏହି ଟୁର୍ଣ୍ଣାମେଣ୍ଟରେ ଚମ୍ପିଅନ୍ ଟିମ୍‌କୁ ଟ୍ରଫି ସହ ୧୦ ହଜାର ଟଙ୍କା ଓ ରନରସପ୍ ଟିମ୍‌କୁ ଟ୍ରଫିସହ ୮ ହଜାର ଟଙ୍କା ପ୍ରଦାନ କରାଯିବ ।

SALE SALE SALE

Flex Printing Machine (10 feet)
As on Where Basis.

Company Name:
"MONOTECH"
Systems PVT.LTD.
For Contact : 8917518606

ରେଳବାଇ ଟି–୨୦ ଉଦ୍‌ଘାଟିତ

ଖୋର୍ଦ୍ଧା,୩୦।୩(ସବ୍ୟୁ): ଇଷ୍ଟକୋଷ୍ଟ ରେଲୱେ ସ୍ପୋର୍ଟ୍ସ ଆସୋସିଏସନ, ଖୋର୍ଦ୍ଧା ରୋଡ଼ ଦ୍ୱାରା ଆୟୋଜିତ ୬୭ ତମ ଅଲ ଇଣ୍ଡିଆ ରେଲୱେ ଟି -୨୦ ପୁରୁଷ କ୍ରିକେଟ୍ ଚାମ୍ପିଅନସିପ (ଏଲିଟ୍ ପୁଲ୍-ଏ) ୨୦୨୩-୨୪, ରେଲୱେ ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଯାଇଛି । ଖୋର୍ଦ୍ଧା ରୋଡ଼ର ମଣ୍ଡଳ ରେଳ ପ୍ରବନ୍ଧକ ଏଚ୍ ଏସ ବାଜ୍ୱା, ଏହି ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଛନ୍ତି । ଖୋର୍ଦ୍ଧା ରୋଡ଼ ମହିଳା କଲ୍ୟାଣ ସଂଗଠନ ର ସଭାନେତ୍ରୀ, ଗୁର୍ ସିମ୍ରନ୍ କୌର, ପୂର୍ବ ତଟ ରେଳ କ୍ରୀଡ଼ା ସଙ୍ଗଠନ, ଭୁବନେଶ୍ୱରର ସାଧାରଣ ସମ୍ପାଦକ, ଅଜୟ କୁମାର ସାମଲ, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ଇନଫ୍ରା), ସୁଭ୍ରା ଜ୍ୟୋତି ମଣ୍ଡଳ, କ୍ରୀଡା ଅଧିକାରୀ ତଥା ବରିଷ୍ଠ ମଣ୍ଡଳ ବିତ୍ତ ପ୍ରବନ୍ଧକ, ଖୋର୍ଦ୍ଧା ରୋଡ଼, ହିମାଦ୍ରୀ ଭୂଷଣ ବିଶ୍ୱାଳ, ଶାଖା ଅଧିକାରୀ ଏବଂ ଖୋର୍ଦ୍ଧା ରୋଡ଼ ମହିଳା କଲ୍ୟାଣ ସଂଗଠନ ର ସଦସ୍ୟମାନେ ଉଦଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ମୋଟ ୬ ଟି ରେଲୱେ ଜୋନ୍ ଯଥା ଦକ୍ଷିଣ ପୂର୍ବ ରେଲୱେ, ପୂର୍ବ ତଟ ରେଲୱେ, ଉତ୍ତର ପୂର୍ବ ରେଲୱେ, ନର୍ଥ ଫ୍ରଣ୍ଟିୟର ରେଲୱେ, ଦକ୍ଷିଣ ପୂର୍ବ କେନ୍ଦ୍ରୀୟ ରେଳବାଇ ଏବଂ ମେଟ୍ରୋ ରେଳ/ କୋଲକାତା, ଏହି ଏଲିଟ୍ ପୁଲ୍-ଏ ଲିଗ୍ ମ୍ୟାଚ୍‌ରେ ଅଂଶଗ୍ରହଣ କରୁଛନ୍ତି ୩୦.୦୩.୨୦୨୪ ରୁ ୦୪.୦୪.୨୦୨୪ ପର୍ଯ୍ୟନ୍ତ ୬ ଟି ଜୋନ୍ ମଧ୍ୟରେ ମୋଟ ୧୫ ଟି ଲିଗ୍ ମ୍ୟାଚ୍ ଅନୁଷ୍ଠିତ ହେବ କିଛି ଲିଗ୍ ମ୍ୟାଚ୍ ଖୋର୍ଦ୍ଧା ରୋଡ଼ ରେଲୱେ ଷ୍ଟାଡିୟମରେ ଏବଂ କେତେକ ଲିଗ୍ ମ୍ୟାଚ୍ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡରେ ଅନୁଷ୍ଠିତ ହେବ । ଏହି ଅବସରରେ ଯୋଗ ଦେଇ ଏଚ୍ ଏସ ବାଜ୍ୱା, ସେମାନଙ୍କର ସୁସ୍ଥ ଅଂଶଗ୍ରହଣ ପାଇଁ ସମସ୍ତ ଦଳକୁ, ତାଙ୍କର ଶୁଭେଚ୍ଛା ଜଣାଇଛନ୍ତି କହିଛନ୍ତି ଯେ ଖେଳାଳିଙ୍କ ସୁବିଧା ପାଇଁ ଡିଭିଜନ ବିସ୍ତୃତ ବ୍ୟବସ୍ଥା କରିଛି । ଆଗାମୀ ଦିନରେ ଅନୁଷ୍ଠିତ ହେବାକୁ ଥିବା ଟୁର୍ଣ୍ଣାମେଣ୍ଟ ପାଇଁ ଖେଳାଳି ଏବଂ ଦର୍ଶକଙ୍କ ପାଇଁ ଅଧିକ ସୁବିଧା ଯୋଗାଇବା ପାଇଁ ଷ୍ଟାଡିୟମରେ ବିକାଶମୂଳକ କାର୍ଯ୍ୟ ଚାଲିଛି । ଭାରତୀୟ ରେଳବାଇ, ବିଭିନ୍ନ ଜୋନର ୨୭ ଟି ଦଳ ପାଇଁ ୪ ଟି ବିଭିନ୍ନ ସ୍ଥାନରେ ଯଥା, ଖୋର୍ଦ୍ଧା ରୋଡ଼ ରେ ପୁଲ୍-ଏ, ପ୍ରୟାଗ ରାଜ ରେ ପୁଲ୍-ବି, କପୁରତଲାରେ ପୁଲ୍-ସି ଏବଂ ଖଡଗପୁର ରେ ପୁଲ୍ -ଡ ପାଇଁ ବିଭିନ୍ନ ଲିଗ୍ ମ୍ୟାଚ୍ ଆୟୋଜନ କରୁଛି । ଆଜିର ପ୍ରଥମ ଲିଗ୍ ମ୍ୟାଚ୍ ପୂର୍ବ ତଟ ରେଲୱେ ଏବଂ ଦକ୍ଷିଣ ପୂର୍ବ ରେଲୱେ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ପୂର୍ବ ତଟ ରେଲୱେ ଏହି ମ୍ୟାଚକୁ ୧୨ ରନରେ ଜିତିଥିଲା । ଇଷ୍ଟକୋଷ୍ଟ ରେଳବାଇର ଗିରିଜା ପି ରାଉତ, ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ । ଖୋର୍ଦ୍ଧା ରୋଡ ମଣ୍ଡଳ ର ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ଅନିଲ କୁମାର ଏସ୍, ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଟ୍ରଫି ପ୍ରଦାନ କରିଥିଲେ ।

ଦିଲ୍ଲୀପ କୁମାର ପଣ୍ଡା ସ୍ମାରକୀ କ୍ରିକେଟ୍

ଗ୍ରୀନ୍ ଏକାଡେମୀ ବିଜୟୀ

ଭୁବନେଶ୍ୱର,୩୦।୩(ସବ୍ୟୁ): ନହରକଣ୍ଟା ସ୍ଥିତ ଶ୍ରୀ ଜୟଦେବ କ୍ରୀଡା ସଂଘ ଆନୁକୂଲ୍ୟରେ ଦିଲ୍ଲୀପ କୁମାର ପଣ୍ଡା ସ୍ମାରକୀ ୧୫ ବର୍ଷରୁ କ୍ରିକେଟ୍ ଲିଗ୍‌ର ଦ୍ୱିତୀୟ ମ୍ୟାଚରେ ଗ୍ରୀନ୍ କ୍ରିକେଟ୍ ଏକାଡେମୀ ୬ ୱିକେଟ୍‌ରେ ବିଜୟୀ ହୋଇଛି । ରେଡ ଷ୍ଟାର କ୍ରିକେଟ୍ ଏକାଡେମୀ ପ୍ରଥମେ ବ୍ୟାଟିଂ କରି ୨୬.୫ ଓଭରରେ ୭୪ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା । ବୋଲର ଓମ୍ ପ୍ରକାଶ ସାହୁ ୪ ୱିକେଟ୍ ଅକ୍ତିଆର କରିଥିଲେ । ଗ୍ରୀନ୍ କ୍ରିକେଟ୍ ଏକାଡେମୀ ୭୫ ରନ୍‌ର ବିଜୟଲକ୍ଷ୍ୟକୁ ୧୫.୪ ଓଭରରେ ୪ ୱିକେଟ୍ ହରାଇ ହାସଲ କରିନେଇଥିଲା । ଦଳ ପକ୍ଷରୁ ଶୁଭଙ୍କର ମଲ୍ଲିକ ୨୩ ରନ୍ ମ୍ୟାଚ ବିଜୟୀ ଇନିଂସ ଖେଳିଥିଲେ । ରେଡ ଷ୍ଟାରର ବିଶ୍ୱଜିତ ପ୍ରଧାନ ୩ ୱିକେଟ୍ ନେଇଥିଲେ । ସୁନୀଲ କୁମାର ପରିଡା ଓ ଶାଶ୍ୱତି ଶତପଥି ମ୍ୟାଚ ପରିଚାଳନା କରିଥିଲେ । ଗ୍ରୀନ୍ କ୍ରିକେଟ୍ ଏକାଡେମୀର ଓମ୍ ପ୍ରକାଶ ସାହୁଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା ।

AT
KURANGA
PHULNAKHARA

Meera's
COURTYARD

Huge lush green happening space situated
in between Cuttack and Bhubaneswar.

- Pollution free ambience
- Blend of traditionalism & modernity
- Far from the madding crowd
- Truely magnificent setting
- Hassel free parking,

WILL perfectly match to your dream to
make your event a memorable one.

For:
- Wedding - Star night - Conference and work shops
- Birthday party - Musical events - Corporate meet

Please Enquire
info@thegrandcourtyard.com
bookings@thegrandcourtyard.com
Mobile No:- 9937650599,7008320819,9938468076

ଆଇଡବ୍ଲ୍ୟୁଏଲ୍: ଫାଇନାଲ ରାଉଣ୍ଡରେ ନୀତା ଏକାଡେମୀ

ଭୁବନେଶ୍ୱର,୩୦।୩(ସବ୍ୟୁ): କୋଲକାତାର ଅମନଦତ୍ତ କ୍ରୀଡାଙ୍ଗନରେ ଖେଳାଯାଇଥିବା ନିର୍ଣ୍ଣାୟକ ମ୍ୟାଚରେ ନୀତି ଫୁଟବଲ ଏକାଡେମୀ ୨-୦ ଗୋଲ୍‌ରେ ଛତିଶଗଡ଼ର ଏମ୍‌ଜିଏମ୍ ଆନ୍ଧିସ୍ କ୍ଲବ୍‌କୁ ହରାଇଛି । ବିଜୟ ସହ ନୀତା ଏକାଡେମୀ ଏହି ଲିଗ୍‌ରେ ଦେଶର ଶ୍ରେଷ୍ଠ ୬ଟି ଦଳ ମଧ୍ୟରେ ସ୍ଥାନ ପାଇଛି । ଆଇଡବ୍ଲ୍ୟୁଏଲ୍ ୨ ଫାଇନାଲର ରାଉଣ୍ଡରେ ପ୍ରବେଶ କରିଛି ନୀତା ଏକାଡେମୀ । ତାରକା ଖେଳାଳି ଦେବଲିନା ସରକାର ଓ ବବିତା କୁମାରୀ ଗୋଟିଏ ଲେଖାଏଁ ଗୋଲ୍ ଦେଇ ଦଳକୁ ବିଜୟୀ କରିଥିଲେ । କ୍ଲବ୍ ଅଧ୍ୟକ୍ଷ ଇଆର୍ ସୁବ୍ରତ ଦାସ, ସମ୍ପାଦକ ଏଆର୍ ଅରୁଣ ପରିଡା ମୁଖ୍ୟ ପ୍ରଶିକ୍ଷକ ସୁରଜିତ ଘୋଷ, ପ୍ରଶିକ୍ଷକ ପ୍ରତିମା ବିଶ୍ୱାସ ଓ ଧନେଶ୍ୱର ତିର୍କୀ ତଥା ଏକାଡେମୀର ଅନ୍ୟ ଅଧିକାରୀମାନେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଦଳକୁ ଅଭିନନ୍ଦନ ଜଣାଇଥିଲେ ।

ଖେଲୋ ଇଣ୍ଡିଆ ଜୁନିୟର ମହିଳା ସନ୍ତରଣ

ଓଡ଼ିଶା ଖେଳାଳିଙ୍କ ଶ୍ରେଷ୍ଠ ପ୍ରଦର୍ଶନ

ଭୁବନେଶ୍ୱର,୩୦।୩(ସବ୍ୟୁ): ବିହାରର ପାଟନାରେ ଅନୁଷ୍ଠିତ ଖେଲେ। ଇଣ୍ଡିଆ ଜୁନିୟର ମହିଳା ସନ୍ତରଣ ପ୍ରତିଯୋଗିତାରେ ଓଡ଼ିଶାର ପ୍ରଦର୍ଶନ ଉଚ୍ଚକୋଟୀର ରହିଛି । ମୋଟ୍ ୧୦୦ଟି ପୁରସ୍କାରରୁ ୫୩ଟି ହାତେଇଛନ୍ତି ଓଡ଼ିଶା ପ୍ରତିଯୋଗୀ । ଜୋନ୍ ୪ରେ ବିହାର, ଛତିଶଗଡ଼, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ ଏବଂ ଓଡ଼ିଶା ସ୍ଥାନ ପାଇଥିଲେ । ପୁଲ୍ ବର୍ଗରେ ଆଧିପତ୍ୟ ବିସ୍ତାର କରିଥିବା ଓଡ଼ିଶା ଉଚ୍ଚକୋଟୀର ପ୍ରଦର୍ଶନ ଦେଖାଇ ସର୍ବାଧିକ ସଫଳତା ହାତେଇଛି । ପ୍ରତିଯୋଗିତାର ଦ୍ୱିତୀୟ ଦିନ ୫୦ଟି ବର୍ଗରେ ଓଡ଼ିଶା ଝିଅ ୨୭ଟି ପୁରସ୍କାର ପାଇଛନ୍ତି । ଆକାଂକ୍ଷା ନାୟକ, ଭଦ୍ରା ଶତପଥୀ, ଆୟୁଶ୍ରୀ ଦତ୍ତ, ରାଣୀ ନାୟକ, ପ୍ରିୟଦର୍ଶିନୀ ରାଉତ, ଅର୍ପିତା ସେଟ, ଅନୁଭା ଜେନା, ମାନ୍ୟତା ମିଶ୍ର, ଦିବ୍ୟାଂଙ୍କ ଦିବ୍ୟଜ୍ୟୋତି ପ୍ରଧାନ, ମାହିକା ମହାକୁଡ, ଆଞ୍ଚଲ ବାଗ୍, ଅନୁପ୍ରିୟା ପଣ୍ଡା, ଆଂଶିକା ଆରାଧନା ସାହୁ, ଚିନ୍ମୟୀ ବେହେରା, ରେଶ୍ମା ମାଝୀ, ପ୍ରତୀକ୍ଷା ନନ୍ଦୀ, ଅର୍ପିତ ସାମଲ, ଶିଷ୍ଟି କାଲସାସିନି ପ୍ରମୁଖ ପଦକ ସଫଳତା ହାତେଇଛନ୍ତି । ସେହିଭଳି ଅନ୍ୟାନ୍ୟ ବର୍ଗରେ ଓଡ଼ିଶା ପ୍ରତିଯୋଗୀ ଚମକପଦ ପ୍ରଦର୍ଶନ ଦେଖାଇଛନ୍ତି ।

ସୂଚନା

ସମୟ
BHIM
BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପେଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପେଠ କରି ଦେୟ ରସିଦକୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541